- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ◆VOLUME- 43 ◆ISSUE-68 ◆MONDAY ◆1 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୬୮ ◆ସୋମବାର ◆୧ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦






ଓଡ଼ିଶା ପ୍ରୋ ଟି-୨୦

## ବ୍ରେଟ୍ ଲି, ଦେବାଶିଷ ବ୍ରାଣ୍ଡ ଆମ୍ବାସାଡର୍

■ **କଟକ, ୩୧।୮ (ସମିସ):** ଐତିହାସିକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୫ ତାରିଖରୁ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ୍) ର ପ୍ରଥମ ସଂସ୍କରଣ

ଖେଳାଯିବ। ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଏହି ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍ ଆୟୋଜନ କରିବ। ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ମହାନ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ବ୍ରେଟ୍ ଲି ଓ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର୍ ଦେବାଶିଷ ମହାନ୍ତି ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ପୁରୀରେ ରବିବାର ଆୟୋଜିତ ଓସିଏର ବାର୍ଷିକ ସାଧାରଣ ପରିଷଦ(ଏଜିଏମ) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବ୍ରେଟ୍ ଲି'ଙ୍କ ଭଳି କିମ୍ବଦନ୍ତୀ କ୍ରିକେଟର୍‌ଙ୍କୁ ଆମ୍ବାସାଡର ନିଯୁକ୍ତ କରିବା ପରେ ଦେଶରେ ବିଭିନ୍ନ ରାଜ୍ୟରେ ଆୟୋଜିତ ହେଉଥିବା ଅନ୍ୟ ଲିଗ୍ ଭଳି ଏହାର ଗୁରୁତ୍ୱ ବେଶ୍ ବଢ଼ିବ ବୋଲି ଆଶା କରାଯାଉଛି। ୪୮ ବର୍ଷୀୟ ଲି ମଧ୍ୟ ଏହି ଲିଗ୍‌ର ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ବୋଲି ଜଣାପଡ଼ିଛି।

ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଲିଗ୍‌ରେ ୬ଟି ଦଳ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦିନ ୨ଟି ଲେଖାଏ ମ୍ୟାଚ୍ ଖେଳାଯିବ। ଆରିଭା ସ୍ପୋର୍ଟ୍ସ ଏହି ଲିଗ୍‌ର ପ୍ରାୟୋଜକ ରହିଛି। ସମସ୍ତ ମ୍ୟାଚ୍ ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କରେ ସିଧାପ୍ରସାରଣ କରାଯିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଅଂଶଗ୍ରହଣକାରୀ ୬ଟି ଦଳ ସେପ୍ଟେମ୍ବର ୩ରେ ଖେଳାଳି କ୍ରୟ କରିବେ ବୋଲି ଜଣାପଡ଼ିଛି। ପ୍ରତ୍ୟେକ ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କିଣାଯିବ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି।

## ବାଣ କାରଖାନାରେ ବିସ୍ଫୋରଣ; ୪ ମୃତ



**ମାଲିକ ଓ ପତ୍ନୀ ମୃତ**

■ **ଲକ୍ଷ୍ନୌ, ୩୧।୮ (ଏଜେନ୍ସି):** ରବିବାର ସକାଳେ ଲକ୍ଷ୍ନୌର ଗୁଡମ୍ବା ଥାନା ଅଞ୍ଚଳର ବେହଟା ଗାଁରେ ଏକ ବେଆଇନ୍ ବାଣ କାରଖାନାରେ ବିସ୍ଫୋରଣ ଘଟି ୪ ଜଣ ପ୍ରାଣ ହରାଇଛନ୍ତି। ଏହି ପ୍ରଚଣ୍ଡ ବିସ୍ଫୋରଣରେ ପୂରା କୋଠା ଉଡିଯିବା ସହ ପାଖରେ ଥିବା ଦୁଇଟି ଘର ମଧ୍ୟ ଭୁଶୁଡି ପଡିଛି। ଆଉ କିଛି ଲୋକ ଆବର୍ଜନା ତଥା ଧ୍ୱଂସାବଶେଷ ତଳେ ଦବି ରହିଥିବା କୁହାଯାଉଛି। ମୃତକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶଙ୍କା କରାଯାଉଛି। ଏଥିରେ କାରଖାନାର ମାଲିକ ଓ ତାଙ୍କ ପତ୍ନୀ ମୃତ୍ୟୁବରଣ କରିଛନ୍ତି ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଗୁରୁତରଭାବେ ଆହତ ହୋଇଥିବା ଅନ୍ୟ ଦୁଇଜଣଙ୍କୁ କେଜିଏମ୍‌ୟୁ ଟ୍ରମା ସେଣ୍ଟରରେ ଚିକିତ୍ସା କରାଯାଉଛି। ସେମାନଙ୍କ ଶରୀର ପ୍ରାୟ ୭୦ ପ୍ରତିଶତ ଜଳିଯାଇଛି। ଫୋରେନସିକ ଟିମ୍ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିବା ସହ ପୁଲିସ ତଦନ୍ତ ଜାରି ରଖିଛି।

# ମାନବତା ପାଇଁ ଭାରତ-ଚୀନ୍ ସମ୍ବନ୍ଧ

## ଆତଙ୍କବାଦ ବିରୋଧୀ ଲଢ଼େଇରେ ସହଯୋଗ ମାଗିଲେ ମୋଦୀ

■ **ବେଜିଂ, ୩୧।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ୭ ବର୍ଷ ପରେ ବେଜିଂରେ ପହଞ୍ଚିଛନ୍ତି। ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ମଜବୁତ କରିବା ପାଇଁ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ପୂର୍ବରୁ ଟିଆନଜିନରେ ସେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିଛନ୍ତି। ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୫୦ ମିନିଟ ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ଏହା ଦୁଇ ଦେଶର ସମ୍ବନ୍ଧକୁ ନୂଆ ଦିଗ ଦେବ ବୋଲି କୁହାଯାଉଛି। ଭାରତ ଏବଂ ଚୀନ୍ ମଧ୍ୟରେ ସିଧାସଳଖ ବିମାନ ଉଡ଼ାଣ, କୈଳାସ ମାନସରୋବର ଯାତ୍ରା, ସୀମାପାର ବାଣିଜ୍ୟ କାରବାର ପୁଣିଥରେ ଆରମ୍ଭ କରିବା ପାଇଁ ସହମତି ପ୍ରକାଶ ପାଇଛି। ମୋଦୀ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବୈଶ୍ୱିକ ସମସ୍ୟା ବିଷୟରେ ଆଲୋଚନା କରି ଆତଙ୍କବାଦର ପ୍ରସଙ୍ଗ ଉଠାଇ ଥିଲେ। ଏହାକୁ ବିଶ୍ୱ ସମସ୍ୟା କହିଥିଲେ। ଆତଙ୍କବାଦର ମୁକାବିଲା ପାଇଁ ସେ ଜିନପିଙ୍ଗଙ୍କୁ ସହଯୋଗ ମାଗିଥିଲେ। ଚୀନ୍ ରାଷ୍ଟ୍ରପତି ମଧ୍ୟ ସହଯୋଗ କରିବେ ବୋଲି କହିଥିଲେ। ୨୦୨୬ରେ ଭାରତରେ ଆୟୋଜିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ପାଇଁ ମଧ୍ୟ ମୋଦୀ ତାଙ୍କୁ ଆମନ୍ତ୍ରଣ କରିଛନ୍ତି। ମୋଦୀ କହିଥିଲେ ଯେ ଭାରତ ଏବଂ ଚୀନ୍ ସମ୍ବନ୍ଧ ▶ପୃଷ୍ଠା-୭



**୨.୮ ବିଲିୟନ ଲୋକଙ୍କ ହିତରେ ଭାରତ, ଚୀନ୍ ସମ୍ବନ୍ଧ: ମୋଦୀ**

- ମୋଦୀ-ଜିନପିଙ୍ଗ ୫୦ ମିନିଟ ଧରି ଆଲୋଚନା
- ଭାରତ ଆସିବାକୁ ଚୀନ୍ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ
- ଏସ୍‌ସିଓ ସମ୍ମିଳନୀରେ ଯୋଗଦେଲେ ପ୍ରଧାନମନ୍ତ୍ରୀ
- ଏର୍ଦୋଗାନ ଓ ଶାହବାଜଙ୍କୁ ଏଡ଼ାଇ ଗଲେ

**ଡ୍ରାଗନ ଓ ହାତୀ ଏକାଠି ହେବାର ସମୟ: ଜିନପିଙ୍ଗ**

କୂଟନୀତିର ନୂଆ ଅଧ୍ୟାୟ

## ଏସ୍‌ସିଓ ଶିଖର ମଞ୍ଚରେ ମୋଦୀ-ପୁଟିନ-ଜିନ୍‌ପିଙ୍ଗ

■ **ବେଜିଂ, ୩୧।୮ (ଏଜେନ୍ସି):** ଚୀନ୍‌ର ତିୟାନଜିନରେ ଅନୁଷ୍ଠିତ ଏସ୍‌ସିଓ ସମ୍ମିଳନୀରେ କୂଟନୀତିର ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। ଜବାବୀ ଶୁଳ୍କ ଧମକ ଦେଇ ସାରା ବିଶ୍ୱରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସ୍ଥିରତା ସୃଷ୍ଟି କରିଥିବାବେଳେ ଗୋଟିଏ ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଦେଖିବାକୁ ମିଳିଛି। ଗ୍ରୁପ୍ ଫଟୋ ସେସନ ସମୟରେ ଏସ୍‌ସିଓର ସବୁ ସଦସ୍ୟ ଗୋଟିଏ ମଞ୍ଚରେ ଉପସ୍ଥିତ ଥିଲେ। ଏଠାରେ ମୋଦୀ ପହଞ୍ଚିବା ପରେ ଜିନ୍‌ପିଙ୍ଗ ନିଜ ପତ୍ନୀ ପେଙ୍ଗ ଲିୟୁନଙ୍କ ସହିତ ତାଙ୍କୁ ସ୍ୱାଗତ କରିଥିଲେ। ଫଟୋ ଉଠାଇବା ପରେ ଦମ୍ପତିଙ୍କ ସହ ମୋଦୀ ହାତ ମିଳାଇ ଥିଲେ। ଏହା ପରେ ମୋଦୀ ରୁଷ ରାଷ୍ଟ୍ରପତି ଏବଂ ଅନ୍ୟ ନେତାମାନଙ୍କ ସହ ଫଟୋ ଉଠାଇଥିଲେ। ଅନ୍ୟ ନେତାମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ନୈଶଭୋଜିର ଆୟୋଜନ କରି ଆନୁଷ୍ଠାନିକ ଭାବେ ଜିନପିଙ୍ଗ ଏସ୍‌ସିଓ ଶିଖର ସମ୍ମିଳନୀ ଆରମ୍ଭ କରିଥିଲେ। ▶ପୃଷ୍ଠା-୭

**ଦାନା ବାନ୍ଧୁଛି ଲଘୁଚାପ**

## ଆଜିଠୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୩୧।୮ (ସମିସ):** ରାଜ୍ୟରେ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଭିନ୍ନ ଭିନ୍ନ ସ୍ଥାନରେ ପର୍ଯ୍ୟାୟ କ୍ରମେ ବର୍ଷା ଅନୁଭୂତ ହେବ। ଦୁଇ ତିନି ଦିନର ବ୍ରେକ୍ ପରେ ପୁଣି ବର୍ଷା ଆରମ୍ଭ ହେବ। ଆଗକୁ ଯୋଡ଼ି ଲଘୁଚାପର ସମ୍ଭାବନା ଥିବାରୁ ଏଭଳି ବର୍ଷା ନେଇ ଆକଳନ କରାଯାଉଛି। ବର୍ଷାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ସତର୍କ ସୂଚନା ମଧ୍ୟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ସୋମବାରଠାରୁ ବର୍ଷାର ପ୍ରଭାବ ଆହୁରି ବଢ଼ିବା ସହ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ କେନ୍ଦ୍ର ଆକଳନ କରିଛି।



ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରବିବାର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମ୍ଭବତଃ ସୋମବାର କିମ୍ବା ମଙ୍ଗଳବାର ସୁଦ୍ଧା ଏକ ଲଘୁଚାପ ହୋଇ ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଆନ୍ଧ୍ର ଉପକୂଳ ବଙ୍ଗୋପସାଗରରେ ରହିବ। ଏହା ତିନିଦିନ ପର୍ଯ୍ୟନ୍ତ ସେହି ସ୍ଥାନରେ ରହିବା ସହ ସେପ୍ଟେମ୍ବର ୪ରେ କିଛି ଦୁର୍ବଳ ହୋଇ ୫-୬ରେ ଓଡ଼ିଶା ଉପକୂଳ ନିକଟତର ହେବ। ଆକଳନ କରାଯାଉଛି ଯେ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରୁ ସମ୍ବଲପୁର ସଂଯୋଗ କରୁଥିବା ସରଳରେଖାର ଦକ୍ଷିଣରେ ବର୍ଷା ହେବ। ଅବିଭକ୍ତ କୋରାପୁଟ, ▶ପୃଷ୍ଠା-୭

**ମହାନଦୀ ଜଳବିବାଦ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ**

## ନବୀନଙ୍କ ପ୍ରସ୍ତାବରେ ଏକମତ ମନମୋହନ

■ **ଭୁବନେଶ୍ୱର, ୩୧।୮ (ସମିସ):** ମହାନଦୀ ଜଳବିବାଦ ମାମଲା ପ୍ରସଙ୍ଗରେ ସବଦଳୀୟ ବୈଠକ ନିମନ୍ତେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦେଇଥିବା ପ୍ରସ୍ତାବରେ ସହମତ ହୋଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ରବିବାର ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରପ୍ରଦାନ ଅବସରରେ ଶ୍ରୀ ସାମଲ ମହାନଦୀ ପ୍ରସଙ୍ଗରେ ସବୁ ରାଜନୈତିକ ଦଳକୁ ଏକାଠି ହେବାକୁ ଆହ୍ୱାନ ଦେବା ସହ ଆମେ ସବୁ ରାଜନୈତିକ ଦଳକୁ ଆହ୍ୱାନ କରିବୁ ଓ ସମସ୍ତେ ଏକାଠି ବସନ୍ତୁ ଓ ଏକାଠି କାମ କରନ୍ତୁ ବୋଲି କହିଛନ୍ତି ।



**ଆଲୋଚନାରେ ଅଂଶୀଦାରଙ୍କୁ ସାମିଲ କରିବାକୁ ଦାବି**

ମହାନଦୀ ଜଳ ବିବାଦ ମାମଲାରେ ରାଜ୍ୟ ସରକାର ଛତିଶଗଡ଼ ସହ ଆପୋସ ସମାଧାନ ଚାହୁଁଛନ୍ତି। ଏନେଇ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ଆସନ୍ତା ସେପ୍ଟେମ୍ବରରୁ ସାପ୍ତାହିକ ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏହାପରେ ସଚିବସ୍ତରୀୟ ଓ ଡ଼ିସେମ୍ବରରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକାଠି ବୈଠକ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ। ମାତ୍ର ଛତିଶଗଡ଼ ସହ ବୈଠକକୁ ନେଇ ରାଜ୍ୟ ସରକାର ଉତ୍ସାହିତ ଥିବାବେଳେ ଆପୋସ ସମାଧାନର ସର୍ତ୍ତାବଳୀ କଣ ତାହା କିନ୍ତୁ ସାର୍ବଜନୀନ କରୁନାହାନ୍ତି। ଯାହାକୁ ନେଇ ଗତ ଜୁଲାଇ ମାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ମହାନଦୀ କେବଳ ଏକ ନଦୀ ନୁହେଁ; ଓଡ଼ିଶାର ଆତ୍ମା ବୋଲି ଉଲ୍ଲେଖ କରି ଉଭୟ ▶ପୃଷ୍ଠା-୭

ଉପହାର ପାଇଁ କଳି

## ସ୍ତ୍ରୀ-ଶାଶୂଙ୍କୁ ହତ୍ୟା

■ **ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି):** ପୁଅର ଜନ୍ମଦିନ ଉପହାରକୁ ନେଇ ଦିଲ୍ଲୀର କେଏନ୍ କାଟଜୁ ଅଞ୍ଚଳରେ ଏକ ବଡ଼ ଅଘଟଣ ଘଟିଛି। ଯୋଗେସ ସହଗଲ ନାମକ ଜଣେ ବ୍ୟକ୍ତି ପୁଅ ଜନ୍ମଦିନ ଉପହାରକୁ ନେଇ ଯୁକ୍ତିତର୍କ ହେବା ଫଳରେ ନିଜ ପତ୍ନୀ ପ୍ରିୟା ଓ ଶାଶୂ କୁସୁମ ସିହ୍ନାଙ୍କୁ କଇଁଚିରେ ସାହାଯ୍ୟରେ ହତ୍ୟା କରିଛି। ଯୋଗେଶଙ୍କୁ ପୁଲିସ ରୋହିଣୀରୁ ଗିରଫ କରିଛି। ହତ୍ୟାକାଣ୍ଡ କାରଣ କଥା ଶୁଣି ପୁଲିସ ଚକିତ ହୋଇଥିଲା। ପୁଅ ପାଇଁ ଶାଶୁ ଆଣିଥିବା ଉପହାର ଯୋଗେଶଙ୍କ ପସନ୍ଦ ହୋଇ ନଥିଲା। ଏଥିପାଇଁ ଯୋଗେଶ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା ଓ ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ଏହି କାଣ୍ଡ ଘଟାଇଥିଲେ। ନାତି ଜନ୍ମଦିନ ପାଳନ କରିବାକୁ କୁସୁମ ଝିଅ ଘରକୁ ଆସିଥିଲେ। ଭଲ ଉପହାର ପରେ ଆଣିଦେବେ ବୋଲି କୁସୁମ କହୁଥିଲେ ମଧ୍ୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ▶ପୃଷ୍ଠା-୭

## ୧୬ ନୂଆ ଏନ୍‌ଏସି, ୭ ସହରକୁ ମ୍ୟୁନିସିପାଲିଟି ମାନ୍ୟତା

### ୪୪ଟି ପୌରାଞ୍ଚଳକୁ ସମ୍ପ୍ରସାରିତ ହେଲା 'ସହଯୋଗ' କାର୍ଯ୍ୟକ୍ରମ

■ **ଭୁବନେଶ୍ୱର, ୩୧।୮ (ସମିସ):** ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଆଉ ୧୬ ସହରକୁ ଏନ୍‌ଏସି ଓ ୭ ସହରକୁ ମ୍ୟୁନିସିପାଲିଟି କରାଯିବା ନିମନ୍ତେ ଘୋଷଣା କରିଛନ୍ତି। ବଲାଙ୍ଗୀର ଜିଲ୍ଲାର ଲୋଇସିଂଘା, ବରଗଡ ଜିଲ୍ଲାର ସୋହେଲା, କଟକ ଜିଲ୍ଲାର ବଡମ୍ବା, ନରସିଂହପୁର, ସାଲେପୁର, ଢେଙ୍କାନାଳ ଜିଲ୍ଲାର ଗଁନ୍ଦିଆ, ଗଞ୍ଜାମ ଜିଲ୍ଲାର ପାତ୍ରପୁର ଓ ଜଗନ୍ନାଥ ପ୍ରସାଦ, ଯାଜପୁର ଜିଲ୍ଲାର ଚଣ୍ଡୀଖୋଲ, କଳାହାଣ୍ଡି ଜିଲ୍ଲାର ନର୍ଲା ଓ ଜୟପାଟଣା, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, କୋରାପୁଟ ଜିଲ୍ଲାର ବୋରିଗୁମ୍ମା ଏବଂ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ଯଶୀପୁର ଓ ରାସଗୋବିନ୍ଦପୁରଗୁଡ଼ିକ ଏନ୍‌ଏସି ହେବ। ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ, ବୌଦ୍ଧ ଜିଲ୍ଲାର ବୌଦ୍ଧ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ଆସ୍କା, ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା ସହରାଞ୍ଚଳଗୁଡ଼ିକୁ ମ୍ୟୁନିସିପାଲିଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



ସ୍ୱାଧୀନତା ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ୨୧ ଏନ୍‌ଏସି ସୃଷ୍ଟି ସମ୍ପର୍କରେ ଘୋଷଣା କରିଥିଲେ। ଏହାମଧ୍ୟରୁ ୧୨ଏନଏସି ଗଠିତ ହେବା ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏବେ ମୁଖ୍ୟମନ୍ତ୍ରୀ ଆଉ ୧୬ ସହରକୁ ଏନ୍‌ଏସି ଘୋଷଣା କରିଛନ୍ତି। ସେହିପରି ଏନ୍‌ଏସି ଓ ମ୍ୟୁନିସିପାଲିଟି ଗଠନ ଦ୍ୱାରା ଅଧିକ ଲୋକଙ୍କୁ ସହରର ମୌଳିକ ସୁବିଧା ମିଳିବ ବୋଲି ସେ କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନେକ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସହରର ସମସ୍ତ ଲୋକଙ୍କ ପାଇଁ ସରକାରୀ ଯୋଜନାଗୁଡ଼ିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ପୌରାଞ୍ଚଳକୁ 'ସହଯୋଗ' କାର୍ଯ୍ୟକ୍ରମ ସଂପ୍ରସାରିତ ▶ପୃଷ୍ଠା-୭

## ହତ୍ୟାକରି ଜାଳିଦେଲେ



**ଜଙ୍ଗଲରୁ ଦରପୋଡ଼ା ଶବ ଉଦ୍ଧାର**

■ **କୋଇଡ଼ା, ୩୧।୮ (ସମିସ):** କୋଇଡ଼ା ଥାନା କାଶୀରା ଗ୍ରାମ ନିକଟସ୍ଥ ବ୍ରାହ୍ମଣୀପାଟ ମେଢ଼ ଜଙ୍ଗଲରୁ ଆଜି ପୁଲିସ୍ ଜଣଙ୍କ ଅର୍ଦ୍ଧଦଗ୍ଧ ଗଳିତ ଶବ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲ୍ଲା ହସ୍ପିଟାଲକୁ ପଠାଇଛି। ଏହାସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବଟିର ପରିଚୟ ଜାଣିବା ପାଇଁ ପୁଲିସ୍ ତନାଘନା ଆରମ୍ଭ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ଯୋଜନାବଦ୍ଧ ▶ପୃଷ୍ଠା-୭

ବାଲେଶ୍ୱର, ସମ୍ବଲପୁର ପ୍ରକଳ୍ପରେ ଅହେତୁକ ବିଳମ୍ବ

## ପାଣିପାଗ କେନ୍ଦ୍ରରେ ୨ ବର୍ଷ ହେଲା ପଡ଼ିଛି ରାଡାର

■ **ଭୁବନେଶ୍ୱର, ୩୧।୮ (ସମିସ):** ସମ୍ବଲପୁର ଓ ବାଲେଶ୍ୱରରେ ଦୀର୍ଘଦିନ ହେବ ଏହି ରାଡାର୍ ସ୍ଥାପନ ନିମନ୍ତେ କୋଠା ନିର୍ମାଣ ଶେଷ ହୋଇସାରିଥିଲେ ମଧ୍ୟ ରାଡ଼ାର ବସି ପାରୁନାହିଁ। ଯାହାଫଳରେ ପାଣିପାଗ ଜନିତ ଅନେକ ଗୁରତ୍ୱପୂର୍ଣ୍ଣ ତଥ୍ୟ ଆଇଏମ୍‌ଡି ପାଇବାରୁ ବଞ୍ଚିତ ରହୁଛି ଓ ଏହାର କୁପରିଣାମ ଓଡ଼ିଶାବାସୀ ଭୋଗୁଛନ୍ତି। ସମ୍ବଲପୁରଠାରେ ରାଡାର ପାଇଁ ବିଲ୍ଡିଂ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ସାରିଛି ଓ ଗତ ଡିସେମ୍ବର ମାସରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଏହାକୁ ଉଦ୍‌ଘାଟନ



କରିଥିଲେ ଓ ଜୁଲାଇ ମାସ ସୁଦ୍ଧା ଏଠାରେ ରାଡାର କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ହେଲେ ଜୁଲାଇ ଯାଇ ସେପ୍ଟେମ୍ବର ହେଲାଣି ରାଡାର୍ ବସିବା ଦୂରର କଥା ସାରଞ୍ଜାମ ମଧ୍ୟ ସେଠାରେ ପହଞ୍ଚିପାରି ନାହିଁ। ସମ୍ବଲପୁରରେ ବସିବାକୁ ଥିବା ରାଡାରର ବୈଦ୍ୟୁତିକ ସରଞ୍ଜାମ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ

**ଗତ ୮ ମାସ ହେଲାଣି ଗୋପାଳପୁର ରାଡାର ଅଚଳ**

**କ୍ଷୋଭ ପ୍ରକାଶ କଲା ରାଜ୍ୟସଭା ସଂସଦୀୟ କମିଟି**

ପାଣିପାଗ କେନ୍ଦ୍ରଠାରେ ଦୁଇ ବର୍ଷା ହେବ ପଡ଼ି ରହିଛି। ଖରା ବର୍ଷା ଖାଇ ଦୀର୍ଘ ଦିନ ହେବ ପଡ଼ି ରହିଥିବା ଏହି ବୈଦ୍ୟୁତିକ ସାରଞ୍ଜାମ ଲାଗିବା ପରେ ସଠିକ୍ ଭାବେ କାର୍ଯ୍ୟକ୍ଷମ ହେବ କି ନାହିଁ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ଅନ୍ୟପଟେ ରାଡାର ପ୍ରସଙ୍ଗକୁ ନେଇ ରାଜ୍ୟସଭାର 'ଗଭର୍ଣ୍ଣମେଣ୍ଟ ଆସୁରାନ୍ସ' କମିଟି କ୍ଷୋଭ ପ୍ରକାଶ କରିଛି। ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଓଡ଼ିଶାର ରାଜ୍ୟସଭା ▶ପୃଷ୍ଠା-୭

**ପଟ୍ଟାମୁଣ୍ଡାଇରେ ଚାଞ୍ଚଲ୍ୟ**

## ମହିଳାଙ୍କୁ ହତ୍ୟା କରି ମୁହଁରେ ଗରମ ତେଲ ଢାଳିଦେଲା

■ **ପଟ୍ଟାମୁଣ୍ଡାଇ, ୩୧।୮ (ସମିସ):** ଏକ ବନ୍ଦ ଦୋକାନ କ୍ୟାବିନ୍ ଭିତରୁ ଜଣେ ନିଖୋଜ ମହିଳାଙ୍କ ଶବ ଜବତ ହେବା ଘଟଣା ଆଜି କେନ୍ଦ୍ରାପଡ଼ା ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତ ମହିଳାଜଣଙ୍କ ହେଲେ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଅଧୀନ ବୋଧଗାଁ ଗ୍ରାମର ନିରଞ୍ଜନ ଜେନାଙ୍କ ଝିଅ ବନିତା ଜେନା। ଗତ ୨୭ ତାରିଖରୁ ସେ ନିଖୋଜ ଥିଲେ। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ଶବକୁ ବିକୃତ କରିବା ପାଇଁ ମୁହଁ ଏବଂ ଶରୀରରେ ଗରମ ତେଲ ଢାଳି ଦେଇଛି।



**ଭେଣ୍ଡିଂଜୋନ୍ କ୍ୟାବିନ୍‌ରୁ ଗଳିତ ଶବ ଜବତ**

**ଦୋକାନୀ ଫେରାର୍**

ପଟ୍ଟାମୁଣ୍ଡାଇ ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ ନାୟକଙ୍କ ଉପସ୍ଥିତିରେ ପୁଲିସ୍ କ୍ୟାବିନ୍‌ର କବାଟ ତାଡ଼ି ବେଡସିଟ୍ ଓ ଜରିରେ ବନ୍ଧା ହୋଇଥିବା ବନିତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ▶ପୃଷ୍ଠା-୭

## ସୁନ୍ଦରାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ

# କାୟା ବଦଳିଛି, ମିଳୁନି ଉପଯୁକ୍ତ ସ୍ୱାସ୍ଥ୍ୟସେବା

ହାଟଡ଼ିହୀ,୩୧।୮ (ସମିସ)






ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସୁନ୍ଦରାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ନିଯୁକ୍ତି ପାଇଥିବା ଡ଼ାକ୍ତର ସପ୍ତାହକୁ ୩ଦିନ ଆସୁଥିବା ବେଳେ ବାକି ୪ଦିନ ଏଏନଏମ୍, ଝାଡୁଦାର ଏବଂ ସୁରକ୍ଷକର୍ମୀଙ୍କ ଦ୍ୱାରା ରୋଗୀସେବା ଚାଲୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ଚଳିତବର୍ଷ ଜାନୁଆରୀ ୩୧ତାରିଖ ଫାର୍ମାସିଷ୍ଟ ରାମଚନ୍ଦ୍ର ଜେନା ଅବସର ନେବା ପରେ ଫାର୍ମାସିଷ୍ଟ ପଦ ଖାଲି ପଡ଼ିଛି। ଗତ ୨୦୨୩ ଜୁଲାଇ ୩୧ତାରିଖ ଡ୍ରେସର ଭାବେ କାର୍ଯ୍ୟ କରୁଥିବା ହେମନ୍ତ ମଲ୍ଲିକଙ୍କ ଅବସର ପରେ ସେ ସ୍ଥାନ ମଧ୍ୟ ଖାଲି ପଡ଼ିଛି। ଗତ ୧୦ବର୍ଷ ଧରି ସନ୍ୟାସିନୀ ଓଝା ଏଏନଏମ୍ ଭାବେ କାର୍ଯ୍ୟ କରୁଛନ୍ତି। ମେଡିକାଲରେ ଡ଼ାକ୍ତର କିମ୍ବା ଫାର୍ମାସିଷ୍ଟ ଅନୁପସ୍ଥିତିରେ ସେ ତାଙ୍କ ଅଭିଜ୍ଞତା ଅନୁଯାୟୀ ମେଡିକାଲକୁ ଆସୁଥିବା ରୋଗୀଙ୍କୁ ଔଷଧ ଦେଇଥା'ନ୍ତି। କିଛି ରୋଗୀ ଭଲ ହୁଅନ୍ତି ପୁଣି କିଛି ରୋଗୀ ଭଲ ହେଉ ନଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ମେଡିକାଲରେ ଜଣେ ସୁରକ୍ଷାକର୍ମୀଙ୍କ ସହ ୨ଜଣ ଝାଡୁଦାର ଏବଂ ଜଣେ ଷ୍ଟାଫ୍ ନର୍ସ ଥିବା ଜାଣିବାକୁ ମିଳିଛି। ଅଧିକାଂଶ ସମୟରେ ଏଠାରେ ନିୟୋଜିତ ଷ୍ଟାଫ୍ ନର୍ସଙ୍କୁ ଡ୍ୟୁଟି ନେଇ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଉଥିବାରୁ ସୁନ୍ଦରାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ସମୟରେ ଷ୍ଟାଫ୍ ନର୍ସ ସ୍ଥାନ ଖାଲି ପଡୁଛି। ଝାଡୁଦାର ତଥା ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଥିବା କର୍ମୀ ଜଣଙ୍କ ମେଡିକାଲରେ ଥିବା ରୋଗୀଙ୍କ ନାମ ଲେଖା ରେଜିଷ୍ଟରରେ ରୋଗୀଙ୍କ ନାମ ଲେଖିବା ସହ ଏଏନଏମ୍ କର୍ମୀଙ୍କ ପାର୍ଶ୍ୱ ଚୌକିରେ ବସି ଏଏନଏମଙ୍କ ନିର୍ଦ୍ଦେଶ ଅନୁସାରେ ରୋଗୀଙ୍କୁ ଔଷଧ ଦେଉଥିବା ଦେଖାଯାଇଛି; ଏପରିକି ହାର୍ଟବିଟ୍, ରକ୍ତଚାପ ଆଦି ଗୃହରକ୍ଷୀଙ୍କ ଦ୍ୱାରା ମପାଯାଏ ବୋଲି ସ୍ଥାନୀୟ ଯୁବଗୋଷ୍ଠୀ ଅଭିଯୋଗ କରିଛନ୍ତି।

- ତୁରନ୍ତ ଖାଲି ପଦରେ କର୍ମଚାରୀ ନିଯୁକ୍ତି ଦାବି
- ଚିକିତ୍ସା ପାଇଁ ମେସିନ୍ ଥାଇବି ଲାଗୁନି କାମରେ
- ଫିଜିଓଥେରାପି ବ୍ୟବସ୍ଥା ଆସୁନି ରୋଗୀଙ୍କ କାମକୁ

ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଜମ୍ବିରା, ପଦାଡୋ ପଞ୍ଚାୟତର ଏକ ତୃତୀୟାଂଶ, ଡେଙ୍କା, ସଡ଼ା ଆଦି ପଞ୍ଚାୟତର ହଜାର ହଜାର ଲୋକେ ନିର୍ଭର କରିଥା'ନ୍ତି। ଫିଜିଓଥେରାପି ବ୍ୟବସ୍ଥା ଥାଇବି ତାହା ରୋଗୀଙ୍କ ସେବାରେ ଲାଗୁ ନଥିବା ଅଭିଯୋଗ ହୋଇଛି। ଉନ୍ନତ ସ୍ୱାସ୍ଥ୍ୟସେବାକୁ ଲକ୍ଷ୍ୟ କରି ପୂର୍ବ ସରକାରଙ୍କ ସମୟରେ ଲକ୍ଷାଧିକ ଟଙ୍କା ବ୍ୟୟବରାଦରେ ଦୁଇଟି ମେଡିକାଲ ବିଲଡିଂ ନିର୍ମାଣ ହୋଇଥିଲା ବେଳେ, ନା ଏଠାରେ କେହି ଷ୍ଟାଫ୍ ରହୁଛନ୍ତି ନା ଉନ୍ନତ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ ହୋଇପାରୁଛି। ମୋଟାମୋଟି କହିବାକୁ ଗଲେ, ସପ୍ତାହର ତିନିଦିନ ବାଦ୍ ଦେଲେ ଅନ୍ୟ ୪ଦିନ କେବଳ ଜଣେ ଏଏନଏମ୍, ଦୁଇଜଣ ଝାଡୁଦାର ତଥା ଗୃହରକ୍ଷୀ ଏବଂ ଜଣେ ସୁରକ୍ଷକର୍ମୀଙ୍କ ଦ୍ୱାରା ମେଡିକାଲଟି ଚାଲୁଛି। ଆଧୁନିକ ଚାକଚକ୍ୟ ଭରା ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରିକାଳୀନ ସେବା ମିଳିବା ନିହାତି ପକ୍ଷେ କଷ୍ଟସାଧ ହୋଇପଡୁଛି।

ପ୍ରକାଶ ଥାଉକି, ସୁନ୍ଦରାପାଳ ଅଞ୍ଚଳରେ ଓଡ଼ିଶା ପ୍ରସିଦ୍ଧ ମା'ଗଡ଼ଚଣ୍ଡୀଙ୍କ ପୀଠ ଅବସ୍ଥିତ। ଏଠାକୁ ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥାଏ। ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟିଥିଲେ ସୁଦ୍ଧା ମେଡିକାଲ କର୍ମଚାରୀଙ୍କ ଅଭାବରୁ ଦୁର୍ଘଟଣାଗ୍ରସ୍ତଙ୍କୁ ସଙ୍ଗେ ସଙ୍ଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥାଏ। ପୂର୍ବ ଅପେକ୍ଷା ସୁନ୍ଦରାପାଳ ସ୍ୱାସ୍ଥ୍ୟକେନ୍ଦ୍ରର କାୟା ପରିବର୍ତ୍ତନ ହୋଇଥିଲେ ସୁଦ୍ଧା ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଭଳି ସମସ୍ୟା ଦିଗରେ ଜିଲ୍ଲାପାଳ କେନ୍ଦୁଝର, ଉପଜିଲ୍ଲାପାଳ ଆନନ୍ଦପୁର ଏବଂ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ କରିବାକୁ ଅଲେଖ ପାତ୍ର, ଧନୁର୍ଜୟ ମଲ୍ଲିକ, ପ୍ରଫୁଲ୍ଲ ବେହେରା, ପ୍ରଦ୍ୟୁମ୍ନ ପାତ୍ର, ଅଭିଷେକ ପ୍ରଧାନ, ପଙ୍କଜ ପାତ୍ର, ପ୍ରତାପ ଖଣ୍ଡେଇ, ରୁଦ୍ରନାରାୟଣ ପାତ୍ର, ଦେବାଶିଷ ପାତ୍ର, ରିତେଶ ପାତ୍ର, ରୁଦ୍ରପ୍ରସାଦ ମହାରଣା, କୃଷ୍ଣ ପାତ୍ର, ରତ୍ନାକର ସାହୁ, ଶରତ ପଲେଇ, ପ୍ରଶାନ୍ତ ଦେହୁରୀ, ଅଶୋକ ନାୟକ ପ୍ରମୁଖ ଦାବି କରିଛନ୍ତି।

## କେନ୍ଦୁଆ ଗୋରୁଗୋଠରୁ ଶବ ଉଦ୍ଧାର

ଆନନ୍ଦପୁର, ୩୧।୮ (ସମିସ): ଘସିପୁରା ଥାନା ଅନ୍ତର୍ଗତ କେନ୍ଦୁଆ ନିକଟସ୍ଥ ଗୋରୁଗୋଠ ଅଞ୍ଚଳରୁ କଅାଁସ ଗ୍ରାମର ମନ୍ମଥ କୁଆଁରଙ୍କ ମୃତଦେହ ପରିବାର ଲୋକେ ଉଦ୍ଧାର କରିବା ପରେ ମୃତ୍ୟୁକୁ ବିଭିନ୍ନ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଘସିପୁରା ପୁଲିସ ପ୍ରାଥମିକ ତଦନ୍ତ କରିବା ପରେ ମୃତଦେହର ବ୍ୟବଚ୍ଛେଦ ହୋଇଥିବା ଜଣାଯାଇଛି। ମୃତ କୁଁଅର ଆଜି ସକାଳୁ ନିଜଘରୁ ସାଇକଲ ଯୋଗେ କେନ୍ଦୁଆ ଗ୍ରାମକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ଲୋକେ ବ୍ୟସ୍ତ ହୋଇପଡିଥିବା ବେଳେ ଗୋରୁଗୋଠ ନିକଟରେ ମୃତଦେହ ଠାବ ହୋଇଥଠିଲା। ଶରୀରରେ କୌଣସି କ୍ଷତଦାଗ ନଥିବା ବେଳେ କେତେକ ସ୍ଥାନରେ ମଳିଚମଡା ଛାଡି ଯାଇଥିବା ଓ ଶରୀରର କେତେକ ସ୍ଥାନରେ ସିଝି ଯାଇଥିବା ଭଳି ଦେଖି ପରିବାର ଲୋକେ ସନ୍ଦେହ ପ୍ରକଟ କରିଛନ୍ତି। ପୁଲିସ ଏହି ଘଟଣାର ସବିଶେଷ ତଦନ୍ତ କଲେ ପ୍ରକୃତ କାରଣ ଜଣାପଡ଼ିବ।

## ଥାଲାସେମିଆ ରୋଗୀଙ୍କ ପାଇଁ ପର୍ଯ୍ୟାପ୍ତ ରକ୍ତର ଅଭାବ

ଆନନ୍ଦପୁର, ୩୧।୮ (ସମିସ): ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶାରେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ୧୫ ହଜାରରୁ ଅଧିକ ବୋଲି ଜଣାପଡ଼ିଛି। ମୁଖ୍ୟ ଚିକିତ୍ସା ପଦ୍ଧତିରେ ସବୁବେଳେ ରକ୍ତ ଗ୍ରହଣ କରି ବଞ୍ଚିବା ହିଁ ଏକ ମାତ୍ର ଉପାୟ। କିଛିଦିନ ହେବ ସରକାରଙ୍କ ଦ୍ୱାରା କରାଯାଉଥିବା ରକ୍ତଦାନ କାର୍ଯ୍ୟକ୍ରମ ଧିମେଇ ଯାଇଛି। ଫଳରେ ଥଲାସେମିଆ ରୋଗୀ ବଞ୍ଚିବା କଷ୍ଟକର ହୋଇପଡୁଛି। ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଥିରେ ଆଗେଇ ଆସିଛନ୍ତି କିନ୍ତୁ ଏହା ରକ୍ତ ଅଭାବକୁ ପୂରଣ କରିପାରିନାହିଁ। ଫକୀରପୁର ଯୁବକ ସଙ୍ଘ ସହଯୋଗରେ ଏକ ରକ୍ତଦାନ କାର୍ଯ୍ୟକ୍ରମରେ ଥାଲାସେମିଆ ରୋଗୀଙ୍କ ସାହାଯ୍ୟ କରିବାକୁ ଉକ୍ତ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଥାଲାସେମିଆ ସଙ୍ଘର କାର୍ଯ୍ୟକର୍ତ୍ତା ରତିକାନ୍ତ ପୋଥାଳ ଓ ପ୍ରଣବ ମିଶ୍ର କହିଛନ୍ତି, ଦୁଇ ବୁନ୍ଦା ରକ୍ତରେ ବନ୍ଧା ଥଲାସେମିଆ ରୋଗୀଙ୍କ ଜୀବନ। ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରି ରୋଗୀଙ୍କୁ ବଞ୍ଚିବାକୁ ସାହାଯ୍ୟ କରନ୍ତୁ। ଅନ୍ୟପକ୍ଷରେ ସରକାର ନିରାପଦ ରକ୍ତଗ୍ରହଣ ନିମନ୍ତେ ପଦକ୍ଷେପ ନେଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ଉପଲବ୍ଧ ହୋଇପାରିନାହିଁ। କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଏହା ଖୁବ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଶ୍ରୀ ମିଶ୍ର ଓ ଶ୍ରୀ ପୋଥାଳ ଦାବି କରଛନ୍ତି।

## ଫକୀରପୁରରେ ବହୁମୁଖୀ ସେବାକେନ୍ଦ୍ର ଲୋକାର୍ପିତ




ଆନନ୍ଦପୁର, ୩୧।୮ (ସମିସ): ଆନନ୍ଦପୁର ପୌରପାଳିକା ତରଫରୁ ଫକିରପୁର ୯ ନଂ ୱାର୍ଡଠାରେ ନିର୍ମିତ ବହୁମୁଖୀ ସେବାକେନ୍ଦ୍ରକୁ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ସେବାକେନ୍ଦ୍ର ଆଗକୁ ସ୍ଥାନିୟ ଜନସାଧାରଣଙ୍କ ସେବାରେ ଲାଗିବ। ଲୋକାର୍ପଣ ଉତ୍ସବରେ ପୌରାଧକ୍ଷା ରଜନିରାଣୀ ଖଟୁଆ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ ବଳ, ସମସ୍ତ କାଉନସିଲର ଓ କର୍ମଚାରୀ ଉପସ୍ଥିତ ଥିଲେ। ପୌରାଧକ୍ଷାଙ୍କ ସମେତ ସମସ୍ତ କାଉନସିଲର ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ପୌରପାଳିକା ତରଫରୁ ବିଭିନ୍ନ ଉନ୍ନୟନମୂଳକ କାମ ହାତକୁ ନେଇଥିବା କହିଛନ୍ତି ପୌରାଧକ୍ଷା। ପୌରାଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଥିବା ଏକ ଶବଦାହ ଗୃହର କାର୍ଯ୍ୟ ଆଗାମୀ ଏକମାସ ମଧ୍ୟରେ ଆରମ୍ଭ ହେବ ବୋଲି କହିଛନ୍ତି ପୌରାଧକ୍ଷା।

## ୨୨ କେଜି ଗଞ୍ଜେଇ ଜବତ; ୧୦ ଗିରଫ



ବଡ଼ବିଲ,୩୧।୮ (ସମିସ): ବଡ଼ବିଲ ପୁଲିସ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଜଣେ ଗଞ୍ଜେଇ ଚୋରା ଚାଲାଣକାରୀ ସହ ୧୦ ଜଣ ଚୋରା ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ମୁଖ୍ୟ ଗଞ୍ଜେଇ ମାଫିଆ, ବଡ଼ବିଲ ଧୋବିହଟିଂ ଅଞ୍ଚଳର ବାବୁଲି ବେହେରା(୬୦ ବର୍ଷ)। ସେ ବଡ଼ବିଲ ଅଞ୍ଚଳର କିଛି ଖୁଚୁରା ବେପାରୀଙ୍କୁ ଗଞ୍ଜେଇ ଚାଲାଣ କରୁଥିଲା। ପ୍ରଥମେ ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟ ୯ ଜଣ ସେଡିଂବସ୍ତିର ଯତୀନ ସାହୁ, ଧୋବିହଟିଂର ଚନ୍ଦନ ଭଗତ, ଷ୍ଟେସନରୋଡର ଜୟରାମ ଦାସ, ବିପ୍ର ରାଉତ, ମହାନ୍ତବସ୍ତିର ଧିରେନ୍ ବାରିକ, କାଶିଆ ଗ୍ରାମର ରାଜକିଶୋର ବେହେରା, ସେରେଣ୍ଡା ଗ୍ରାମର କପିଲ୍ ସାହୁ, ନାଳଦାର ଅଜୟ ବେହେରା, ଏନଏସିହଟିଂର ଏମଡି. ଅସଗର ଓ ୪ ନମ୍ବର୍ ୱାର୍ଡର ଅର୍ଜୁନ କେଶରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସେମାନଙ୍କ ନିକଟରୁ ୨୨ କେଜି ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇ ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଅଧିକ ବୋଲି ଜଣାଯାଇଛି।

## ଓଡିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ



ରାମଚନ୍ଦ୍ରପୁର,୩୧।୮ (ସମିସ): ଭାରତର କିମ୍ବଦନ୍ତୀ ହକି ଖେଳାଳୀ ମେଜର ଧ୍ୟାନଚାନ୍ଦ ସିଂଙ୍କ ଜନ୍ମ ଦିନ ଅଗଷ୍ଟ ୨୯କୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ଘସିପୁରା ବ୍ଲକ ସୁଆଁପଦାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଭାରପ୍ରାପ୍ତ ଅଧ୍ୟକ୍ଷ ରଣଜିତ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚେସ୍, ଭଲିବଲ୍, ପୋଷ୍ଟର ପେଣ୍ଟିଂ ସହ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ବିଭୁତିଭୂଷଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ଖେଳରେ ନୈପୁଣ୍ୟ ପ୍ରଦର୍ଶନ କରିଥିଲେ।

## ଆନନ୍ଦପୁର ପୌରପାଳିକା ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା



ଆନନ୍ଦପୁର,୩୧।୮ (ସମିସ): ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଆନନ୍ଦପୁର ପୌରପାଳିକା ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଇନ୍‌ଡୋର୍ ଷ୍ଟାଡିୟମଠାରେ ଅନୁଷ୍ଠିତ ଅନ୍ତଃସ୍କୁଲ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ବିଏନ୍ ହାଇସ୍କୁଲ, ଘସିପୁରା ଝାଡ଼େଶ୍ୱର ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେହିପରି ଅପରାହ୍ଣ ୪ଟାରେ ଆନନ୍ଦପୁର ଷ୍ଟାଡିୟମରେ ଫୁଟ୍‌ବଲ୍ ମ୍ୟାଚ୍ ଆନନ୍ଦପୁର ମହାବିଦ୍ୟାଳୟ ଯୁକ୍ତ୨ ଏବଂ ଯୁକ୍ତ ୩ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୌରାଧକ୍ଷା ରାଜନୀରାଣୀ ଖଟୁଆଙ୍କ ପୌରୋହିତ୍ୟରେ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କ ସଂଯୋଜନାରେ ପ୍ରତିଯୋଗିତା ହୋଇଥିଲା। କାଉନସିଲର କୃଷ୍ଣରଣା ସମ୍ବିତ ଦାସ, ରଶ୍ମିତା ବାରି, ମଣିଲତା ରାମ୍, ନିବେଦିତା ବେହେରା, ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆ, ଲିନାରାଣୀ ସାହୁ, ସହକାରୀ ଯନ୍ତ୍ରୀ ସଂଗ୍ରାମ ବେହେରା, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ସେଠୀ, ରାଜଶ୍ରୀ ମିଶ୍ର, ଶୁଭକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମା'ତାରିଣୀ ହସପିଟାଲରେ ପ୍ରଥମ ଟିୟୁଆର୍‌ପି ଅପରେସନ୍



ଚମ୍ପୁଆ,୩୧।୮ (ସମିସ): ଉପାନ୍ତ ଅଞ୍ଚଳ ଚମ୍ପୁଆରେ ଚିକିତ୍ସା ସେବା ଯୋଗାଇ ଆସୁଥିବା ବେସରକାରୀ ମା'ତାରିଣୀ ହସପିଟାଲରେ ପ୍ରଥମ ଥର ପାଇଁ ଟିୟୁଆର୍‌ପି ସର୍ଜରୀ ସଫଳତାର ସହ ଶେଷ ହୋଇଛି। ଅଭିଜ୍ଞ ୟୁରୋଲୋଜିଷ୍ଟ ଓ ଆଣ୍ଡ୍ରୋଲୋଜିଷ୍ଟ ଡାକ୍ତର ସୌମ୍ୟରଂଜନ ବେହେରା ଓ ତାଙ୍କ ଟିମ୍‌ଙ୍କ ଦ୍ୱାରା ସର୍ଜରୀ ସଫଳ ହୋଇଥିଲା। ଚମ୍ପୁଆସ୍ଥିତ ପର୍ଶଲା ଗ୍ରାମର ୬୨ ବର୍ଷର ଗୁରୁଚରଣ ବୈଦ୍ୟଙ୍କର ଏହି ସଫଳ ଅସ୍ତ୍ରପ୍ରଚାର କରାଯାଇଥିବା ବେଳେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ମା ତାରିଣୀ ହସପିଟାଲ ମାଲିକ ଡ.ଗଣେଶ୍ୱର ମହାନ୍ତ ସୂଚନା ଦେଇଛନ୍ତି। ଚମ୍ପୁଆ, ମୟୁରଭଂଜ, ଝାରଖଣ୍ଡ ଲୋକଙ୍କୁ ଆଧୁନିକ ଚିକିତ୍ସା ସେବା ଯୋଗାଇ ଦେବା ଏହି ଚିକିତ୍ସାଳୟର ଲକ୍ଷ୍ୟ ହୋଇଥିବା ବେଳେ ଏଭଳି ଅପରେସନ କରାଗଲେ ସ୍ଥାନୀୟ ଅଞ୍ଚଳର ସ୍ୱସ୍ଥ୍ୟ ସେବାରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇପାରିବ ବୋଲି ସୂଚନା ଦେଇଛନ୍ତି।

## ଯୁବ ରେଡ୍‌କ୍ରସ୍ ପକ୍ଷରୁ ସମ୍ବର୍ଦ୍ଧନା

ଆନନ୍ଦପୁର, ୩୧।୮ (ସମିସ): ଯୁବରେଡକ୍ରସ୍ ପରିବାର ପକ୍ଷରୁ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ଯୁବରେଡକ୍ରସର ମାର୍ଗଦର୍ଶିକା ଗୀତାଞ୍ଜଳି ମିଶ୍ରଙ୍କ ସରକାରୀ ଚାକିରିରୁ ଅବସର ଉପଲକ୍ଷେ ଏକ ସଶ୍ରଦ୍ଧ ସମ୍ବର୍ଦ୍ଧନା ଉତ୍ସବ ଘଷିପୁରାସ୍ଥିତ ମା' ମଙ୍ଗଳା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭା ଦଧିବାମନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଯୁବ ରେଡକ୍ରସ୍ ମାର୍ଗଦର୍ଶକ ଡ. କୁଳମଣି ପ୍ରଧାନଙ୍କ ସଭପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବଳଭଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଇନ୍ଦିରା



ଶୁଭଦର୍ଶିନୀ ଦେବବନ୍ଦିତ ଚକ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। କେନ୍ଦୁଝର ଯୁବ ରେଡକ୍ରସ୍ ପ୍ରିୟଜନ ସୁରେଶ ଆଚାର୍ଯ୍ୟ, ପ୍ରଫୁଲ୍ଲ ପଣ୍ଡା, ନିହାର ରଞ୍ଜନ ସାମଲ, ହିମାଂଶୁ ଶେଖର ମହାନ୍ତ, ସନ୍ତୋଷ ସେନାପତି, ନରେନ୍ଦ୍ର ଶତପଥୀ, ମହେଶ୍ୱର ପାତ୍ର, ଜଗବନ୍ଧୁ ଜେନା, ରିତା ଚାତରା, ବିଶ୍ୱରଂଜନ ଜେନା ଓ ସନ୍ଦୀପ ମହାନ୍ତ ସମେତ ରେଡକ୍ରସର ସମସ୍ତ ସ୍ୱେଚ୍ଛାସେବୀ ପଦ୍ମିନୀ ରାଉତ, ସୃତିପ୍ରଜ୍ଞା ଜେନା, ସୋମା ଦେବୀ, ତେଜସ୍ୱିନୀ ମହାନ୍ତ, ସଞ୍ଜୟ ଜେନା, ସୌରଭ ବେହେରା, ଶ୍ରବଣ କୁମାର ଯୋଗ ଦେଇଥିଲେ।

## ୭୦ ଲିଟର ମହୁଲି ମଦ ଜବତ; ୩ ଗିରଫ



ତୁରୁମୁଙ୍ଗା, ୩୧।୮ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ପୁଲିସ ୩ ଜଣଙ୍କୁ ମହୁଲି ମଦ ଚୋରା ଚାଲାଣ ଅଭିଯୋଗରେ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୩ ଯୁବକ ହେଲେ ଝାରଖଣ୍ଡ ପାଲୁମୁ ଜିଲ୍ଲା ନୱା ବଜାର ଥାନା କାଣ୍ଡା ଗ୍ରାମର ହରିଦ୍ୱାର କୁମାର (୨୬), ପାଙ୍କି ଥାନା ବରୱାଡିହ ଗ୍ରାମର ମନୀଷ କୁମାର(୨୧) ଏବଂ ବିହାର ଔରଙ୍ଗାବାଦ ଜିଲ୍ଲା ମଦନପୁର ଥାନା ବାଜିତପୁର ଗ୍ରାମର ଭିନୟ ମେହେଟା(୪୦)। ଏମାନଙ୍କଠାରୁ ଏକ ବାଇକ ପୁଲିସ ଜବତ କରିଛି। କୋଡ଼ଖମଣ ନିକଟରୁ ଶନିବାର ଏଏସ୍‌ଆଇ ଦେବେନ୍ଦ୍ର ବାଇକ ସହ ୭୦ ଲିଟର ମହୁଲି ମଦ ଜବତ କରିଥିଲେ। ଓପିଏସ ସୌରଭ ପ୍ରଧାନ ତୁରୁମୁଙ୍ଗା ଥାନାରେ ୨୧୮/୨୫ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ପ୍ରକାଶ କରିଛନ୍ତି।

## ହରଚଣ୍ଡି ଶିକ୍ଷା ବୃତ୍ତି ପାଇଁ ଦକ୍ଷତା ପରୀକ୍ଷା



ରାମଚନ୍ଦ୍ରପୁର, ୩୧।୮ (ସମିସ): ହରଚଣ୍ଡୀ ଶିକ୍ଷାସେବା ପ୍ରତିଷ୍ଠାନ, ଅଳତି ପକ୍ଷରୁ ଗରିବ ତଥା ଅସହାୟ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ମାଟ୍ରିକ ପରବର୍ତ୍ତୀ ଶିକ୍ଷା ବୃତ୍ତି ସକାଶେ ଦକ୍ଷତା ପରୀକ୍ଷା ଡିଏନ ହାଇସ୍କୁଲରେ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଜେନା ପରୀକ୍ଷା ପରିଚାଳନା କରିଥିବା ବେଳେ ମୋଟ ୫୦ଟି ମଲ୍ଟିପୁଲ୍ ପ୍ରଶ୍ନରେ ପରୀକ୍ଷାର୍ଥୀ ଉତ୍ତର ରଖିଥିଲେ। ଶିକ୍ଷା ବୃତ୍ତି ପାଇଁ ପୂର୍ବରୁ ଆବେଦନ କରିଥିବା ମୋଟ ୪୦ ଜଣଙ୍କ ମଧ୍ୟରୁ ୨୨ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରବର୍ତ୍ତୀ ଶିକ୍ଷାବୃତ୍ତି ଦକ୍ଷତା ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ପ୍ରତିଷ୍ଠାନ ପକ୍ଷରୁ ସମ୍ପାଦକ ରତିକାନ୍ତ ବରାଳ, ଶିକ୍ଷକ ବିଷ୍ଣୁନାରାୟଣ ସାମଲ, ପ୍ରଭାତକୁମାର ବରାଳ, ଜିତେନ୍ଦ୍ର ଓଝା, କାର୍ତ୍ତିକପ୍ରସାଦ ଶତପଥି, ପ୍ରସନ୍ନ ନାୟକ, ଗତିକୃଷ୍ଣ ଭୂୟାଁ ପ୍ରମୂଖ ସହଯୋଗ କରିଥିଲେ। ଦକ୍ଷତା ମୂଲ୍ୟାଙ୍କନ ଭିତ୍ତିରେ ଆସନ୍ତା ୬ ତାରିଖରେ ସଂସ୍ଥାର କୋର କମିଟି ବୈଠକ ଅନୁଷ୍ଠିତ ହୋଇ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରାଯିବ ବୋଲି ସୂଚନାରୁ ଜଣାପଡିଛି।

## ସୁନ୍ଦରାପାଳ ସାହୁସାହି ରାସ୍ତା ମରାମତି ଦାବି



ହାଟଡ଼ିହୀ,୩୧।୮ (ସମିସ): ସରକାର ଗ୍ରାମାଞ୍ଚଳର ରାସ୍ତାଘାଟ ପାନୀୟଜଳ ଆଦିର ବିକାଶ ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ହାଟଡ଼ିହୀ ବ୍ଲକ୍ ଜମ୍ବିରା ପଞ୍ଚାୟତ ଅନ୍ତର୍ଗତ ୩ନଂ ୱାର୍ଡ଼ ସାହୁ ସାହି ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଦେଖାଯାଇଛି। ରାସ୍ତାର ଅବସ୍ଥା ସାଙ୍ଘାତିକ ଭାବେ ଖରାପ ହୋଇ ପଡିଥିବାରୁ ତା'ର ମରାମତି ନେଇ ସାହି ବାସିନ୍ଦା ଦାବି କରିଛନ୍ତି। ଉକ୍ତ ସାହିରେ ୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଜନସଂଖ୍ୟା ଶହେରୁ ଊର୍ଦ୍ଧ୍ୱ ପ୍ରାୟ। ସାହୁସାହିଠାରୁ ଏକ କି.ମି ଦୂର ସୁନ୍ଦରାପାଳଠାରେ ସ୍କୁଲ ଏବଂ ଅଙ୍ଗନବାଡ଼ି ରହିଛି। ରାସ୍ତାବସ୍ଥା କଦର୍ଯ୍ୟ କାରଣରୁ ସାତ ଶହ ମିଟର ଏହି କାଦୁଅ ପଚ ପଚ ରାସ୍ତା ପାରିହୋଇ ପିଲାମାନେ ସ୍କୁଲ ଏବଂ ଅଙ୍ଗନବାଡ଼ି ଆସିବାରେ ନାନା ସମସ୍ୟା ଉପୁଜୁଛି। ଏହି ରାସ୍ତାଟି ସାହୁସାହିକୁ ଲମ୍ବିଥିବା ବେଳେ ସାହି ଆରପାରିରେ ଥିବା ଚାଷଜମିକୁ ଯିବାର ମଧ୍ୟ ମୁଖ୍ୟରାସ୍ତା ଅଟେ। ପୂର୍ବରୁ ରାସ୍ତାଟି ଓସାରିଆ ଯୋଗୁଁ ଏଥିରେ ଚାଷ ନିମନ୍ତେ ଟ୍ରାକ୍ଟର, ଶଗଡ଼ ସହ ସାହିକୁ ଚାରିଚକିଆ ଯାନ ମଧ୍ୟ ଯାଇପାରୁଥିଲା। କ୍ରମଶଃ ରାସ୍ତାଟି ସଂକୀର୍ଣ୍ଣ ତଥା ଅଣଓସାରିଆ ହୋଇଯିବା କାରଣରୁ କୌଣସି ଜରୁରୀକାଳୀନ ସମୟରେ ଉକ୍ତ ସାହି ଭିତରକୁ ଆମ୍ବୁଲାନ୍ସ କିମ୍ବା ଦଳକଳ ବାହିନୀ ଗାଡ଼ିଟିଏ ପଶିପାରୁନି। ଯାହା ଫଳରେ ବିଭିନ୍ନ ସମୟରେ ରୋଗୀ ମାନଙ୍କୁ ଖଟିଆରେ ବୁହା ହୋଇ ସାତ ଶହ ମିଟର ରାସ୍ତା ପାରି କରି ମୁଖ୍ୟରାସ୍ତା ଯାଏଁ ଅଣାଯାଉଥିବା ନେଇ ନଜିର ରହିଛି। ଏହି ରାସ୍ତା ଉପରେ ତିନୋଟି ଛୋଟ ଛୋଟ ପାଣିନାଳ ରହିଛି। ସେସବୁ ଦୀର୍ଘବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ବେଳେ ଏବେ ଦୁର୍ବଳ ହୋଇ ଭାଙ୍ଗିବାକୁ ବସିଲାଣି। ଏଣୁ ସେସବୁ ସହ ରାସ୍ତାର ଉନ୍ନତିକରଣ ଦିଗରେ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ହାଟଡ଼ିହୀ ବିଡ଼ିଓ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଏହାର ସମାଧାନ କରିବାକୁ ସାହିର ଅରୁଣ ପଲେଇ, କେଶବ ସାହୁ, କୃଷ୍ଣ ପଲେଇ, ଶଶିକାନ୍ତ ମଣ୍ଡଳ, ଧନେଶ୍ୱର ମଣ୍ଡଳ, ଗଣନାଥ ସାହୁ, ମାମା ସାହୁ, ହୀରା ପଲେଇ, ବର୍ଷା ସାହୁ, କେତକୀ ପଲେଇ, ରତ୍ନାକର ସାହୁ, ସୌରଭ ସାହୁ, ପାଣ୍ଡୁ ସାହୁ, ନାରାୟଣ ସାହୁ, ମଣି ଚରଣ ସାହୁ, ଜଗନ୍ନାଥ ସାହୁ, କୀର୍ତ୍ତନ ପଲେଇ, ପତିତପାବନ ସାହୁ, କୈଳାସ ସାହୁ, ଆଲୋକ ବେହେରା, ମୁନ୍ନା ବେହେରା ପ୍ରମୁଖ ଦାବି କରିଛନ୍ତି।

# 'ଏନ୍‌ଏସିରୁ ମ୍ୟୁନିସିପାଲିଟି ହେବାକୁ ଟାଉନ୍ ପ୍ଲାନିଂ ଆବଶ୍ୟକ'

### ଚମ୍ପୁଆରେ ସ୍ୱାୟତ୍ତ ଶାସନ ଦିବସ ପାଳିତ




ଚମ୍ପୁଆ, ୩୧।୮ (ସମିସ): ପ୍ରତ୍ୟେକ ବର୍ଷ ଡିସେମ୍ବର ୩୧ ତାରିଖକୁ ସର୍ବଭାରତୀୟ ସ୍ତରୀୟ ପବିତ୍ର ସ୍ୱାୟତ୍ତ ଶାସନ ଦିବସ ପାଳନ ପରିପ୍ରେକ୍ଷୀରେ ଆଜି ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ଥାନୀୟ ସ୍ଥାନୀୟ ଧରଣୀଧର ନଗର ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଚମ୍ପୁଆ ମୁଖ୍ୟାଳୟରେ ଥିବା ନୂତନ ଏନ୍‌ଏସି କାର୍ଯ୍ୟାଳୟଠାରେ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇ ମହାପୁରୁଷ ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ, ବାରିଷ୍ଟର ମଧୁସୁଦନ ଦାସ ଓ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ସ୍ଥାନୀୟ ଉପକାରାଗାର ଓ ଉପଖଣ୍ଡ ଚିକିତ୍ସାଳୟରେ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଦିନ ୧୧ଟା ସମୟରେ ଧରଣୀଧର ନଗର ଭବନଠାରେ ଏହି ଦିବସ ପାଳନ ଅବସରରେ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଉପଜିଲାପାଳ ଉମାକାନ୍ତ ପରିଡା, ସମ୍ମାନିତ ଅତିଥି ଭାବେ ଏସଡିପିଓ ରଶ୍ମିରଂଜନ ସାହୁ, ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିୟା, ଏନ୍‌ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଉପାଧକ୍ଷା ସୁମିତ୍ରା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଉପଜିଲ୍ଲାପାଳ ଶ୍ରୀ ପରିଡା ଏନ୍‌ଏସିରୁ ମ୍ୟୁନିସିପାଲିଟି ହେବାକୁ ହେଲେ ଟାଉନ ପ୍ଲାନିଂ ଏକାନ୍ତ ଆବଶ୍ୟକ ବୋଲି ମତ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଚମ୍ପୁଆବାସୀଙ୍କ ତରଫରୁ ଉପଜିଲାପାଳ ଶ୍ରୀ ପରିଡାଙ୍କୁ ଚମ୍ପୁଆ ପ୍ରତି ଅବଦାନ, କର୍ତ୍ତବ୍ୟ ନିଷ୍ଠ ଓ ଜନସଂପର୍କ ପାଇଁ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସେହିପରି ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ଚଳିତ ବର୍ଷ ରଜ କୁଇନ ଭାବେ ସ୍ଥାନୀୟ ବାଳିକା ସ୍ୱର୍ଣ୍ଣପ୍ରଭା ମହାନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦାଶରଥି ଜେନା, ପ୍ରକାଶଚନ୍ଦ୍ର କୁଣ୍ଡୁ, ବିଜୟ ମିଶ୍ର ପରିଚାଳନା କରିଥିବା ବେଳେ ସମସ୍ତ କାଉନସିଲର, ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ ଓ ସ୍ୱଚ୍ଛ ସୁପରଭାଇଜର ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ଡିଜେକୁ ନେଇ ଆକ୍ସନ ମୋଡରେ ପୁଲିସ

# ସବୁ କ୍ଷେତ୍ରରେ ଡିଜେ ଉପରେ ରୋକ୍ ଦାବି

ବସ୍ତା ବ୍ଲକ, ୩୧।୮ (ସମିସ)



ବିକଟାଳ ଶବ୍ଦରେ ମଣିଷ ଅସ୍ତବ୍ୟସ୍ତ

ପାର୍ବଣ ଋତୁ ଆରମ୍ଭରୁ ପୂଜା କମିଟିମାନଙ୍କୁ ଲାଗିଛି ବଡ଼ ଝଟ୍‌କା। ବିକଟାଳ ଶବ୍ଦ କରି ମଣିଷକୁ ଅସ୍ତବ୍ୟସ୍ତ କରି ଦେଉଥିବା ଡିଜେକୁ ଭସାଣିରେ ବନ୍ଦ କରି ଶବ୍ଦ ପ୍ରଦୂଷଣ ରୋକିବାକୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଆକ୍ସନ ମୋଡକୁ ଆସିଛି। ଗତ ଶନିବାର ଜିଲ୍ଲାର ବିଭିନ୍ନ ସ୍ଥାନରେ ପୁଲିସ ଡିଜେକୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନାରେ ଭସାଣି ପାଇଁ ଆସିଥିବା ଓ ରାସ୍ତାରେ ଯାଉଥିବା ଡିଜେ ଗାଡ଼ିକୁ ପୁଲିସ ବସ୍ତା ଥାନାରେ ଅଟକ ରଖିଛି। ଯାହାକୁ ନେଇ ନାନା ମତ ପ୍ରକାଶ ପାଇଛି। ସାଧାରଣ ଲୋକେ ଏଭଳି ପଦକ୍ଷେପକୁ ସ୍ୱାଗତ କରିଥିବାବେଳେ ଅନେକ ଅସନ୍ତୋଷ ବ୍ୟକ୍ତ କରିଥିବା ଘଟଣା ସାମ୍ନାକୁ ଆସିଛି। କେବଳ ପୂଜା ଭସାଣି ନା ଆଗକୁ ଆସୁଥିବା ବିବାହ ଋତୁରେ ଡିଜେ ବଜାଇବା ଉପରେ ରୋକ ଲାଗିବ କି ନାହିଁ ତାକୁ ନେଇ ବଡ଼ ପ୍ରଶ୍ନ ଉଠୁଛି।

ପ୍ରକାଶ ଯେ ଚଳିତ ପାର୍ବଣ ଋତୁ ପ୍ରାରମ୍ଭରେ ଗଣେଶ ପୂଜାରେ ବସ୍ତାରେ ଅନେକ ପୂଜା କମିଟି, କ୍ଲବ ପକ୍ଷରୁ ପୂଜା କରା ଯାଇଛି। ମାତ୍ର ଭସାଣି ପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚୂଡାନ୍ତ ହୋଇଥିଲା। ସହର ସହିତ ଗ୍ରାମାଞ୍ଚଳରେ ଅନେକ ଡିଜେ ଥିବା ବେଳେ ପୂଜାର ମାସେ ପୂର୍ବରୁ ଜିଲ୍ଲା ସହିତ ବାହାର ରାଜ୍ୟରୁ ମଧ୍ୟ ଆଣିବା ପାଇଁ କମିଟି ଅଗ୍ରୀମ ଟଙ୍କା ଦେଇ ବୁକ୍ କରି ସାରିଥିଲେ। ମାତ୍ର ହଠାତ୍ କଟକଣା ଲାଗିବା ଫଳରେ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ନୈରାଶ୍ୟ ଭାବ ଆଣି ଦେଇଛି। ଯଦି ପରବର୍ତ୍ତୀ ସମୟରେ ପ୍ରଶାସନ ଏହି ରୋକକୁ ବାତିଲ ନ କରେ ତାହେଲେ ଡିଜେ ମାଲିକ ନେଇଥିବା ଅଗ୍ରୀମ ଟଙ୍କା ଫେରାଇବେ କି ନାହିଁ ତାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ଅନ୍ୟପକ୍ଷେ ଏକାଧିକ ପ୍ରଶେସନ୍‌ରେ ଏକାଧିକ ଡିଜେ ସାମିଲ ହେଉଥିବାରୁ ନିଜ ଡିଜେର କମାଲ ଦେଖାଇବା ପାଇଁ ଡିଜେ ଡିଜେ ମଧ୍ୟରେ ପ୍ରତିଦ୍ୱନ୍ଦିତା କରିବା ଦ୍ୱାରା ସାଧାରଣ ଲୋକେ ଅତିଷ୍ଠ ହୋଇ ଯାଆନ୍ତି। ଅନେକ ସମୟରେ ଥାନାକୁ ଖବର ଗଲେ ପୁଲିସ ପାଟ୍ରୋଲିଂ ଗାଡ଼ି ଆସିଲେ ସାଉଣ୍ଡ କମାଇ ଦିଅନ୍ତି ଓ ପୁଲିସ ଗଲା ପରେ ଯାହାକୁ ସେଇଆ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଭସାଣି ଚାଲେ। ଯେଉଁଠି ଶବ୍ଦ ପ୍ରଦୂଷଣ ଆଇନର ଖୋଲା ଖୋଲି ଉଲ୍ଲଂଘନ ହୁଏ। ପାର୍ବଣ ଆରମ୍ଭରୁ ପୁଲିସର ଆକ୍ସନ ଆଗାମୀ ପୂଜା ଭସାଣି ପାଇଁ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜାରେ ଭସାଣିରେ ଡିଜେର ଅନେକ ଡିମାଣ୍ଡ ଥାଏ। ପୂଜା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଉଥିବା ବେଳେ ତାହା କେବଳ ନିୟମରେ ସୀମିତ ହୋଇ ରହୁଥିବା ଲୋକେ ପ୍ରକାଶ କରିଛନ୍ତି। ଯଦି ପ୍ରଶାସନ ନିୟମ କରିବାର ଥିଲା ତାହାଲେ ପୂର୍ବରୁ କାହିଁକି କଲାନି ବୋଲି ପୂଜା କମିଟି ପକ୍ଷରୁ ପ୍ରଶ୍ନ କରା ଯାଇଛି। କେବଳ ପୂଜା ଭସାଣି ନା ସବୁ କ୍ଷେତ୍ରରେ ଡିଜେକୁ ବନ୍ଦ କରାଯିବ ତାକୁ ନେଇ ମଧ୍ୟ ବଡ଼ ପ୍ରଶ୍ନ ଉଠିଛି। କାରଣ ବିବାହ ଋତୁରେ ଗୋଟିଏ ଗୋଟିଏ ଦିନ ୫ରୁ ଉର୍ଦ୍ଧ ବିବାହରେ ଡ଼ିଜେ ପ୍ରସେଶନ୍ ହେଉଛି। ଆଜିର ଦିନରେ ବିବାହରେ ବାଣ ରୋଷଣିରେ ବଡ଼ ବଡ଼ ଡିଜେ ବାଜିବା ସମ୍ଭ୍ରାନ୍ତ ଶ୍ରେଣୀର ବିବାହ ବୋଲି ଲୋକେ ମାନୁଛନ୍ତି। ଏଭଳି ସ୍ଥଳେ ଆଗକୁ ପ୍ରଶାସନ କ'ଣ ନିଷ୍ପତ୍ତି ନେଉଛି ତାକୁ ଦେଖିବାକୁ ବାକି ରହିଲା। ଡିଜେକୁ ସଂପୂର୍ଣ୍ଣ ନିଷେଧ କରିବାକୁ ଦାବି ହେଉଥିବା ବେଳେ କଡ଼ାକଡ଼ି ନିୟମ କରି କମ ଶବ୍ଦରେ ଡିଜେ ବଜାଇବାକୁ ପ୍ରଶାସନ ଅନୁମତି ଦେବାକୁ ମଧ୍ୟ ଦାବି ହୋଇଛି।

## ୨୦ ଡିଜେ ଜବତ, ଦୁଇଟି କ୍ଲବ ବିରୋଧରେ ମାମଲା ରୁଜୁ




ବାଲେଶ୍ୱର,୩୧।୮ (ସମିସ): ଗତ ଶୁକ୍ରବାର ଦିନ ବାଲେଶ୍ୱରରେ ପ୍ରଥମ ପର୍ଯ୍ୟାୟ ଗଣେଶ ପୂଜା ଭସାଣି ଅନୁଷ୍ଠିତ ହେଉଥିଲା। ଏହି ସମୟରେ ବିଭିନ୍ନ କ୍ଲବ ପକ୍ଷରୁ ଡିଜେର ବ୍ୟବସ୍ଥା ହୋଇଥିଲା। ତେବେ ଡିଜେରୁ ବାହାରୁଥିବା ଶବ୍ଦ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ଶବ୍ଦଠାରୁ ଢ଼େରଗୁଣା ଅଧିକ ରହିଥିଲା। ଯାହାଫଳରେ ଲୋକେ ଅତିଷ୍ଠ ହୋଇପଡ଼ିଥିବା ବେଳେ ରାସ୍ତାଘାଟ ଥରୁଥିବା ଭଳି ଲାଗୁଥିଲା। ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାଟି ସାଇଲେନସ ଜୋନ ହୋଇଥିବା ବେଳେ ଅତ୍ୟଧିକ ମାତ୍ରାରେ ଶବ୍ଦ ହେଉଥିଲା। ଏହାକୁ ବହୁ ଲୋକ ବିରୋଧ କରିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ବୈଠକ ପରେ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୨୦ଟି ଡିଜେକୁ ଜବତ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସର୍ତ୍ତାବଳୀକୁ ଉଲ୍ଲଙ୍ଘନ ଏବଂ ଆଇନକୁ ହାତକୁ ନେଇ ବିଭିନ୍ନ କ୍ଲବ କାର୍ଯ୍ୟ କରିଥିଲେ। ଏହାକୁ ନେଇ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମୋଟ ୨୦ଟି ଡିଜେକୁ ଜବତ କରାଯାଇଥିବା ବେଳେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଶେଷ କରି ରାଜପୁତ ବଏଜ କ୍ଲବ ଏବଂ କ୍ଲବ ଭାଇବ୍ରେସନ ବିରୋଧରେ ଟାଉନ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି।

## ଡିଜେ ବନ୍ଦକୁ ବିରୋଧ କରି ରାସ୍ତାରୋକ



କାଳିପଦା, ୩୧।୮ (ସମିସ): ଗଣେଶ ପୂଜା ଭସାଣିରେ ଡିଜେ ବାଜିବାକୁ ପ୍ରଶାସନ ରୋକ୍ ଲଗାଇଛନ୍ତି। ତେବେ ଏହି ବନ୍ଦକୁ କେତେକ ପୂଜା କମିଟି ବିରୋଧ କରିଛନ୍ତି। ପ୍ରଶାସନର ଏହି ନିଷ୍ପତ୍ତି ଏକତରଫା ବୋଲି ପୂଜା କମିଟିର କର୍ମକର୍ତ୍ତା ମାନେ କହିଛନ୍ତି। ଡିଜେ ବାଜିବା ବନ୍ଦକୁ ବିରୋଧ କରି ଆଜି ପାରୁଳିଆ, ବଡାପାଳ, ମଇଁଷି ଆଡି ଆଦି ପୂଜା କମିଟିର କର୍ମ କର୍ତ୍ତା ଓ ସ୍ଥାନୀୟ ଲୋକ ବାଲିଆପାଳ କମର୍ଦ୍ଦା ମୁଖ୍ୟ ରାସ୍ତାର ସୁବର୍ଣ୍ଣରେଖା ଦ୍ୱିତୀୟ ସେତୁ ନିକଟରେ ରାସ୍ତା ରୋକ କରିଛନ୍ତି। ରାସ୍ତା ରୋକ ଯୋଗୁଁ ରାସ୍ତାର ଉଭୟ ପଟରେ ବହୁ ସଂଖ୍ୟାରେ ଅଟକି ରହିଛି। ସାଧାରଣ ଲୋକ ଏଥିଯୋଗୁ ଘୋର ଅସୁବିଧାରେ ପଡିଛନ୍ତି। ଏହି ରାସ୍ତା ରୋକରେ ଗୁନାଧର ଜେନା, ମଙ୍ଗଳି ଚରଣ ଜେନା, ସୁବୋଧ କାନ୍ତ ବେହେରା, ଶଙ୍କର୍ଷଣ ପାତ୍ର, ମୁରାରୀ ମୋହନ ଦାସ, ପରମାନନ୍ଦ କର, ହରେକୃଷ୍ଣ ପ୍ରଧାନ, ପୃଥ୍ୱୀରାଜ ଜେନା, କାଙ୍ଗାଳି ଚରଣ ଗିରି, ଶମ୍ଭୁନାଥ ଦେହୁରୀ, ସୁଜନ କୁମାର ପଣ୍ଡା, ମଦନ ମୋହନ ସେନାପତି, ବିକାଶ ଚନ୍ଦ୍ର ଜେନା, ସ୍ୱପ୍ନେଶ୍ୱର ଦାସ ପ୍ରମୁଖ ସାମିଲ ହୋଇଛନ୍ତି। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଁଞ୍ଚି ରାସ୍ତା ରୋକ ଆନ୍ଦୋଳନ କାରୀଙ୍କୁ ବୁଝାସୁଝା କଲାପରେ ରାସ୍ତାରୋକ ହଟିଥିଲା।

## ଭୋଗରାଇ ଥାନାରେ ଡିଜେ ଗାଡ଼ି ଅଟକ




ଭୋଗରାଇ, ୩୧।୮ (ସମିସ) : ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଗୋଟିଏ ଡିଜେ ଗାଡିକୁ ଆଜି ଅଟକ ରଖିଛି ଭୋଗରାଇ ପୁଲିସ। ଭୋଗରାଇ ଥାନା ଅଧିକାରୀ ରୋହିତ ବଳଙ୍କ ସୂଚନା ଅନୁଯାୟୀ ଡିଜେର ବିକଟାଳ ସାଉଣ୍ଡରେ ସାଧାରଣ ଲୋକ, ରୋଗୀମାନେ ପ୍ରଭାବିତ ହେଉଥିବାର ନଜରକୁ ଆସୁଛି। ଡିଜେ ଗୁଡ଼ିକ ସରକାର ନିୟମକୁ ଉଲ୍ଲଂଘନ କରି ଅଧିକ ଉଚ୍ଚ ଶବ୍ଦରେ ବଜାଇବା ଆଇନବିରୁଦ୍ଧ। ତେଣୁ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଭୋଗରାଇ ପୁଲିସ ଭୋଗରାଇ ହାଟରେ ଗଣେଶଙ୍କ ପ୍ରତିମୂର୍ତ୍ତି ବିସର୍ଜନ ସମୟରେ ବାବା ଏନଟି ଭାଇରସ ନାମକ ଏକ ଡିଜେ ଗାଡ଼ିକୁ ଜବତ କରି ଥାନ ପରିସରରେ ଅଟକ ରଖିଛନ୍ତି।

● ଗଣେଶ ଭସାଣିରେ ଅଘଟଣ

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ



ସୋର, ୩୧।୮ (ସମିସ): ସୋର ଥାନା ଦାଣ୍ଡ ହରିପୁର ପଞ୍ଚାୟତ ଗଣ୍ଡସ୍ତପୁର ଗ୍ରାମରେ ଗତକାଲି ରାତିରେ ଗଣେଶ ଠାକୁର ଭସାଣିରୁ ଫେରିବା ସମୟରେ ଜେନେରେଟରରୁ ବିଦ୍ୟୁତ ଆଘାତର ଶିକାର ହୋଇ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ଯୁବକ ଜଣକ ହେଲେ ଗଣ୍ଡସ୍ତପୁର ଗ୍ରାମର ଅକ୍ଷୟ ନାୟକ (୩୦)। ଅକ୍ଷୟ ଗ୍ରାମରେ ଗଣେଶ ପୂଜା ଭସାଣି ଶୋଭାଯାତ୍ରାରେ ଯାଇଥିଲେ। ସେଠାରୁ ଫେରିବା ପରେ ଗାଡ଼ିରେ ଥିବା ଜେନେରେଟରକୁ ବନ୍ଦ କରୁଥିବା ବେଳେ ବିଦ୍ୟୁତ ଆଘାତର ଶିକାର ହୋଇ ଗୁରୁତର ଆହତ ହେବା ସହିତ ଚେତା ଶୂନ୍ୟ ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସାଉଡ଼ ଫାଣ୍ଡି ପୁଲିସ ଆଜି ପୂର୍ବାହ୍ନରେ ସୋର ମେଡିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅକ୍ଷୟ ପରିବାରର ଏକ ମାତ୍ର ରୋଜଗାରିଆ ପୁଅ ହୋଇଥିବାରୁ ପରିବାର ଲୋକେ ସମ୍ପୂର୍ଣ୍ଣ ଅସହାୟ ହୋଇପଡିଛନ୍ତି। ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜଳକାପଡିଆ ଗାଁରେ ହେଟା ବାଘ ଆତଙ୍କ

ଜଳେଶ୍ୱର, ୩୧।୮ (ସମିସ) : ଜଳେଶ୍ୱର ବ୍ଲକର ଜଳକାପଡିଆ ଗାଁରେ ଦୁଇଟି ହେଟା ବାଘ ଦେଖି ଲୋକେ ଛାନିଆ ହୋଇଛନ୍ତି।



ଶନିବାର ସଂଧ୍ୟା ୭ଟା ସମୟରେ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ବାଡ଼ି ଭିତରେ ଦୁଇଟି ହେଟା ବାହାରିଥିବା ପ୍ରଚାରିତ ହେବାପରେ ବନ ବିଭାଗକୁ ଖବର ଦିଆଯାଇଥିଲା। ଜନ୍ତୁ ଦୁଇଟି ଗାଁ ଭିତରକୁ ପଶିବାକୁ ଚେଷ୍ଟା କରୁଥିବା ବେଳେ କେତେକ ସାହସୀ ଯୁବକ ଘଉଡାଇବା ପାଇଁ ପ୍ରୟାସ କରିଥିଲେ। ରାତ୍ରି ୯ଟା ବେଳକୁ ହେଟା ବାଘ ଲୁଚି ଯାଇଥିବା ବେଳେ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ବିଭିନ୍ନ ଦିଗରୁ ଅନୁଧ୍ୟାନ ପରେ ଏହା ଫିସିଙ୍ଗ୍ କ୍ୟାଟ ଜାତିର ଜନ୍ତୁ ବୋଲି କହିଥିଲେ। ଲୋକେ ରାତ୍ରି ତମାମ ଭୟଭୀତ ଅବସ୍ଥାରେ ଥିବା ବେଳେ ସକାଳେ ତାହା ଆଉ ଦେଖିବାକୁ ମିଳିନଥିଲା। ଲୋକେ ଭୟଭିତ ଅବସ୍ଥାରେ ଥିବାବେଳେ ବିଲକୁ କାମ କରିବାକୁ ଯାଇନଥିଲେ।

## ସ୍ୱାୟତ୍ତ ଶାସନ ଦିବସ ପାଳିତ

## ଶୀର୍ଷ ୨୦ରେ ବାଲେଶ୍ୱର ସ୍ଥାନ ପାଇବାକୁ ଜିଲ୍ଲାପାଳଙ୍କ ଆହ୍ୱାନ



ବାଲେଶ୍ୱର,୩୧।୮ (ସମିସ): ବାଲେଶ୍ୱର ପୌରପାଳିକା ପକ୍ଷରୁ ଗାନ୍ଧୀସ୍ମୃତି ଭବନରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇଥିଲେ। ବାଲେଶ୍ୱର ପୌରପାଳିକା ତା'ର ୧୫୦ ତମ ବର୍ଷରେ ପଦାର୍ପଣ କରିବାର ଉତ୍ସବ ପାଳନ କରୁଥିବାବେଳେ ଜିଲ୍ଲାପାଳ ଶ୍ରୀ ବିକାଶ ତାଙ୍କ ଅଭିଭାଷଣରେ ଅଧକ୍ଷା, କାଉନସିଲର, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସମସ୍ତ କର୍ମଚାରୀଙ୍କୁ ସେମାନଙ୍କର ନିରନ୍ତର ପରିଶ୍ରମ ପାଇଁ ପ୍ରଶଂସା କରିଥିଲେ। ପୌରପାଳିକାର ଉତ୍ତମ କାର୍ଯ୍ୟ ଉପରେ ସେ ଗୁରୁତ୍ୱ ଦେଇ ଆଗାମୀ ସ୍ୱଚ୍ଛ ଭାରତ ସର୍ବେକ୍ଷଣରେ ବାଲେଶ୍ୱରକୁ ଶୀର୍ଷ ୨୦ରେ ସ୍ଥାନ ପାଇବା ପାଇଁ ସେ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ ଏବଂ ଏହି ପ୍ରୟାସରେ ଜିଲ୍ଲା ପ୍ରଶାସନର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉପଜିଲ୍ଲାପାଳ ଶିବ ମାଳବ୍ୟ କହିଛନ୍ତି ଯେ, ଏହା ବାଲେଶ୍ୱର ପାଇଁ ଏକ ଗର୍ବର ମୁହୂର୍ତ୍ତ। ସେ ବାଲେଶ୍ୱର ପୌରପାଳିକାର ସ୍ୱଚ୍ଛତା ପ୍ରୟାସକୁ ପ୍ରଶଂସା କରିଛନ୍ତି ଏବଂ ସମସ୍ତ ନିର୍ବାଚିତ ପ୍ରତିନିଧି, ଅଧିକାରୀ ଓ ଇଞ୍ଜିନିୟରମାନଙ୍କୁ ସାଧୁବାଦ ଜଣାଇଛନ୍ତି। ସେହିପରି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ତାଙ୍କ ଅଭିଭାଷଣରେ ମ୍ୟୁନିସିପାଲଟିର ଗୁଣାତ୍ମକ ସେବା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ବାଲେଶ୍ୱର ପୌରପାଳିକା ଅଧକ୍ଷା ସବିତା ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳେଶ୍ୱର ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ



ଜଳେଶ୍ୱର ବ୍ଲକ, ୩୧।୮ (ସମିସ): ଜଳେଶ୍ୱର ପୌରପାଳିକା ପକ୍ଷରୁ ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ ୨୦୨୫ ପାଳିତ କରାଯାଇଛି। ପୌରପାଳିକା କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ପତାକା ଉତ୍ତୋଳନ ପରେ ଜଳେଶ୍ୱର ସହର ମଧ୍ୟରେ ଅବସ୍ଥିତ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ପୌରପାଳିକା ପକ୍ଷରୁ ସଭା ଆୟୋଜନ କରାଯାଇଥିଲା। ଏଥିରେ ମଞ୍ଚ ପରିଚାଳନା କରିଥିଲେ ପୌରପାଳିକାର ଅଧକ୍ଷ ପ୍ରତୀପ କୁମାର ପ୍ରଧାନ। ବିବରଣୀ ପାଠ କରିଥିଲେ ପୌରପାଳିକାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ହେମନ୍ତ କୁମାର ସିଂ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଶେଷ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜଳେଶ୍ୱର ପଞ୍ଚାୟତ ସମିତି ଅଧକ୍ଷ ମାନସ ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଓ ବିଧାୟକ ଯୁଧିଷ୍ଠିର ଜେନା, ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ ଉପସ୍ଥିତ ରହିଥିଲେ ଜଳେଶ୍ୱର ବିକାଶ ପାଇଁ ସର୍ବ ସମ୍ମତି କ୍ରମେ ପ୍ରଥମେ ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରକାଶ କରିଥିଲେ।

## ମିଶନଶକ୍ତି ସଭାନେତ୍ରୀଙ୍କୁ ବ୍ୟାଙ୍କ ଶାଖା ପରିଚାଳକଙ୍କ ଦୁର୍ବ୍ୟବହାର ଅଭିଯୋଗ

ବାଲିଆପାଳ, ୩୧।୮ (ସମିସ): ଏହି ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତ ଚାଉଳିତି ଗ୍ରାମର ମା' ମନସା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନଙ୍କ କିସ୍ତି ଟଙ୍କା ନେଣଦେଣକୁ ନେଇ ଦୀର୍ଘ ଦଶ ମାସ ଧରି ବିବାଦ ଲାଗିରହିଛି। ଏ ବାବଦରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନେ ଜିପିଏଲଏଫର ସଭାନେତ୍ରୀ ସ୍ନେହଲତା ବେହେରାଙ୍କୁ ଘଟଣାର ସମାଧନ ପାଇଁ ଜଣାଇଥିଲେ। ଏ ନେଇ ସଭାନେତ୍ରୀ ଶ୍ରୀମତୀ ବେହେରା ଗତ ଶୁକ୍ରବାର ତରାଇସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ଘଟଣା ବିଷୟରେ ଅବଗତ କରାଇଥିଲେ ଏବଂ କିସ୍ତି ଖିଲାପ କାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କିସ୍ତି ଟଙ୍କା ଆଦାୟ କରିବା ପାଇଁ ଜିଦ କରି ବସିଥିଲେ। ମାତ୍ର ବ୍ୟାଙ୍କ ମ୍ୟାନେଜର କଥା ସମାଧାନ କରିବା ପରିବର୍ତ୍ତେ ଜିପିଏଲଏଫର ସଭାନେତ୍ରୀଙ୍କୁ ଅସମ୍ମାନ କରି ବ୍ୟାଙ୍କରୁ ତଣ୍ଟିଆ ମାରି ବାହାର କରିଦେବେ ବୋଲି ଧମକ ଦେଇଥିବା ନେଇ ଶନିବାର ଶ୍ରୀମତୀ ବେହେରା ଜାମକୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକ ଜଗଦୀଶ ହେମ୍ବ୍ରମଙ୍କୁ ପଚାରିବାରୁ ଅସମ୍ମାନ କରିଥିବା କଥାକୁ ଅସ୍ୱୀକାର କରିଛନ୍ତି। ତେବେ ଖୁବ୍‌ଶୀଘ୍ର ଘଟଣାର ତଦନ୍ତ କରାଯିବ ବୋଲି ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଆଶୁତୋଷ ଦାସ କହିଛନ୍ତି।

## ବାଲିଆପାଳ ଇସ୍କନ ମନ୍ଦିରରେ ରାଧାଷ୍ଟମୀ



କାଳିପଦା, ୩୧।୮ (ସମିସ): ବାଲିଆପାଳ ବଜାର ପାରୁଳିଆ ଛକ ନିକଟ ଇସ୍କନ ମନ୍ଦିରରେ ଆଜି ରାଧାଷ୍ଟମୀ ଉତ୍ସବ ପାଳିତ ହୋଇ ଯାଇଛି। ପ୍ରତି ବର୍ଷ ପରି ଚଳିତବର୍ଷ ମଧ୍ୟ ଅଧିବାସ, ପ୍ରାତଃ ଆଳତୀ, ପୂଜା, ହୋମ, ସଂକୀର୍ତ୍ତନ ଆଦି ପାଳିତ ହୋଇଯାଇଛି। ଅଧିବାସ ଅବସରରେ ଶହ ଶହ ଭକ୍ତଙ୍କ ଗହଣରେ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ରବିବାର ମଧ୍ୟାହ୍ନକୁ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇ ଥିଲା। ଏହି ଉତ୍ସବରେ ହରେକୃଷ୍ଣ ଦାସ, ପୂଜକ ବ୍ରହ୍ମଚାରୀ ପ୍ରଭୁ ମନୋହାରୀ ଦାସ, ମୃତୁଞ୍ଜୟ ପ୍ରଭୁ, ସତ୍ୟ ଦାସ, ଭବେଶ ପ୍ରଭୁ, ସୁବାଷ ପ୍ରଭୁ, ସୁନୟନା ଯଶୋଦା ଦେବୀ ଦାସ, ସୁପ୍ରିୟା ରାସେଶ୍ୱରୀ ଦେବୀ ଦାସ, ଶ୍ରୀଦେବୀ ଦେବୀ ଦାସ ଓ ପ୍ରଭୁ ବ୍ରହ୍ମ ତୀର୍ଥ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସମସ୍ୟାରେ ବିଚିତ୍ରପୁର ଇକୋ ଟୁରିଜିମ୍ ଓ ପ୍ରକୃତି ନିବାସ

ଚନ୍ଦନେଶ୍ୱର, ୩୧।୮ (ବନମାଳୀ ବେହେରା)






ସରକାର ଦୃଷ୍ଟି ଦିଅନ୍ତୁ

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଶ୍ରଦ୍ଧାପୁର ଓ କାନ୍ଠଥଉଁରୀ ପଞ୍ଚାୟତ ମିଳନସ୍ଥଳୀରେ ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ମନଲୋଭା ପରିବେଶ ମଧ୍ୟରେ ବିଚିତ୍ରପୁର ଇକୋ-ଟୁରିଜିମ ସାଙ୍ଗକୁ ପ୍ରକୃତି ନିବାସ ରହିଛି। ଦେଶ ବିଦେଶର ରଙ୍ଗ ବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କ କିଚିରି ମିଚିରି ଶବ୍ଦ ସହିତ ନାଲି କଙ୍କଡାର ଲୁଚକାଳି ଖେଳ ବେଶ ମନ ମୁଗ୍ଧକର। ଏହା ସହିତ ଶହ ଶହ ହେକ୍ଟର ହେନ୍ତାଳ ଓ ବନୀ ଗଛର ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଏଠାରେ ବୋଟିଂ କରିବାର ମଜା ଅତ୍ୟନ୍ତ ନିଆରା।

ବିଚିତ୍ରପୁର ଇକୋ ଟୁରିଜିମ ତାଳସାରୀ ବେଳାଭୂମିଠାରୁ କୀର୍ତ୍ତନିଆ ବେଳାଭୂମି ପର୍ଯ୍ୟନ୍ତ ପ୍ରାୟ ଆଠ ଶହ ହେକ୍ଟର ଜମିରେ କୃତ୍ରିମ ଓ ପ୍ରାକୃତିକ ଲୁଣି ଜଙ୍ଗଲର ସବୁଜ ବଳୟ ସୃଷ୍ଟି କରିଛି । ଯାହା ଦୂରରୁ ଦେଖିଲେ ଏହା ଏକ ସବୁଜ ପୋଲ ପରି ଦିଶେ। ଏଥିରେ ସୁବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ ସାଙ୍ଗକୁ ୧୭ ପ୍ରଜାତିର ଲୁଣି ଜଙ୍ଗଲ ଏବଂ ୩ ପ୍ରଜାତିର ବନୀ ଜଙ୍ଗଲ ରହିଛି। ଲୁଣି ଜଙ୍ଗଲ ମଧ୍ୟରେ ସିନ୍ଦୁକା, ଗରଣୀ, ରାଇ, କାଳିଆଚୁଆ, ଖରସୀ, ଗାମା, କେରୁଅ, ବନ୍ଦରୀ ସହିତ ୩ ପ୍ରଜାତିର ଧଳା ବନୀ, କଳା ବନୀ ଓ ସିଙ୍ଗାଳ ବନୀ ଦେଖିବାକୁ ମିଳେ। ଏହି ପ୍ରାକୃତିକ ଲୁଣି ଜଙ୍ଗଲଗୁଡିକ ବାୟୁମଣ୍ଡଳକୁ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ଛାଡ଼ିବା ଏବଂ ବାୟୁମଣ୍ଡଳରୁ ଦୂଷିତ ଅଙ୍ଗାରକାମ୍ଳ ଶୋଷଣ କରିବା ସହିତ ଉପକୂଳରେ ବନ୍ୟା ବାତ୍ୟା ସମୟରେ ସୁରକ୍ଷା କବଚ ପାଲଟିଥାଏ। ବିଚିତ୍ରପୁର ପ୍ରକୃତିନିବାସରେ ପର୍ଯ୍ୟଟକଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ୧୦ଟି କୋଠରୀ ନିର୍ମିତ ହୋଇଥିଲେ ମଧ୍ୟ ଛଅଟି କୋଠରୀ ଖରାପ ପରେ ଏବେ ଚାରିଗୋଟି ଶୀତତାପ ନିୟନ୍ତ୍ରିତ କୋଠରୀ ଚାଲୁ ରହିଛି ବୋଲି ପ୍ରକୃତିନିବାସର ସଭାପତି ବଳରାମ ପାତ୍ର ପ୍ରକାଶ କରିଛନ୍ତି। ଗମନାଗମନର ଅସୁବିଧା, ଏକ ସ୍ଥାୟୀ ପୋଲ, ମୁଖ୍ୟ ଜେଟିକୁ ରାସ୍ତା ସମସ୍ୟା ଦୀର୍ଘ ଦିନରୁ ଲାଗି ରହିଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ବନପାଳ ସଞ୍ଜୟ ମହାନ୍ତିଙ୍କ ଉଦ୍ୟମରେ ଯାତ୍ରୀ ବିଶ୍ରାମଗାର, ନୂତନ ଭାସମାନ ଜେଟି ଏବଂ ଅଧିକ ୪ଟି ବୋଟ ପ୍ରସ୍ତୁତ ହୋଇଛି । ତେବେ ଜୁଆର ସମୟ ବ୍ୟତୀତ ପର୍ଯ୍ୟଟକମାନେ ବୋଟିଙ୍ଗ କରିପାରନ୍ତି ନାହିଁ କାରଣ ଭାସମାନ ଜେଟିକୁ ଲାଗିଥିବା କ୍ରିକରେ ଭଟ୍ଟା ସମୟରେ ପାଣି ଶୁଖିଯାଏ। ସ୍ଥାୟୀ ପୋଲ ନିର୍ମାଣ ହୋଇ ପାରିଲେ ପର୍ଯ୍ୟଟକମାନେ ସବୁବେଳେ ବୋଟିଂରେ ଯାଇ ମଜା ନେଇପାରନ୍ତେ। ଡଙ୍ଗାରେ ବସିବା, ଝାଉଁ ଜଙ୍ଗଲ ମଧ୍ୟରେ ବଣଭୋଜି କରିବା, ନିଃଶବ୍ଦ ଇଲାକାରେ ଦୀର୍ଘ ସମୟ ବିତାଇବା ପର୍ଯ୍ୟଟକଙ୍କୁ ଭରପୂର ଖୁସି ଦେଇଥାଏ ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ବିଚିତ୍ରପୁର ଇକୋ ଟୁରିଜିମ। ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏଠାକାର ବିଭିନ୍ନ ସମସ୍ୟା ସମାଧାନ ପାଇଁ ସରକାର ତତ୍ପର ହେବାକୁ ଇକୋ ଟୁରିଜିମ ପରିଚାଳନା କମିଟିର ସଭାପତି ଶମ୍ଭୁନାଥ ମାଝୀ ଓ ଅନ୍ୟ ସଦସ୍ୟମାନେ ଦାବି କରିଛନ୍ତି।



## ଭଦ୍ରକ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଦିବସ ପାଳିତ

# ସରସ ସୁନ୍ଦର ଭଦ୍ରକ ପାଇଁ ପୌରାଧ୍ୟକ୍ଷା ଲୋଡ଼ିଲେ ସହଯୋଗ

ଭଦ୍ରକ, ୩୧।୮ (ସମିସ)

ଭଦ୍ରକ ପୌରପାଳିକା ଆନୁକୂଲ୍ୟରେ ସ୍ୱାୟତ୍ତ ଦିବସ ଆଜି ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ୫ଟାରେ ସହରର ସମସ୍ତ ୱାର୍ଡରେ ରାମଧୁନ ଓ ପ୍ରଭାତ ଫେରି ଅନୁଷ୍ଠିତ ହୋଇଥିଲା। ଏଥିସହ ସହରର ସମସ୍ତ ମହାପୁରଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସକାଳ ୮ଟାରେ ପୌରପାଳିକା ଅଫିସ ପ୍ରାଙ୍ଗଣରେ ପୌରାଧ୍ୟକ୍ଷା ଗୁଲମକୀ ଦଲାୱାଜି ହବିବ ପୌରପାଳିକା ପତାକା ଉତ୍ତୋଳନ କରିଥିଲେ। ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ପାରିଷଦମାନେ ଉପସ୍ଥିତ ଥିଲେ। ସହରକୁ ସରସ ସୁନ୍ଦର କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ପୌରାଧ୍ୟକ୍ଷା।



ପରେ ସ୍କୁଲ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସେହିପରି କର୍ମଚାରୀଙ୍କୁ ବସ୍ତ୍ର ବିତରଣ କରାଯାଇଥିଲା। ପରେ ବିବିୟୁଟିଟି ଦ୍ୱାରା ପ୍ରଦାନ କରାଯାଇଥିବା ୨ଟି ନୂତନ ବସ୍‌କୁ ଉଦଘାଟନ କରାଯାଇଥିଲା। ୨ଟି ଭଦ୍ରକ ମେଡିକାଲ ଓ ଜିଲ୍ଲା କୋର୍ଟ ନଳାଙ୍ଗକୁ ଗମନା ଗମନ କରିବାକୁ ଧାର୍ଯ୍ୟ ହୋଇଛି। ଉକ୍ତ ବସ୍ ୨ଟିକୁ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ପୌରାଧ୍ୟକ୍ଷା ଗୁଲମକୀ ଦଲାୱାଜି ହବିବ ଓ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପତାକା ଦେଖାଇ ଉଦଘାଟନ କରିଥିଲେ। ପରେ ପୌରପାଳିକା ପକ୍ଷରୁ ଶହୀଦ ସ୍ମୃତି ଭବନଠାରେ ଏକ କାର୍ଯ୍ୟକ୍ରମରେ ୫୩୯ଜଣ ହିତାଧିକାରୀଙ୍କୁ ପିଏମଏୱାଇ ୱାର୍କଅର୍ଡର ବଣ୍ଟନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ କରାଯିବା ସହ ମଧ୍ୟାହ୍ନରେ ହରିପୁର, ଅର୍ଣ୍ଣପାଳଠାରେ ନୂତନ ଭାବେ ନିର୍ମିତ ପ୍ରଶାସନିକ ଗୃହ ଉଦଘାଟିତ ହୋଇଥିଲା।

## ଯନ୍ତ୍ରୀଙ୍କ ରାସ୍ତା ନବୀକରଣ କାର୍ଯ୍ୟର ତଦାରଖ



ବାରିକପୁର, ୩୧।୮ (ସମିସ): ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଭଣ୍ଡାରିପୋଖରୀ ବ୍ଲକ ତାଳପଦା କେନାଲଠାରୁ କଟିଂ ମଣିମାଝୀ ଯାଏଁ ଦୀର୍ଘ ଦିନ ହେବ ରାସ୍ତା ନବୀକରଣ କାର୍ଯ୍ୟ ହେଉଛି। ଆଜି ଉକ୍ତ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରା ପରିଦର୍ଶନ କରିଥିଲେ। ରାସ୍ତାରେ ନିର୍ମିତ ନୂତନ କଂକ୍ରିଟ ନିର୍ମାଣର ମାନ ପରୀକ୍ଷା ସହିତ ଏହାକୁ ବୁଲି ଦେଖିଥିଲେ। ମନ୍ଥର କାର୍ଯ୍ୟକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ ଆନନ୍ଦପୁର ନିକଟସ୍ଥ ସିଦ୍ଧେଶ୍ୱର ବୈତରଣୀ ସେତୁକୁ ମଧ୍ୟ ପରିଦର୍ଶନ କରିଥିଲେ। ନିର୍ମାଣ ଯନ୍ତ୍ରୀଙ୍କ ସହିତ ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଲମ୍ବୋଦର ନାଏକ, ଭଣ୍ଡାରିପୋଖରୀ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସିଂ, ରାସ୍ତା ନିର୍ମାଣ କାରୀ ସଂସ୍ଥାର ମୁଖ୍ୟ ପରିଚାଳକ ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଯଥାଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ବନ୍ତ/ଆଗରପଡ଼ା, ୩୧।୮ (ସମିସ): ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ଗୋପାଳସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାନ୍ତିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସୁଧୀର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଅଲେଖଚନ୍ଦ୍ର ନାୟକ, ମୁଖ୍ୟବକ୍ତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଭାସ୍କରଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ହିରେନ୍ଦ୍ର ଖିଲାର, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସନ୍ତୋଷ ମଲ୍ଲିକ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପରିଡା, ପଦ୍ମନାଭ ବିନ୍ଧାଣି, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଂଗଠନ ସମ୍ପାଦକ ରୂପେଶ ସାହୁ, ବନ୍ତ ଶିକ୍ଷକ ସଂଘ ସମ୍ପାଦକ ଧର୍ମେନ୍ଦ୍ର ନାରାୟଣ ଜେନା, ଜିଲ୍ଲା ଶିକ୍ଷକସଂଘ ଉପସଭାପତି ତପସ୍ୱିନୀ ପହି, ଶିକ୍ଷାବିତ୍ ରତିକାନ୍ତ ମଲ୍ଲିକ, ଏନପିଏସ ପ୍ରାଥମିକ ଶିକ୍ଷକ ସଂଘ ପ୍ରାକ୍ତନ ସଭାପତି ସନାତନ ଦାସ, ବନ୍ତ ଏନପିଏସ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁକାନ୍ତ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମର ଦାଶ, ପ୍ରାକ୍ତନ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ କରୁଣାକର ନାୟକ, ସମାଜସେବୀ ରାମଚନ୍ଦ୍ର ତ୍ରିପାଠୀ, ରାମକୃଷ୍ଣ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ପରିଚୟ ଶିକ୍ଷକ ନରେନ୍ଦ୍ର ସାହୁ, ଧନ୍ୟବାଦ ଅର୍ପଣ ଶିକ୍ଷକ ଅନିରୁଦ୍ଧ ମଙ୍ଗଳ ପ୍ରଦାନ କରିଥିଲେ। ସମରେନ୍ଦ୍ର ନାୟକ, ଦେବବ୍ରତ ପାଢ଼ୀ, ମନୋଲିସା ନାୟକ, ମହେଶ୍ୱତା ମଲ୍ଲିକ, ପୁଷ୍ପଲତା ଶଙ୍ଖୁଆ, ଦେବବ୍ରତ ପାଢ଼ୀ, ଝରଣା ସାହାଣୀ, ଗଣେଶ ବାରିକ, ବିଶ୍ୱମ୍ବର ପଣ୍ଡା, ତ୍ରିଲୋଚନ ପରିଡା, ଲକ୍ଷ୍ମଣ ବାରିକ, ବିଷ୍ଣୁ ପରିଡା, ରମାକାନ୍ତ ବାରିକ, ପ୍ରିୟଙ୍କା ପରିଡାଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ, ପରିଚାଳନା କମିଟି ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## ହସନାବାଦ ପଞ୍ଚାୟତରେ ବନ୍ୟା ବିପନ୍ନଙ୍କୁ ସହାୟତା



ଅସୁରାଳି, ୩୧।୮ (ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦ ପଞ୍ଚାୟତର ଭାଗବତ ମଣ୍ଡପରେ ବିଜେପି ତରଫରୁ ବନ୍ୟା ପୀଡିତ ଓ ବିପନ୍ନ ପରିବାରମାନଙ୍କୁ ସହାୟତା ପ୍ରଦାନ କରାଯାଇଛି। ପ୍ରାୟ ୭୦୦ ଜଣ ଲୋକଙ୍କୁ ଶାଢ଼ି ଓ ଦୁଇ କିଲୋ ଅଟା ପ୍ରତ୍ୟେକ ପିଛା ବଣ୍ଟନ କରାଯାଇଛି। ଏହି ଉଦ୍ୟମରେ ବିଜେପିର ବରିଷ୍ଠ ନେତା ଓ ସାଂସଦଙ୍କ ପ୍ରତିନିଧି ମନୋଜ ମଲ୍ଲିକ, ଭଦ୍ରକ ବିଜେପି ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ, ଧୂଷୁରୀ ମଣ୍ଡଳ ବିଜେପି ସଭାପତି ଅନିରୁଦ୍ଧ ସାହୁ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଯୁବ ନେତା ଓ ରାଜ୍ୟ ବିଜେପି ପରିଷଦ ସଦସ୍ୟ ଆଶିଷ ଜେନା, ବରିଷ୍ଠ ନେତୃତ୍ୱ କିଶୋର ଦାସ, ନିଶିକାନ୍ତ ନାୟକ, ପୂର୍ବତନ ସରପଞ୍ଚ ପ୍ରଦୀପ ମାଝୀ, ବାଦଲ ବିଶ୍ୱାଳ, ରମାକାନ୍ତ କୁଅଁର, କମଳାକାନ୍ତ ପୁହାଣ, ଦିଗମ୍ବର ମଲ୍ଲିକ, ନମିତା ପଣ୍ଡା, ସବୀର ଦାସ, ଅଭୟ ସାହୁ, ଏଚଆରଡିଏସ ସଦସ୍ୟା ରାଜଶ୍ରୀ ସାହୁ, ପୂର୍ଣ୍ଣସ୍ମିତା ମହାରଣା ଓ ଶୁଭମ ସାହୁ ଉପସ୍ଥିତ ଥିଲେ।

## ହଜିଗଲେଣି ଚାଷୀଙ୍କ ବନ୍ଧୁ ବାଇଚଢ଼େଇ

ବନ୍ତ/ଆଗରପଡ଼ା, ୩୧।୮ (ସମିସ): ଗାଁ ଗହଳିରେ ଦେଖାଯାଉଥିବା ପକ୍ଷୀ ଇତିହାସ ପାଲଟିଗଲାଣି। ଦିନ ଥିଲା ବିଲ ମାଳରେ ଥିବା ତାଳ ଓ ଖଜୁରୀ ଗଛରେ ବାଇଚଢେଇ ବସାବାନ୍ଧି ଆଶ୍ରୟ ନେଉଥିଲେ। ଗଛରେ ଅତି ସୁନ୍ଦର ଭାବେ ନିଜର ବସାକୁ ଗଢି ତୋଳୁଥିଲେ। ସଞ୍ଜ ଓ ସକାଳେ ବାଇଚଢେଇଙ୍କ କିଚିରି ମିଚିରି ସ୍ୱର ପରିବେଶକୁ ବେଶ ଆମୋଦିତ କରୁଥିଲା। ବିଶେଷ କରି ଏହି ଟିକି ଟିକି ଚଢେଇଗୁଡିକ ମାସାଧିକ କାଳ ଗଛରେ ସୁନ୍ଦର ଭାବେ ବସା ନିର୍ମାଣ କରିଥାନ୍ତି। ମାଈ ବାଇଚଢେଇଗୁଡିକ ଭିନ୍ନ ଶୈଳୀରେ ବସା ନିର୍ମାଣ କରିଥାନ୍ତି। ଅଣ୍ଡା ଓ ଛୁଆ ରହିବା ପାଇଁ ତଳ ଭାଗରେ ସ୍ୱତନ୍ତ୍ର ଶୈଳୀରେ ଥଳି ନିର୍ମାଣ କରିଥାନ୍ତି ଯଦ୍ୱାରା ବାତ୍ୟା ଓ ପବନ ମାଡ଼ରେ ଏହି ବସାର କୌଣସି କ୍ଷତି ହୋଇ ନଥାଏ। ପୁରୁଣା ବସାରେ ଦ୍ୱିତୀୟ ଥର ଅଣ୍ଡା ଦେଉ ନଥିବା ହେତୁ ପ୍ରତିବର୍ଷ ବାଇଚଢେଇ ତାର ବସାକୁ ନୂଆ କରି ତିଆରି କରିଥାଏ। ଗୋଟିଏ ବାଇଚଢେଇ ବର୍ଷକୁ ୨ଟି ଅଣ୍ଡା ଦେଇଥାଏ। ଏହି ଅଣ୍ଡାକୁ ଫୁଟାଇ ଶାବକ ଜନ୍ମ ହେବା ପରେ ସେ ମୁକ୍ତାକାଶକୁ ଚାଲି ଯାଇଥାଏ। ମୌସୁମୀ ଆଗମନର କିଛି ଦିନ ପୂର୍ବରୁ ଏମାନେ ବସା ବାନ୍ଧିବା ଆରମ୍ଭ କରିଥାନ୍ତି। ବନ୍ତ ବ୍ଲକ ଏକ କୃଷି ପ୍ରାଧାନ୍ୟ ଅଞ୍ଚଳ ହୋଇଥିବା ବେଳେ ବିଭିନ୍ନ ଅଞ୍ଚଳରେ ଅନେକ ତାଳଗଛରେ ବାଇଚଢେଇ ବସା ଦେଖା ଯାଉଥିବା ବେଳେ ତାଳଗଛ ସଂଖ୍ୟା ହ୍ରାସ ପାଉଥିବାରୁ ବାଇଚଢେଇ ସଂଖ୍ୟା ମଧ୍ୟ କମିବାରେ ଲାଗିଛି।

ବାଇଚଢେଇ ବସାକୁ ଦେଖିଲେ ଚାଷୀ ଖୁସି ହୋଇଥାଏ। କାରଣ ଖରିଫ ଚାଷ ଆରମ୍ଭ ସହ ମୌସୁମୀର ଆଗମନ ହେବାର ସୂଚନା ବାଇଚଢେଇ ବସା ଦେଇଥାଏ ବୋଲି ଚାଷୀ ମନରେ ଧାରଣ ଥାଏ। ଚାଷ ଜମିରୁ ଅନିଷ୍ଟକାରି ପୋକଜୋକ ବାଇଚଢେଇ ଖାଇଥାଏ। ତେଣୁ କୃଷକଙ୍କ ପାଇଁ ବାଇଚଢେଇ ଏକ ବନ୍ଧୁ ଭାବେ ଜଣାଶୁଣା। ମାତ୍ର ଅଧିକ ଫସଲ ଅମଳ ପାଇଁ ଚାଷୀ ଜମିରେ ବହୁଳ ଭାବେ କୀଟନାଶକ ପ୍ରୟୋଗ କରୁଥିବା ବେଳେ ଏହି ପକ୍ଷୀ ଲୋପ ପାଇବାର ଆଉ ଏକ କାରଣ ବୋଲି କୁହାଯାଉଛି। ଗ୍ରାମାଞ୍ଚଳ ନିକଟବର୍ତ୍ତୀ ତାଳ ଓ ଖଜୁରୀ ଗଛ ଏମାନଙ୍କ ମୁଖ୍ୟ ଆଶ୍ରୟସ୍ଥଳୀ ପାଲଟିଥାଏ। ହେଲେ ଏବେ ଦିନକୁ ଦିନ ଗ୍ରାମାଞ୍ଚଳର ବିକାଶ ଘଟୁଥିବାରୁ ଚାଷ ଜମିଗୁଡିକ ହ୍ରାସ ପାଇବାରେ ଲାଗିଛି। ବେଆଇନ ଇଟା ଭାଟି ନିର୍ମାଣ ପାଇଁ ତାଳ ଓ ଖଜୁରୀ ଗଛକୁ କାଟି ଦିଆଯାଉଥିବାରୁ ଉକ୍ତ ପକ୍ଷୀଙ୍କ ସଂଖ୍ୟା ହ୍ରାସ



ପାଉଛି। ସେହିଭଳି ଏ ସବୁ ପକ୍ଷୀଙ୍କ ପାଇଁ ଏବେ ମୋବାଇଲି ଟାୱାର ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ଟାୱାରଠାରୁ ଉଚ୍ଚକ୍ଷମତା ସମ୍ପନ୍ନ ରଶ୍ମି ପକ୍ଷୀ ବଂଶକୁ ବିସ୍ତାର କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଅନେକ ପରିବେଶବିତ୍ ମତ ପ୍ରକାଶ କରିଛନ୍ତି। ବିଭିନ୍ନ କାରଣରୁ ସୁନ୍ଦର ପୃଥିବୀରେ ଏହି ପକ୍ଷୀଙ୍କ ବଂଶ ଲୋପ ପାଇଯିବା ବାସ୍ତବିକ୍ ଦୁଃଖଦ ଘଟଣା। ପରିବେଶରେ ବ୍ୟାପକ ତାଳ ଓ ଖଜୁରୀ ଗଛ ଲଗାଇଲେ ବର୍ଷା ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଭଳି ସୂଚନା ପ୍ରଦାନକାରୀ ଏହି ପକ୍ଷୀର ବଂଶ ବୃଦ୍ଧି ପାଇପାରନ୍ତା ବୋଲି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ସ୍ୱପ୍ନରେ ରହିଗଲା ଆଗରପଡ଼ାକୁ ଏନ୍‌ଏସି ମାନ୍ୟତା

ବନ୍ତ/ଆଗରପଡ଼ା, ୩୧।୮ (ସମିସ): ଜନସାଧାରଣଙ୍କ ପକ୍ଷରୁ ଆଗରପଡ଼ାକୁ ହୋଇଆସୁଥିବା ଏନଏସି ମାନ୍ୟତା ଦାବିରେ ମୋହନ ସରକାର ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ଏହି ସ୍ୱପ୍ନ ହିଁ ସ୍ୱପ୍ନରେ ରହିଗଲା। କାରଣ ଏହାପରେ ସୀମା ନିର୍ଦ୍ଧାରଣ ଆଦି କାର୍ଯ୍ୟ ସରକାରୀ ସ୍ତରରେ କରାଯିବ। ତେଣୁ ଆଉ ନୂତନ ଏନଏସି ବା ଅନ୍ୟ କିଛି ମାନ୍ୟତା ବର୍ତ୍ତମାନ ମିଳିବା ସମ୍ଭବ ନୁହେଁ। ନବୀନ ସରକାରଙ୍କ ସମୟରେ ଆଗରପଡ଼ାକୁ ଏନଏସି ମାନ୍ୟତା ପାଇଁ ଚିଠା ପ୍ରସ୍ତାବ ପ୍ରସ୍ତୁତ ହୋଇଥିଲା ଓ ୭ ନମ୍ବରରେ ଏହି ସ୍ଥାନର ନାଆଁ ରହିଥିଲା। ଓଡ଼ିଶାରେ ଦୁଇ ପର୍ଯ୍ୟାୟରେ ୨୮ଟି ଏନଏସି ନାଆଁ ସରକାରୀ ଭାବେ ରବିବାର ଘୋଷଣା ସରିଛି। ଆଗରପଡ଼ାକୁ ଏନଏସି ମାନ୍ୟତା ପାଇଁ ସ୍ଥାନୀୟ ବିଧାୟକ ସଂଜୀବ ମଲ୍ଲିକ ବିଧାନସଭାରେ ଦାବି କରିଛନ୍ତି ଓ ଏଠାରେ ବିଜେଡି ପକ୍ଷରୁ ଆୟୋଜିତ ସଭାରେ ସେ ମଧ୍ୟ ଯୋଗଦେଇ ଏହି ଦାବିକୁ ସମର୍ଥନ କରିଛନ୍ତି। ବିଭିନ୍ନ ସଂଗଠନ ପକ୍ଷରୁ ମଧ୍ୟ ଏହି ଦାବିରେ ବନ୍ଦ ଡକରା ଦିଆଯାଇଛି। ଦଳମତ ନିର୍ବିଶେଷରେ ସମସ୍ତେ ଏଥିରେ ସାମିଲ ହୋଇଛନ୍ତି ମାତ୍ର ଏହି ଦାବିକୁ ସରକାର କର୍ଣ୍ଣପାତ କଲେ ନାହିଁ। ଯଦ୍ୱାରା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବାର ପରିଲକ୍ଷିତ ହେଉଛି। ଆବଶ୍ୟକୀୟ ଭିତ୍ତିଭୂମି ଥାଇ ଆଗରପଡ଼ା ପ୍ରତି ଏହିପରି ବୈମାତୃକ ମନୋଭାବ କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବାଁଶଡା ଗାଁର ଗର୍ବ ଛାତ୍ର ଶୁଭପ୍ରକାଶ



ଭଦ୍ରକ, ୩୧।୮ (ସମିସ): ଭଦ୍ରକ ଜିଲ୍ଲା ବାଁଶଡା ଗାଁ ପାଇଁ ଗୌରବ ଆଣିଛନ୍ତି ଜଣେ ଷଷ୍ଠ ଶ୍ରେଣୀର ଛାତ୍ର। ଚଳିତ ବର୍ଷ ଶୁଭପ୍ରକାଶ ବାଁଶଡା ହାଇସ୍କୁଲରେ ନବମ ଶ୍ରେଣୀର ଅଧ୍ୟୟନରତ ଛାତ୍ର। ଗତ ୨୦୨୩/୨୪ ଶିକ୍ଷା ବର୍ଷରେ ସେ ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପାଇଁ ପରୀକ୍ଷା ଦେଇଥିଲେ। ୩୦ ତାରିଖରେ ଏହି ପରୀକ୍ଷାର ମେଧା ତାଲିକାର ଫଳାଫଳ ପ୍ରକାଶ ପାଇଛି। ଏହି ମେଧା ବୃତ୍ତି ପାଇଁ ସେ ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡିଛି। ସେ ଚାନ୍ଦବାଲି ବ୍ଲକର ମେଧାବୀ ଛାତ୍ର ହୋଇଥିବା ଭଦ୍ରକ ଡିଇଓଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏହାକୁ ନେଇ ତମାମ ଧାମରା ଅଞ୍ଚଳରେ ଖୁସି ଦେଖିବାକୁ ମିଳିଛି। ପ୍ରକାଶ ଥାଉକି, ଶୁଭପ୍ରକାଶ ହେଉଛନ୍ତି ପ୍ରାକ୍ତନ ଖେଳ ଶିକ୍ଷକ ଅମୂଲ୍ୟ କୁମାର ସ୍ୱାଇଁଙ୍କ ପୁତୁରା। ଏହି ସଫଳତା ପାଇଁ ଭଦ୍ରକ ଡିଇଓ, ଚାନ୍ଦବାଲି ବିଇଓ, ବାଁଶଡା ୟୁପିଏମଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମଲ୍ଲିକ, ଗଣିତ ଶିକ୍ଷକ ରବୀନ୍ଦ୍ର ଦାସ, ବାଁଶଡା ହାଇସ୍କୁଲର ପ୍ରଧାନଶିକ୍ଷକ ସର୍ବେଶ୍ୱର ପାଢ଼ୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

## ଦୁର୍ଗନ୍ଧରେ ଫାଟି ପଡୁଛି ତିହିଡ଼ି



ଦୋଳସାହି, ୩୧।୮ (ସମିସ): ଦୁର୍ଗନ୍ଧରେ ଫାଟି ପଡୁଛି ବ୍ଲକ୍ ସଦରମହକୁମା ତିହିଡି। ତିହିଡି ଥାନା ପାଖରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ରାଜପଥ ରାସ୍ତାର ଦୁଇ ପାର୍ଶ୍ୱରେ ବିଭିନ୍ନ ପ୍ରକାରର ଅଳିଆ ଆବର୍ଜନା ପଡ଼ି ରହିଛି। ବର୍ଷା ଦିନରେ ଏହା ପଚିସଢ଼ି ଦୁର୍ଗନ୍ଧ ସୃଷ୍ଟି କରୁଛି। ପରିଷ୍କାର ହେଉ ନଥିବା ନେଇ ପଚି ଦୁର୍ଗନ୍ଧ ହେଉଥିବା ଦେଖିବାକୁ ମିଳୁଥିଲା ବେଳେ କିଏ କରିବ ଅଳିଆ ସଫା ସଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଅଳିଆ ଆବଜନା ତୁରନ୍ତ ପରିଷ୍କାର କରିବା ପାଇଁ ଅନେକ ସାମାଜିକ ସଂଗଠନର ଦାବି ହେଉଥିଲା ବେଳେ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏକ ବିଶାଳ ଅଳିଆ କୁଣ୍ଡ ନିର୍ମାଣ କରିବା ପାଇଁ ହେଉଛି ଦାବି ମଧ୍ୟ ହେଉଛି।

## ମଦ୍ରସା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଧାମନଗର, ୩୧।୮ (ସମିସ): ଧାମନଗର ଏନଏସିଅନ୍ତର୍ଗତବଡ଼ବଜାରଠାରେବହୁପୁରାତନ ଶିକ୍ଷାନୁଷ୍ଠାନ ମଦ୍ରସା ଗୌସିଆ-ଗୌଫିଆର ସହକାରୀ ଶିକ୍ଷକ ସେକ୍ ସିରାଜୁଦ୍ଦିନଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଗ୍ରାମବାସୀବୃନ୍ଦ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୟଦ ଫାରୁକ ରଜାଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଶିକ୍ଷକ ସେକ ଅବଦୁଲ ହାକିମ ଆୟୋଜିତ ସଭାକୁ ପରିଚାଳନା କରିଥିଲ। ସମ୍ମାନିତ ଅତିଥି ଭାବେ ଧାମନଗର ସାଧନ କେନ୍ଦ୍ରସ୍ତରୀୟ ସଂଯୋଜକ ଏମଡି ମୋଜାଫର ହୋସେନ ଯୋଗ ଦେଇଥିବା ବେଳେ ଉକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଆଲହାଜ୍ ସେକ ମନୋଓର ଅହେମ୍ମଦ, ଏସାନୁଲ ହୋଦା, ସେକ ଗୋଲାମ ମୋହିଉଦ୍ଦିନ, ସେକ୍ ଆଲାଉଦ୍ଦିନ୍, ଗୋଲାମ ଜିଲାନି, ସେକ ଜାଫର ଅଲ୍ଲୀ, ସେକ୍ ତାର ବାବୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଦ୍ରସାର ସହକାରୀ ସେକ ମୁକ୍ତାର ଅହେମ୍ମଦ ମାନପତ୍ର ପାଠ କରଥିବା ବେଳେ ଶେଷରେ ମଦ୍ରସା ଶିକ୍ଷକ ସଂଘ ନେତା ତଥା ଶିକ୍ଷକ ସେକ ଆଫତାବ ଆଲାମ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ ଏମଡି ଫଏଜୁଲ ଓରା, ମହମ୍ମଦ ଅବଦୁଲ୍ ମାନ୍ନାନ, ସେକ୍ ଫରିବ୍, ସେକ୍ ମତିଉଲା, ସେକ୍ ଆଜାଦଙ୍କ ସମେତ ଏସଏଚଜି ଗ୍ରୁପର ମହିଳା ସହଯୋଗ କରିଥିଲେ।

## ଭାବଗ୍ରାହୀ ଖୁଣ୍ଟିଆଙ୍କୁ ବିଦାୟ ସମ୍ବର୍ଦ୍ଧନା

ଧାମନଗର, ୩୧।୮ (ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତ ଷୋଳଗାଁ ନୋଡାଲ ଉ:ପ୍ରା ବିଦ୍ୟାଳୟର ସୁନାମ ଅର୍ଜନ କରିଥିବା ପ୍ରଧାନଶିକ୍ଷକ ଭାବଗ୍ରାହୀ ଖୁଣ୍ଟିଆଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ଲେଙ୍କା ସଭାପତିତ୍ୱରେ ଏକ ଅବସରକାଳୀନ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଭାସ୍କର ସାମଲ ସଭା ଉଦଘାଟନ କରିଥିବା ବେଳେ ଏବିଓ ହେମେନ୍ଦ୍ର ନାଥ ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଭଦ୍ରକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ସ୍ଥାନୀୟ ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଏବିଓ ତପନ ଦ୍ୱିବେଦୀ, ସତ୍ୟସୁନ୍ଦର ପରିଡା, ଶାନ୍ତିଲତା ରାଉତ, ଶିକ୍ଷାବିତ ଉମେଶଚନ୍ଦ୍ର ପଣ୍ଡା, ଶ୍ରୀଚରଣ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ଗୋବିନ୍ଦ ବିଶ୍ୱାଳ, ନିରଞ୍ଜନ କର, ଚିତ୍ତରଂଜନ ଦାଶ, ସଚୀକାନ୍ତ ପଣ୍ଡା, ରାଜେନ୍ଦ୍ର ଖୁଣ୍ଟିଆ, ରୂପକ ମିଶ୍ର, ପ୍ରଶାନ୍ତ ବେହେରା, ବାଣୀକବି ଦୟାନିଧି ମିଶ୍ର, ନରେନ୍ଦ୍ର ମଲ୍ଲିକ, ଗୁରୁଶ୍ରୀ ସୁବାସଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ



ମୋନାଲିସା ତ୍ରିପାଠୀ, ଦିଲ୍ଲୀପ ସାହୁ, ପ୍ରଦ୍ମବତୀ ନାଇକ, ପ୍ରଶାନ୍ତି ଟିଗା, ଏଲୋରା ପ୍ରିୟଦର୍ଶିନୀ ଖୁଣ୍ଟିଆଙ୍କ ସହ ଛାତ୍ରଛାତ୍ରୀ, ଗ୍ରାମବାସୀ, ପରିଚାଳନା କମିଟି ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ନିରାକାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାମନଗର ବ୍ଲକ ବନ୍ୟା ଦୁର୍ଦ୍ଦଶାର ସ୍ଥାୟୀ ପ୍ରତିକାର ଦାବି



ଧାମନଗର, ୩୧।୮ (ସମିସ): ଧାମନଗର ବ୍ଲକ ଅଞ୍ଚଳର ଚିର ସହଚର ବନ୍ୟା ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ବୁଦ୍ଧିଜୀବୀଙ୍କ ମହଲରୁ ରାଜ୍ୟ ସରକାରଙ୍କଠାରେ ଦୃଢ଼ ଦାବି କରାଯାଇଛି। ଭୀମକୁଣ୍ଡ ଯୋଜନାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିବାସହ ବୈତରଣୀ ନଦୀର ବାମପାର୍ଶ୍ୱ ବନ୍ଧକୁ କ୍ୟାପିଟାଲ ଏମ୍ବାଙ୍କମେଣ୍ଟରେ ପରିଣତ କରିବା ପାଇଁ ବୁଦ୍ଧିଜୀବୀମାନେ ମତ ବ୍ୟକ୍ତ କରିଛନ୍ତି। ଧାମନଗର ପ୍ରେସକ୍ଲବ ଗୃହରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ବନ୍ୟା ନିୟନ୍ତ୍ରଣ ନେଇ ଅନେକ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ଦୀର୍ଘ ପ୍ରାୟ ଛଅ ଦଶନ୍ଧି ଧରି ଦାବି କରାଯାଉଥିବା ବୈତରଣୀ ନଦୀର ଭୀମକୁଣ୍ଡ ଯୋଜନା କିମ୍ବା ତା'ର ବିକଳ୍ପ କାନପୁର ବହୁମୁଖୀ ଯୋଜନା କାର୍ଯ୍ୟକାରୀ କରାଯାଇ ଭଦ୍ରକ ଜିଲ୍ଲାର ଭଣ୍ଡାରୀପୋଖରୀ, ଧାମନଗର, ତିହିଡି ଓ ଚାନ୍ଦବାଲି ବ୍ଲକର ବନ୍ୟା ନିୟନ୍ତ୍ରଣ ତଥା ଜଳସେଚନର ସୁବନ୍ଦୋବସ୍ତ କରାଯିବା, ବୈତରଣୀ ନଦୀର ଉତ୍ତର ପାର୍ଶ୍ୱ, କୋଚିଲା, ଗେଙ୍ଗୁଟି, ରେବ ଓ କପାଳି ନଦୀର ଉଭୟ ପାର୍ଶ୍ୱ ବନ୍ଧକୁ କ୍ୟାପିଟାଲ ଏମ୍ବାଙ୍କମେଣ୍ଟ କରାଯିବା, ହସନାବାଦ, ଅର୍ଜୁନପୁର, ପଧାନୀ ପଞ୍ଚାୟତକୁ ବନ୍ୟା ସମୟରେ ତଳପାଣିରୁ ରକ୍ଷା କରିବା ପାଇଁଏକ ସୁଦୃଢ଼ ଆଡିବନ୍ଧ ନିର୍ମାଣ କରାଯିବା, ଧାମନଗର ଅଞ୍ଚଳରେ ପ୍ରବାହିତ ଉକ୍ତ ନଦୀବନ୍ଧଗୁଡିକୁ ଜଳସମ୍ପଦ ବିଭାଗରୁ ବାଦ୍ ଦିଆଯାଇ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବା, ବୈତରଣୀ, କୋଚିଲା, ଗେଙ୍ଗୁଟି, ରେବ ଓ କପାଳି ନଦୀର ବିଭିନ୍ନ ସ୍ଥାନରେ କେନାଲ ମାନ ଖନନ କରାଯାଇ ନଦୀ ସଂଯୋଗୀକରଣ କରାଯିବା ଆଦି ଦାବିଗୁଡିକ ଉପସ୍ଥାପନ କରାଯାଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଧାମନଗର ଅଞ୍ଚଳର ବନ୍ୟା ନିୟନ୍ତ୍ରଣ ନିମନ୍ତେ ଏହି ଦାବି ଗୁଡିକର ଯଥାର୍ଥତାକୁ ଉପଲବ୍ଧି କରି ଲକ୍ଷ ଲକ୍ଷ ଲୋକଙ୍କୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ସରକାର ପଦକ୍ଷେପ ନେବାକୁ ବୁଦ୍ଧିଜୀବୀଙ୍କ ତରଫରୁ ଦାବି କରାଯାଇଥିଲା। ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରସାନନ୍ଦ ମହାପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ସଞ୍ଜୟ ମିଶ୍ର, ସଚୀକାନ୍ତ ପଣ୍ଡା, ରମେଶଚନ୍ଦ୍ର ବେହେରା, ସୁଶାନ୍ତ ରାଉତ, ରବିନ୍ଦ୍ର ଜେନା, ରଜତ ପଣ୍ଡା, ବାସୁଦେବ ଜେନା, ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ ଓ ଧାମନଗର ପ୍ରେସ କ୍ଲବର ସଭାପତି କିଶାନ ରାଉତ ଧାମନଗର ବନ୍ୟା ନିୟନ୍ତ୍ରଣ ସମ୍ପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ।

## ନାମକୁ ମାତ୍ର ନିର୍ଦ୍ଦେଶନାମା ‖ ଡିଜେ ଶୋଭାଯାତ୍ରାକୁ ଅଙ୍କୁଶ ନାହିଁ

ବାରିକପୁର, ୩୧।୮ (ସମିସ)




ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ଉତ୍ସବଠାରୁ ଏବେ ପାର୍ବଣ ଋତୁ ଆରମ୍ଭ ହୋଇ ଯାଇଛି। ଗାଁଠୁ ସହର ସବୁଠି ଉତ୍ସବ ମୁଖର ପରିବେଶ ସୃଷ୍ଟି ହୋଇଛି। ସଂପ୍ରତି ଗଣେଶ ପୂଜା ଉତ୍ସବର ଉଦଯାପନୀ ସମୟ ଉପନୀତ ହୋଇଥିବା ବେଳେ ଅଧିକାଂଶ ଶୋଭାଯାତ୍ରାରେ ଡିଜେ ସାଉଣ୍ଡ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଯଦିଓ ପାର୍ବଣ ପାଇଁ ଡିଜେ ଶୋଭାଯାତ୍ରା ଉପରେ ରୋକ ଦେବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଛି କିନ୍ତୁ ଏହାକୁ କେହି ଖାତିରି କରୁନାହାନ୍ତି। ପୂଜା କମିଟିଗୁଡିକ ସ୍ଥାନୀୟ ପୁଲିସକୁ ହାତକରି ସବୁଠି ଡିଜେ ସାଉଣ୍ଡକୁ ଶୋଭାଯାତ୍ରାରେ ସାମିଲ କରୁଥିବା ଦେଖାଯାଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ କୋରିଗାଁଠାରେ ଗତ ଶନିବାର ସନ୍ଧ୍ୟାରେ ଗଣେଶଙ୍କ ଭସାଣୀ ଶୋଭାଯାତ୍ରାରେ ଡିଜେ ବାଜୁଥିବା ଖବର ପାଇ ସେଠାରେ ଧାମନଗର ପୋଲିସ ପହଞ୍ଚିଥିଲା। ପୂଜା କମିଟି ଓ ପୁଲିସ ମଧ୍ୟରେ ମଧ୍ୟ ଯୁକ୍ତିତର୍କ ଖୁବ ଜୋରରେ ହୋଇଥିଲା। ଏପରିକି ଡିଜେ ବନ୍ଦ କରିବା ପାଇଁ ପୋଲିସ ନାକେଦମ ହୋଇଥିବା ବେଳେ ଏଥିପାଇଁ ହଟହଟା ମଧ୍ୟ ହୋଇଥିବା ଜଣାପଡିଛି। ସେହିଭଳି ଆକୁଳିକଣା, ମାଳଦା, ରାଣୀଗଡିଆ, ରହଣିଆ ପ୍ରମୁଖ ସ୍ଥାନରେ ପୁଲିସ ଜାଣତରେ ଏଭଳି ବେଆଇନ ଡିଜେ ବାଜୁଥିବା ଜଣାପଡିଛି। ବିଶେଷ କରି ପଶ୍ଚିମବଙ୍ଗର ଡିଜେ ସାଉଣ୍ଡ ଏବେ ଲୋକଙ୍କ ପାଇଁ ଘାତକ ସାଜୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଭସାଣି ବେଳେ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସାଉଣ୍ଡ ବ୍ୟବହାର ପାଇଁ ପୋଲିସ ସ୍ୱୀକୃତି ପ୍ରଦାନ କରୁଥିବା ବେଳେ ସମସ୍ତେ ଏହାକୁ ବେଖାତିର କରି ଉଚ୍ଚ କ୍ଷମତା ସମ୍ପନ୍ନ ଡିଜେ ସାଉଣ୍ଡ ବ୍ୟବହାର କରୁଛନ୍ତି। ଡିଜେ ସାଉଣ୍ଡ ବ୍ୟବହାର ଯୋଗୁ ହୃଦଘାତ ଓ ଉଚ୍ଚ ରକ୍ତଚାପ ଜନିତ ରୋଗରେ ପୀଡିତ ରୋଗୀଙ୍କ ଅବସ୍ଥା ବେଳେ ବେଳେ ସଙ୍କଟାପନ୍ନ ହେଉଛି। ପ୍ରଶାସନର କୋହଳ ମନୋଭାବ ଯୋଗୁଁ ଶୋଭାଯାତ୍ରାଗୁଡ଼ିକରେ ଡିଜେ ସାଉଣ୍ଡ କାୟା ମେଲାଉଛି ବୋଲି ମତପ୍ରକାଶ ପାଇଛି। ତେଣୁ ଏହା ଉପରେ କଡାକଡି ଆଇନ ପ୍ରଣୟନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ବନ୍ୟା ପରିଚାଳନାରେ ସରକାର ଅସମର୍ଥ: ଭୋଗରାଇ କଂଗ୍ରେସ




ଭୋଗରାଇ, ୩୧।୮ (ସମିସ): ସୁବର୍ଣ୍ଣରେଖାରେ ଆସିଥିବା କ୍ରମାଗତ ବନ୍ୟାରେ ଭୋଗରାଇ ବାସୀ ହନ୍ତସନ୍ତ। ପରିବର୍ତ୍ତିତ ରିଲିଫ କୋଡ ଅନୁସାରେ ସରକାରୀ ସହାୟତା ବନ୍ୟା ବାସୀଙ୍କ ପାଖରେ ପହଞ୍ଚିପାରିଲା ନାହିଁ। ଏପରିକି ବନ୍ୟାରେ ବହୁ ଘର ଭାଙ୍ଗିଯାଇଥିଲେ ମଧ୍ୟ ଗରିବ ଲୋକମାନଙ୍କ ପାଖରେ ଖଣ୍ଡିଏ ପଲିଥିନ ପହଞ୍ଚି ପାରିଲା ନାହିଁ। ତେଣୁ ଚଳିତବର୍ଷ ବନ୍ୟା ପରିଚାଳନାରେ ମୋହନ ସରକାର ସମ୍ପୂର୍ଣ୍ଣ ଅସମର୍ଥ ହୋଇଛନ୍ତି ବୋଲି ଆଜି ଭୋଗରାଇ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଜଳେଶ୍ୱରପୁର ସ୍ଥିତ କଂଗ୍ରେସ ଭବନ ଠାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ ସଭାପତିତ୍ୱ କରିଥିଲେ। କଂଗ୍ରେସ ନେତା ସତ୍ୟଶିବ ଦାସ ଯୋଗ ଦେଇ କହିଥିଲେ ଯେ ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଆସି ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଚାଷୀମାନେ ତଳି ପକେଇବା ସମୟରେ ବନ୍ୟା ଆସି ତଳି ନଷ୍ଟ କରିଦେଲା। ପୁଣି ଚାଷୀମାନେ ଅନ୍ୟତ୍ର ଧାନ ତଳି କିଣିଆଣି ରୋପଣ କରିଥିଲେ। ମାତ୍ର ସେଗୁଡିକ ମଧ୍ୟ ଷଷ୍ଠ ବନ୍ୟାରେ ସବୁ ନଷ୍ଟ ହୋଇଯାଇଛି। ତେଣୁ ଶିଘ୍ର ଚାଷୀମାନଙ୍କୁ କ୍ଷତିପୂରଣ ଦେବା ସହିତ ଘର ଓ ଗୁହାଳ ଭାଙ୍ଗିଥିବା ଗରିବ ଲୋକଙ୍କୁ ପଲିଥିନ ଦେବା ପାଇଁ କଂଗ୍ରେସ ଦାବି କରୁଛି। ଯଦି ୧୫ ଦିନରେ ସରକାର ଏହି ଦାବିଗୁଡିକୁ ପୁରଣ ନ କରନ୍ତି ତେବେ ଆଗାମୀ ଦିନରେ ପ୍ରଶାସନ ଓ ଡବଲ ଇଂଜିନ ସରକାର ବିରୁଦ୍ଧରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ଭୋଗରାଇକୁ ଏନଏସି ଘୋଷଣା ନକରିବା ସରକାରଙ୍କ ପାତର ଅନ୍ତର ନୀତିକୁ ମଧ୍ୟ ଦଳ ପକ୍ଷରୁ ସମାଲୋଚନା କରାଯାଇଛି। ଓଡିଶାର ୨୫ଟି ଅଞ୍ଚଳକୁ ଏନ ଏ ସି ଘୋଷଣା କରିଥିଲେ ମଧ୍ୟ ଭୋଗରାଇକୁ ବାଦ୍ ଦେଇଛନ୍ତି। ତେଣୁ ଶୀଘ୍ର ଦେହୁର୍ଦ୍ଦା ଓ ଚନ୍ଦନେଶ୍ୱରଙ୍କୁ ଏନ ଏ ସି ଘୋଷଣା କରିବା ପାଇଁ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, କାର୍ତ୍ତିକ ପାତ୍ର, ରାଧା ବିନୋଦ ଦାସ, ସରପଞ୍ଚ ମମତା ସାହୁ, ରାଜେନ୍ଦ୍ର ପଣ୍ଡା, ରାଜେନ୍ଦ୍ର ଦଳାଇ, ଦୀପେଶ ରାୟ, ଦୀପକ ଜେନା ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ ଆଦି ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ। ଗୋପବନ୍ଧୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ୟା ପ୍ରଭାବିତଙ୍କୁ ରାଜ୍ୟ ସରକାରଙ୍କ ଉପହାସ

ବାଲିଆପାଳ, ୩୧।୮ (ସମିସ)



ସୁବର୍ଣ୍ଣରେଖା ନଦୀରେ ଚଳିତବର୍ଷ ଜୁନ ମାସ ୨୦ତାରିଖ ଠାରୁ ଅଗଷ୍ଟ ୨୪ ମଧ୍ୟରେ ୬ଥର ବନ୍ୟା ଆସି ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୫୦ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ୩ଶହ ହେକ୍ଟରରୁ ଅଧିକ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେହିପରି ୨.୫ହଜାର ହେକ୍ଟରରୁ ଅଧିକ ଖରିଫ ଧାନ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯିବାକୁ ବସିଛି। ବନ୍ୟାର ପ୍ରଖର ସ୍ରୋତରେ ଭାସି ଯାଇ ଦୁଇ ଜଣ ପ୍ରାଣ ହରାଇଥିବା ବେଳେ ଜଣେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବନ୍ୟା ପ୍ରଭାବିତ ଜନସାଧାରଣ ବର୍ଷକର ଖାଦ୍ୟ ଚିନ୍ତାରେ ଉଜୁଡା ଧାନ କ୍ଷେତକୁ ଚାହିଁ ଆଖିରୁ ଲୁହ ଝରାଉଛି। ତେବେ ୬୬ଦିନରୁ ୩୦ଦିନ ବନ୍ୟା ପାଣିଘେରରେ ରହି ପ୍ରତି ମୁହୂର୍ତ୍ତ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିବା ଜନସାଧାରଣଙ୍କୁ ସରକାରଙ୍କ ମାତ୍ର ସାତ ଦିନର ରିଲିଫ ଚାଉଳ ବନ୍ୟା ପ୍ରଭାବିତଙ୍କୁ ଉପହାସ ପରି ପ୍ରତିୟମାନ ହେଉଛି। ଲଗାତାର ବନ୍ୟାରେ ଉବୁଟୁବୁ ହେଉଥିବା ବାଲିଆପାଳ ବ୍ଲକର ବନ୍ୟା ପ୍ରଭାବିତଙ୍କୁ ଭେଟି ସେମାନଙ୍କ ଦୁଃଖ ଲାଘବ କରିବାପାଇଁ ରାଜ୍ୟ ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଠାରୁ ଆରମ୍ଭ କରି କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ପର୍ଯ୍ୟନ୍ତ ସମସ୍ତେ ବାଲିଆପାଳ ବ୍ଲକର ବନ୍ୟା ପ୍ରଭାବିତ ଜନସାଧାରଣଙ୍କୁ ଭେଟିବାକୁ ଆସିଛନ୍ତି। ପ୍ରତିକୂଳ ପାଗ ଯୋଗୁଁ ଶେଷ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ ବାତିଲ ହୋଇଥିଲା। ତେବେ ବନ୍ୟା ପ୍ରଭାବିତଙ୍କ ଦୁଃଖ ଲାଘବ ହେବା ପରିବର୍ତ୍ତେ ବହୁ ଗୁଣିତ ହୋଇଛି। ଷଷ୍ଠ ଥର ଆସିଥିବା ବନ୍ୟା ୬ଦିନ କାଳ ଲୋକମାନଙ୍କୁ ଏକ ପ୍ରକାର ଜଳବନ୍ଦୀ କରି ରଖିଥିଲା। ମାତ୍ର ଗୋଟିଏ ଦିନର ଚୁଡା ବଡ ଲୋକଙ୍କୁ ୧କେଜି ଓ ୧୨ବର୍ଷରୁ କମ ବୟସ୍କ ମାନଙ୍କୁ ୫ଶହ ଗ୍ରାମ ଲେଖାଏଁ ସମୁଦାୟ ୪୩୩.୫୫ କୁଇଣ୍ଟାଲ ଚୁଡା ଓ ୪୩.୫୦ କୁଇଣ୍ଟାଲ ଗୁଡ ଦେଇ ନିଜର ଦାୟିତ୍ୱ ସାରି ଦେଇଛନ୍ତି। ୬ଥର ବନ୍ୟାରେ ପ୍ରଭାବିତ ଲୋକମାନଙ୍କୁ ପାଞ୍ଚ ଥର କେବଳ ଗୋଟିଏ ଦିନ ଲେଖାଏଁ ଚୁଡା ଦିଆଯାଇଥିବା ବେଳେ ଥରେ ମାତ୍ର ଚାଉଳ ଦିଆଯାଇଛି। ଯାହା ବନ୍ୟା ପ୍ରଭାବିତଙ୍କୁ ବ୍ୟଥିତ କରିଛି।

**୩୦ଦିନ ପାଣିଘେରରେ ଥିବା ବନ୍ୟା ପ୍ରଭାବିତଙ୍କୁ କେବଳ ଗୋଟିଏ ଥର ରିଲିଫ ଚାଉଳ**

## ରତାଇ ବଜାରରୁ ଜବରଦଖଲ ଉଚ୍ଛେଦ ଦାବି

ବାଲିଆପାଳ, ୩୧।୮ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ରତାଇ ପଞ୍ଚାୟତର ବିଭିନ୍ନ ସ୍ଥାନରେ ପ୍ରାୟ ତେର ଏକର ସରକାରୀ ଜାଗାକୁ ସେହି ଅଞ୍ଚଳର କିଛି ମୁଷ୍ଟିମେୟ ଲୋକ ଜବରଦଖଲ କରି ବାସଗୃହ, ଦୋକାନ, ସ'ମିଲ ନିର୍ମାଣ କରି ଭଡା ସୂତ୍ରରେ ଲଗାଇ ମୋଟା ଅଙ୍କରେ ଅର୍ଥ ଆଦାୟ କରି ମାଲେମାଲ ହେଉଛନ୍ତି। ଫଳରେ ଜାଗା ସଙ୍କୁଚିତ ହେବାରୁ ଗାଈଗୋରୁ ଚରିବା, ପିଲାମାନଙ୍କ ଖେଳକୁଦ, ଶବ ଦାହ କାର୍ଯ୍ୟରେ ସମସ୍ୟା ଉପୁଜୁଛି। ବିଶେଷକରି ରତାଇ ବଜାରରେ ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ଦୋକାନ ଗୁଡିକ ରାସ୍ତା ଉପରକୁ ମାଡି ଆସିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟିବା ସହିତ ରାସ୍ତା ଜାମ ହେଉଛି, ଜରୁରୀ କାଳୀନ ସେବାରେ ବାଧା ଉପୁଜୁଛି। ଏ ନେଇ ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀ ବାଲିଆପାଳ ତହସିଲଦାର, ବାଲେଶ୍ୱର ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଆଗାମୀ ପନ୍ଦର ଦିନ ମଧ୍ୟରେ ଜବରଦଖଲ ଉଚ୍ଛେଦ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମ ମୁଖିଆ ବିଜୟ ସ୍ୱାଇଁ, ପୂର୍ବତନ ସରପଞ୍ଚ ସୋରୋଜ ପାଢ଼ୀ, ହୃଦାନନ୍ଦ ରାଉତ, ସୁଶାନ୍ତ କୁମାର ସାହୁ, କମଳାକାନ୍ତ ନାୟକ, ମାର୍କଣ୍ଡ ରାଉତ, କମଳାକାନ୍ତ ରାଉତ, ନିରଞ୍ଜନ ରାଉତ, ସଚିନ୍ଦ୍ର ବାରିକ, ଦେବେନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ଚେତାବନୀ କହିଛନ୍ତି।

## ନବନିଯୁକ୍ତ ମହିଳା କମିଶନରଙ୍କ ଜଳେଶ୍ୱର ଗସ୍ତ



ଜଳେଶ୍ୱର, ୩୧।୮ (ସମିସ) : ରାଜ୍ୟରେ ନବନିଯୁକ୍ତ ମହିଳା କମିଶନ ଶୋଭନା ମହାନ୍ତି ଆଜି ଜଳେଶ୍ୱରକୁ ପ୍ରଥମ ଗସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେପି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଜି ସକାଳେ ଶ୍ରୀମତୀ ମହାନ୍ତି ଜଳେଶ୍ୱରରେ ପହଂଚି ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ଛାତ୍ରୀନିବାସରେ ଥିବା ଛାତ୍ରୀମାନଙ୍କ ସହିତ କିଛି ସମୟ ଅତିବାହିତ କରିଥିଲେ। ପରେ ଡାକବଂଗଳାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ବେଳେ ବିଜେପି କର୍ମୀ ଓ ନେତୃବୃନ୍ଦ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଯୋଗ ଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାନ୍ତନୁ ପଟ୍ଟନାୟକ, ଫାଲଗୁନୀ ପାଣିଗ୍ରାହୀ, ରାଜେଶ ଖଟୁଆ, ସମୀର ପାତ୍ର, ଇନ୍ଦୁମତୀ ଗିରି, ସୁମତୀ ଦେ, ଶିବନାରାୟଣ ମହାପାତ୍ର, ତାପସ ପାଣିଗ୍ରାହୀ, ବିପ୍ଳବ ପ୍ରଧାନ, କାଳିଚରଣ ଦାସ, ମଧୁସୂଦନ ଦତ୍ତ, ତ୍ରିଦିପ ପ୍ରଧାନ, ଶ୍ରୀକୃଷ୍ଣ ଗୁପ୍ତା, ସଂଜୀବ ସେନାପତି, ଅନୁ ପ୍ରଧାନ, ଦେବଯାନୀ ଅଣ୍ଡିଆ, ହାସିରୁଦ୍ଦିନ ବକ୍ସ, ଅନନ୍ତ ଦାସ, ସୁମତୀ ରଣା, ସତ୍ୟ କର, ରବିନ୍ଦ୍ର ପ୍ରଧାନ, ପାର୍ଥ କର ପ୍ରମୁଖ ବହୁ କର୍ମୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ସୋର, ୩୧।୮ (ସମିସ): ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ସିନ୍ଧୁଆ ଗ୍ରାମରେ ସାପ କାମୁଡାରେ ଜଣେ ମହିଳାଙ୍କର ସୋର ମେଡିକାଲରେ ମୃତ୍ୟୁ ହୋଇଥିବା ଜଣାପଡିଛି। ନୀଳଗିରି ଥାନା ସଜନାଗଡ ଗ୍ରାମର ଅନୀଲ ସିଂଙ୍କ ସ୍ତ୍ରୀ କୁନି ସିଂ ଗତ ୨୭ ତାରିଖରେ ବାପା ଘର ସିନ୍ଧୁଆକୁ ବୁଲିବାକୁ ଆସିଥିଲେ। କିନ୍ତୁ ଗତକାଲି ରାତିରେ ସେ ରୋଷେଇ କରୁଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡିଥିଲା। ଆଜି ସକାଳେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବରିଷ୍ଠ କଂଗ୍ରେସ ନେତାଙ୍କ ଦେହାନ୍ତ

ନୀଳଗିରି, ୩୧।୮ (ସମିସ): ନୀଳଗିରି ବଣସୀମା ସଜନାଗଡ ଅଞ୍ଚଳର ବରିଷ୍ଠ ପୁରୁଖା କଂଗ୍ରେସ ନେତା ବେହେରା ସାହି ଗ୍ରାମର ବୀରେନ୍ଦ୍ର ବେହେରା (୭୦)ଙ୍କ ଦେହାନ୍ତ ହୋଇଛି। ସେ ଥିଲେ ନୀଳଗିରି କଂଗ୍ରେସର କର୍ଣ୍ଣଧାର। ଦଳକୁ ସଂଗଠିତ କରିବା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କର ଅକାଳ ବିୟୋଗ ଖବର ପାଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, କଂଗ୍ରେସ ନେତା ଯଶୋଦା ନନ୍ଦନ ସିଂହ, ଚକ୍ରଧର ଦାସ ବାବୁ, ରାଧେଶ୍ୟାମ ଜେନା, ଦଇତାରୀ ବାରିକ, ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ପହଞ୍ଚି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ବଡ଼ ପୁତ୍ର ସୂର୍ଯ୍ୟ ବେହେରା ମୁଖାଗ୍ନି ଦେଇଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୀଳଗିରି, ୩୧।୮ (ସମିସ): ନୀଳଗିରିରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଯୁବକ ଜଣକୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନୀଳଗିରି ବ୍ଲକ ଅନ୍ତର୍ଗତ ମାଟିଆଳି ପଞ୍ଚାୟତର ନଟାପଡ଼ା ଗ୍ରାମର ଗୌତମ ସିଂର ପୁଅ ବସନ୍ତ ସିଂ (୨୬) ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିବା ବେଳେ ଲୁଚି ରହିଥିବା ଏକ ଭାଲୁ ଅତର୍କିତ ଭାବେ ଆକ୍ରମଣ ଫଳରେ ବସନ୍ତର ସମଗ୍ର ଶରୀର କ୍ଷତ ବିକ୍ଷତ ହୋଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳରୁ ବସନ୍ତକୁ ବାରହମ୍ପୁର ମେଡିକାଲରେ ନେଇଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ପୁଣି ନିଳଗିରି ମେଡିକାଲ ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ରାଇବଣିଆ ଥାନା ପରିଦର୍ଶନ କଲେ ଏସ୍‌ପି

ଜଳେଶ୍ୱର ବ୍ଲକ, ୩୧।୮ (ସମିସ) : ବାଲେଶ୍ୱର ଜିଲ୍ଲାର ନୂତନ ଏସ୍‌ପି ଭାବେ ପ୍ରତ୍ୟୁଷ ଦିବାକର ଦାୟିତ୍ୱ ଗ୍ରହଣ କଲାପରେ ଗତ ଶନିବାର ଅଚାନକ ଭାବରେ ରାଇବଣିଆ ଥାନା ପରିଦର୍ଶନରେ ଆସିଥିଲେ। ଭାରପ୍ରାପ୍ତ ଅଧିକାରିଣୀ ଲୋପାମୁଦ୍ରା ପଣ୍ଡାଙ୍କ ସହିତ ଥାନାର ସମସ୍ୟା ସମ୍ପର୍କରେ ବୁଝିଥିଲେ।

## ନୀଳଗିରି ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ



ନୀଳଗିରି, ୩୧।୮ (ସମିସ): ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ରବିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ନୀଳଗିରି ଏନ୍.ଏ.ସି ପରିସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ରନାଥ ବେହେରାଙ୍କ ଦ୍ୱାରା ପୂର୍ବାହ୍ନରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଏହି ଅବସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା ନିଜର ଅଭିଭାଷଣ ରଖିଥିଲେ। ପରେ ନୀଳଗିରି ଏନ୍.ଏ.ସି ୧୧ ନଂ ୱାର୍ଡ୍ ଷ୍ଟେସନସାହି କଲ୍ୟାଣ ମଣ୍ଡପରେ ବୃକ୍ଷ ରୋପଣ ଓ ପରେ ମଣ୍ଡପ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ସମେତ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ନୀଳଗିରି ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ଓ ସମସ୍ତ କାଉନସିଲର, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସୁରଞ୍ଜନ ମହାପାତ୍ର, ବିଦ୍ୟାଧର ଖଟୁଆ ଉପସ୍ଥିତ ରହିଥିଲେ।

## ଜଳେଶ୍ୱର ଲାୟନ୍ସ କ୍ଲବର ୨୭ତମ ଅଧିଷ୍ଠାନ ଦିବସ ପାଳିତ



ଜଳେଶ୍ୱର, ୩୧।୮ (ସମିସ) : ଲାୟନ୍ସ କ୍ଲବ ଜଳେଶ୍ୱର ପକ୍ଷରୁ ୨୭ତମ ଅଧିଷ୍ଠାନ ଦିବସ ଶନିବାର ସଂଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠିତ ସଭାରେ କ୍ଲବର ସଭାପତି ଲାୟନ ବିଷ୍ଣୁପଦ ମହାନ୍ତି ସଭାପତିତ୍ୱ କରି କ୍ଲବର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। ତହସିଲଦାର ସତ୍ୟଜିତ୍ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ଲବର ସଦସ୍ୟମାନେ ସେବା ଓ ତ୍ୟାଗକୁ ଆପଣାଇବାକୁ କହିଥିଲେ। ପୌରପାଳ ପ୍ରଦୀପ କୁମାର ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ଅଧିଷ୍ଠାନ ଅଫିସରଭାବେ ପିଡିଜି ଲାୟନ ପ୍ରକାଶ କୁମାର ଜେନା ଯୋଗଦେଇ ଲାୟନ୍ସ କ୍ଲବର ସଭ୍ୟମାନେ ସମାଜକୁ ଆଗକୁ ନେବା ଲାଗି ଚିନ୍ତା କରିବା ସହିତ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳତା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ନୂତନ ଭାବେ ଯୋଗଦେଇଥିବା ସଭ୍ୟମାନଙ୍କୁ ସତ୍ୟପାଠ କରାଇବା ସହିତ ଚଳିତ ବର୍ଷର ନୂତନ କାର୍ଯ୍ୟକ ମାନଙ୍କୁ ମଧ୍ୟ ଶପଥପାଠ କରାଇଥିଲେ। ବିଷ୍ଣୁପଦ ମହାନ୍ତିଙ୍କଠାରୁ ସଭାପତି ଦାୟିତ୍ୱ ଆଣି ନୂତନ ସଭାପତି ଲାୟନ ପ୍ରଶାନ୍ତ ପ୍ରଧାନଙ୍କୁ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଂଚଳିତ ଚେୟାରପର୍ସନ ଲାୟନ ବନ୍ଦନା ମହାପାତ୍ର, ଜୋନ୍ ଚେୟାରପର୍ସନ ଲାୟନ ତପନ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଚଳିତବର୍ଷ ଲାଗି ସଭାପତିଭାବେ ପ୍ରଶାନ୍ତ ପ୍ରଧାନ, ସଂପାଦକ ଭାବେ ଏସ୍‌କେ ସବିର, ଉପସଭାପତିଭାବେ ବିନୋଦ ସାହୁ, ଯୁଗ୍ମ ସଂପାଦକ ଭାବେ ଗିରିଜା ଶଂକର ଦାସ ଓ କୋଷାଧକ୍ଷ ଭାବେ କପିଳେଶ୍ୱର ମହାନ୍ତି ମନୋନୀତ ହୋଇଥିଲେ।

## ଶଙ୍ଖାରି ଇସ୍କନ ମନ୍ଦିରରେ ରାଧାଷ୍ଟମୀ

ଚନ୍ଦନେଶ୍ୱର, ୩୧।୮ (ସମିସ) : ଭୋଗରାଇରେ ଶଙ୍ଖାରିସ୍ଥିତ ଇସ୍କନ ଦ୍ୱାରା ପରିଚାଳିତ ରାଧା ଗୋପୀନାଥ ଜୀଉଙ୍କ ମନ୍ଦିରରେ ପବିତ୍ର ରାଧାଷ୍ଟମୀ ପର୍ବ ପାଳିତ ହୋଇ ଯାଇଛି। ଏହି ଅବସରରେ



ହଜାର ହଜାର ଭକ୍ତ ସାମିଲ ହୋଇ ପୂଜାର୍ଚ୍ଚନା କରିଥିଲେ। ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ କାଳି ଦାସ ଏବଂ ତାଙ୍କ ପତ୍ନୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କମଳା ଦାସ ଶଙ୍ଖାରିରେ ରାଧା ଗୋପୀନାଥଙ୍କ ମନ୍ଦିର ପ୍ରତିଷ୍ଠା କରି ଇସ୍କନ ହାତରେ ଟେକି ଦେଇଥିଲେ। ରବିବାର ରାଧାଷ୍ଟମୀ ଅବସରରେ ଅଭିଷେକ, ୧୦୮ ପ୍ରକାର ବ୍ୟଞ୍ଜନରେ ୫୬ଭୋଗ, କୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ଦିରର ମୁଖ୍ୟ ପରିଚାଳକ ବ୍ରଜ ସୁନ୍ଦର ଦାସ, ଲାବଣ୍ୟ ପ୍ରଭୁ ଦାସ, ସେବକ ଗୋପାଳ ଚନ୍ଦ୍ର ସାହୁ, ଭଗବାନ ଦାସ, ଭକ୍ତପ୍ରାଣ ଦାସ, ସଦାନନ୍ଦ ଦାସ ପ୍ରମୁଖ ସାମିଲ ଥିଲେ।

## ଖରିଫ୍ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ଶେଷ

ବାଲେଶ୍ୱର(ଉତ୍ତର), ୩୧।୮ (ସମିସ): ଚଳିତ ବର୍ଷ ସରକାରୀ ଧାନମଣ୍ଡିରେ ଖରିଫ ଧାନ ବିକ୍ରି ପାଇଁ ଗତ ଅଗଷ୍ଟ ୨୫ତାରିଖରେ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ଜଳେଶ୍ୱର ଆରଏମ୍‌ସି ଅଧିନରେ ଥିବା ଉତ୍ତର ବାଲେଶ୍ୱରର ୩ଟି ବ୍ଲକ ଭୋଗରାଇ, ଜଳେଶ୍ୱର ଓ ବାଲିଆପାଳ ବ୍ଲକ୍‌ରୁ ମୋଟ ୩୩୯୮୯ ଜଣ ଚାଷୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ମାତ୍ର ସରକାରଙ୍କ ନୂତନ ନିୟମ ପାଇଁ ଆହୁରି ଅନେକ ଯୋଗ୍ୟ ଚାଷୀ ପଞ୍ଜୀକରଣ କରିପାରି ନଥିବା ଜଣାପଡିଛି। ଚାଷୀଙ୍କୁ ଧାନର ସହାୟକ ମୂଲ୍ୟ ୩୧ଶହ ଟଙ୍କା ମିଳୁଥିବାରୁ ଚାଷୀ ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ ଆଗ୍ରହ ଦେଖାଉଛନ୍ତି। ଗତ ୨୦୨୪-୨୫ ଖରିଫ୍ ଋତୁରେ ଭୋଗରାଇ ବ୍ଲକ୍‌ରେ ୯୪୯୭ ଜଣ, ଜଳେଶ୍ୱର ବ୍ଲକରେ ୭୯୮୯ ଓ ବାଲିଆପାଳ ବ୍ଲକରେ ୭୯୨୩ ଜଣଙ୍କୁ ମିଶାଇ ମୋଟ ୨୫,୪୦୯ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। କିନ୍ତୁ ଚଳିତ ଖରିଫ୍ ଋତୁ ପାଇଁ ଭୋଗରାଇ ବ୍ଲକରେ ସର୍ବାଧିକ ୧୨୪୯୭ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଜଳେଶ୍ୱର ବ୍ଲକ୍‌ରେ ୧୧୨୨୭ ଜଣ ଓ ବାଲିଆପାଳ ବ୍ଲକ୍‌ରେ ୧୦୨୬୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ତେବେ ସରକାର ପୁଣିଥରେ ଧାନ ପଞ୍ଜିକରଣ ପ୍ରକ୍ରିୟା ପୁଣି ୭ଦିନ ପାଇଁ ବଢ଼ାଇବା ପାଇଁ ଚିନ୍ତା କରୁଥିବା ଜଣାପଡ଼ିଛି। ଯଦି ଏହା ଘୋଷଣା ହୁଏ ପଞ୍ଜୀକରଣରୁ ବାଦ ପଡ଼ିଥିବା ଚାଷୀ ପୁଣି ସୁଯୋଗ ପାଇ ପାରିବେ। ଅନ୍ୟପକ୍ଷରେ ପଞ୍ଜୀକରଣ ଶେଷ ହୋଇଥିଲେ ବି ସରକାର ଧାନ କିଣିବା ପାଇଁ ପ୍ରକୃତରେ କେତେ ଟାର୍ଗେଟ ଦେଉଛନ୍ତି ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

**୩ ବ୍ଲକ୍‌ରୁ ୩୩୯୮୯ ଚାଷୀ ପଞ୍ଜିକୃତ**
**ବାଦ ପଡ଼ିଲେ ବହୁ ଯୋଗ୍ୟ ଚାଷୀ**

## ପୋଖରୀରେ ପଡ଼ି ଯୁବତୀ ମୃତ

ସିମୁଳିଆ, ୩୧।୮ (ସମିସ): ପାଣି ଆଣିବାକୁ ଯାଇ ପୋଖରୀରେ ପଡି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁରୁଣ୍ଡା ପଞ୍ଚାୟତ ବାରିଙ୍ଗିଆ ଗ୍ରାମର ବାସୁଦେବ ମହାନ୍ତିଙ୍କ ଝିଅ ଗୌରୀ ମହାନ୍ତି (୨୨) ଆଜି ସକାଳେ ଘର ପଛ ପଟରେ ଥିବା ପୋଖରୀକୁ ପାଣି ଆଣିବାକୁ ଯାଇ ଆଉ ଫେରିନଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ଯାଇ ଦେଖିବାରୁ ଗୌରୀ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକ ଓ ଗ୍ରାମବାସୀ ଗୌରୀକୁ ଉଦ୍ଧାର କରି ସିମୁଳିଆ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ଗୌରୀକୁ ମୃତ ଘୋଷଣା କରିଛନ୍ତି। ସିମୁଳିଆ ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି।

## ଦବିଲା ଫେଂଭର ବ୍ଲକ, ଫସିଲା ଟୁରିଷ୍ଟ ବସ୍



ନୀଳଗିରି, ୩୧।୮ (ସମିସ): ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱରକୁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ଭକ୍ତଙ୍କ ସୁଅ ଛୁଟିଥାଏ। ହେଲେ ପୀଠର ଉନ୍ନତୀକରଣ ପାଇଁ ସରକାର ଉଦାସୀନ ରହିବା ପରିତାପର ବିଷୟ। ବିଶେଷ ଭାବେ ପାର୍କିଂ ସ୍ଥଳର ଅବସ୍ଥା ଅତ୍ୟନ୍ତ ଖରାପ ଏବଂ ଉନ୍ନତୀକରଣ ପାଇଁ କର୍ତ୍ତୃପକ୍ଷ ସଂପୂର୍ଣ୍ଣ ଉଦାସୀନ। ଏଠାରେ ଥିବା ପାର୍କିଂ ଷ୍ଟାଣ୍ଡ ଅବସ୍ଥା ଏବେ ବେହାଲ୍ ହୋଇ ପଡିଛି। ରବିବାର ଦିନ ଏକ ବେଙ୍ଗଲ ବସ୍ ଉକ୍ତ ପାର୍କିଂରେ ଦବି ଯିବାରୁ ବସଟି ବାହାରି ପାରୁ ନ ଥିବା ବେଳେ ସବୁ ଫେଭର୍ ବ୍ଲକ ଗୁଡ଼ିକ ଦବି ଯାଇଥିବାର ଦେଖିବାକୁ ମିଳିଛି। ଏଥିପାଇଁ ବହୁ ପର୍ଯ୍ୟଟକ ହିନସ୍ତା ହୋଇଥିବାର ଦେଖିବାକୁ ମିଳିଛି। ଆଗକୁ ପର୍ଯ୍ୟଟନ ଋତୁ। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ପାର୍କିଂ ସ୍ଥଳର କାମ ହେବା ଆବଶ୍ୟକ, ନ ହେଲେ ପାର୍କିଂ ସ୍ଥଳ ଅତି ଖରାପ ଅବସ୍ଥାକୁ ଚାଲିଯିବ।

## କେଦାରପୁର ଗ୍ରାମରୁ ଡିଜେ ଜବତ



ସୋର, ୩୧।୮ (ସମିସ): ସୋର ବ୍ଲକ କେଦାରପୁର ପଞ୍ଚାୟତ କିଆରପୁର ଗ୍ରାମରେ ଗଣେଶ ମୂର୍ତ୍ତି ଭସାଣି ବେଳେ ଏକ ଡିଜେକୁ ସୋର ଥାନାଧିକାରୀ ଜବତ କରି ଥାନାରେ ରଖିଛନ୍ତି। ସୂଚନା ଅନୁସାରେ ଗତକାଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଭସାଣିରେ ଡିଜେକୁ ନିଷିଦ୍ଧ କରିଥିବା ବେଳେ ଆଜି ସନ୍ଧ୍ୟାରେ ଏହାକୁ ଖାତିର ନକରି କିଆରପୁର ଗ୍ରାମରେ ଗଣେଷ ଠାକୁର ଭସାଣି ସମୟରେ ବିକଟାଳ ଶବ୍ଦ କରି ଡିଜେ ବଜାଇଥିଲେ। ଖବର ପାଇ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ଘଟଣା ସ୍ଥଳରେ ପହଞ୍ଚି ଡିଜେ ଜବତ କରି ସୋର ଥାନାରେ ରଖିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି।

# ଦ୍ୱିତୀୟ ପର୍ଯ୍ୟାୟ ଘୋଷଣାରେ ଖଇରାର ସ୍ଥାନ ନାହିଁ

ଖଇରା, ୩୧।୮ (ସମିସ)

**■ ଆଜି ସବୁ ସଙ୍ଗଠନର ମିଳିତ ବୈଠକ**
**■ ଆଗାମୀ ରଣନୀତି ସମ୍ପର୍କରେ ଆଲୋଚନା**

ରବିବାର ରାଜ୍ୟ ସରକାର ୧୬ଟି ସହରକୁ ବିଜ୍ଞାପିତ ଅଞ୍ଚଳ ମାନ୍ୟତା ପ୍ରଦାନ କରିଥିବା ବେଳେ ପୁଣିଥରେ ଖଇରା ଏହି ତାଲିକାରୁ ବାଦ ପଡିଛି। ୨୦୨୪ ମସିହା ମାର୍ଚ୍ଚ ୧୩ତାରିଖରେ ବିଜେଡି ସରକାର ସମୟରେ ଖଇରାକୁ ଘୋଷଣା କରାଯାଇଥିଲା ହେଲେ ଭାଜପା ସରକାର ଅମଳରେ ଏଗୁଡିକ ନୀତିନିୟମରେ ହୋଇନଥିବା ଦର୍ଶାଇ ଅଟକାଇ ଦିଆଯାଇଥିଲା। ଭାଜପା ସରକାରରେ ଖଇରାକୁ ନିଶ୍ଚିତ ନ୍ୟାୟ ମିଳିବ ବୋଲି ଖଇରାବାସୀ ଆଶାଭରସା ବାନ୍ଧିଥିଲେ। ହେଲେ ସରକାରର ଦ୍ୱିତୀୟ ପର୍ଯ୍ୟାୟ ଘୋଷଣାରେ ଖଇରାକୁ ବଞ୍ଚିତ ରଖାଯିବା ପ୍ରତିବାଦରେ ଖଇରାର ବିଭିନ୍ନ ସଙ୍ଗଠନ, ଶିକ୍ଷାବିତ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହା ପ୍ରତିବାଦରେ ବିଭିନ୍ନ ସଙ୍ଗଠନ ତରଫରୁ ଖଇରା ବଜାର ବନ୍ଦ ଓ ଆମରଣ ଅନଶନ ପାଇଁ ଆହ୍ୱାନ ଦିଆଯାଇଛି। ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ନେବାକୁ ସୋମବାର ୧୦ଟାରେ ସବୁ ସଙ୍ଗଠନର ଏକ ମିଳିତ ବୈଠକ ପାଇଁ ନିଷ୍ପତ୍ତି ନିଆଯାଇଛି। ଏନଏସି ଘୋଷଣା ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଅନଶନ ଜାରି ରହିବ ବୋଲି ଆବାଳ ବୃଦ୍ଧ ବନିତା ଚେତାବନୀ ଦେଇଛନ୍ତି। ସବୁ ପ୍ରକାର ଭିତ୍ତିଭୂମି ଥାଇ ଖଇରା ବାଦ ପଡିବା ଖଇରାର ସ୍ୱାଭିମାନ ପ୍ରତି କୁଠାରଘାତ। ନେତୃବୃନ୍ଦଙ୍କ ଆନ୍ତରିକତା ଅଭାବରୁ ଖଇରା ବାରମ୍ବାର ଅବହେଳିତ ହୋଇ ଆସୁଛି ବୋଲି ଖଇରା ବିକାଶ ପରିଷଦର ସମ୍ପାଦକ କମଳାକାନ୍ତ ନାୟକ ପ୍ରକାଶ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଖଇରା ଘୋଷଣା ହେବ ବୋଲି ସମସ୍ତେ ଆଶା କରିଥିଲେ। ହେଲେ ପୁଣିଥରେ ଖଇରା ବୈମାତୃକ ଭାବ ପ୍ରଦର୍ଶନ କରାଯାଇଛି ବୋଲି ବାମପନ୍ଥୀ ନେତା ଜଗତାନନ୍ଦ ମହାପାତ୍ର କହିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଘୋଷଣା ହେବ ବୋଲି ବିଧାୟକ ପ୍ରତିଶୃତି ମଧ୍ୟ ଦେଇଥିଲେ। ହେଲେ ପୁଣିଥରେ ଖଇରାକୁ ପ୍ରତାରିତ କରାଯାଇଛି ବୋଲି ପ୍ରତିଭା ପରିବାରର ସଭାପତି ବସନ୍ତ କୁମାର ଖିଲାର କହିଛନ୍ତି। ସିମୁଳିଆବାସୀଙ୍କ ଦୟା ବିନା ଖଇରାକୁ ବିଜ୍ଞାପିତ ଅଞ୍ଚଳ ମାନ୍ୟତା ମିଳିବା ଅସମ୍ଭବ। ଏଣୁ ଘୋଷଣା ପାଇଁ ସିମୁଳିଆ ନେତାଙ୍କ ଆଶୀର୍ବାଦ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ବୋଲି କଂଗ୍ରେସ ବିଧାୟକ ପ୍ରାର୍ଥୀ ନେତା ହିମାଂଶୁ ବେହେରା ପ୍ରକାଶ କରିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଖଇରାବାସୀ ସିମୁଳିଆ ନେତାଙ୍କର ଗୋଡାଣିଆ ହୋଇଥିବେ ସେତେଦିନ ଖଇରା ଏହିଭଳି ଅବହେଳିତ ହେଉଥିବ। ଲଢେଇ ମିଳିତ ଭାବେ ହେବା ଦରକାର ବୋଲି ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ଅନ୍ତର୍ଯାମୀ ପାତ୍ର କହିଛନ୍ତି। ତାଙ୍କ ସରକାରଙ୍କ ସମୟରେ ତାଙ୍କ ଉଦ୍ୟମରେ ଖଇରାକୁ ଏନଏସି ଘୋଷଣା କରାଯାଇଥିଲା। ହେଲେ ଭାଜପା ସରକାରଙ୍କ ତାଲିକାରେ ଖଇରା ନରହିବା ବିଡମ୍ବନା। ଖଇରାବାସୀଙ୍କ ସହ ସେ ବିରୋଧରେ ସାମିଲ ହେବେ ବୋଲି ପ୍ରାକ୍ତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି। ଗୋଟିଏ ଗୋଟିଏ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ଘୋଷଣା କରୁଛନ୍ତି। ପର ପର୍ଯ୍ୟାୟରେ ଖଇରା କିଭଳି ହେବ ସେ ମୁଖ୍ୟମନ୍ତ୍ରୀ ସହ ଆଲୋଚନା କରିବେ ବୋଲି ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା କହିଛନ୍ତି।

# ଦେବଗଡ଼ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ



ଦେବଗଡ଼,୩୧।୮ (ସମିସ)

ରାଜ୍ୟର ଅନ୍ୟତମ ସର୍ବ ପୁରାତନ ଶତାୟୁ ଦେବଗଡ଼ ପୌର ପରିଷଦ କାର୍ଯ୍ୟାଳୟ ପକ୍ଷରୁ ଆଜି ବିପୁଳ ଉତ୍ସାହ ଓ ଉଦ୍ଦିପନା ମଧ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭାରପ୍ରାପ୍ତ ନଗରପାଳ ପ୍ରଜିତ କୁମାର ଭୋଜଙ୍କ ଅଧ୍ୟକ୍ଷତା ରେ ଆଜି ପୂର୍ବାହ୍ନରେ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବୀନ୍ଦ୍ର କୁମାର୍ ସାହୁ , ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅନୀଲ କୁମାର ମିଶ୍ର, ଉପଜିଲ୍ଲାପାଳ ପରକ୍ଷୀତ ସାହୁ ଓ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ମଞ୍ଚାସୀନ ରହି ସ୍ୱାୟତ୍ତ ଶାସନ ଦିବସ ପାଳନର ଆଭିମୁଖ୍ୟ ସଂପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହେଇଥିବା ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୌରାଞ୍ଚଳରେ ବସବାସ କରିଥିବା ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ, ରାସନ୍ କାର୍ଡ ବଣ୍ଟନ, ସହ ସ୍ୱଚ୍ଛ କର୍ମଚାରୀଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ସେହିପରି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରତ୍ୟୁଷରେ ପୌରାଞ୍ଚଳର ସମସ୍ତ ୱାର୍ଡରେ ଡାକ ବାଜି ଯନ୍ତ୍ର ଦ୍ୱାରା ରାମଧୁନ୍ ପରିବେଷଣ କରାଯାଇଥିଲା। ସେହିପରି ସକାଳ ୭ ଘଟିକା ସମୟରେ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସକାଳ ୮ଟା ସମୟରେ ଜାତୀୟ ପତାକା ଉତ୍ତୋଳନ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ପୌର ପରିଷଦ ପକ୍ଷରୁ ପୌରାଧ୍ୟକ୍ଷ ଶ୍ରୀ ଭୋଜଙ୍କ ଦ୍ୱାରା ଫଳ ବଣ୍ଟନ କରାଯାଇଥିଲା। ସାଧାରଣ ସଭାପରେ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର, ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ, ପୌର ପରିଷଦର କର୍ମଚାରୀ ଓ ଜନ ସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରଜରାଜନଗର ପୌର ପରିଷଦରେ ସ୍ୱାୟତ୍ତ ଶାସନ ଦିବସ



ଝାରସୁଗୁଡା,୩୧।୮ (ସମିସ): ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ପୌରପରିଷଦରେ ସ୍ୱାୟତ୍ତ ଶାସନ୍ ଦିବସ ପାଳିତ ହୋଇଯାଇଛି। ପୌରାଧ୍ୟକ୍ଷ ଗୋପାଳ ସୀତାନି ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ।ପରେ ପୌରପରିଷଦରେ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ବ୍ରଜରାଜନଗର ଓ ବେଲପାହାଡ଼ ପୌରପରିଷଦର ବିକାଶ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ସରକାର ଟଙ୍କା ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ବ୍ରଜରାଜନଗରର ମୁଖ୍ୟ ସମସ୍ୟା ବନ୍ଦ ପଡିଥିବା ଓରିଏଣ୍ଟ କାଗଜ କଳକୁ ରାଜସ୍ୱ ବିଭାଗ ତରଫରୁ ଜାଗା ଛାଡିବା ପାଇଁ ନୋଟିସ କରାଯାଇଛି ଏବଂ ନୋଟିସ ର ଯବାବ ଦେବାକୁ ମିଲ୍ କର୍ତ୍ତୃପକ୍ଷ ଉଚ୍ଚ ନ୍ୟାୟାଳୟ ର ଦ୍ୱାରସ୍ଥ ହୋଇଛନ୍ତି। ଖୁବ୍ ଶୀଘ୍ର ବ୍ରଜରାଜନଗରବାସୀଙ୍କ ପାଇଁ ଖୁସି ଖବର ଆସିବ ଓ ଏଠିକାର ବେକାରୀ ସମସ୍ୟା ଦୂର ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।ବେଲପାହାଡ଼ ପୌର ଦୁର୍ନୀତିରେ ପୂର୍ବତନ ନିର୍ବାହୀ ଅଧିକାରୀଙ୍କୁ ଗିରଫ୍ କରାଯାଇଥିବା କଥା ମଧ୍ୟ ରାଜସ୍ୱ ମନ୍ତ୍ରୀ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ବ୍ରଜରାଜନଗର ପୌରାଧ୍ୟକ୍ଷ ଗୋପାଳ ସୀତାନି, ନିର୍ବାହୀ ଅଧିକାରୀ ଓ ବ୍ରଜରାଜନଗରର ଅନେକ ଜନସାଧାରଣ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହିତ ଦିବ୍ୟାଙ୍ଗଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# ଜାଗୃତି କ୍ଲବ୍ ଆନୁକୂଲ୍ୟରେ ଚାରାରୋପଣ



ଦେବଗଡ଼,୩୧।୮ (ସମିସ): ବଳମ ପଞ୍ଚାୟତ ସ୍ଥିତ ଜାଗୃତି କ୍ଲବ୍ ଆନୁକୂଲ୍ୟରେ କ୍ଲବର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ବଳମ ଖେଳପଡିଆ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ସଭାପତି ପ୍ରଦୀପ ମୁଣ୍ଡା ଓ ପୂର୍ବତନ ସରପଞ୍ଚ କ୍ଷେତ୍ରବାସୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ରେ ଦିନକୁ ଦିନ ବୃଦ୍ଧି ପାଉଥିବା ବିଶ୍ୱ ତାପାୟନକୁ ଦୃଷ୍ଟିରେ ରଖି ପରିବେଶ ସନ୍ତୁଳନକୁ ରକ୍ଷା କରିବା ଉଦ୍ଦେଶ୍ୟରେ ନୂତନ ପିଢ଼ିଙ୍କୁ ଚାରା ରୋପଣର ପ୍ରେରଣା ଦେବାସହ ପ୍ରତି ଗ୍ରାମରେ ପଡିଆ ପଡ଼ିଥିବା ସରକାରୀ ଜମିରେ ଚାରାରୋପଣ ପାଇଁ ଆହ୍ୱାନ ଦେଇଥିଲେ। ବଳମ ଫରେଷ୍ଟର ସୁବାସ ଚନ୍ଦ୍ର ଦେହୁରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଥିଲେ। ଏହି ଅବସରରେ ଗ୍ରାମର ବହୁ ଯୁବ ଛାତ୍ର ମିଶି ୫୦୦ ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସଦସ୍ୟ ସଞ୍ଜୀବ କୁମାର ଶତପଥୀ, ରଞ୍ଜିତ କୁମାର ପ୍ରଧାନ, ପ୍ରଶାନ୍ତ ସାହୁ, ଦିଲ୍ଲୀପ କୁମାର ବେହେରା, ସିକୁ ପ୍ରଧାନ, ଶ୍ରୀଧର ଜିତ, ଗୁରୁଚରଣ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ୧୭ ବର୍ଷରୁ କମ୍ ଓପନ ଚେସ୍ ପ୍ରତିଯୋଗିତା




ଝାରସୁଗୁଡ଼ା,୩୧।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ମଣ୍ଡଲିଆ ସ୍ଥିତ ଏମ୍‌ସିଏଲର କଲ୍ୟାଣ ମଣ୍ଡପରେ ୧୭ବର୍ଷରୁ କମ୍ ରାଜ୍ୟସ୍ତରୀୟ ବାଳକ ବାଳିକା ଓପନ ଚେସ୍ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଥିବା ବେଳେ ରବିବାର ଦ୍ୱିତୀୟ ଦିବସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶନିବାର ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ୭୭ ଜଣ ବାଳକ ଓ ୧୯ ଜଣ ବାଳିକା ଅଂଶଗ୍ରହଣ କରିଛନ୍ତି। ରବିବାର ଖେଳ ଆରମ୍ଭ ପୂର୍ବରୁ ଏକ ସଭାର ଆୟୋଜନ କରାଯାଇଥିଲା। ଆୟୋଜିତ ସଭାରେ ଝାରସୁଗୁଡା ଜିଲ୍ଲା ବଜରଙ୍ଗ ଦଳର ସଂଯୋଜକ ଅକ୍ଷୟ କୁମାର ଯୋଗ ଦେଇ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡା ଜିଲ୍ଲା ଚେସ ଆସୋସିଏସନର ସଭାପତି କିଶୋର କୁମାର ମହାନ୍ତି, ସାଧାରଣ ସମ୍ପାଦିକା ପଦ୍ମିନୀ ସିଂ, ରାଜ୍ୟ ଚେସ ଆସୋସିଏସନର ଉପ ସଭାପତି ଭବେଶ କୁମାର ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ଚାରିଦିନ ଧରି ଚାଲିଥିବା ଚେସ ପ୍ରତିଯୋଗିତା ଶନିବାର ଠାରୁ ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ଦିନ ଉଦ୍‌ଯାପିତ ହେବ। ଏହି ପ୍ରତିଯୋଗିତାରେ ଚିଫ୍ ଆରବିଟର ଭାବରେ ସୁରେଶ ସାହୁ ରହିଥିବା ବେଳେ ସହ ଆର୍ବିଟର ଭାବରେ ଭବେଶ ମହାନ୍ତି ରହିଛନ୍ତି। ଏହି ପ୍ରତିଯୋଗିତାରୁ କୃତକାର୍ଯ୍ୟ ଖେଳାଳି ଆଗାମୀ ଜାତୀୟସ୍ତରର ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜିଲ୍ଲା ଚେସ୍ ଆସୋସିଏସନ ର ଉପସଭାପତି ପ୍ରସନ୍ନ ନାୟକ ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାରେ ସମୀର ବିଶି, ବିଜୟଲକ୍ଷ୍ମୀ ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରୁଛନ୍ତି।

# ନବଦାସ୍ ଫାଉଣ୍ଡେସନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ଝାରସୁଗୁଡ଼ା, ୩୧।୮ (ସମିସ): ଝାରସୁଗୁଡା ଜିଲ୍ଲା ନବଦାସ ଅଡ଼ିଟୋରିୟମଠାରେ ରବିବାର ନବଦାସ ଫାଉଣ୍ଡେସନ ପକ୍ଷରୁ ନୁଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଧୁମ୍ରାଧାମରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସ ଏହି କାର୍ଯ୍ୟକ୍ରମରେ ମୁଖ୍ୟ



ଅତିଥି ଭାବରେ ଯୋଗଦେଇଥିବା ବେଳେ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ସମ୍ବଲପୁରୀ ନାଚ, ଗୀତ, ବାଦ୍ୟରେ ନବଦାସ ଅଡିଟରିୟମ ଦୁଲକିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସ ମଧ୍ୟ ନାଚଗୀତର ଆସରରେ ସାମିଲ ହୋଇଥିଲେ। କଳାକାର ଏବଂ ସ୍ଥାନୀୟ ମହିଳାଙ୍କ ସହ ସମ୍ବଲପୁରୀ ନୃତ୍ୟଗୀତରେ ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସ ସାମିଲ ହୋଇଥିଲେ। ଖିଦମତ କମିଟି, ଗୁରୁଦ୍ୱାରା କମିଟି, ଇଏସ୍‌ଆଇ ଛକ ଦୂର୍ଗାପୂଜା କମିଟି, ଗୁରୁ ପଦ୍ମଶ୍ରୀ ଘଡେଇଙ୍କ ଆର୍କେଷ୍ଟ୍ରା ଗୃପର ସହଯୋଗ ରେ ନବଦାସ ଫାଉଣ୍ଡେସନ ତରଫରୁ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ରେ ଝାରସୁଗୁଡା ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ସହିତ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ, ରାଜକିଶୋର ଦାସ, ବିଶ୍ୱନାଥ ତ୍ରିପାଠୀ, ପିଣ୍ଟୁ ପାଢ଼ୀ, ଦାମୋଦର ନାଥ, ତାପସ ରାୟ ଚୌଧୁରୀ, ରବି ସିଂ, ରଘୁମଣୀ ପଟେଲ, ସନ୍ଦୀପ ଅବସ୍ଥି, ଗଜାନନ୍ଦ ତିୱାରୀ, ଚିରଞ୍ଜୀବି ପତି, ତୁଳସୀ ଦାସ, ଶଶୀ ତିୱାରୀ, ଆଲୋକ ପ୍ରଧାନ, ଲିଙ୍ଗରାଜ ମହାପାତ୍ର, ଦୀପା ନାଇକ, ନବାନିତ କୌର ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସ୍ୱେଜଲ ପ୍ରଧାନ, ପୁଷ୍ପାଞ୍ଜଳି ସାହୁ, ଆଲୋକ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।

# ଇବକ୍ଲବ ପକ୍ଷରୁ ନୂଆଁଖାଇ ଭେଟ୍



ଇବଥର୍ମାଲ୍,୩୧।୮ (ସମିସ): ଓପିଜିସିର ଇବ ତାପଜ ବିଦ୍ୟୁତ କେନ୍ଦ୍ର ବନହରପାଲି ଠାରେ ଇବକ୍ଲବ ପକ୍ଷରୁ ରବିବାର ନୂଆଁଖାଇ ଭେଟ୍ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ପ୍ରଥମେ ବିଧି ଅନୁଯାୟୀ ଗୌନ୍ତିଆ ରାଜ କୁମାର ବେହେରାଙ୍କ ଘରକୁ ଯାଇ ଗୌନ୍ତିଆ ବ୍ରଣ କରିବା ପରେ ଏକ ପଟୁଆରରେ ଶିବ ମନ୍ଦିର ପରିସରରୁ ମାଁ ସମଲେଶ୍ୱରୀଙ୍କ ପ୍ରତିମୂର୍ତ୍ତି ନେଇ ଏକ ଶୋଭାଯାତ୍ରାରେ କ୍ଲବ୍ ପରିସରକୁ ଅଣାଯାଇଥିଲା। ସେଠାରେ ପୂଜାର୍ଚ୍ଚନା କରାଯିବା ପରେ ଆରତୀ ଓ ପୁଷ୍ପାଞ୍ଜଳି ପ୍ରଦାନ କରା ଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ଭେଟଘାଟ ସଭାରେ ମୁଖ୍ୟଅତିଥି ଭାବେ ଓପିଜିସିର ଡାଇରେକ୍ଟର ଅପରେସନ ତଥା ଇବ କ୍ଲବ୍ ସଭାପତି ଅଞ୍ଜନ ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ଓପିଜିସି ଲେଡିସ୍ କ୍ଲବ ଅଧ୍ୟକ୍ଷା ସଂଗୀତା ଦାସ, ସିନିୟର୍ ଜିଏମ୍ଏଚ୍‌ଆର୍ ସୁଭାଶିଷ ମୁଖାର୍ଜୀ, ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷ ବେଲପାହାଡ଼ କଲେଜ ସୁରେନ୍ଦ୍ର ଭୋଇ ଯୋଗ ଦେଇଥିଲେ। ଇବ କ୍ଲବ ସଂପାଦକ ସେନାପତି ପ୍ରଧାନ ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ଦେବାପରେ ଅଞ୍ଚଳର ବୟୋଜ୍ୟେଷ୍ଠ ବ୍ୟକ୍ତି ଶିବ ଶଙ୍କର ସେଠ୍ , ଉପେନ୍ଦ୍ର ଭୋଇ, ଗଜପତି ପ୍ରଧାନ, ନରେନ୍ଦ୍ର କୁମାର ପଣ୍ଡା , ନିରାକାର ଖମାରୀଙ୍କୁ ଡାଇରେକ୍ଟର ଶ୍ରୀ ଦାସ ସମ୍ମାନିତ କରିଥିଲେ। ସଭା ପରେ ପଞ୍ଚବାଦ୍ୟ ସମ୍ବଲପୁର ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂଜକ ଦାଶରଥି ଦାସ ଓ ବିଦ୍ୟାଧର ପାଟଯୋଷୀ ପୂଜାକାର୍ଯ୍ୟ କରିଥିଲେ। କୃଷ୍ଣଚନ୍ଦ୍ର ସାହୁ ମଞ୍ଚ ସଂଚାଳନ କରିଥିବାବେଳେ କ୍ଲବ ସଦସ୍ୟ ମକର୍ଦ୍ଧଜ ସା, ଅକ୍ଷୟ ହାତୀ, ଲକ୍ଷ୍ମଣ ପ୍ରଧାନ, କେଶିଂ ରାଉତ, ଜୟରାମ ପାଣ୍ଡେ, ଲକ୍ଷ୍ମଣ ପ୍ରଧାନ, ଦିଲୀପ ପ୍ରଧାନ, ଗୁରୁଚରଣ ପ୍ରଧାନ, ସୁଶୀଲ ପ୍ରଧାନ, ରାଜେନ୍ଦ୍ର ସେଠ୍ ପ୍ରମୁଖ ସହଯୋଗ କରିଥିଲେ।

# ନୂଆଁଖାଇ କୁଇଜ ପ୍ରତିଯୋଗିତା

ପଦ୍ମପୁର,୩୧।୮ (ସମିସ): ପଦ୍ମପୁର ନିକଟସ୍ଥ ସତୀଭଟା ଗାଁରେ ନୂଆଁଖାଇ ଉପଲକ୍ଷେ ନୂଆଁଖାଇ ଜୁହାର କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣୀ ସଭାରେ ଉମେଶ ସିର୍ଦ୍ଦାର ସଭାପତିତ୍ୱ କରଥିବା ବେଳେ ସନ୍ଦୀପ ସାହୁ ସଂଯୋଜନା କରିଥିଲେ। ମଞ୍ଚାସୀନ ଝସକେତନ ନାଏକ ସଂସ୍କୃତି ପରମ୍ପରା ଉପରେ କହିଥିବା ବେଳେ ମହେଶ୍ୱର ସାହୁ ବିଭିନ୍ନ ପୌରାଣିକ ଚରିତ୍ର ଉପରେ ଆଧାରିତ ପ୍ରତିଯୋଗିତା ଗୁଡିକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଚନ୍ଦ୍ରମଣି ସାହୁ ଦର୍ଶକ ମଣ୍ଡଳୀଙ୍କୁ ଭାଗବତ ଉପରେ କୁଇଜ୍ ପ୍ରଶ୍ନ ପଚାରିଥିଲେ। ମୋଟ ୫୦ ଜଣ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ରାହୁଲ, ଦେବାଶିଷ, ଦେବାର୍ଚ୍ଚନ, ରଂଜନ, ମୁନା, ପ୍ରତ୍ୟୁଷ, ମୁରଲୀ, ହିତେନ୍ଦ୍ର, ବିଭୂତି, ରୁଦ୍ର ପ୍ରମୁଖ ସହଯୋଗ କରିଥିଲେ।







































# ବାଇପାସ୍‌ରୁ ହାତୀଲୁଚାଣୀ ରାସ୍ତା ଶୋଚନୀୟ

ପରଜଙ୍ଗ,୩୧।୮ (ସମିସ)



ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ବାଇପାସ୍‌ରୁ ହାତୀଲୁଚାଣୀ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ତାଳଚେର ବହ୍ଲର ଛକରୁ ସରାଙ୍ଗ, ପିତିରି, ପରଜଙ୍ଗ ବାଇପାସ୍ ଦେଇ କାମାକ୍ଷାନଗର ଦିଗକୁ ଯାଇଥିବା ଚାରି ଲେନ ବିଶିଷ୍ଟ ୫୩ ନମ୍ବର ଜାତୀୟ ରାଜପଥ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ନ ପାରି ଅଧପନ୍ତରିଆ ହୋଇ ପଡ଼ିରହିଛି। ବର୍ତ୍ତମାନ ପିତିରି ଦିଗରୁ କାମାକ୍ଷାନଗର ଆଡ଼କୁ ଯାଇଥିବା ରାଜପଥ ଉପରେ ହାତୀଲୁଚାଣି ଛକ ନିକଟରେ ଘୋଡ଼ାଡିଆଁ ନାଳ ଉପରେ ନୂତନ ପୋଲ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଥିବାରୁ ଉଭୟ ରାଜପଥ ସହ ସଂଯୋଗ ହୋଇପାରୁନାହିଁ। ଫଳରେ ହାତୀଲୁଚାଣୀ ଛକ ଦେଇ ସେହି ପୁରୁଣା ରାସ୍ତାରେ ସମସ୍ତ ଯାନବାହାନ ଓ ପଥଚାରୀ ଯାତାୟାତ କରୁଛନ୍ତି। ବାଇପାସ୍ ଛକରୁ ହାତୀଲୁଚାଣୀ ଛକ ଏନଏଚ ପର୍ଯ୍ୟନ୍ତ ରହିଥିବା ରାସ୍ତାର ଲମ୍ବ ଦୁଇ ଶହ ମିଟର ହୋଇଥିବା ବେଳେ ବର୍ତ୍ତମାନ ଏହି ରାସ୍ତା ଅତି ଦୟନୀୟ ହୋଇପଡ଼ିଛି। ଏହି ରାସ୍ତାରେ ଘୋଡ଼ାଡିଆଁ ନାଳ ପୋଲ ରହିଥିବା ବେଳେ ବର୍ତ୍ତମାନ ଏହି ପୋଲ ଅବସ୍ଥା କହିଲେ ନ ସରେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଏହାକୁ ଲୋକଦେଖାଣିଆ ଭାବେ ମରାମତି କରାଯାଇଥାଏ। ରାସ୍ତାରେ ବହୁ ସଂଖ୍ୟକ ଯାନ ଚଳାଚଳ କରୁଥିବାରୁ ମରାମତିର ଦୁଇଦିନ ପରେ ରାସ୍ତା ନଷ୍ଟ ହୋଇଯାଏ। ଏବେ ଏହି ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଥିବା ବେଳେ ପଥଚାରୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଅଧିକାଂଶ ସମୟରେ ଏହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନି। ବର୍ଷା ହେଲେ ରାସ୍ତାରେ ଯାତାୟାତ କରିବା ସମ୍ଭବ ହେଉନାହିଁ। ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାରେ ପାଣି ଜମି ରହୁଥିବାରୁ ଏହା ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି। ରାସ୍ତା ଶୁଖିଲା ହେଲେ ଭାରୀଯାନ ଚଳାଚଳ କରୁଥିବା ସମୟରେ ପ୍ରବଳ ଧୂଳି ଉଡ଼ି ପଥଚାରୀ ନାକେଦମ୍ ହେଉଛନ୍ତି। ମରଣଯନ୍ତା ପାଲଟିଥିବା ଏହି ରାସ୍ତା ମରାମତି ପାଇଁ ଦାବି ହୋଇଆସୁଥିଲେ ମଧ୍ୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ରାସ୍ତା ମରାମତି କରିବା ସହ ଅର୍ଦ୍ଧନିର୍ମିତ ଘୋଡ଼ାଡ଼ିଆଁ ନାଳ ପୋଲକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ସାଧାରଣରେ ଦାବି ହେଉଛି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

● ଆଈର ଶୁଦ୍ଧିକ୍ରିୟା ବେଳେ ଅଘଟଣ

## ନଦୀରେ ବୁଡ଼ି ନାବାଳକ ନାତି ମୃତ

**କାମାକ୍ଷାନଗର,୩୧।୮ (ସମିସ):** ଆଈର ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଯାଇଥିବା ବେଳେ କାମାକ୍ଷାନଗର ଥାନା ବଡ଼ସୁଆଁଳସ୍ଥିତ ରାମିଆଳ ନଦୀରେ ବୁଡ଼ି ନାବାଳକ ନାତିର ମୃତ୍ୟୁ ଘଟିଛି। ମୃତକ ହେଲେ ଯାଜପୁର ଜିଲ୍ଲା ଟମକା ଅଞ୍ଚଳର ସୁରେଶ ବାରିକଙ୍କ ୧୧ବର୍ଷୀୟ ପୁଅ ମିହିର ବାରିକ। ମିହିର ନିଜ ଆଈଙ୍କ ଦଶାହ କର୍ମ ନିମନ୍ତେ ପରିବାର ସହ କାମାକ୍ଷାନଗର ଥାନା ହାଟୁଆରୀ ଗ୍ରାମକୁ ଆସିଥିଲେ। ଶୁଦ୍ଧିକ୍ରିୟା ପାଇଁ ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ରାମିଆଳ ନଦୀକୁ ଯାଇଥିଲେ। ତେବେ ଅସାବଧାନତା ବଶତଃ ତାଙ୍କ ଗୋଡ଼ ଖସିଯିବାରୁ ନଦୀର ଗଭୀର ଜଳକୁ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ମିହିରଙ୍କୁ ଉଦ୍ଧାର କରି ବାଇକ ଯୋଗେ କାମାକ୍ଷାନଗର ମେଡିକାଲ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ଗଜପତି କ୍ଲବ ପକ୍ଷରୁ ଦୀପଦାନ

**ଢେଙ୍କାନାଳ,୩୧।୮ (ସମିସ):** ଢେଙ୍କାନାଳ ସଦର ବ୍ଲକ୍ କାଙ୍ଗଡ଼ପାଳ ପୁରୁଣାସାହିସ୍ଥିତ ଗଜପତି କ୍ଲବ ତରଫରୁ ଗଣେଶ ପୂଜାର ପଞ୍ଚମ ଦିନ ସନ୍ଧ୍ୟାରେ ୧୦୮ ଦୀପଦାନ ସହ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରାଯାଇଛି। ଗ୍ରାମର ବିଶିଷ୍ଟ ବ୍ୟକ୍ତି ସତ୍ୟାନନ୍ଦ ପାତ୍ର, ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ସଦର ବ୍ଲକ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, ରଞ୍ଜିତ ବିଶାଳ, ଗ୍ରାମ ସଭାପତି ଚନ୍ଦନ ମହାନ୍ତି ଓ ଗଜପତି କ୍ଲବ ସଭାପତି ପ୍ରିୟବ୍ରତ ପଣ୍ଡା, ସମ୍ପାଦକ ସୂର୍ଯ୍ୟନାରାୟଣ ସାହୁ, ପୂଜକ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡ଼ା ଦିବସରେ ସାଇକଲ ଶୋଭାଯାତ୍ରା




**ଢେଙ୍କାନାଳ,୩୧।୮ (ସମିସ):** ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଢେଙ୍କାନାଳ ସହରରେ ଏକ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବାଜିଚୌକଠାରୁ ଶୋଭାଯାତ୍ରା ବାହାରି ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ସାହୁଙ୍କ ସମେତ ବହୁ ଛାତ୍ରଛାତ୍ରୀ ଓ ଜନସାଧାରଣ ସାମିଲ ହୋଇଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ



**ଢେଙ୍କାନାଳ,୩୧।୮ (ସମିସ):** ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ବିଭିନ୍ନ ପୂଜା ଅନୁଷ୍ଠାନ ତରଫରୁ ରବିବାର ମାଟି ଅନୁକୂଳ କରାଯାଇଛି। ଆସନ୍ତା ଅକ୍ଟୋବରରେ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ପାଇଁ ଆଜିଠାରୁ ଏକପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମୀନାବଜାର ମଉଡ଼ମଣି ପୂଜା ପ୍ରତିଷ୍ଠାନ ତରଫରୁ ରାଧାଷ୍ଟମୀ ଅବସରରେ ମାଟି ଅନୁକୂଳ କରାଯାଇଛି। କର୍ମକର୍ତ୍ତାମାନେ ବିଶାଳ ଶୋଭଯାତ୍ରାରେ ଯାଇ ଗେଙ୍ଗୁଟିଆ ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳରୁ ପୂଜାର୍ଚ୍ଚନା କରିବା ପରେ ମାଟି ଉଠାଯାଇଥିଲା। ମାଟିକୁ ଶୋଭଯାତ୍ରାରେ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଛି। ମୀନା ବଜାରର ପୂଜା କମିଟି ସଭାପତି କୋଟାକ ଏବଂ ସମ୍ପାଦକ ପୀତବାସ ସାହୁ ଉପସ୍ଥିତ ଥିଲେ। ଏହାସହ ଗଣେଶ ବଜାର ଏବଂ ଗୁଡ଼ିଆନାଳୀ ପୂଜା କମିଟି ତରଫରୁ ମାଟି ଅନୁକୂଳ କରାଯାଇଛି।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ଗଁଦିଆ ଏନଏସି କ୍ରିୟାନୁଷ୍ଠାନ କମିଟି



**ଗଁଦିଆ,୩୧।୮ (ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଗଁଦିଆ ଏନଏସି କ୍ରିୟାନୁଷ୍ଠାନ କମିଟି ସଭ୍ୟମାନେ ସଭାପତି ମଙ୍ଗରାଜ ବାରିକିଙ୍କ ନେତୃତ୍ୱରେ ଭୁବନେଶ୍ୱରଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଗଁଦିଆ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୁଖ୍ୟତଃ ଏହି ଅଞ୍ଚଳରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ, ଗଁଦିଆ ଅଞ୍ଚଳକୁ ସବଡିଭିଜନ ମାନ୍ୟତା, ଏଠାରେ ଥିବା ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଓ ବିଧାନସଭା କ୍ଷେତ୍ର ମାନ୍ୟତା ପ୍ରଦାନ ନିମନ୍ତେ ମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ସରକାରୀ ସ୍ତରରେ ପ୍ରମୁଖ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭ୍ୟ ବିପିନ ବିହାରୀ ସିଂହ, ରାମଚନ୍ଦ୍ର ସାହୁ, ପ୍ରଦୀପ କୁମାର ସାହୁ, ମଳୟ କୁମାର ସିଂହ, ତାପସ କୁମାର ରାଉତ, ରବିନାରାୟଣ ସେଠୀ, ଅନିଲ କୁମାର ରାଉତ, ସୁଦାମ କୁମାର ସାହୁ, ଗଣେଶ୍ୱର ପଧାନ, ସୁଶାନ୍ତ କୁମାର ସାହୁ, ବନମାଳୀ ବାରିକ, ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାୟତ୍ତ ଶାସନ ଦିବସ ପାଳିତ

**କାମାକ୍ଷାନଗର,୩୧।୮ (ସମିସ):** କାମାକ୍ଷାନଗର ଏନ୍‌ଏସି ତରଫରୁ ରବିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ସକାଳେ ୮ଟାରେ ଗାନ୍ଧୀମନ୍ଦିରରେ ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ପାର୍କଠାରେ ଉତ୍କଳମଣି ଗୋପବନ୍ଧୁ ଦାସ ଓ ବସଷ୍ଟାଣ୍ଡରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଏନ୍‌ଏସି କାର୍ଯ୍ୟାଳୟରେ ନଗରପାଳ ଧର୍ମାନନ୍ଦ ପରିଡ଼ା ପତାକା ଉତ୍ତୋଳନ କରିଥିଲେ। ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ନୂତନ ପୋଷାକ ବଣ୍ଟନ କରାଯାଇଥିଲା। ସକାଳ ୯ଟାରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ କାମାକ୍ଷାନଗର ମହାବିଦ୍ୟାଳୟରେ ଚାରାରୋପଣ କରାଯାଇଥିଲା। ଏନ୍‌ଏସି ତରଫରୁ ସହର ମଧ୍ୟରେ ଥିବା ପ୍ରାୟ ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ପରିସରରେ ମୋଟ୍ ୨୩୦୦ ଚାରାରୋପଣ କରାଯାଇଛି। ପରେ ସାରଙ୍ଗଧର ଷ୍ଟାଡିୟମ ପରିସର ଅଡିଟୋରିୟମରେ ନଗରପାଳ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଉପଜିଲ୍ଲାପାଳ ଦୀନମଣି ନାଏକ, ଏସଡିପିଓ ରଜନୀକାନ୍ତ ସାମଲ, ତହସିଲଦାର ଶୁଭଙ୍କର ମହାନ୍ତି, ଉପନଗରପାଳ ଶକୁନ୍ତଳା ସେଠୀଙ୍କ ସମେତ ସମସ୍ତ କାଉନସିଲର, ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅତିଥିମାନେ ଏନ୍‌ଏସି ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏନ୍‌ଏସି ଦ୍ୱାରା ଆଳତୁମାଠାରେ ନିର୍ମିତ କଲ୍ୟାଣମଣ୍ଡପ ଉଦଘାଟନ କରାଯାଇଥିଲା।




## ଜିଲ୍ଲାସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ



**ଢେଙ୍କାନାଳ,୩୧।୮ (ସମିସ):** ଢେଙ୍କାନାଳ ଜିଲ୍ଲା ପୁରୁଣା ଜିଲ୍ଲାପରିଷଦ ହଲ ପରିସରରେ ରବିବାର ଜିଲ୍ଲାସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ସ୍ୱାୟତ୍ତ ଶାସନ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ସୁଖ-ସ୍ୱାଚ୍ଛନ୍ଦ୍ୟକୁ ଦୃଷ୍ଟିରେ ରଖି ସରକାର କାର୍ଯ୍ୟ କରୁଥିବା ପ୍ରକାଶ କରିଥିଲେ। ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଦ୍ୱାରା ଏହା ଫଳପ୍ରସୂ ହୋଇପାରୁଛି ବୋଲି କହିଥିଲେ। ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ଉତ୍ସବର ସିଧାପ୍ରସାରଣ କରାଯାଇଥିଲା। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରକ୍ତ ଅନୁପ୍ରେରକ ସଙ୍ଘର ବିରଞ୍ଚି ନାରାୟଣ ପାଣି, ସାଇପ୍ରସାଦ ପଣ୍ଡା, ଚିନ୍ମୟୀ ଜେନା, ରତନ ନାୟାର, ଶୁଭପ୍ରସାଦ ପଣ୍ଡା ପ୍ରମୁଖଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

ଗଁଦିଆକୁ ଏନଏସି ମାନ୍ୟତା

# ବାଣ ଫୁଟାଇ, ବାଜା ବଜାଇ ଖୁସି ମନାଇଲେ ଅଞ୍ଚଳବାସୀ

ଗଁଦିଆ,୩୧।୮ (ସମିସ)



ଢେଙ୍କାନାଳ ଜିଲ୍ଲା ଗଁଦିଆକୁ ଏନଏସି ମାନ୍ୟତା ପ୍ରଦାନ ପାଇଁ ରବିବାର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଦ୍ୱାରା ଗଁଦିଆବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହେବାକୁ ଯାଉଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଲୋକେ ବାଣ ଫୁଟାଇ ବାଜା ବଜାଇ ଖୁସି ମନାଇଛନ୍ତି। ଆତସବାଜିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଉପଲକ୍ଷେ ପୋରହଖୋଜ ପାଲା ମଣ୍ଡପରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସ୍ୱାଗତ କରାଯାଇ ବିରାଟ ପଟୁଆରରେ ସଭା ମଣ୍ଡପକୁ ପାଛୋଟି ଅଣାଯାଇଥିଲା। ସଭାରେ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଁଦିଆବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହେବାକୁ ଯାଉଥିବାରୁ ମନ୍ତ୍ରୀ ପାତ୍ର ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଅଞ୍ଚଳବାସୀଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଆଗାମୀ ଦିନରେ ଗଁଦିଆ ଅଞ୍ଚଳର ସବୁ ସମସ୍ୟାର ସମାଧାନ ପାଇଁ ସେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନୂତନ ଏନଏସି ଗଠନରେ ମନ୍ତ୍ରୀ ସମ୍ପୂର୍ଣ୍ଣ ସହଯୋଗ କରିଥିବାରୁ ଗଁଦିଆବାସୀ ତାଙ୍କୁ ବିଶେଷ ଭାବେ କୃତଜ୍ଞତା ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ପୋରହଖୋଜ ସରପଞ୍ଚ ରତିକାନ୍ତ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ପୂର୍ବତନ ରାଜ୍ୟ ସମବାୟ ସମିତି ସଭାପତି ଅକ୍ଷୟ କୁମାର ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଜିଲ୍ଲା ମିଡିଆ ସେଲ ଅଧ୍ୟକ୍ଷ ନବକିଶୋର ଗୁରୁଙ୍କ ସମେତ ବ୍ଲକର ବହୁ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ଗଁଦିଆ ଏନଏସି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଅଞ୍ଚଳବାସୀଙ୍କ ତରଫରୁ କୃତଜ୍ଞତା ପ୍ରଦାନ କରାଯିବା ସହ ସନ୍ଧ୍ୟାରେ ଏକ ଧନ୍ୟବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ତାରିଣୀ ଛକରୁ ବାହାରି ପୋରହଖୋଜ ଛକ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ଲୋକେ ଡିଜେ ବଜାଇ ବାଣ ଫୁଟାଇ ପରସ୍ପର ମଧ୍ୟରେ ମିଷ୍ଟାନ ବଣ୍ଟନ କରି ଉତ୍ସବ ପାଳନ କରିଥିଲେ। ଏନଏସି କ୍ରିୟାନୁଷ୍ଠାନ କମିଟି ସଭାପତି ମଙ୍ଗରାଜ ବାରିକି, ଗଁଦିଆ ଓକିଲ ସଙ୍ଘ ସଭାପତି ପ୍ରଦୀପ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ କୁମାର ସିଂହ, ବରିଷ୍ଠ ନାଗରିକ ସଚ୍ଚିଦାନନ୍ଦ ବେହେରା, ବିପିନ ବିହାରୀ ସିଂହ, ଦଣ୍ଡଧର ସାହୁ, ଡମ୍ବରୁଧର ସେଠୀ, ରବିନାରାୟଣ ସେଠୀ, ଗଣେଶ୍ୱର ପଧାନ, ରାମଚନ୍ଦ୍ର ସାହୁ, ସନାତନ ସାହୁ, ପୋରୁହଖୋଜ ସମିତି ସଭ୍ୟ ବଳରାମ ପରିଡ଼ା, ତାପସ କୁମାର ରାଉତ, କୃଷ୍ଣଚନ୍ଦ୍ର ଭୂତିଆ, ଅମ୍ବୁଜ ସାହୁ, ଅଶୋକ ସାହୁ, ସୁଶାନ୍ତ ସାହୁ, ନିରଞ୍ଜନ ଜେନା, ଅନିଲ ରାଉତ, ବିଜୟ ସାହୁ, ବନମାଳୀ ବାରିକ, ପ୍ରକାଶ କୁମାର ମିଶ୍ର, ଗୋପାଳ ସାହୁଙ୍କ ସମେତ ଶତାଧିକ ଜନସାଧାରଣ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ମହିଳା ସଂକୀର୍ତ୍ତନ ପ୍ରତିଯୋଗିତା



**ଖଜୁରିଆକଟା,୩୧।୮ (ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ହରିହରପୁର ଗଣେଶ କ୍ଲବ୍ ପରିସରରେ ଦିନିକିଆ ମହିଳା ସଂକୀର୍ତ୍ତନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଓଡ଼ିଶାର ସୁନାମଧନ୍ୟ ଯାଦୁକର ବିମଳ ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଉପଖଣ୍ଡର ମୋଟ ୧୪ଟି ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ଓମ୍ ସାଇ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଚାମ୍ପିଅନ ହୋଇଛି। ବିଚାରକ ଭାବେ ରତିକାନ୍ତ ଗଡ଼ନାୟକ, ରମାରଞ୍ଜନ ଗଡ଼ନାୟକ, ଭ୍ରମରବର ସାମଲ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସଂସ୍କୃତି ବିଭାଗ ଓଡ଼ିଶା ଉପସଭାପତି ଅବନୀ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର, ବ୍ୟଙ୍ଗକବି ଶତ୍ରୁଘ୍ନ ମାଟି, ବିଶିଷ୍ଟ ପାଲା ଗାୟକ ଦୁର୍ଗାଚରଣ ମହାପାତ୍ର, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି, ବିଶ୍ୱେଶ୍ୱର ସେଠୀ, ବିଙ୍କୁ ବିଶ୍ୱାଳ ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ଗଣେଶ୍ୱର କ୍ଲବ୍ ସଭାପତି ଅଜିତ କୁମାର ସାହୁ, ସମ୍ପାଦକ ବ୍ରହ୍ମାନନ୍ଦ ସେଠୀ, କୋଷାଧ୍ୟକ୍ଷ ସତ୍ୟଜିତ କରଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ



ଖୋର୍ଦ୍ଧା,୩୧।୮ (ସମିସ)

ଖୋର୍ଦ୍ଧା ପୌରପରିଷଦ ଆନୁକୁଲ୍ୟରେ ୭୬ତମ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବଙ୍କ ଅଧ୍ୟକ୍ଷତାରେ ଜୟୀ ରାଜଗୁରୁ ଟାଉନ୍ ହଲ୍ ପରିସରରେ ଆୟୋଜିତ ସାଧାରଣ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ସ୍ୱଚ୍ଛତା ଓ କର୍ତ୍ତବ୍ୟ ସମ୍ପାଦନ କଲେ ଘର, ଦାଣ୍ଡଦୁଆର ସ୍ୱର୍ଗ ପାଲଟିଯିବ ବୋଲି ଶ୍ରୀ ଜଗଦେବ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ସାଂସଦ ପ୍ରତିନିଧି ଦିଲ୍ଲୀପ ହୋତା ଯୋଗଦେଇଥିଲେ। ପ୍ରାରମ୍ଭରେ ପୌରନିର୍ବାହୀ ଅଧିକାରୀ ସ୍ୱାଗତ ଭାଷଣ ଓ ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସାହିତ୍ୟିକ, ସାମ୍ବାଦିକ, ଅଭିନେତା, ସମାଜସେବୀ, କ୍ରୀଡ଼ାବିତ୍, ଶିକ୍ଷାବିତ୍, ଆଗ୍ନିକ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ପୌର ପରିଷଦର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ, ବୁଦ୍ଧିଜୀବୀ, ସମସ୍ତ ୱାର୍ଡ କାଉନ୍‌ସିଲର ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ଆଭାସୀରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ୩ ନମ୍ବର୍ ଜେମାଦେଇ ୱାର୍ଡରେ ମଲ୍ଟି ପର୍ପସ୍ ହଲ୍ ଏବଂ ୪ ନମ୍ବର୍ ଗଡ଼ଖୋର୍ଦ୍ଧାରେ ମଲ୍ଟି ପର୍ପସ୍ ହଲ୍ ଲୋକାର୍ପିତ ହୋଇଥିଲା। ଶେଷରେ ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ବାଣପୁର

ବାଣପୁର ବିଜ୍ଞପିତ ଅଞ୍ଚଳ ପରିଷଦରେ ରବିବାର ସ୍ୱାୟତ୍ତ ଶାସନ ଦିବସ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ନଗରପାଳ ମିଟୁ ନାୟକ ପତାକା ଉତ୍ତୋଳନ କରିଥିବାବେଳେ ଉପନଗରପାଳ ପ୍ରାଚୀପ୍ରଭା ସ୍ୱାଇଁ, କାର୍ଯ୍ୟନିର୍ବାହୀ ଅଧିକାରୀ ନିଗମାନନ୍ଦ ନନ୍ଦଙ୍କ ସମେତ ସମସ୍ତ କାଉନ୍‌ସିଲର ଓ କର୍ମଚାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀମାନେ ରାମଧୁନ୍ ସହ ନଗର ପରିକ୍ରମା କରିଥିଲେ। ପରେ କାର୍ଯ୍ୟାଳୟ ନିକଟସ୍ଥ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ନିକଟସ୍ଥ ବେଙ୍ଗରାଜ ପଲ୍ଲୀରେ ୧କୋଟି ୭୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ସମ୍ପ୍ରସାରିତ ମଳ ଉପଚାର କେନ୍ଦ୍ରକୁ ଲୋକାର୍ପଣ କରାଯାଇଥିବା ବେଳେ ଗାଲୁଆ ଛକ ନିକଟରେ ଚାରାରୋପଣ କରାଯାଇଥିଲା।

### ବାଲୁଗାଁ

ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବିଜ୍ଞପିତ ଅଞ୍ଚଳ ପରିଷଦର ଜନ୍ମ ଦିବସ ତଥା ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ରବିବାର ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାତଃକାଳରେ ଏନ୍‌ଏସିର ସମସ୍ତ କର୍ମଚାରୀ, ସମସ୍ତ କାଉନ୍‌ସିଲର ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଭାତଫେରୀ କରିବା ସହ ଶୋଭାଯାତ୍ରାରେ ଯାଇ ବାଲୁଗାଁ ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ସୁକାନ୍ତି ପାଇକରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଏନ୍‌ଏସି ତରଫରୁ ବାଲୁଗାଁ ଜରାନିବାସରେ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷାଙ୍କ ସମେତ ଉପାଧ୍ୟକ୍ଷ, ସମସ୍ତ କାଉନ୍‌ସିଲର ବୃନ୍ଦ ଯୋଗଦେଇ ଏନ୍‌ଏସିର ଉନ୍ନତିକରଣ ସହ ସ୍ୱାୟତ୍ତ ଶାସନ ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବାଲୁଗାଁ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଅଞ୍ଚଳର କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



■ ଟାଙ୍ଗୀକୁ ଏନ୍‌ଏସି ଘୋଷଣା

## ମଙ୍ଗଳାଯୋଡ଼ି ପଞ୍ଚାୟତକୁ ଟାଙ୍ଗୀ ସହ ଯୋଡ଼ିବାକୁ ଦାବି

ଟାଙ୍ଗୀ,୩୧।୮ (ସମିସ): ଦୀର୍ଘ ବର୍ଷର ଦାବି ପୂରଣ ହେଲା। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀକୁ ମୁଖ୍ୟମନ୍ତ୍ରୀ ଆଜି ବିଜ୍ଞପିତ ଅଞ୍ଚଳ ପରିଷଦ ଘୋଷଣା ପରେ ଏ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଥିବାବେଳେ କେତେକ ଭିନ୍ନ ପ୍ରତିକ୍ରିୟା ପ୍ରଦାନ କରିଛନ୍ତି। ତେବେ ଟାଙ୍ଗୀ ସହିତ ବିଡ଼ଙ୍ଗ ବିହାର ମଙ୍ଗଳାଯୋଡ଼ି ପଞ୍ଚାୟତକୁ ଏହା ସହିତ ଯୋଡ଼ାଯାଉ ଖୋର୍ଦ୍ଧା ଜିଲ୍ଲାରେ ଏକ ଶ୍ରେଷ୍ଠ ଏନ୍‌ଏସି ପାଇଁ ଆବଶ୍ୟକତା ଅନୁସାରେ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଟାଙ୍ଗୀ ପଞ୍ଚାୟତ ଜନସାଧାରଣଙ୍କ ଆଶା ପୂରଣ ହୋଇଥିବାରୁ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ସାଧୁବାଦ ଜଣାଇଛନ୍ତି ଟାଙ୍ଗୀ ପଞ୍ଚାୟତ ସରପଞ୍ଚ କିଶୋର ବେହେରା। ଗତ ବର୍ଷ ଫେବୃଆରୀ ମାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟାଙ୍ଗୀକୁ ଏନ୍‌ଏସି ଘୋଷଣା କରିଥିଲେ। ଇତି ମଧ୍ୟରେ ନୂତନ ସରକାର କ୍ଷମତାକୁ ଆସିବା ୧୮ ମାସ ପରେ ପୁଣି ଥରେ ଘୋଷଣା କରିବାରେ ନୂତନତ୍ୱ କିଛି ନାହିଁ। ତେବେ ସେ ସମୟରେ କାର୍ଯ୍ୟକାରୀ କରିଥିଲେ ବହୁ ଉନ୍ନୟନ କାର୍ଯ୍ୟ ପାଇଁ ସହାୟତା ପାଇସାରଥାନ୍ତି ବୋଲି ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର ମତବ୍ୟକ୍ତ କରିଛନ୍ତି। ସମାଜସେବୀ ଡ. ସଞ୍ଜୟ ପଟ୍ଟନାୟକ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଥିବାବେଳେ ଘୋଷଣାକୁ କେବଳ ଘୋଷଣାରେ ନ ରଖି ଯଥାଶୀଘ୍ର କାର୍ଯ୍ୟକାରୀ କରାଯାଉ ବୋଲି ମତବ୍ୟକ୍ତ କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିଶ୍ମା ମାନ୍ଧାତା। ଟାଙ୍ଗୀକୁ ଏହି ମର୍ଯ୍ୟାଦା ମିଳିଥିବାରୁ ଅଞ୍ଚଳର ବିକାଶ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଭାରତ ଭୂଷଣ ଜଗଦେବ ମତବ୍ୟକ୍ତ କରିଛନ୍ତି।

## ବଜ୍ରପାତରେ ପୁଅ ମୃତ, ବାପା ଗୁରୁତର

ଖୋର୍ଦ୍ଧା,୩୧।୮ (ସମିସ): ଅପରାହ୍ନରେ ପ୍ରବଳ ବଜ୍ରପାତ ଓ ବର୍ଷା ହୋଇଥିବାବେଳେ ଏଥିରେ ଜଣେ ଗୋରୁ ଜଗୁଆଳିଙ୍କ ସମେତ ୩ ଗାଈଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ବାପା ଆହତ ହୋଇଛନ୍ତି। ମୃତ ଜଗୁଆଳି ହେଲେ ଖୋର୍ଦ୍ଧା ଉପକଣ୍ଠ ହଳଦିଆ ବସନ୍ତର ସିଦ୍ଧୁ ବେହେରା (୨୦) ଓ ଆହତ ବାପା ହେଲେ ବୁଢ଼ା ବେହେରା (୫୨)। ସୂଚନା ଅନୁସାରେ, ସିଦ୍ଧୁ ରବିବାର ଗାଈ ନେଇ ବସନ୍ତ ଗାଁ ଠାରୁ ନଈ ଦିଗକୁ ଗହୀର ଭିତରକୁ ନେଇ ଚରାଉଥିଲେ। ଅନ୍ୟ ଏକ ଦିଗରେ ବାପା ବୁଢ଼ା ମେଣ୍ଢା ଚରାଉଥିଲେ। ଦିନ ତମାମ ଖରା ଥିବାବେଳେ ଅପରାହ୍ନରେ ହଠାତ୍ ବଜ୍ରପାତ ସହ ବର୍ଷା ହୋଇଥିଲା। ପ୍ରାୟ ଅଧଘଣ୍ଟା ଧରି ବଜ୍ରପାତ ଓ ବର୍ଷା ଲାଗି ରହିଥିଲା। ବଜ୍ରପାତରେ ସିଦ୍ଧୁ ଓ ୩ ଗାଈ ଘଟଣାସ୍ଥଳରେ ଟଳିପଡ଼ିଥିଲେ। ଅନ୍ୟ ଦିଗରେ ରହିଥିବା ବୁଢ଼ା ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଖୋର୍ଦ୍ଧା ମେଡିକାଲ ଅଣାଯାଇଥିଲେ ହେଁ ସିଦ୍ଧୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଜାତୀୟ କ୍ରୀଡ଼ା ଦିବସରେ ସାଇକଲ ଶୋଭାଯାତ୍ରା



ବାଲୁଗାଁ,୩୧।୮ (ସମିସ): ଖୋର୍ଦ୍ଧା ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ପରାମର୍ଶ କ୍ରମେ ବାଲୁଗାଁ ଉଚ୍ଚ ବିଦ୍ୟାଳୟ ପରିସରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ କିମ୍ବଦନ୍ତୀ ଭାରତୀୟ ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ତଥା ଜାତୀୟ କ୍ରୀଡ଼ା ଦିବସ ତିନି ଦିନ ଧରି ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ରବିବାର ପୂର୍ବାହ୍ଣରେ ଷ୍ଟାଡିୟମ୍ ଇନ୍‌ଚାର୍ଜ କ୍ରିଷ୍ଣା ଶିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏକ ସାଇକଲ ଶୋଭାଯାତ୍ରା କାର୍ଯ୍ୟକ୍ରମରେ ବାଲୁଗାଁ ସ୍ପୋର୍ଟସ ଆଣ୍ଡ କଲଚରାଲ କାଉନ୍‌ସିଲର ସଭାପତି ମାନସ ମୋହନ ବଳିଆରସିଂହ ଓ ଚିଲିକା ପ୍ରେସ୍ କ୍ଲବ୍‌ର ସଭାପତି ପ୍ରକାଶ ପ୍ରଧାନ, ବରିଷ୍ଠ ନାଗରିକ ପ୍ରଭାସ କୁମାର ପ୍ରହରାଜ, କ୍ରୀଡ଼ା ଶିକ୍ଷକ ବାବୁଲ ଗୁର୍ଲା, ଶାରୀରିକ ଶିକ୍ଷା ପ୍ରଶିକ୍ଷକ ନବୀନ ରାଉତ, କ୍ରୀଡ଼ାପ୍ରେମୀ ନିତ୍ୟାନନ୍ଦ ରାଉତ ଓ ଷ୍ଟାଡିୟମ୍‌ର ଜିମ୍ନାସିଅମ୍ ପ୍ରଶିକ୍ଷକ ସଂଗ୍ରାମ ନାୟକଙ୍କ ସମେତ ବାଲୁଗାଁ ଓ ଆଖପାଖ ଅଞ୍ଚଳର ବହୁ କ୍ରୀଡ଼ାବିତ୍ ଏବଂ କ୍ରୀଡ଼ା ଛାତ୍ରଛାତ୍ରୀମାନେ ସାମିଲ୍ ହୋଇ ଲୋକଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିଥିଲେ।

## ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ

ବେଗୁନିଆ,୩୧।୮ (ସମିସ): ବେଗୁନିଆ ବ୍ଲକ୍ ଦେଉଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ଣରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପରିଚାଳକ ଅଭିଷେକ ବେହେରା ମୁଖ୍ୟଅତିଥି, ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ମୁଖ୍ୟବକ୍ତା ଓ ଜିଲ୍ଲା ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମର ଉପଦେଷ୍ଟା ବିକାଶ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ଅଟଳ ପେନ୍‌ସନ୍ ଯୋଜନା, ବ୍ୟାଙ୍କ ସମ୍ବନ୍ଧୀୟ ଉପାଦେୟ ବାର୍ତ୍ତା ସହ ସାଇବର ଠକେଇ ପାଇଁ ବ୍ୟବହୃତ ହେଲ୍ପ ଲାଇନ୍ ନମ୍ବର ୧୯୩୦ରେ ଯୋଗାଯୋଗ କରିପାରିବେ ବୋଲି ଉପସ୍ଥିତ ଉପଭୋକ୍ତାଙ୍କୁ ଅବଗତ କରିଥିଲେ।

## ପ୍ରିମିୟର ସ୍କୁଲ୍ ଅଫ୍ ନର୍ସିଂରେ ହିମାଚଳ ପ୍ରତିନିଧି ଦଳ



ଜଟଣୀ/ନିରାକାରପୁର,୩୧।୮ (ସମିସ): ଜଟଣୀ ବିଶିଆପଡ଼ା ସ୍ଥିତ ପ୍ରୀମୀୟର ସ୍କୁଲ ଅଫ ନର୍ସିଂ ରେ ଆଜି ହିମାଚଳ ପ୍ରଦେଶର ଏକ ପ୍ରତିନିଧି ଦଳ ପରିଦର୍ଶନ କରି ସ୍କୁଲ ଛାତ୍ର ଛାତ୍ରୀମାନଙ୍କ ସହିତ ଆମ ରାଜ୍ୟର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ସ୍କୁଲ୍ ଅଫ୍ ନର୍ସିଂର ଅଧ୍ୟକ୍ଷ ପ୍ରତାପ କିଶୋର ପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲାର ବରୁଣେଇସ୍ଥିତ କେଟି ଗ୍ଲୋବାଲ୍ ସ୍କୁଲରେ ହିମାଚଳ ପ୍ରଦେଶରୁ ଆସିଥିବା ୨୬ ଜଣ ଯୁବକଯୁବତୀଙ୍କୁ ସ୍ୱାଗତ କରାଇ, ବିଭିନ୍ନ କଳା, ସଂସ୍କୃତି, ଯୁବ ବ୍ୟାପାର ଓ ପର୍ଯ୍ୟଟନ କ୍ଷେତ୍ରରେ ଆଲୋଚନା କରାଯାଇଥିଲା। ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ଡ. ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମଟି ସୁରୁଖୁରୁରେ ସମାପନ ହୋଇଛି। ଏହି କାର୍ଯ୍ୟକ୍ରମରେ ଅର୍ଜୁନ ପ୍ରଧାନ, ନିରଞ୍ଜନ ସ୍ୱାଇଁ, ଯୁବ ଓ କ୍ରୀଡ଼ା ବିଭାଗର ଡ. ନିବେଦିତା ଆଚାର୍ଯ୍ୟ, ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଆଞ୍ଚଳିକ ପରିଚାଳକ ଭଗତ ବେହେରା, ଓଡ଼ିଶା ସରକାରଙ୍କ ସଚିବ ନିହାର ରଞ୍ଜନ ଦାଶ, ରାମକୃଷ୍ଣ ମହାନ୍ତି, ପ୍ରତାପ କିଶୋର ପାତ୍ର, ହିମାଚଳ ପ୍ରଦେଶର ମୁଖ୍ୟ କନିଷ୍କ ଶର୍ମା ଅନ୍ୟାନ୍ୟ ଯୁବ ବିନିମୟ, ପର୍ଯ୍ୟଟନ ବିକାଶ, ଖେଳକୁଦ, ଶିକ୍ଷା, ଭାଷା, ସାହିତ୍ୟ, ସଂସ୍କୃତିର ଆଲୋଚନା କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀ ଓଡ଼ିଶା ସଂସ୍କୃତିର ବାର୍ତ୍ତା ନେଇ ବିଭିନ୍ନ ସ୍ଥାନ ଯଥା- ବରୁଣେଇ ପୀଠ, ଖୋର୍ଦ୍ଧାଗଡ଼, ପୁରୀ ଜଗନ୍ନାଥ ମନ୍ଦିର, ରାମଚଣ୍ଡୀ, ଚନ୍ଦ୍ରଭାଗା ବେଳାଭୂମି, ସୂର୍ଯ୍ୟ ମନ୍ଦିର, ଲିଙ୍ଗରାଜ ମନ୍ଦିର ଓ କଳିଙ୍ଗ ଷ୍ଟାଡିୟମ୍ ପରିଦର୍ଶନ କରିଥିଲେ। ଗ୍ରାମାଞ୍ଚଳ ପରିଦର୍ଶନ ଓ ସଭ୍ୟତାକୁ ପରଖିବା ପାଇଁ ଜଙ୍କିଆସ୍ଥିତ ନୂଆଗାଁରେ ସମସ୍ତ ଯୁବ ପ୍ରତିନିଧିଙ୍କୁ ଗୋଟିଏ ଲେଖାଏଁ ପରିବାର ଦିଆଯାଇଥିଲା। ସେମାନେ ସେ ପରିବାର ସହ ସମୟ ବିତାଇ ନିଜର କଥୋପକଥନ କରାଇଥିଲେ।

● ଜଟଣୀ ଗୋଲେଇ ମାର୍କେଟ୍ ପୂଜା ମଣ୍ଡପ

## ପୂଜା ପାଉଛନ୍ତି ଚଳନ୍ତି ଠାକୁର ବାବା ଥାନପତି



ଜଟଣୀ,୩୧।୮ (ସମିସ): ରେଳପଥ ମାର୍କେଟର ଅନ୍ୟ ନାମ ଗୋଲେଇ ମାର୍କେଟ ନାମରେ ପରିଚିତ। ଅଗ୍ରପୂଜ୍ୟ ବାବା ଥାନାପତିଙ୍କ ନିକଟରେ ସହରର ସମସ୍ତ ଗଣେଶଙ୍କ ମେଳଣ ହୋଇଥାଏ। ଏହି ମେଳଣ ଗୋଲାକାରଭାବେ କରାଯାଉଥିବାରୁ ଏହି ବଜାରକୁ ଗୋଲେଇ ମାର୍କେଟ ବୋଲି କୁହାଯାଇଥାଏ। ଏହି ମାର୍କେଟ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ ନିକଟରେ ରହିଛି। ତେଣୁ ଅତୀତରେ ଏଠାରେ ବ୍ୟବସାୟ ଉଦ୍ଦେଶ୍ୟରେ ରହିଥିବା ଆଫଗାନ, ବ୍ରିଟିଶ ଓ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ଏହି ପୂଜାକୁ ପ୍ରଥମେ ଆରମ୍ଭକରିଥିବାରୁ ଏହାକୁ ସର୍ବଧର୍ମର ଚଳନ୍ତି ଠାକୁର ବୋଲି କୁହାଯାଉଛି। ଏହି ପୂଜାକୁ ଏମାନେ ନିଷ୍ଠାର ସହିତ କରିଥା'ନ୍ତି ବୋଲି କୁହାଯାଇଥାଏ। ଏହି ପୂଜା ୧୯୩୫ ମସିହାରେ ଆରମ୍ଭ କରାଯାଇଥିବା କୁହାଯାଇଛି। ପୂଜା ସମୟରେ ବ୍ରହ୍ମପୁର, କଟକ, ପୁରୀ ଓ ଖୋର୍ଦ୍ଧା ଆଦି ଜିଲ୍ଲାରୁ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଆସିଥା'ନ୍ତି। ଏଠାରେ ଠାକୁରଙ୍କ ନିକଟରେ ଭିନ୍ନ ଭିନ୍ନ ଭୋଗ ଲାଗି ହେଉଥିବାବେଳେ ସମସ୍ତ ଠାକୁରଙ୍କ ବିସର୍ଜନ ପରେ ଥାନପତି ବିସର୍ଜନ ହୋଇଥା'ନ୍ତି।

## ଜଙ୍କିଆ ପଲ୍ଲୀ ଉତ୍ସବର ପଞ୍ଚମ ସନ୍ଧ୍ୟା || ଡାଲ୍‌ଖାଇ ନୃତ୍ୟରେ ଝୁମିଲେ ଦର୍ଶକ



ନିରାକାରପୁର,୩୧।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଓଁ ଶ୍ରୀ ଗ୍ରୁପ୍ ପୂଜା କମିଟି ପକ୍ଷରୁ ବାଲିଗାଡ଼ିଆସ୍ଥିତ ବାସନ୍ତୀ ପଡ଼ିଆଠାରେ ୧୪ତମ ପଲ୍ଲୀ ଉତ୍ସବର ପଞ୍ଚମ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନ୍‌ସିଂହ, ଜଙ୍କିଆ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅନୁଷ୍ଠାନର ସଭାପତି କୃଷ୍ଣ ଚନ୍ଦ୍ର ନରେନ୍ଦ୍ରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ସଂଯୋଜକ ବିଶ୍ୱ ଭୂଷଣ ଛୋଟରାୟ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ କମଳେଶ ମହାରଣା ଓ ଅଶ୍ୱିନୀ ମହାନ୍ତି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ସାଇ ଶ୍ରୁତି କଳା କେନ୍ଦ୍ର ଭୁବନେଶ୍ୱର କଳାକାରମାନଙ୍କ ନିଖୁଣ ଅଭିନୟରେ ଦର୍ଶକ ବାନ୍ଧି ହୋଇଯାଇଥିଲେ। ପରେ ବରଗଡ଼ର ସରଗମାଳି ଅନୁଷ୍ଠାନର କଳା ନୈପୁଣ୍ୟରେ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲେ। ପରେ ଏମ୍‌ଏମ୍ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ ଉତ୍ସବ ପଡ଼ିଆରେ ଘରକରଣା ସାମଗ୍ରୀ ଓ ଖାଦ୍ୟ ସାମଗ୍ରୀ ଷ୍ଟଲ୍‌ରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଓଁ ଶ୍ରୀ ଗ୍ରୁପ୍‌ର ସଭ୍ୟ ସଂଗ୍ରାମ ପଟ୍ଟନାୟକ, ରାଜେଶ ପାଲଟାସିଂହ, ଇନ୍ଦ୍ରଜିତ ଦାସ, କେଦାର ବଳବନ୍ତରାୟ, ବଣ୍ଟି ଜେନା, କୁଳଦୀପ ଛୋଟରାୟ, ଅନିରୁଦ୍ଧ ବେହେରା, ବିଶ୍ୱରଞ୍ଜନ ମଲ୍ଲ, କିଶାନ ଜେନା, ଶଶାଙ୍କ ମଲ୍ଲ, ସୁଧାଂଶୁ ଶେଖର ରାଉତରାୟ, ରମାକାନ୍ତ ସାମନ୍ତରାୟ, ରୋଶନ ଜେନା, ଶଶିକାନ୍ତ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

## ବୋଲଗଡ଼ ଆଞ୍ଚଳିକ ବଣିକ ମହାସଂଘ ପକ୍ଷରୁ ଭସାଣ ଉତ୍ସବ



ବୋଲଗଡ଼,୩୧।୮ (ସମିସ): ବୋଲଗଡ଼ ଆଞ୍ଚଳିକ ବଣିକ ମହାସଂଘ ସୌଜନ୍ୟରେ ୧୯ତମ ସାର୍ବଜନୀନ ଗଣେଶ ଭସାଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ର ସମସ୍ତ ବଜାରର ମେଢ଼ଗୁଡ଼ିକ ସ୍ଥାନୀୟ ନନ୍ଦିଘୋଷ ଭବନ ସମ୍ମୁଖରେ ଏକତ୍ରିତ ହେବା ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମହାସଂଘର ସଭାପତି ପାଣ୍ଡବ ସାହୁଙ୍କ ପୌରୋହିତ୍ୟରେ ଅତିଥି ରୂପେ ଅଗ୍ନିଶମ ଅଧିକାରୀ ବିବେକାନନ୍ଦ ଦାସ, ଉପଦେଷ୍ଟା ଲଲାଟେନ୍ଦୁ କେଶରୀ ସିଂହ, ପୂର୍ବତନ ସଭାପତି ଦୁର୍ଗାଚରଣ ଦଳବେହେରା, ସମ୍ପାଦକ ସନାତନ ସାହୁ, କୋଷାଧ୍ୟକ୍ଷ ବସନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ବିଭିନ୍ନ ବଣିକ ସଂଘ ପକ୍ଷରୁ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୃନ୍ଦାବନ ରଥ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ମହାସଂଘର ସଭାପତି ଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ସାଧାରଣ ସଭା ପରେ ଗଣେଶ ମେଢ଼ଗୁଡ଼ିକ ଗୁଳା ପଡ଼ି ନିର୍ଣ୍ଣୟ ହୋଇଥିବା ଅନୁସାରେ ଆଗ ପଛ ହୋଇ କ୍ରମାନ୍ୱୟରେ ବଜାର ପରିକ୍ରମା କରାଯାଇ ନିକଟସ୍ଥ ନଦୀରେ ବିସର୍ଜନ କରାଯାଇଥିଲା।

## ଡିଜେ ଓ ନିଶାମୁକ୍ତ ଭସାଣି ଦାବିକଲା ବରିଷ୍ଠ ନାଗରିକ ମଞ୍ଚ

ଖୋର୍ଦ୍ଧା,୩୧।୮ (ସମିସ)




ପାର୍ବଣ ଋତୁରେ ଦେବଦେବୀଙ୍କ ବିସର୍ଜନ ଏବଂ ବିବାହ ଉତ୍ସବର ବରଯାତ୍ରୀଙ୍କ ଶୋଭାଯାତ୍ରାକୁ ଆନନ୍ଦମୟ କରିବାକୁ ସଙ୍ଗୀତ, ନୃତ୍ୟ, ରୋଷଣୀ ଆମ ସାମାଜିକ ଜୀବନର ଅଂଶବିଶେଷ। କିନ୍ତୁ ବର୍ତ୍ତମାନ ଏଥିରେ ଦେଖାଦେଇଥିବା ସ୍ଖଳନ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଲାଣି। ଏହାର ପ୍ରତିକାର ଦିଗରେ ସମାଜର ପ୍ରତ୍ୟେକ ବର୍ଗ ଆଗେଇ ଆସିବାକୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି। ନିଶାମୁକ୍ତ ଭସାଣି ଓ ପ୍ରାଣଘାତି ଡିଜେମୁକ୍ତ ରୋଷଣୀ ଦାବି କରିଛି ମଞ୍ଚ। ସ୍ଥାନୀୟ ଶ୍ରୀରାମନଗରସ୍ଥିତ ମଞ୍ଚର ସଭାଗୃହରେ ଅନୁଷ୍ଠିତ ବୈଠକରେ ଦେବପ୍ରସାଦ ମଜୁମ୍‌ଦାର ପୌରୋହିତ୍ୟ କରିଥିଲେ। ସହସମ୍ପାଦକ ସନ୍ତୋଷ ଦାସ ସ୍ୱାଗତ ଭାଷଣ ଦେଇଥିଲେ। କେଦାରନାଥ ରାୟ, ଦୁର୍ଗାପ୍ରସାଦ ମିଶ୍ର, ମନୋରଞ୍ଜନ ଜେନା, ଅଖିଳ ପ୍ରଧାନ, ଡ. ବାସୁଦେବ ପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ବସନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଆମର ଆନନ୍ଦ ଅନ୍ୟମାନଙ୍କ ଦୁଃଖର କାରଣ ହେବା ଅନୁଚିତ୍। ଏବେ ମଧ ଓଡ଼ିଶାର ପାରମ୍ପରିକ ବାଦ୍ୟର ତାଳେ ତାଳେ ଆନନ୍ଦ ଉଲ୍ଲାସର ସହିତ ବିଭିନ୍ନ ଶୋଭାଯାତ୍ରା ଅନୁଷ୍ଠିତ ହେଉଛି। ପ୍ରାଣଘାତି ଶବ୍ଦ ସୃଷ୍ଟିକାରୀ ଡିଜେ ଗାଡ଼ି ଯାଉଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଅବସ୍ଥିତ ଗୃହରେ ବୟସ୍କ ବ୍ୟକ୍ତି, ଅସୁସ୍ଥ ରୋଗୀ, ଗର୍ଭବତୀ ମହିଳା, ଶିଶୁମାନଙ୍କ ଯନ୍ତ୍ରଣାଦାୟକ ଅବସ୍ଥାକୁ ବିଚାର କରିବା ଉଚିତ୍ ବୋଲି ସଭାରେ ମତପ୍ରକାଶ କରାଯାଇଛି। ନିଶାମୁକ୍ତ ଭସାଣି ସହିତ ଡିଜେମୁକ୍ତ ରୋଷଣୀକୁ ବିଚାର କରି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପୂଜା କମିଟିର କର୍ମକର୍ତ୍ତା ଏବଂ ବିବାହ ଶୋଭାଯାତ୍ରାରେ ବରଯାତ୍ରୀ ଦଳଙ୍କୁ ବରିଷ୍ଠ ନାଗରିକ ମଞ୍ଚ ନିବେଦନ କରିଛି। ମଞ୍ଚ ପକ୍ଷରୁ ଆୟୋଜିତ ବୈଠକରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀ, ସାମ୍ବାଦିକ ରଞ୍ଜିତ କେ.ଏନ୍. ସାମନ୍ତରାୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଞ୍ଚର ଦେଢ଼ଶହରୁ ଊର୍ଦ୍ଧ୍ୱ ସଦସ୍ୟ/ସଦସ୍ୟା ସାମିଲ ଥିଲେ। ମଞ୍ଚର ସମ୍ପାଦକ ରାମଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

## ଚିଳିକାରେ ପାଣିତୋଳା ଉତ୍ସବ ସାରି ବାହୁଡ଼ିଲେ ମା' ଭାଗବତୀ

## ଦୁର୍ଗାଷ୍ଟମୀରୁ ମା'ଙ୍କ ଶୟନ ଆରମ୍ଭ



ବାଣପୁର,୩୧।୮ (ସମିସ): ଖୋର୍ଦ୍ଧା ଜିଲ୍ଲାର ଅନନ୍ୟ ପ୍ରଖ୍ୟାତ ଶକ୍ତିପୀଠ ଭଗବତୀ କ୍ଷେତ୍ର ବାଣପୁରର ମା' ଭଗବତୀଙ୍କ ପୀଠ ପ୍ରାଚୀନ ପରମ୍ପରାକୁ ନେଇ ପୀଠର ମାହାତ୍ମ୍ୟ, ପର୍ବପର୍ବାଣୀ, ଜାନିଯାତ୍ରା, ନୀତିକାନ୍ତି ଦେବୀଙ୍କର ମାନବୀୟ ଲୀଳାର ଦୃଷ୍ଟାନ୍ତ ସମ୍ପୂର୍ଣ୍ଣ ନିଆରା। ମା'ଙ୍କ ଚାରିଦିଗରେ ବିରାଜିତା ଚାରି ଭଉଣୀ ଯଥା ପୂର୍ବରେ ମା' କାଳିଜାଈ, ପଶ୍ଚିମରେ ମା' ବିରଜାଈ, ଦକ୍ଷିଣରେ ମା' ନାରାୟଣୀ ଓ ଉତ୍ତରରେ ମା' ଶିଦ୍ଧେଶ୍ୱରୀ ରହି ମା'ଙ୍କ ପୀଠର ସୁରକ୍ଷାକାରିଣୀ ଭାବରେ ପୂଜାପାଇ ଆସୁଛନ୍ତି। ମା' ଭଗବତୀ ଶାରଦୀୟ ପର୍ବକୁ ସମସ୍ତଙ୍କୁ ନିମନ୍ତ୍ରଣ କରିବା ଲାଗି ବର୍ଷର ବିଭିନ୍ନ ମାସରେ ବିଭିନ୍ନ ଦିଗକୁ ଯାତ୍ରା କରି ଭଉଣୀମାନଙ୍କ ଆଜ୍ଞାମାଳ ଆଣିବାର ନିଆରା ପରମ୍ପରା କାହିଁ କେଉଁ ଆବହମାନ କାଳରୁ ଚଳିଆସୁଛି। ଏପରିସ୍ଥଳେ ଭାଦ୍ରବ ଶୁକ୍ଳ ଲଳିତା ସପ୍ତମୀ ମଙ୍ଗଳବାର ସନ୍ଧ୍ୟାରେ ପୂର୍ବ ଦିଗକୁ ଯାତ୍ରାରେ ବାହାରି ମା' ଭଗବତୀଙ୍କ ଚଳନ୍ତି ପ୍ରତିମା ସ୍ତମ୍ଭେଶ୍ୱରୀ କାଠି ଠାକୁରାଣୀ ପାଣିତୋଳା ଉତ୍ସବ ଲାଗି ଚିଲିକାରେ ନୌବିହାର କରି ଭଉଣୀ କାଳିଜାଈଙ୍କୁ ଚଳିତ ଶାରଦୀୟ ପର୍ବକୁ ଆମନ୍ତ୍ରଣ କରି ଫେରିବା ବାଟରେ ରୀତିରେ ସାମନ୍ତରାପୁରର ଗ୍ରାମରେ ଖେଚୁଡ଼ି, ମାଛପୋଡ଼ା, କାକରା ପିଠା, ଅଟକାଳି ଭୋଗ ଲାଗି ହେବା ପରେ ଗ୍ରାମର ଦଧିବାମନ ମନ୍ଦିର, ଗୁଣ୍ଡୁରୁପୁର, ପାଟଣାସାହି ମଠ, ଅନ୍ତରକିଆରୀ ଗ୍ରାମରେ ସମୂହ ପନ୍ତିଭୋଗ ସାରି ବାଟରେ ଜଗନ୍ନାଥପୁରର ଶ୍ରଦ୍ଧାଳୁଙ୍କ ସମେତ ମା'ଙ୍କ ବାପଘର ପରିଚ୍ଛାଙ୍କ ଘରମାନଙ୍କରେ ଭୋଗ ସେବନ କରି ରବିବାର ଅଷ୍ଟମୀରେ ମନ୍ଦିରକୁ ବାହୁଡ଼ି ଶୟନ ଯାଇଛନ୍ତି ମା'। ଅଷ୍ଟମୀରେ ଶୟନ ବିଧି ପାଇଁ ମା'ଙ୍କ ଖଟଶେଯ ପଲଙ୍କ ସଜକରି ପୂଜକ ସାଆନ୍ତ, ପାଳିଆ ମାଳି, କାଠିନାହାକ କାଠି ଠାକୁରାଣୀଙ୍କଠାରୁ ପାଟଶାଢ଼ୀ ସମ୍ପୂର୍ଣ୍ଣ ଓଲାଗି କରି ଶୟନ ବିଧିରେ ମନ୍ଦିର ପ୍ରତିମା କନକ ଦୁର୍ଗାଙ୍କୁ ପଲଙ୍କ ଉପରେ ଶୟନ କରାଇଥିଲେ। ଆଶ୍ୱିନ କୃଷ୍ଣାଷ୍ଟମୀ ତଥା ମୂଳାଷ୍ଟମୀରୁ ସହସ୍ର କୁମ୍ଭବରଣ କରାଯାଇ ଦେବୀଙ୍କୁ ଶୟନରୁ ଉତ୍‌ଥାନ ପରେ ଶାରଦୀୟ ପର୍ବ ଆରମ୍ଭ ହେବାର ମହାନ ପରମ୍ପରା ଏହି ଶକ୍ତିପୀଠରେ ହିଁ ମା'ଙ୍କ ମାନବୀୟ ଲୀଳାର ଅନନ୍ୟ ପ୍ରତିକ ଦେଖିବାକୁ ମିଳେ।

# ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



**ରଘୁନାଥପୁର, ୩୧।୮ (ସମିସ):** ରଘୁନାଥପୁର ବ୍ଲକର ଜଗନ୍ନାଥପୁର ପଞ୍ଚାୟତ ବାଗସାହି ଗ୍ରାମ ଦୁର୍ଗାପୂଜା କମିଟି ପକ୍ଷରୁ ରବିବାର ପବିତ୍ର ରାଧାଷ୍ଟମୀରେ ମା' ଦୁର୍ଗାଙ୍କ ମୃଣ୍ମୟମୂର୍ତ୍ତି ପାଇଁ ବୈଦିକ ବିଧିମତେ ମାଟି ଅନୁକୂଳ କରାଯାଇଛି। ଏହି ଅନୁଷ୍ଠାନର ଦୁର୍ଗାପୂଜା ଚଳିତ ବର୍ଷ ୭୪ ବର୍ଷ ପୂର୍ଣ୍ଣ ହେବାକୁ ଯାଉଛି। ଚଳିତ ବର୍ଷ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଉଥିବାବେଳେ ମାଟି ଅନୁକୂଳ ଉତ୍ସବ ଧୁମ୍‌ଧାମରେ ପାଳନ କରାଯାଇଛି। କମିଟି ସଭାପତି ଯୋଗାନନ୍ଦ ବୋଷ, ସମ୍ପାଦକ ଗୌରାଙ୍ଗ ଦାସ ଓ କୋଷାଧକ୍ଷ ପ୍ରଦୀପ ଦାସଙ୍କ ଅଧକ୍ଷତାରେ ମାଟି ଉଠା ପାଇଁ ଦେବୀ ମଣ୍ଡପରୁ ବ୍ରାହ୍ମଣ, ପୁରୋହିତ, ଗ୍ରାମବାସୀ ଘଣ୍ଟ, ବାଜା, ମହୁରୀ, ଝାଞ୍ଜ ଓ ମୃଦଙ୍ଗ ସହିତ ଶୋଭାଯାତ୍ରାରେ ବାହାରି ଗ୍ରାମ ଦେବୀ ମନ୍ଦିର ନିକଟରେ ମାଟି ଅନୁକୂଳ କରି ଦେବୀ ମଣ୍ଡପକୁ ଫେରିଥିଲେ। ଏହି ସମୟରେ ଗ୍ରାମର ପ୍ରତ୍ୟେକ ଘର ସାମ୍ନାରେ ମା, ଭଉଣୀ ଓ ଝିଅମାନେ ମୁରୁଜ ପକାଇ, ଦୀପ, ଶଙ୍ଖ ଓ ହୁଳହୁଳି ଦେଇ ପୂଜା କରିଥିଲେ।

# ଅସୁରକ୍ଷିତ ପାଳଧୁଆ ବନ୍ଧ ସେତୁ; ନୂଆ ନିର୍ମାଣ ଦାବି



**ବାଲିକୁଦା,୩୧।୮ (ସମିସ):** ବାଲିକୁଦା ବ୍ଲକର ବୋରିକିନା ପଞ୍ଚାୟତ ଓ ଏରସମା ବ୍ଲକ୍‌ର ଗୋଡ଼ା ପଞ୍ଚାୟତର ମଧ୍ୟସ୍ଥଳ ପାଳଧୁଆ ବନ୍ଧଠାରେ ଅଳକା ନଦୀ ଉପରେ ନିର୍ମାଣ ହୋଇଥିବା ସେତୁ ମରାମତି ଅଭାବରୁ ଅସୁରକ୍ଷିତ ହୋଇପଡ଼ିଛି। ପ୍ରତିଦିନ ଶହ ଶହ ଦୁଇଚକିଆ, ଚାରିଚକିଆ ଗାଡ଼ି ସହ ଏରସମା ବ୍ଲକ୍‌ର ବିଭିନ୍ନ ସ୍ଥାନକୁ ଚିଙ୍ଗୁଡ଼ି ଦାନା, ଚୂନ, ବ୍ଲିଚିଂ ନେଇ ଭାରୀଯାନ ଏହି ସେତୁ ଉପରେ ଯାତାୟାତ କରିଥାଏ। ୧୯୮୫ରେ ନିର୍ମାଣ ହୋଇଥିବା ସେତୁଟି ମରାମତି ଅଭାବରୁ ପ୍ଲାଷ୍ଟର ଖସି ରଡ୍ ଦେଖାଯିବା ସହ ସେତୁର ବାଡ଼ା ଭାଙ୍ଗିଗଲାଣି। ସେତୁ ଉପରେ କାଦୁଅ ଜମା ହୋଇ ରହିବା ଦ୍ୱାରା ଅନେକ ଲୋକ ଗାଡ଼ିରୁ ଖସିପଡ଼ି ଆହତ ହେଉଛନ୍ତି। ବାଲିକୁଦା ବ୍ଲକର ୧୦ରୁ ଅଧିକ ପଞ୍ଚାୟତର ଲୋକ ପ୍ରତିଦିନ ପାରାଦୀପକୁ ଯିବାକୁ ଏହି ସେତୁ ଉପରେ ନିର୍ଭର କରିଥା'ନ୍ତି। ଏହି ସେତୁ ବାଲିକୁଦା ବ୍ଲକ ଏରସମା ବ୍ଲକକୁ ସଂଯୋଗର ମୁଖ୍ୟ ରାସ୍ତା ହୋଇଥିବାରୁ ତୁରନ୍ତ ଆଉଏକ ନୂତନ ସେତୁ ନିର୍ମାଣ ପାଇଁ ଦୁଇ ବ୍ଲକର ଜନସାଧାରଣ ଦାବି କରିଛନ୍ତି।

# ଡିଏଭି ଇଫ୍‌କୋରେ ଜାତୀୟ କ୍ରୀଡ଼ା ଦିବସ



**ପାରାଦୀପ, ୩୧।୮ (ସମିସ):** ମେଜର ଧ୍ୟାନଚାନ୍ଦଙ୍କ ୧୨୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ଡିଏଭି ଇଫ୍‌କୋ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ତିନିଦିନ ବ୍ୟାପି ପାଳିତ ହୋଇଯାଇଛି। ଏ ଅବସରରେ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶେଷଦିବସରେ "ସଣ୍ଡେଜ ଅନ ସାଇକଲ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଅଧକ୍ଷ ସମ୍ପିତ ସୁକୁମାର ଚିନାରା ଅତିଥି ପରିଚୟ ପ୍ରଦାନ କରି ମେଜର ଧ୍ୟାନଚାନ୍ଦଙ୍କ ଆଦର୍ଶ, କ୍ରୀଡ଼ା ପ୍ରତି ତାଙ୍କର ସମର୍ପଣ ଭାବ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଇଫ୍‌କୋ ସାର କମ୍ପାନୀର ଏଚ୍.ଆର. ବିଭାଗର ମୁଖ୍ୟ ବିଜୟ କୁମାର ପରିଡା ଯୋଗଦେଇ ମାନସିକ, ଶାରୀରିକ ଓ ସୁସ୍ଥ ରହିବାକୁ ହେଲେ ଖେଳକୁଦର ଆବଶ୍ୟକତା ଥିବା କହିଥିଲେ। ବିଦ୍ୟାଳୟର ଛାତ୍ର କ୍ୟାବିନେଟ କ୍ରୀଡ଼ା ବିଭାଗର ସମ୍ପାଦିକା କୁମାରୀ ଯଶସ୍ୱିନି ପଲେଇ ଫିଟ ଇଣ୍ଡିଆ ପ୍ରତିଜ୍ଞା ନେଇଥିଲେ। ସମସ୍ତ ଛାତ୍ରଛାତ୍ରୀ ମଧ୍ୟ ପ୍ରତିଜ୍ଞାକୁ ଅନୁସରଣ କରିଥିଲେ। କ୍ରୀଡ଼ା ଦିବସରେ କ୍ରୀଡ଼ାରେ ବିଜେତା ହୋଇଥିବା ପ୍ରତିଯୋଗୀଙ୍କୁ ବିଦ୍ୟାଳୟର ଆଗାମୀ ଉତ୍ସବରେ ପୁରସ୍କୃତ କରାଯିବ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୌର ମୋହନ ସାମଲଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ ହୋଇଥିଲା।

# ପାରାଦୀପ ବନ୍ଦର ଡିଏଭି ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ



**ପାରାଦୀପ, ୩୧।୮ (ସମିସ):** ହକିର କିମ୍ବଦନ୍ତୀ ପୁରୁଷ ମେଜର ଧ୍ୟାନଚନ୍ଦଙ୍କ ୧୨୦ତମ ଜୟନ୍ତୀ ଉପଲକ୍ଷେ ଡିଏଭି ପାରାଦୀପ ପୋର୍ଟ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ତିନି ଦିନ ବ୍ୟାପି ପାଳିତ ହୋଇଯାଇଛି। ବିଦ୍ୟାଳୟ ପକ୍ଷରୁ ପ୍ରଥମ ଦିବସରେ ଶାରୀରିକ ସୁସ୍ଥ ରହିବା ନିମନ୍ତେ ଓ କ୍ରୀଡ଼ାକୁ ବିଶ୍ୱବ୍ୟାପୀ କରିବା ନିମନ୍ତେ ଶପଥ ପାଠ କରାଯାଇଥିଲା। ଦ୍ୱିତୀୟ ଦିବସରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଓ କ୍ରୀଡ଼ା ଉପରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶେଷ ଦିବସରେ "ସଣ୍ଡେଜ ଅନ୍ ସାଇକଲ' ପାଳିତ ହୋଇଥିଲା। ଅଧକ୍ଷା ବିଦ୍ୟୁଶ୍ରୀ ମହାନ୍ତି ମେଜର ଧ୍ୟାନଚାନ୍ଦଙ୍କ ଆଦର୍ଶ ଓ କ୍ରୀଡ଼ା ପ୍ରତି ତାଙ୍କର ସମର୍ପଣ ଭାବ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଦ୍ୟାଳୟର ସଂଯୋଜକ ହୃଷିକେଶ ପ୍ରଧାନ କ୍ରୀଡ଼ାର ଉପକାରିତା ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ଛାତ୍ର କ୍ୟାବିନେଟ ସମ୍ପାଦିକା କୁମାରୀ ଅନସୂୟା ପାଢ଼ୀ ଫିଟ ଇଣ୍ଡିଆ ପ୍ରତିଜ୍ଞା ନେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସୌଭାଗିନୀ ପାଢ଼ୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

**ସ୍ୱାୟତ୍ତ ଶାସନ ଦିବସ ପାଳିତ**

# 'ଜନକଲ୍ୟାଣ ଯୋଜନା କାର୍ଯ୍ୟକାରୀ କରାଯିବା ଉଚିତ'

ଜଗତସିଂହପୁର,୩୧।୮ (ସମିସ)



ଆଜି ପୂର୍ବାହ୍ନରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜଗତସିଂହପୁର ପୌର ପରିଷଦ ଆନୁକୂଲ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପୌର ପରିଷଦ ଅଧକ୍ଷା ଅର୍ଚ୍ଚନା ସିଂହଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ସ୍ୱାୟତ୍ତ ଶାସନ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମସ୍ତଙ୍କ ମିଳିତ ସହଯୋଗରେ ସରକାରଙ୍କ ଜନକଲ୍ୟାଣ ଯୋଜନା ଦ୍ୱାରା ଜଗତସିଂହପୁର ଏକ ଆଦର୍ଶ ପୌର ପରିଷଦରେ ପରିଣତ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଏଥିସହ ପୌରଧକ୍ଷା ଅର୍ଚ୍ଚନା ସିଂହ ଜଗତସିଂହପୁର ପୌର ପରିଷଦର ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ଆଗକୁ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି ଏକ ସ୍ମାର୍ଟ ପୌରାଞ୍ଚଳ ଗଠନ ଓ ବିକାଶର ଶୀର୍ଷରେ ପହଞ୍ଚାଇବା ନିମନ୍ତେ ଉଦ୍ୟମ କରିବାକୁ ସେ ସମସ୍ତ ପୌରବାସୀଙ୍କ ସହଯୋଗ କାମନା କରିଥିଲେ।

ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଯୋଗଦେଇ ପୌର ପ୍ରଶାସନ ପକ୍ଷରୁ ସହରରେ ସ୍ୱଚ୍ଛତା ନିମନ୍ତେ ନିଆଯାଇଥିବା ପଦକ୍ଷେପର ପ୍ରଶଂସା କରିବା ସହ ଆଗାମୀ ଦିନରେ ଆଇନଗତ ସ୍ୱଚ୍ଛ ଓ ପରିମଳ ଜଗତସିଂହପୁର ଗଠନ ଦିଗରେ ସମସ୍ତଙ୍କ ସହଭାଗିତା କାମନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ସ୍ୱଚ୍ଛ ମାନସିକତା ହିଁ ସ୍ୱଚ୍ଛ ସମାଜ ଗଠନରେ ସହାୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏସଡିପିଓ ଅଜିଙ୍କ୍ୟ ମାନେ ପୌରାଞ୍ଚଳର ପରିବେଶକୁ ସୁସ୍ଥ ରଖିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ପୌର ନିର୍ବାହୀ ଅଧିକାରୀ ଶ୍ରୀମତୀ ସୀମା ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବର୍ତ୍ତମାନର ସମସ୍ତ ପାରିଷଦଙ୍କୁ ଅତିଥି ଓ ପୌରାଧକ୍ଷା ସମ୍ମାନିତ କରିଥିଲେ। ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପୌର ପରିଷଦର ସ୍ୱୟଂସହାୟକ ଗୋଷ୍ଠୀ ମାଆମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଓ ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ପୁରସ୍କୃତ କରିଥିଲେ। ଉପାଧକ୍ଷ ରାଜେନ୍ଦ୍ର କୁମାର ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

ଆଜି ପ୍ରାତଃ ୪.୩୦ ମିନିଟ୍ ସମୟରେ ଜଗତସିଂହପୁର ପୌର ପରିଷଦ ପକ୍ଷରୁ ପୌରାଞ୍ଚଳରେ ରାମଧୂନ୍ ପରିବେଷଣ କରାଯାଇଥିଲା। ୭ ଘଟିକା ସମୟରେ ପୌରାଞ୍ଚଳରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୌର ଅଧକ୍ଷାଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ୮.୧୫ ମିନିଟ୍ ସମୟରେ ପୌରପରିଷଦ ପରିସରରେ ଅଧକ୍ଷାଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ପରେ ତର୍ତ୍ତଙ୍ଗସ୍ଥ ବୃଦ୍ଧାଶ୍ରମରେ ଉତ୍ତରୀୟ ଓ ଫଳ ବଣ୍ଟନ, ଶିଶୁ ଆଶ୍ରମ ଓ ଆଶ୍ରା ସ୍ୱତନ୍ତ୍ର ବିଦ୍ୟାଳୟ ଅନ୍ତେବାସୀଙ୍କୁ ଖାତା ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏଥିସହିତ ସପ୍ତାହ ବ୍ୟାପୀ ବିଭିନ୍ନ ୱାର୍ଡରେ ବୃକ୍ଷରୋପଣ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ, ଜାତୀୟ କ୍ରୀଡ଼ା ଦିବସରେ ପାରିଷଦଙ୍କ ମଧ୍ୟରେ ଚେସ, କ୍ୟାରମ୍, ମ୍ୟୁଜିକ ଚେୟାର, ଅନ୍ତାକ୍ଷରି ସହ ବଡାଖାନା ଆଦି ଆୟୋଜିତ ହୋଇଥିଲା। ପୌର ପରିଷଦ କାର୍ଯ୍ୟାଳୟରେ ଥିବା ନବକୃଷ୍ଣ ଚୌଧୁରୀ ପାଠାଗାରର ଉପର ମହଲା ନିମନ୍ତେ ବିଧାୟକ ଅମରେନ୍ଦ୍ର ଦାସ ଶିଳାନ୍ୟାସ କରିଥିଲେ। ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଆୟୋଜିତ ସଭା ପ୍ରାରମ୍ଭରେ କ୍ରିଷ୍ଣା କଲଚରାଲ ଗ୍ରୁପ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହି ସଭାରେ ପୌର ପରିଷଦର ସମସ୍ତ ପାରିଷଦ, ସହରର ବୁଦ୍ଧଜୀବୀ, ଆଇନଜୀବୀ, ବିଦ୍ୟାଳୟ ଓ ମହାବଦ୍ୟାଳୟର ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ପୌର ପରିଷଦର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସଂସ୍କୃତିପ୍ରେମୀ ନିରଞ୍ଜନ ପାଣିଙ୍କ ପରଲୋକ

**ବାଲିକୁଦା,୩୧।୮ (ସମିସ):** ବାଲିକୁଦା ବ୍ଲକ୍ ଅନ୍ତର୍ଗତ ବାହାରଣା ଗ୍ରାମର ସଂସ୍କୃତିପ୍ରେମୀ ନିରଞ୍ଜନ ପାଣିଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ବାହାରଣା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ପାଣିଙ୍କ ପାର୍ଥିବଶରୀରକୁ ଜଗତସିଂହପୁର ଚିକିତ୍ସାଳୟରୁ ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ



ଗୁଡୁପାଇଲ ଛକଠାରୁ ଶୋଭାଯାତ୍ରାରେ ଅଣାଯାଇଥିଲା। ଏଥିରେ ଶତାଧିକ ଲୋକ ସାମିଲ ହୋଇଥିଲେ। ଶ୍ରୀ ପାଣି ବୁଦ୍ଧିନାଥ ସଂକୀର୍ତ୍ତନ ମଣ୍ଡଳର ସଭାପତି ଥିବାବେଳେ ତ୍ରିଶକ୍ତି ସଂକୀର୍ତ୍ତନ ମଣ୍ଡଳୀ (ପୁନେ) ଓ ବହୁ ସାମାଜିକ ସଂଗଠନ ସହିତ ଜଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତିନି ପୁଅ, ଦୁଇ ଭାଇ, ଝିଅବ୍ୱାଇଁ, ଭଣଜା ଭାଣିଜୀ, ନାତିନାତୁଣୀଙ୍କ ସହିତ ପରିବାରବର୍ଗ ଉପସ୍ଥିତ ଥିଲେ। ସରପଞ୍ଚ ମାନସ ପରିଡ଼ା, ସମାଜସେବୀ ଶିବବ୍ରତ ଦାସ, ସମିତିସଭ୍ୟା ରାଜଶ୍ରୀ ମହାନ୍ତି, ପୂର୍ବତନ ସମିତି ସଭ୍ୟ ନୀଳମଣି ବେହେରା, ରମାକାନ୍ତ ବାରିକ, ସମାଜସେବୀ ଶରତ ସାହୁ, ସଂକୀର୍ତ୍ତନ ମଣ୍ଡଳ ଜୋନ ସଭାପତି ଯୋଗେନ୍ଦ୍ର ସାହୁ, ବାହାରଣା ଓ ଥାଇଲ ପଞ୍ଚାୟତର ସଂକୀର୍ତ୍ତନ ସଂଗଠନ ସମ୍ପାଦକ ବିଜୟ ପ୍ରଧାନ, ସମ୍ପାଦକ କୁଳମଣି ବେହେରା, ପ୍ରହ୍ଲାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ବିଧାୟକ ଶାରଦା ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ସମାଜସେବୀ ସତ୍ୟସାରଥୀ ମହାନ୍ତି, ସମାଜସେବୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ରୋହିଆରେ ଭାଗବତ ପାରାୟଣ

**ନାଉଗାଁ,୩୧।୮ (ସମିସ):** ନାଉଗାଁ ବ୍ଲକସ୍ଥ ରୋହିଆ ଶ୍ରୀଜଗନ୍ନାଥ ଭଗବତ ପ୍ରଚାର ସମିତି ଆନୁକୂଲ୍ୟରେ ନବମ ବାର୍ଷିକ ଶ୍ରୀଶ୍ରୀ ଭାଗବତ ସପ୍ତାହ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମଚାରି ବାବା ସତ୍ୟାନନ୍ଦ ଦାସଙ୍କ ଦ୍ୱାରା ପ୍ରବଚନ ପ୍ରଦାନ କରିଥିଲେ। ଶ୍ରୀମଦ ଭାଗବତ ମଣିଷ ଜୀବନରେ ସବୁ ସମସ୍ୟାର ସମାଧାନର ବାଟ ଦେଖାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଆଧାତ୍ମିକ ଜ୍ଞାନ ଅଭାବରେ ହିଂସା କ୍ରୋଧ ବ୍ୟାପିଥାଏ। ଉକ୍ତ କାର୍ଯ୍ୟକ୍ରମରେ ବାବା ଦିବ୍ୟକୃଷ୍ଣ ଦାସ, ବାବା ଅରକ୍ଷିତ ଦାସ ଭଗବତ ସପ୍ତାହରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଭାଗବତ ପ୍ରେମୀ ସମାଜସେବୀ ଓ ବିଭିନ୍ନ ଆଧାତ୍ମିକ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକ ଗିରିଧାରୀ ମହାନ୍ତି, ନିରଞ୍ଜନ ମହାନ୍ତି ଓ ଭାଗବତ ପ୍ରଚାର ସମିତିର କର୍ମକର୍ତ୍ତା, ଗ୍ରାମବାସୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା



**ଜଗତସିଂହପୁର, ୩୧।୮ (ସମିସ):** ଜଗତସିଂହପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଜ୍ଞାନ ମିଶନ ପକ୍ଷରୁ ସପ୍ତମ ବାର୍ଷିକୀ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୪ଟି ବର୍ଗରେ ୧୦୦ରୁ ଅଧିକ ପିଲା ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ବସନ୍ତ ଦାସ, ମୁଖ୍ୟଅତିଥି ଅଧ୍ୟାପକ ନଳିନୀକାନ୍ତ ମହାପାତ୍ର, ମୁଖ୍ୟବକ୍ତା ପଣ୍ଡିତ ବିପିନ ବିହାରୀ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ପଣ୍ଡିତ ପରମେଶ ପଣ୍ଡା ଓ ନବକିଶୋର ମୁଦୁଲି ଯୋଗଦେଇଥିଲେ। ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବିଶ୍ୱାଳ ଗୀତାର ମହତ୍ତ୍ୱ ସହ ପ୍ରତିଯୋଗିତାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବ୍ଲକ୍ ସଂଯୋଜକ ବିଜୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ପ୍ରଦୀପ କୁମାର ଶତପଥୀ, ପଣ୍ଡିତ ବିରଞ୍ଚି ନାରାୟଣ ରଥ, ସ୍ମୃତିରଞ୍ଜନ ପରିଜା, ବସନ୍ତ କୁମାର ଦାସ, ଅଧ୍ୟାପକ ସୁବାସ ବେହୁରା, ବିନାୟକ ଉପାଧ୍ୟାୟ, ପଣ୍ଡିତ ବିପିନ ବିହାରୀ ପାଣିଗ୍ରାହୀ, ପଣ୍ଡିତ ନିରଞ୍ଜନ ପଣ୍ଡା, ସରୋଜିନୀ ବଳ ବିଚାରକ ଦାୟିତ୍ୱ ତୁଲାଇଥିଲେ। 'କ' ବିଭାଗରେ ଅର୍ଣ୍ଣଭ ମିଶ୍ର, ସୁପ୍ରିୟା ପାତ୍ର, ସତ୍ୟଜିତ ନାୟକ, ଖ-ବିଭାଗରେ ପ୍ରୀତିସୋନା ସାହୁ, ଶ୍ରେୟଂଶୀ ସାହୁ, ଏମ ସାଇ କ୍ରିଷ୍ଣା, ସ୍ୱାତି ସୁଲଗ୍ନ ସାହୁ, ଗ-ବିଭାଗରେ ଅନନ୍ୟ ସୁଭଦର୍ଶିନୀ, ମିତାଲି ନାୟକ, ସୁଭ୍ରଜିତ୍ ମିଶ୍ର, ଜୟଶ୍ରୀ ସ୍ୱାଇଁ, ଘ-ବିଭାଗରେ ସ୍ମୃତିରେଖା ଶତପଥୀ, ଶୁଭଲକ୍ଷ୍ମୀ ସାହୁ, ଆଶୁତୋଷ ଷଡ଼ଙ୍ଗୀ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ପୁରସ୍କୃତ ହୋଇଥିଲେ।

# ତ୍ରିନାଥ ପୂଜା କମିଟି ପକ୍ଷରୁ ନୃତ୍ୟ ପ୍ରତିଭା ଚୟନ କାର୍ଯ୍ୟକ୍ରମ

**ବାଲିକୁଦା,୩୧।୮ (ସମିସ):** ବାଲିକୁଦା ବ୍ଲକ ଆମ୍ବଶାଳ ପଞ୍ଚାୟତ ଆମ୍ବଶାଳ ଚାରିଛକ ତ୍ରିନାଥ ପୂଜା କମିଟି ପକ୍ଷରୁ ବାଲିକୁଦା ମାଟିର ନୃତ୍ୟ ପ୍ରତିଭାଙ୍କୁ ଚିହ୍ନଟ କରିବା ଉଦ୍ଦେଶ୍ୟରେ ନୃତ୍ୟ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବାଲିକୁଦା ଅଞ୍ଚଳର ୧୦୦ରୁ ଅଧିକ ପ୍ରତିଯୋଗୀ କନିଷ୍ଠ ଓ ବରିଷ୍ଠ ବର୍ଗରେ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ଅନୁଷ୍ଠାନ ସଭାପତି ପ୍ରତାପ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଡଃ ଦିଲ୍ଲୀପ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଆଲୋକ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସରୋଜକାନ୍ତ ମହାପାତ୍ର, ସମବାୟ ସଭାପତି ନରୋତ୍ତମ ରାଉତ ଯୋଗଦେଇ ନୃତ୍ୟ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଇସାନୀ ସ୍ୱାଇଁ, ଦ୍ୱିତୀୟ ସ୍ଥାନ ସମୃଦ୍ଧି ସ୍ୱାଇଁ, ତୃତୀୟ ସ୍ଥାନ ସୁଶ୍ରୀ ଶ୍ରୀୟା ଜେନା, କନିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ସାନଭି ସ୍ୱାଇଁ, ଦ୍ୱିତୀୟ ଦେବାଂଶୀ ନାୟକ, ତୃତୀୟ ସ୍ଥାନ ଆଦ୍ୟାଶା ନନ୍ଦିନୀ ସ୍ୱାଇଁ ଲାଭ କରି ପୁରସ୍କୃତ ହୋଇଥିଲେ। ଏ ଅବସରରେ ପ୍ରଭୁ ଗଜାନନଙ୍କ ନିକଟରେ ଭୋଗ ଲାଗି ହୋଇଥିବା ୧୦ କେଜି ଓଜନର ଲଡୁକୁ ୩୨୦୦ ଟଙ୍କାରେ ନିଲାମୀ କରାଯାଇଥିଲା। ସମ୍ପାଦକ ବିନୟ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବାବେଳେ ମୁଖ୍ୟ ପରିଚାଳକ ସରୋଜ ପଣ୍ଡା ଅତିଥି ପରିଚୟ ଓ ଚିନ୍ମୟ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ବବୁଲ ସାହୁ, ଶ୍ରୀଧର ସାହୁ, ମନୋଜ ପଣ୍ଡା, ଅମୀୟ ନାୟକ, କାମାକ୍ଷା ନାୟକ, ପ୍ରଦୀପ୍ତ ବିଶ୍ୱାଳ, ପ୍ରବୀର ଭଟ୍ଟ, ନିରଞ୍ଜନ ବିଶ୍ୱାଳ, କୋଷାଧକ୍ଷ ଦେବବ୍ରତ ନାୟକ, ସହସମ୍ପାଦକ ଜଗନ୍ନାଥ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ରାମମନ୍ଦିରରୁ ଚୋରି




**ରଘୁନାଥପୁର,୩୧।୮ (ସମିସ):** ରଘୁନାଥପୁର ଥାନା ଅନ୍ତର୍ଗତ ଆଯୋଧ୍ୟାପୁର ଗ୍ରାମର ଦରଘାସାହେବ ରାମମନ୍ଦିର ଦାନବାକ୍ସ ଭାଙ୍ଗି କେହି ଦୁର୍ବୃତ୍ତ ଟଙ୍କା ଚୋରି କରି ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ରବିବାର ସନ୍ଧ୍ୟାରେ ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ସକାଳୁ ଦାନବାକ୍ସ ଭଙ୍ଗା ହୋଇଥିବାର ଦେଖି ଗ୍ରାମବାସୀ ଏ ସମ୍ପର୍କରେ ପୁଲିସକୁ ଖବର ଦେଇଥିଲେ। ଏସଆଇ ଯୋଗେଶ୍ୱର ବେହେରା ପହଞ୍ଚି ତଦନ୍ତ କରିଥିଲେ। ଏଥିରୁ ପ୍ରାୟ ୧୦ ହାଜର ଟଙ୍କା ଦୁର୍ବୃତ୍ତ ଚୋରି କରି ନେଇଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ପୁଲିସ ପାଟ୍ରୋଲିଂ ଠିକ୍ ଭାବେ ହେଉ ନ ଥିବାରୁ ମନ୍ଦିରରୁ ଓ ରାସ୍ତା କଡ଼ରେ ଛିଡା ହୋଇଥିବା ଭାରୀଯାନରୁ ତେଲ ଚୋରି ହେଉଥିବା ସରପଞ୍ଚଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ପଣ୍ଡା ଓ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

# ଏନ୍‌ଏସି ତାଲିକାରୁ କୁଜଙ୍ଗ ବାଦ୍; ବଢ଼ିଲା ଅସନ୍ତୋଷ

କୁଜଙ୍ଗ,୩୧।୮ (ସମିସ)

ଅଗଷ୍ଟ ପନ୍ଦର ଘୋଷଣା ପରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣି ନୂଆ ଏନଏସି ତାଲିକା ଘୋଷଣା କରିଛନ୍ତି। ତେବେ ଏହି ତାଲିକାରେ କୁଜଙ୍ଗ ନ ଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପନ୍ଦର ଦିନ ଧରି କୁଜଙ୍ଗରେ ଆନ୍ଦୋଳନ ଜାରି ରହିଛି। ଫଳରେ ଆସନ୍ତା ୯ ତାରିଖରେ କୁଜଙ୍ଗ ବନ୍ଦ ଡାକରା ଓ ପ୍ରଶାସନକୁ ଅଚଳ କରାଯିବ ବୋଲି କୁଜଙ୍ଗ ସଚେତନ ନାଗରିକ ମଞ୍ଚ ଘୋଷଣା କରିଛି। ରବିବାର ରାତିରେ ନାଗରିକ ମଞ୍ଚର ଆବାହକ ରଘୁ ସାହୁ, ଉପଦେଷ୍ଟା ପୀତାମ୍ବର ତରାଇ, ଜିନ୍ମୟୀ ସାହାଣୀ, ପ୍ରିୟମ୍ବଦା ପାଣି ଓ ରଂଜିତ ବିଶ୍ୱାଳ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଆବାହକ ଶ୍ରୀ ସାହୁ କହିଛନ୍ତି, ନବୀନ ପଟ୍ଟନାୟକ ଆଜିବି କୁଜଙ୍ଗ ଲୋକଙ୍କ ହୃଦୟରେ ଅଛନ୍ତି। ନବୀନ ସରକାର ସମୟରେ ସରକାରୀ ଭାବେ କୁଜଙ୍ଗର ଭିତ୍ତିଭୂମି ତଦନ୍ତ କରାଯାଇ କୁଜଙ୍ଗକୁ ଏନଏସି ଘୋଷଣା କରାଯାଇଥିଲା। ତେବେ ବର୍ତ୍ତମାନର ସରକାର କୁଜଙ୍ଗବାସୀଙ୍କୁ ପ୍ରତାରଣା କରିଛନ୍ତି। ମୋହନ ସରକାର ଏନଏସି ଘୋଷଣା କରିଥିବା ରାଜ୍ୟର ନୂଆ ଅଞ୍ଚଳ ଗୁଡିକଠାରୁ କୁଜଙ୍ଗ କେବେ କମ ନୁହେଁ। କୁଜଙ୍ଗରେ ଚାରୋଟି କୋର୍ଟ ଓ ଅତିରିକ୍ତ ଜିଲ୍ଲା ଦୌରାଜଜ କୋର୍ଟ ରହିଛି। ପଚାଶରୁ ଅଧିକ ସରକାରୀ ଓ ସରକାରୀ ପଞ୍ଜିକୃତ କାର୍ଯ୍ୟାଳୟ ରହିଛି। ବ୍ୟବସାୟିକ ଭିତ୍ତିଭୂମି ମଧ୍ୟ ସୁଦୃଢ଼। ତେବେ ସରକାରଙ୍କ ଏପରି ବୈମାତୃକ ମନୋଭାବ କାହିଁକି ବୋଲି ବୁଝା ପଡୁନି।

ଆଜି ରବିବାର କୁଜଙ୍ଗ ଏନଏସି ଘୋଷଣା ହେବ ବୋଲି କୁଜଙ୍ଗବାସୀ ଚାହିଁ ରହିଥିଲେ। ଶାସକ ଦଳ ସମର୍ଥକ ମଧ୍ୟ ଶ୍ରେୟ ନେବା ପାଇଁ ତୁମ୍ବିତୋଫାନ କରିଥିଲେ। ହେଲେ ଆଜିର ଘୋଷଣା ସମସ୍ତଙ୍କୁ ଅଶାନ୍ତି କରିଛି। କୁଜଙ୍ଗରେ ବଡ଼ ଆନ୍ଦୋଳନ ହେବା ନିଶ୍ଚିତ ହୋଇଯାଇଛି। ସୋମବାର ସାମ୍ବାଦିକ ସମ୍ମିଳନୀ, ମଙ୍ଗଳବାର କୁଜଙ୍ଗର ପ୍ରତି ଗ୍ରାମରେ ସଚେତନ ସଭା, ପଥପ୍ରାନ୍ତ ସଭା, ୯ ତାରିଖରେ କୁଜଙ୍ଗ ବନ୍ଦ ଡାକରା ଓ ଅଖଚକ ବନ୍ଦ ରହିବ। ୧୦ ତାରିଖଠାରୁ କୁଜଙ୍ଗ ତହସିଲ ସାମ୍ନାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଚାଲିବ ବୋଲି ଆବାହକ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ




**ଜଗତସିଂହପୁର,୩୧।୮ (ସମିସ):** ୨୯ ତାରିଖରେ ଉଦ୍‌ଘାଟିତ ହୋଇଥିବା ଜଗତସିଂହପୁର ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଉତ୍ସବ ଆଜି ଉଦ୍‌ଯାପିତ ହୋଇଛି। ଏହି ଉଦ୍‌ଯାପନୀ ଉତ୍ସବ ଅବସରରେ ଏକ ସାଇକଲ୍ ରାଲି ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ପତାକା ଦେଖାଇ ରାଲିକୁ ଶୁଭାରମ୍ଭ କରିଥିଲେ।

ଏହି ସାଇକଲ୍ ରାଲି ପୁରୋହିତପୁର ଉଚ୍ଚବିଦ୍ୟାଳୟ ପରିସରରୁ ବାହାରି ଇଣ୍ଡୋର ଷ୍ଟାଡ଼ିୟମଠାରେ ସମାପ୍ତ ହୋଇଥିଲା। କ୍ରୀଡ଼ାବିତ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସହରର ନାଗରିକ ସାଇକଲ୍ ଚଳାଇ କ୍ରୀଡ଼ା ପ୍ରତି ସଚେତନତା, ସ୍ୱାସ୍ଥ୍ୟ ଜାଗରୁକତା ଓ ପରିବେଶ ସୁରକ୍ଷାର ସନ୍ଦେଶ ପ୍ରଚାର କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାୟ କହିଲେ, ଏହା କେନ୍ଦ୍ର ସରକାରଙ୍କ ଏକ ଯୋଜନା। ଏହି ରାଲି ମାଧ୍ୟମରେ ସମାଜକୁ ବାର୍ତ୍ତା ଦେବା ଯେ କ୍ରୀଡ଼ା ମାଧ୍ୟମରେ ନିଜକୁ ଫିଟ ରଖିବା ଓ ଶରୀରକୁ ସୁସ୍ଥ ରଖିବା। ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷ ଆୟୋଜିତ ଏହି ସାଇକଲ ରାଲିରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀମତୀ ବିଶ୍ୱବିଜୟିନୀ ପଟ୍ଟନାୟକଙ୍କ ସମେତ କର୍ମଚାରୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡାବିତ୍ ଓ ସ୍ଥାନୀୟ କ୍ରୀଡାପ୍ରେମୀ ଯୋଗଦାନ କରିଥିଲେ।

# ଜିଲ୍ଲାରେ ଏନ୍‌ଏସି ଘୋଷଣାକୁ ନେଇ ତେଜୁଛି ଅସନ୍ତୋଷ

ଯାଜପୁର,୩୧।୮ (ସମିସ)

ରାଜ୍ୟ ସରକାର ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ଜିଲ୍ଲାର ଏନ୍‌ଏସିର ନାମ ଘୋଷଣା କରୁଛନ୍ତି। ଏଥିରେ ଯାଜପୁର ଜିଲ୍ଲାରୁ କେବଳ ଚଣ୍ଡିଖୋଲ ସ୍ଥାନ ପାଇଛି। ତେବେ ପୂର୍ବରୁ ଘୋଷିତ ଜାରକା, ପାଣିକୋଇଲି ଓ ବିଞ୍ଝାରପୁର ବାଦ୍ ପଡ଼ିଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, ଜାରକା, ପାଣିକୋଇଲି ଏବଂ ବିଞ୍ଝାରପୁର ନାମକୁ ଏନ୍‌ଏସି କରିବା ପାଇଁ ନବୀନ ସରକାର ପ୍ରସ୍ତାବ ଦେବା ସହିତ ସମସ୍ତ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏ ସଂକ୍ରାନ୍ତରେ ପୂର୍ବ ସରକାର ଗତ ୨୦୨୪ ମସିହା ମାର୍ଚ୍ଚ ୧୩ ଏବଂ ନଭେମ୍ବର ୨ ତାରିଖରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାପାଳଙ୍କୁ ସବିଶେଷ ରିପୋର୍ଟ ମଗାଯାଇଥିଲା। ଉକ୍ତ ଚିଠି ମୁତାବକ ଜିଲ୍ଲା ପ୍ରଶାସନ ପକ୍ଷରୁ ସେହି ମାସ ୮ ତାରିଖରେ ଧର୍ମଶାଳା, ବିଞ୍ଝାରପୁର, କୋରେଇ ଏବଂ ବଡ଼ଚଣା ବିଡିଓଙ୍କୁ ବିଭାଗ ମାଗିଥିବା ସବିଶେଷ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ନିର୍ଦ୍ଦେଶ ମୁତାବକ ସମସ୍ତ ବିଡିଓମାନେ ଆବଶ୍ୟକ ତଥ୍ୟ

**ନବୀନଙ୍କ ପ୍ରସ୍ତାବକୁ ମୋହନ କାର୍ଯ୍ୟକାରୀ କରିବାକୁ କୁଣ୍ଠକୁଣ୍ଠ**

ଦେବା ପରେ ରାଜ୍ୟ ସରକାର ୪ଟି ଏନ୍‌ଏସି ଘୋଷଣା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସାଧାରଣ ନିର୍ବାଚନ ଘୋଷଣା ଯୋଗୁଁ ଉକ୍ତ ଏନ୍‌ଏସି ଘୋଷଣା ଅଟକି ଯାଇଥିଲା। କିନ୍ତୁ ରାଜ୍ୟରେ ବିଜେପି ସରକାର ଆସିବା ପରେ ଯାଜପୁର ଜିଲ୍ଲାବାସୀଙ୍କ ଏହି


DISTRICT URBAN DEVELOPMENT AGENCY, JAJPUR
Ph. No.06728/222054, Fax-06728-222054
Email ID-uri-djajpur@nic.in, dudajajpur@gmail.com
Dist. website-www.jajpur.nic.in
No. [illegible] /Dt. [illegible]

To
The Block Development Officers of Korei, Dharmasala, Badachana and Binjharpur Block
Sub: Proposal for constitution of new Notified Area Council at Korei, Dharmasala, Badachana and Binjharpur.
Ref: I. Letter No.[illegible], dated [illegible].2024 of Director Municipal Administration, H&UD Department.
II. Letter No.[illegible], dated [illegible].2024 of Additional Secretary to Government, H&UD Department.

Sir,
Inviting a reference to the letter on the subject cited above, I am to intimate you, that Housing & Urban Development Department, Govt. of Odisha have accorded in principle approval to constitute Notified Area Council (NAC) at Korei, Dharmasala, Badachana and Binjharpur Block.

In this regard, you are, requested to furnish the proposal in complete manner & [illegible] of proposed NACs at Korei, Dharmasala, Badachana and Binjharpur Block in the prescribed form "B" immediately for onward transmission to Govt.

This is treated as "MOST URGENT"

Yours faithfully,
Project Director,
DUDA, Jajpur.

ଏନ୍‌ଏସି ଘୋଷଣା ସତେ ଯେମିତି ମଉଳି ଯାଇଛି। ରାଜ୍ୟର ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ଅଞ୍ଚଳରେ ୧୨ଟି ଏନ୍‌ଏସି ଘୋଷଣା ହୋଇଥିବା ବେଳେ ଯାଜପୁର ଜିଲ୍ଲାର ଉପରୋକ୍ତ ୪ଟି ସ୍ଥାନ ସେଥିରୁ ବଞ୍ଚିତ ହୋଇଥିଲା। ଏ ନେଇ ତୀବ୍ର ପ୍ରତିବାଦର ସ୍ୱର ଉଠିଥିଲା। ଚଣ୍ଡିଖୋଲ ଏନ୍‌ଏସି ଘୋଷଣା ଦାବି କରି ବିଜୁ ଜନତା ଦଳ ପକ୍ଷରୁ ଧାରଣା ଦିଆଯିବା ପରେ ଆଜି ରାଜ୍ୟ ସରକାର ଚଣ୍ଡିଖୋଲକୁ ଏନ୍‌ଏସି ଘୋଷଣା କରିଛନ୍ତି। କିନ୍ତୁ ବାକି ପାଣିକୋଇଲି, ଜାରକା ଏବଂ ବିଞ୍ଝାରପୁରକୁ ଏନ୍‌ଏସି ଭାବେ ଘୋଷଣା କରାଯାଇନାହିଁ। ପାଣିକୋଇଲିକୁ ଏନ୍‌ଏସିର ମାନ୍ୟତା ଦେଇ ଏହାକୁ ଯଯାତିନଗର ଭାବେ ମାନ୍ୟତା ଦେବା ପାଇଁ ପୂର୍ବ ସରକାର ପ୍ରସ୍ତାବ ଦେଇଥିଲେ। ଏହା ଏକ ଜିଲ୍ଲାର ପ୍ରମୁଖ ସ୍ଥାନ। କଳିଙ୍ଗନଗର ଶିଳ୍ପାଞ୍ଚଳ ଏବଂ ଯାଜପୁର ମୁଖ୍ୟାଳୟକୁ ସଂଯୋଗ କରୁଛି। ଏଭଳି ଗୁରୁତ୍ୱ ଥିବା ସ୍ଥାନକୁ କାହିଁକି ଏନ୍‌ଏସି ଘୋଷଣା କରାଯାଉନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନ କରାଯାଉଛି। ଏଥିପାଇଁ ସ୍ଥାନୀୟ ବିଧାୟକ ଆକାଶ ଦାସ ନାୟକ ରାଜ୍ୟ ସରକାରଙ୍କୁ ପତ୍ର ଲେଖିଥିଲେ ମଧ୍ୟ ବିଜେପି ସରକାରଙ୍କୁ ସାମାଜିକ ଗଣମାଧ୍ୟମରେ ତୀବ୍ର ସମାଲୋଚନା କରାଯାଉଛି। ସେହିପରି ଜାରକାକୁ ଏନ୍‌ଏସି ଘୋଷଣା କରିବା ପାଇଁ କଂଗ୍ରେସ ଏବଂ ଅନ୍ୟାନ୍ୟ ଦଳ ପକ୍ଷରୁ ଦାବି କରି ଧାରଣା ଓ ଆନ୍ଦୋଳନ କରାଯାଇଥିବା ବେଳେ ବିଞ୍ଝାରପୁରକୁ ଏନ୍‌ଏସି ମାନ୍ୟତା ଦେବା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ବିଗତ ସରକାର ସମୟରେ ଯାଜପୁର ଜିଲ୍ଲା ସବୁବେଳେ ଅଗ୍ରାଧିକାର ପାଉଥିଲା; କିନ୍ତୁ ସରକାର ବଦଳିବା ପରେ ଯାଜପୁର ଜିଲ୍ଲା ସତେ ଯେମିତି ଅବହେଳାର ଶିକାର ହେଉଥିବା ଲୋକେ ଅନୁଭବ କରୁଛନ୍ତି।

## ବିଜେଡି ପାଳିଲା ବିଜୟ ଦିବସ

ବଡ଼ଚଣା,୩୧।୮ (ସମିସ): ଦୀର୍ଘ ୩୬ ବର୍ଷର ଦାବି ଆଜି ସଫଳ ହେଲା। ଆଜି ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ରାଜ୍ୟ ସରକାର ଘୋଷଣା କରିଥିବା ୧୬ଟି ଏନ୍‌ଏସି ମଧ୍ୟରୁ ଚଣ୍ଡିଖୋଲ ନାମ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଆଜି ପୂର୍ବାହ୍ନରେ ନୂତନ ଏନ୍‌ଏସି ଘୋଷଣା ହେବା ପରେ ଲୋକମାନେ ରାଜରାସ୍ତାକୁ ଆଦି ବାଜାବାଣ ଫୁଟାଇବା ସହିତ ମିଠା ବାଣ୍ଟିଥିଲେ। ପୂର୍ବରୁ ଘୋଷିତ ହୋଇଥିବା ୧୨ଟି ଏନ୍‌ଏସି ମଧ୍ୟରେ ଚଣ୍ଡିଖୋଲ ନାମ ନ ଥିବାରୁ ଲୋକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଫଳରେ, ବିଜେଡି ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ତିନୋଟି ଜାତୀୟ ରାଜପଥର ମିଳନ ସ୍ଥଳ ଚଣ୍ଡିଖୋଲ ଓଡ଼ିଶାର ପ୍ରମୁଖ ବ୍ୟବସାୟିକ ପେଣ୍ଠ ସ୍ଥଳ ଭାବରେ ସମଗ୍ର ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଛି। ସମସ୍ତ ଆନୁଷଙ୍ଗିକ ଭିତ୍ତି ଭୂମିଥିଲେ ମଧ୍ୟ ଚଣ୍ଡିଖୋଲକୁ ଏନ୍‌ଏସି ଘୋଷଣା କରିବା ବିଳମ୍ବ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଏହାର ପ୍ରତିବାଦ କରି ବିଜେଡି ଧାରଣା ଦେଇଥିଲା। ଫଳରେ ବାଧ୍ୟ ହୋଇ ରାଜ୍ୟ ସରକାର ଚଣ୍ଡିଖୋଲକୁ ଏନ୍‌ଏସି ଘୋଷଣା କରିଛନ୍ତି ବୋଲି ଦାବି କରି ବଡଚଣା ବିଜେଡି ବିଜୟ ଦିବସ ପାଳନ କରିଛି। ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟାଳୟ ଠାରୁ ବାହାରି ଏକ ବିଶାଳ ଶୋଭାଯାତ୍ରା ଚଣ୍ଡିଖୋଲ ଛକ ବୁଦ୍ଧମୂର୍ତ୍ତି ପାଖରେ ପହଞ୍ଚିଥିଲା। ସେଠାରେ ଆତିସବାଜି କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ସମେତ ଶହ ଶହ ବିଜେଡି କର୍ମୀ ଯୋଗ ଦେଇଥିଲେ।




## ଜାରକାକୁ ଏନ୍‌ଏସି ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

ଧର୍ମଶାଳା,୩୧।୮ (ସମିସ): ଆଜି ଘୋଷିତ ନୂତନ ଏନ୍‌ଏସି ତାଲିକାରେ ଜାରକା ନାହିଁ। ଫଳରେ ଦୀର୍ଘ ବର୍ଷ ହେଲା ନିଜ ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଘୋଷଣା ପାଇଁ ଲବି କରୁଥିବା ଲୋକେ ଏବେ ହରଡ଼ଘଣାରେ ପଡିଯାଇଛନ୍ତି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା। ପୂର୍ବରୁ ନିଜ ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ରହୁଥିବା ସ୍ଥାନ ଗୁଡିକୁ ଏନ୍‌ଏସସି ଘୋଷଣା କରିବାକୁ ସମ୍ପୃକ୍ତ ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଥିଲେ। ଯାଜପୁର ଜିଲ୍ଲାର ଜାରକାକୁ ଏନ୍‌ଏସସି ମାନ୍ୟତା ପ୍ରଦାନ କରିବା ଦାବିରେ ଗତ କିଛି ଦିନ ତଳେ ଧର୍ମଶାଳା କଂଗ୍ରେସ ପକ୍ଷରୁ ଜାରକା ଛକରେ ଧାରଣା ଓ ବିକ୍ଷୋଭ କରାଯାଇଥିଲା। ଏହା ବାଦ ଧର୍ମଶାଳା କଂଗ୍ରେସ ନେତା କିଶାନ ପଣ୍ଡା ଗତକାଲି ଠାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜାରକାକୁ ଏନ୍‌ଏନସି ଘୋଷଣା କରିବାକୁ ଅନୁରୋଧ କରି ଏକ ଚିଠି ଲେଖିଥିଲେ। ଜାରକା ଅଞ୍ଚଳରେ ଅନେକ ସରକାରୀ ବେସରକାରୀ ସ୍କୁଲ ଓ କଲେଜ ସମେତ ଜିଲ୍ଲା କୃଷି କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳସେଚନ ବିଭାଗ, ତହସିଲ, ଥାନା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ବ୍ଲକ, ବିଦ୍ୟୁତ ବିଭାଗ ଟ୍ରେଜେରୀ, ଡାକ ବିଭାଗ ଆଦି ଅନେକ ସରକାରୀ କାର୍ଯ୍ୟାଳୟ ରହିଛି। ଏହି ସ୍ଥାନକୁ ଏନ୍‌ଏସସି ଘୋଷଣା କରିବାକୁ କଂଗ୍ରେସ ନେତା କିଶାନ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ଯାହାକି ଫସର ଫାଟି ଯାଇଛି। ଅନ୍ୟପଟେ ଏହି ଏନ୍‌ଏସିର ନାମ ଜାରକା କିମ୍ବା ଧର୍ମଶାଳା ରଖାଯିବ ତାକୁ ନେଇ ସାଧାରଣରେ ଦ୍ୱନ୍ଦ ସୃଷ୍ଟି ହୋଇଛି। ଅନେକ ପଞ୍ଚାୟତ ଏହାକୁ ଧର୍ମଶାଳା ନାମକରଣ କରାନଗଲେ ସେମାନେ ଏହି ଏନ୍‌ଏସସି ସହିତ ସାମିଲ ନହେବା ଲାଗି ପୂର୍ବରୁ ପଞ୍ଚାୟତ ବୈଠକରେ ସ୍ଥିର କରି ଜିଲ୍ଲାପାଳଙ୍କୁ ଜଣାଇ ଦେଇଛନ୍ତି। ଏହା ମଧ୍ୟରେ ଆଜି ନୂତନ ଏନ୍‌ଏସି ଘୋଷଣା ହେବା ପରେ ଜାରକା କିମ୍ବା ଧର୍ମଶାଳାର ନାମ ଆସିନଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଶୈଶବ ସୁରକ୍ଷା ଅଭିଯାନ ଉଦ୍‌ଘାଟିତ

ଦାନଗଦି,୩୧।୮ (ସମିସ): ଦାନଗଦି ବ୍ଲକ ବୁଦ୍ଧରାଜ ବିଦ୍ୟାପୀଠ ସ୍ଥିତ କନଫରେନ୍ସ ହଲଠାରେ ମାସୁମ ଗ୍ରୁପ ଓ ଟିକିଏ ହସ ଫାଉଣ୍ଡେସନର ମିଳିତ ପ୍ରୟାସରେ ଶୈଶବ ସୁରକ୍ଷା ଅଭିଯାନର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉଦଘାଟନୀ ଉତ୍ସବର ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସଙ୍କ ଅଧ୍ୟକ୍ଷତାରେ ଦାନଗଦୀ ବିଡିଓ ପ୍ରଦୀପ କୁମାର ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସେହିପରି ଅନ୍ୟ ଅତିଥିବୃନ୍ଦଙ୍କ ମଧ୍ୟରେ ଦାନଗଦି ମଣ୍ଡଳ ଶିକ୍ଷାଧିକାରୀ ଶୁଭ୍ରାଂଶୁ ପ୍ରହାଣ, ଅତିରିକ୍ତ ଶ୍ରମ ଅଧିକାରିଣୀ ଶୁଶ୍ରୀ ସଙ୍ଗୀତା ସ୍ୱାଇଁ, ଶିଶୁ ପ୍ରକଳ୍ପ ଅଧିକାରିଣୀ ନନ୍ଦିନୀ ପ୍ରଭା ଲେଙ୍କା, ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏଲୋପାଥିକ ଡାକ୍ତର ଚନ୍ଦ୍ରକାନ୍ତୀ ସାହୁ, ଟିକିଏ ହସ ଫାଉଣ୍ଡେସନ ପ୍ରତିଷ୍ଠାତା ବିଶ୍ୱଜିତ ମାଝୀ ଓ ବୁଦ୍ଧରାଜା ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗଦେଇ ଦାନଗଦୀ ତଥା ଜିଲ୍ଲାରେ ଶିଶୁଶ୍ରମିକ ଓ ବାଲ୍ୟବିବାହ ମୂଳୋତ୍ପାଟନ କରିବା ସହ ଡ୍ରପ୍ ଆଉଟ ହ୍ରାସ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆୟୋଜକଙ୍କ ପକ୍ଷରୁ ଏହି ଅଭିଯାନ ଅଗଷ୍ଟ ୩୦ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୩୦ ଯାଏଁ ଚାଲୁ ରହିବ। ଏହି ତିରିଶି ଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ବ୍ଲକରେ ସଚେତନା କର୍ମଶାଳାମାନ ଆୟୋଜନ କରି କିଶୋରୀ ବାଳିକାଙ୍କୁ ପ୍ରଶିକ୍ଷଣ ଦେବା ତତସହିତ ଜିଲ୍ଲାର ବିଭିନ୍ନ ହୋଟେଲ, ଢାବା ଓ ଶିଳ୍ପ ପ୍ରତିଷ୍ଠାନ ନିଯୁକ୍ତ ଥିବା ଶିଶୁଶ୍ରମିକଙ୍କୁ ଉଦ୍ଧାର ଓ ଥଇଥାନ କରାଯିବାର ଅଭିଯାନ ମୂଳ ଲକ୍ଷ୍ୟ। ଆଜିର କାର୍ଯ୍ୟକ୍ରମରେ ଦାନଗଦି ସେକ୍ଟର ରାଣୀପଡା, ତ୍ରିଜଙ୍ଗା, ମଙ୍ଗଳପୁର ଓ ଯଖପୁରା ପଞ୍ଚାୟତ ୩୨ଟି ଅଙ୍ଗନବାଡି କର୍ମୀ, ସଖୀସହେଲୀ, ସମସ୍ତ ସୁପରଭାଇଜର, ଆସ୍ୱାର କର୍ମକର୍ତ୍ତା ସମେତ ଅନେକ ସାମାଜିକ କର୍ମୀ ପ୍ରମୁଖ ଯୋଗଦାନ କରିଥିଲେ। ଶନିବାର ଏହି କାର୍ଯ୍ୟକ୍ରମର ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ କିଶୋରୀ ବାଳିକା ଓ ଅଙ୍ଗନବାଡି କର୍ମୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ନୁରଜାହଁ ନସିମ ପରିଚାଳନ କରିଥିଲେ। ଶେଷରେ ବିଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସର କାଳୀନ ସମ୍ବର୍ଦ୍ଧନା ସଭା



କୟାଁଗୋଲା,୩୧।୮ (ସମିସ): ଦଶରଥପୁର ବ୍ଲକର ପାଳଟପୁର ପ୍ରାଥମିକ କୃଷି ସେବା ସମବାୟ ସମିତି ଚାଉଳିଆ କାର୍ଯ୍ୟାଳୟ ଠାରେ ପୂର୍ବତନ ସମ୍ପାଦକ ରଞ୍ଜନ କୁମାର ପତି ଓ କୋଷାଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କୁ ଚାକିରି ଜୀବନରୁ ଅବସରର ନେଇଛନ୍ତି। ପାଳଟପୁର କୃଷି ସମବାୟ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମବାୟ ସମିତିର ସଭାପତି ଅଶ୍ୱିନୀ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାଫରପୁର ସରପଞ୍ଚ ସୁରେନ୍ଦ୍ର କୁମାର ବେହୁରିଆ, ପାଳଟପୁର ସମିତିସଭ୍ୟ ଧୀରେନ୍ଦ୍ର ମଲ୍ଲିକ, ବିରିପଟା ପୂର୍ବତମ ସରପଞ୍ଚ ରମେଶ ରାଉତ, ସାମାଜିକ କର୍ମୀ ମହେଶ୍ୱର ଜେନା, କବି ସରୋଜ ବିଶ୍ୱାଳ, ପୂର୍ବତନ ସମ୍ପାଦକ ବିଶ୍ୱଜିତ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମଟିକୁ ସଭ୍ୟ ରାଜେଶ କୁମାର ବିଶ୍ୱାଳ, ଚିନ୍ମୟ ମାହୁନ୍ତ ସହଯୋଗ କରିଥିଲେ। ସମ୍ପାଦକ ବଦ୍ରୀ ନାରାୟଣ ପତି ଧନ୍ୟବାଦ ଦେଇଥିଲେ।

## ସମବାୟବିତ୍ ଶ୍ରୀକାନ୍ତ ପଟ୍ଟନାୟକଙ୍କ ପରଲୋକ



ରସୁଲପୁର,୩୧।୮ (ସମିସ): ନରସିଂହପୁର କୃଷି ସେବା ସମବାୟ ସମିତିର ପୂର୍ବତନ ସଭାପତି ଶ୍ରୀକାନ୍ତ ପଟ୍ଟନାୟକଙ୍କର ୩୦ ତାରିଖ ପ୍ରତ୍ୟୁଷରେ କଟକର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୫୪ ବର୍ଷ ବୟସ ହୋଇଥିଲା। ଗତ କିଛିମାସ ହେଲା ସେ କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥାଇ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଜଣେ ଉତ୍ତମ ବିଜ୍ଞାନ ଶିକ୍ଷକ, ଦକ୍ଷ କ୍ରିକେଟ ଖେଳାଳି ଓ ଉଦ୍‌ଘୋଷକ ଭାବରେ ତାଙ୍କର ପରିଚୟ ରହିଥିଲା। ପରେ ସେ ସମବାୟ ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ। ଶେଷ ଶଯ୍ୟା ନିକଟରେ ତାଙ୍କର ପତ୍ନୀ, ଏକମାତ୍ର ଝିଅଙ୍କ ସହ ସାନଭାଇ, ବଡ଼ ଭଉଣୀ ଓ ଭିଣୋଇ ଉପସ୍ଥିତ ଥିଲେ। ଶ୍ରୀକାନ୍ତଙ୍କ ପରଲୋକ ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ନିଜ ଗ୍ରାମ ନରସିଂହପୁର ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମ୍ବର୍ଦ୍ଧନା ସଭା



ବଡ଼ଚଣା,୩୧।୮ (ସମିସ): ଚଣ୍ଡିଖୋଲ ସନ୍ନିକଟ ସୁଭଦ୍ରାପୁର ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମଲଙ୍କ ଅବସରର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଧର୍ମଶାଳା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଆର୍ତ୍ତତ୍ରାଣ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ଶିକ୍ଷାମଣ୍ଡଳ ଅଧିକାରୀ ଅଭୟ କୁମାର ବେହେରା ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ,ପୂର୍ବତନ ଶିକ୍ଷକ ସଂଘ ସଭାପତି ଯୁଗଳ କିଶୋର ଦାସ, ହରିଦାସପୁର ସରପଞ୍ଚ ବିକ୍ରମ ବିଶ୍ୱାଳ, ସିଆରସିସି ଶ୍ୟାମସୁନ୍ଦିନ, କୈଳାଶ ଚନ୍ଦ୍ର ସାହୁ, ବିଷ୍ଣୁଚନ୍ଦ୍ର ପୃଷ୍ଟି, ରୋଜାଲିନ ବିଶ୍ୱାଳ, ସଞ୍ଜୟ କୁମାର ସିଂହ, ସ୍କୁଲ ପରିଚାଳନା କମିଟି ସଭାପତି ଜୟନ୍ତ ସାହୁ, ନରହରି ସ୍ୱାଇଁ, ବନମାଳୀ ମହାରଣା, ଅରୁଣ କୁମାର ସାହୁ, ବ୍ରଜ କିଶୋର ପଣ୍ଡା ପ୍ରମୁଖ ଯୋଗଦେଇ ଯୋଗଦେଇଥିଲେ।

## ବିକାଶ ମଞ୍ଚର ଜିଲ୍ଲାବ୍ୟାପୀ ବୃକ୍ଷରୋପଣ

ପ୍ରୀତିପୁର/ମଇଁନ୍ଦା,୩୧।୮ (ସମିସ): ବିଞ୍ଝାରପୁର ବିକାଶ ମଞ୍ଚ ସମଗ୍ର ଜିଲ୍ଲାରେ ବିଭିନ୍ନ ପଞ୍ଚାୟତ ଓ ସ୍କୁଲମାନଙ୍କରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରୁଛି। ଆଜି ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ବିଞ୍ଝାରପୁର ବ୍ଲକର ନେତାଜୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଞ୍ଝାରପୁର କୃଷକ ବିକାଶ ମଞ୍ଚର ପ୍ରତିଷ୍ଠାତା ଧିରେନ୍ କୁମାର ଦାସ, ସାମ୍ବାଦିକ ଚନ୍ଦ୍ରନାରାୟଣ ଦାସ, ନେତାଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭରତଚନ୍ଦ୍ର ସାହୁ, ଅମ୍ବୁଜ କୁମାର ଦାସ, ଅନିଲ କୁମାର ସାହୁ, ସେକ ମମ୍ପିନ ଅଲ୍ଲୀ, ବ୍ରଜ କିଶୋର ପାଗଳ, ବଟକୃଷ୍ଣ ସାହୁ, ରଞ୍ଜନ ବେହେରା, ବିକାଶ ଜେନା, ଶ୍ରୀମତୀ ଜେନା, ସଞ୍ଜୟ ଜେନା, ଗଙ୍ଗାଧର ବେହେରା, ଦୀନବନ୍ଧୁ ଜେନା, ଧରମପଦ ଜେନା, କିରାଣୀ ଉପେନ୍ଦ୍ର ଦାସ ପ୍ରମୁଖ ଯୋଗଦାନ କରିଥିଲେ।

## ଉନ୍ମେଷ ଶେଖର ସାମଲ ସ୍ମାରକୀ ବକ୍ତୃତା ସଭା



ଛତିଆ,୩୧।୮ (ସମିସ): ଛତିଆ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ପରିସରରେ ଇଂ. ଉନ୍ମେଷ ଶେଖର ସାମଲ ସ୍ମାରକୀ ବକ୍ତୃତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତି, ସାହିତ୍ୟିକ, ସମାଜସେବୀ ଏବଂ ବିଭିନ୍ନ କ୍ଷେତ୍ରରେ ପାଣ୍ଡିତ୍ୟ ଅର୍ଜନ କରିଥିବା ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆୟକର କମିଶନର ତଥା ସ୍ତମ୍ଭକାର ଶ୍ରୀକାନ୍ତ ଚାଟାର୍ଜୀ ଯୋଗଦେଇ କହିଥିଲେ ଯେ, ଅଙ୍ଗୀକାର ବଦ୍ଧତା, ଯତ୍ନଶୀଳତା, ସ୍ନେହ ବାଣ୍ଟିବାର ମନୋବୃତ୍ତି ଦ୍ୱାରା ଜଣେ ସାଧାରଣ ମଣିଷ ଅସାଧାରଣ ମଣିଷ ହୋଇପାରିବ। ବିଶିଷ୍ଟ କଥାକାର ତଥା ଶିକ୍ଷାବିତ ରାମଚନ୍ଦ୍ର ବେହେରା କହିଥିଲେ ଯେ, ବିଷାଦ ଓ ଦୁଃଖ ଭିତରେ ବି ଆନନ୍ଦ ରହିଛି। ଏହି ଆନନ୍ଦକୁ ଛାଡି ଦେଲେ ମଣିଷର ସବୁକିଛି ଆପେ ଆପେ ମୃତ୍ୟୁ ହୋଇଯାଏ। ଅଧ୍ୟାପକ ନିରଞ୍ଜନ ପାତ୍ର ଅଧ୍ୟକ୍ଷତା କରି ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ଚନ୍ଦ୍ରକଳା ନାୟକସଭା ପରିଚାଳନାରେ ଅନୁଷ୍ଠିତ ସଭାରେ ସାହିତ୍ୟିକ ରୁଦ୍ରନାରାୟଣ ପୃଷ୍ଟି ବାର୍ଷିକ ବିବରଣୀ ପାଠ, ଅବସରପ୍ରାପ୍ତ ଅଧ୍ୟାପକ ଚିତ୍ତରଞ୍ଜନ ସାହୁ ଅତିଥି ପରିଚୟ, ଅଧ୍ୟାପିକା କବିତାସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶ୍ରୀକାନ୍ତ ଚାଟାର୍ଜୀଙ୍କୁ ଟ୍ରଷ୍ଟ ତରଫରୁ ଉଦୟଗିରିର ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ବୁଦ୍ଧ ମୂର୍ତ୍ତି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ରବୀନ୍ଦ୍ର ସାମଲ ଓ ଚିତ୍ତରଞ୍ଜନ ସାମଲଙ୍କ ଦ୍ୱାରା ପ୍ରଦାନ କରାଯାଇ ଥିବା ଆର୍ଥିକ ସହାୟତା ରାଶିରୁ ବିଭିନ୍ନ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଏବଂ ଅର୍ଥରାଶି ପ୍ରଦାନ କରାଯାଇଥିଲା।

● ଗାଡ଼ି ବ୍ୟାଟେରି ଚୋରି ଅଭିଯୋଗ

## ଜଣେ ଗିରଫ; ୧୫ ବ୍ୟାଟେରି ଜବତ

ଧର୍ମଶାଳା,୩୧।୮ (ସମିସ): ଧର୍ମଶାଳା ଥାନା କୁମାରୀ ଗ୍ରାମର ଜଣେ ଯୁବକଙ୍କୁ ବ୍ୟାଟେରି ଚୋରି ଅଭିଯୋଗରେ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ କିଛି ଦିନ ହେବ ବିଭିନ୍ନ ଗାଡିରୁ ବ୍ୟାଟେରି ଚୋରି ହେବା ନେଇ ଥାନାରେ ଅଭିଯୋଗ ହେଉଥିଲା। ଅଭିଯୋଗ ଆଧାରରେ ପୁଲିସ ୩୩୭/୨୫ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଜାରକା ଅଞ୍ଚଳର କେତେକ ଦୋକାନ ଉପରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ କୁମାରୀ ଗ୍ରାମର ଦୁଇ ଜଣ ଯୁବକ ବ୍ୟାଟେରି ବିକିଥିବା ପୁଲିସ ଜାଣିବାକୁ ପାଇଥିଲା। ଗତକାଲି ରାତିରେ ପୁଲିସ ଚଢ଼ଉ କରି କୁମାରୀ ଗ୍ରାମର କାବୁଲି ଚନ୍ଦଙ୍କ ପୁଅ ରାଜା ଚାନ୍ଦ (୧୯)କୁ ଗିରଫ କରିବା ସହିତ ତା' ନିକଟରୁ ୧୫ଗୋଟି ହାଇୱା ଓ ଟ୍ରକ ବ୍ୟାଟେରି ଜବତ କରିଛି। ତା ସହଯୋଗୀ ଫେରାର ଥିବାରୁ ପୁଲିସ ତାକୁ ଗିରଫ କରିପାରିନାହିଁ। ଧର୍ମଶାଳା ପୁଲିସ ଆଜି ରାଜାକୁ କୋର୍ଟଚାଲାଣ କରିଥିବା ବେଳେ ଏହା ଘଟଣାରେ ଏକ ବଡ ରାକେଟ ରହିଛି ବୋଲି ପୁଲିସ ସୂଚନା ଦେଇଛି। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତମାଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ କହିଛନ୍ତି।

## ଦଶରଥପୁରରେ କଳାବଜାରୀ ହେଉଛି ସାର



ଦଶରଥପୁର,୩୧।୮ (ସମିସ): ଖରିଫ ଧାନ ରୁଆ ପୋତା ପରେ ଚାଷ ପାଇଁ ଆବଶ୍ୟକ ଥିବା ଡିଏପି ଓ ପଟାସ ସାର ଦଶରଥପୁର ବ୍ଲକର ଧାନ ଚାଷୀ ବାହାରୁ ଚଢା ଦରରେ କିଣି ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ଯାହାକୁ ନେଇ ଚାଷୀ ମହଲରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି। ଲାଭଖୋର ସାର ବ୍ୟବସାୟୀ କେଉଁଠି ବସ୍ତା ପିଛା ୨ଶହ ତ ଆଉ କେଉଁଠି ୫ଶହ ଟଙ୍କା ପର୍ଯ୍ୟନ୍ତ ଚଢ଼ା ଦରରେ ବିକୁଛନ୍ତି ସାର। ଧାନ ଚାଷ ପାଇଁ ସାର ଏବେ ନିହାତି ଆବଶ୍ୟକ ଥିବାରୁ ଚାଷୀ ଚଢ଼ା ଦରରେ ସାର କିଣିବାକୁ ବାଧ୍ୟ ହେଉଛି। ଚଳିତ ବର୍ଷ ଦଶରଥପୁର ବ୍ଲକର ଖରିଫ ଧାନ ଚାଷ ଅଞ୍ଚଳର ୧୨ ହଜାର ୫୫୦ ହେକ୍ଟରରୁ ଅଧିକ ଜମିରେ ଧାନ ଚାଷ ହୋଇଛି। ଧାନଚାଷୀ ୯୦ ପ୍ରତିଶତ ବେଉଷଣ କରି ସାରିଲେଣି। ଏବେ ଡିଏପି ଏବଂ ପଟାସ ସାର ଆବଶ୍ୟକ ଥିବା ବେଳେ ପ୍ରଶାସନ ସାର ଯୋଗାଇ ଦେବାରେ ବିଫଳ ହୋଇଛି। ଦଶରଥପୁର ବ୍ଲକର, ଦଶରଥପୁର, ରାମବାଗ, ବିରିପଟା, ତଳିହା, ଅକରପଡ଼ା, ଛାତ୍ରପଡ଼ା, ନନ୍ଦିପୁର, ମଙ୍ଗଳପୁର ସମେତ ବିଭିନ୍ନ ଛକ ବଜାରର ଲାଭଖୋର ବ୍ୟବସାୟୀ ଚଢ଼ା ଦରରେ ସାର ବିକ୍ରି କରୁଛନ୍ତି। ଦଶରଥପୁର ବ୍ଲକ ଅଧୀନରେ ଥିବା ପ୍ୟାକ୍ସରେ ଆଦୌ ସାର ଉପଲବ୍ଧ ନାହିଁ। ଯଦ୍ୱାରା ଚଢ଼ା ଦରରେ ଚାଷୀ ବାହାରୁ ସାର କିଣିବାକୁ ବାଧ୍ୟ ହେଉଛନ୍ତି। ପ୍ୟାକ୍ସରେ ସାର ମିଳୁନଥିବାରୁ ଏହାର ଫାଇଦା ଉଠାଉଛନ୍ତି କିଛି ସ୍ୱୀକୃତିପ୍ରାପ୍ତ ସାର ବ୍ୟବସାୟୀ ଏବଂ ଚୋରା ବେପାରୀ। ତଦାରଖ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଇଚ୍ଛା ନଥିବାରୁ ବ୍ୟବସାୟୀ ମନ ଇଚ୍ଛା ଦରରେ ସାର ବିକ୍ରି କରୁଛନ୍ତି। ଦଶରଥପୁର ବ୍ଲକ ଅକରପଡା ପଞ୍ଚାୟତ ବଡ଼ ଦୋଗଡା ଗ୍ରାମର ଚାଷୀ ଗୟାଧର ବେହୁରିଆ କହିଛନ୍ତି ସ୍ଥାନୀୟ ପ୍ୟାକ୍ସକୁ ସାର ପାଇଁ ଯାଇଥିଲି କହିଲେ ସାରନାହିଁ। ବାଧ୍ୟ ହୋଇ ନିକଟସ୍ଥ ବଜାରରୁ ନିର୍ଦ୍ଧାରିତ ଦର ଠାରୁ ଅଧିକ ଦରରେ ସାର କିଣିଲି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରିଣୀ ସ୍ୱାଗତିକା ମିଶ୍ରଙ୍କୁ ପଚାରିବାରେ ଯଦି କେହି ଚଢ଼ା ଦରରେ ସାର ବିକ୍ରି କରୁଥାଏ ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ଦିବସରେ ସାଇକଲ ରାଲି

ଯାଜପୁର,୩୧।୮ (ସମିସ): ଯାଜପୁର ଜିଲ୍ଲାରେ ଜାତୀୟ କ୍ରୀଡ଼ା ଦିବସର ଉଦ୍‌ଯାପନୀ ଉତ୍ସବ ଅବସରରେ ଏକ ସାଇକଲ୍ ରାଲି ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା ଯୋଗଦେଇ ପତାକା ଦେଖାଇ ରାଲିକୁ ଶୁଭାରମ୍ଭ କରିଥିଲେ। ଏହି ବିଶାଳ ସାଇକଲ୍ ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ଗାନ୍ଧୀଛକ, ମେଡିକାଲ ଦେଇ ଇଣ୍ଡୋର୍ ଷ୍ଟାଡିୟମଠାରେ ସମାପ୍ତ ହୋଇଥିଲା। ଏହି ସାଇକଲ ରାଲିରେ ସାଂସଦ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ହକି, ବ୍ୟାଡମିଣ୍ଟନ, ତାଏକ୍ୱୋଣ୍ଡୋ କ୍ରୀଡ଼ାବିତ, ଜିଲ୍ଲା ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସହରର ନାଗରିକ ମାନଙ୍କ ସହ ସାଇକଲ୍ ଚଳାଇ ସକ୍ରିୟ ଭାବରେ ଯୋଗଦେଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସାଇକେଲ୍ ରାଲି ମାଧ୍ୟମରେ ଯାଜପୁର ଜିଲ୍ଲାରେ କ୍ରୀଡାପ୍ରେମୀ, ଛାତ୍ରଛାତ୍ରୀ ଏବଂ ସମସ୍ତ ସଚେତନ ନାଗରିକଙ୍କ ଏକତାର ସନ୍ଦେଶ ପ୍ରକାଶିତ ହୋଇଛି। କ୍ରୀଡାପ୍ରତି ସଚେତନତା, ସ୍ୱାସ୍ଥ୍ୟ ଜାଗରୁକତା ଓ ପରିବେଶ ସୁରକ୍ଷାର ସନ୍ଦେଶ ପ୍ରଚାର ପାଇଁ ଏହି ରାଲିର ଆୟୋଜନ କରାଯାଇଥିଲା। ଜିଲ୍ଲା କ୍ରୀଡା ବିଭାଗ ଦ୍ୱାରା ଆୟୋଜିତ ଏହି ସାଇକଲ୍ ରାଲିରେ ଜିଲ୍ଲା କ୍ରୀଡା ଅଧିକାରୀ, ଫକୀର ମୋହନ ଟୁଡୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ, କର୍ମଚାରୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡାବିତ୍ ଓ ସ୍ଥାନୀୟ କ୍ରୀଡାପ୍ରେମୀ ଯୋଗଦାନ କରିଥିଲେ।



# ଶିଶୁ ଅଧିକାର ସୁରକ୍ଷା ଆୟୋଗର ସମୀକ୍ଷା ବୈଠକ

ଯାଜପୁର,୩୧।୮ (ସମିସ)

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର (ଓଏସଉସିପିସିଆର) ଅଧ୍ୟକ୍ଷା ବବିତା ପାତ୍ର ଏବଂ ସଦସ୍ୟା ଚନ୍ଦନା ଦାସ, କସ୍ତୁରୀ ମିଶ୍ର, ମନସ୍ମିତା ଖୁଣ୍ଟିଆ, ସୁଜାତା ନାୟକ ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ପ୍ରଶାସନ ସହିତ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସହ ନଗଡ଼ାର ଉନ୍ନତିକରଣ ସମ୍ବନ୍ଧରେ ଆଲୋଚନା ପୂର୍ବକ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା-୨ ସଫଳ ଭାବରେ କାର୍ଯ୍ୟକାରୀ ହେଉଛି ବୋଲି କହିଥିଲେ। ନଗଡ଼ାବାସୀ ଓ ସେଠାକାର ପିଲା ମାନଙ୍କୁ କିପରି ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ଏବଂ ସେଠାରେ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯିବ ସେ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ କହିଥିଲେ। ନଗଡ଼ାରେ ଶିକ୍ଷା ବ୍ୟବସ୍ଥା ସ୍ୱଚ୍ଛଳ ନଥିବାରୁ ପିଲାମାନଙ୍କୁ ଉଚ୍ଚ ବିଦ୍ୟାଳୟରେ ପଢିବାକୁ ବହୁ ଦୂର ଯିବାକୁ ପଡୁଛି। ଯାହା ଦ୍ୱାରା ପିଲାମାନେ ଅଧାରୁ ପାଠ ପଢା ଛାଡ଼ି ଦେଉଛନ୍ତି। କିପରି ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ କରାଯାଇ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରାଯିବ; ଯେପରି କୌଣସି ବି ପିଲା ପାଠ ପଢ଼ାରୁ ବଞ୍ଚିତ ନ ରୁହନ୍ତି। ସେ ଦିଗରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ନଗଡ଼ାରେ ଶିକ୍ଷା, ସ୍ୱାସ୍ଥ୍ୟ, ପିଲାମାନଙ୍କ ନିମନ୍ତେ ପୃଷ୍ଟିକର ଖାଦ୍ୟ, ଯୋଗାଯୋଗ ସୁବିଧା, ଶିଶୁ ଶ୍ରମିକ ନିରାକରଣ, ବାଲ୍ୟ ବିବାହ ନିବାରଣ ଉପରେ ଜିଲ୍ଲାପାଳଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଆଧାର କାର୍ଡ ନଥିବା ପିଲାଙ୍କର ଆଧାର କାର୍ଡ କରାଯିବା ସହିତ ଜନ୍ମ ପ୍ରମାଣ ପତ୍ର ପ୍ରଦାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ ମିଶ୍ର, ବିଡିଓ, ସିଡିପିଓ, ଜୁଭେନାଇଲ ଜଷ୍ଟିସ ବୋର୍ଡ କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ଏନ୍‌ଏସି, ମ୍ୟୁନିସିପାଲିଟି ଘୋଷଣା ପରେ ଖୁସି ମନାଇଲେ ଅଞ୍ଚଳବାସୀ








ପାତ୍ରପୁର, ୩୧।୮ (ସମିସ)

ଗଞ୍ଜାମ ଜିଲ୍ଲା ସୀମାନ୍ତ ପାତ୍ରପୁରକୁ ରାଜ୍ୟ ସରକାର ରବିବାର ବିଜ୍ଞାପିତ ଅଞ୍ଚଳ ଘୋଷଣା କରାଯାଇଛି। ଦୀର୍ଘବର୍ଷ ହେଲା ପାତ୍ରପୁରବାସୀ ଏନ୍‌ଏସି ଘୋଷଣା ପାଇଁ ଦାବି କରିଆସୁଥିଲେ। ଏନ୍‌ଏସି ଘୋଷଣା ପରେ ପାତ୍ରପୁରର ବିଭିନ୍ନ ସାହି ଓ ମୁଖ୍ୟ ରାସ୍ତାରେ ଗ୍ରାମବାସୀ ଡିଜେ ବଜାଇ ବାଣ ଫୁଟାଇ ଖୁସି ମନାଇଛନ୍ତି। ଏନ୍‌ଏସି ଘୋଷଣା ପରେ ପାତ୍ରପୁରବାସୀ ଚିକିଟି ବିଧାୟକଙ୍କୁ ବିପୁଳ ସମ୍ବର୍ଦ୍ଧନା ସହ ବିଶାଳ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ପାତ୍ରପୁର ଏନ୍‌ଏସି ଘୋଷଣା ହୋଇଥିବା ବେଳେ ପାତ୍ରପୁରରେ ପ୍ରବଳ ବର୍ଷା ହୋଇଥିଲା ଯାହାକୁ ପାତ୍ରପୁର ପାଇଁ ଅମୃତ ବୃଷ୍ଟି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସେହିଭଳି ସନ୍ଧ୍ୟାରେ ସାମ୍ବାଦିକ ସମ୍ମିଳନୀ କରି ବିକାଶର ନୂଆଁ ଅଧ୍ୟାୟ ଲେଖା ହେଲା ବୋଲି ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ନାରୀନେତ୍ରୀ ମୀନା ଦ୍ୟାନ ସାମନ୍ତରା ପ୍ରତୀକ୍ଷାର ଅନ୍ତ ଘଟିଲା, ପାତ୍ରପୁରକୁ ଏନ୍‌ଏସି ଘୋଷଣା ହେଲା ବୋଲି ପ୍ରକାଶ କରିଛନ୍ତି। ସମ୍ମିଳନୀରେ ପାତ୍ରପୁର ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ପାତ୍ରପୁର ସରପଞ୍ଚ ସଦାନନ୍ଦ ନାୟକ, ବିଧାନସଭା ସଂଯୋଜକ ଆପନା ପ୍ରଧାନ, ବରିଷ୍ଠ ନେତା ରଞ୍ଜନ ପ୍ରଧାନ, ଅଶୋକ ପଣ୍ଡାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

**ଜଗନ୍ନାଥପ୍ରସାଦ:** ରାଜ୍ୟ ସରକାର ଜଗନ୍ନାଥପ୍ରସାଦକୁ ଏନ୍‌ଏସି ଘୋଷଣା କରିଛନ୍ତି। ଏହାର ଶ୍ରେୟ ମାନ୍ୟବର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଯାଇଛି। ଅନେକ ଦିନ ଧରି ଜଗନ୍ନାଥ ପ୍ରସାଦକୁ ଏନଏସି ଘୋଷଣା ପାଇଁ ଦାବି ହୋଇଥିଲା। ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ନୂତନ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଜିତିବା ପର ଠାରୁ ଏଥିପାଇଁ ପ୍ରୟାସ ଆରମ୍ଭ କରିଥିଲେ। ଏହି ନୂତନ ଏନଏସିରେ ସମ୍ପୂର୍ଣ୍ଣ ଜଗନ୍ନାଥପ୍ରସାଦ ପଞ୍ଚାୟତର ୧୯ଟି ୱାର୍ଡ ସମେତ ପଡୋଶୀ ଛାମୁଣ୍ଡା ପଞ୍ଚାୟତର ଚୋପରା, ରାଉତି ପଞ୍ଚାୟତର ପାଟଣା ଗ୍ରାମ ଓ ଚାରିକୋଣିଆ ଗ୍ରାମକୁ ଅନ୍ତର୍ଭୁକ୍ତ କରିବା ସରକାରଙ୍କ ସହରି କରଣ ଯୋଜନାରେ ସାମିଲ ହେବ ବୋଲି ଆଲୋଚନା ହେଉଥିବା ବେଳେ ରବିବାର ସରକାରୀ ଛୁଟି ଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇପାରିନାହିଁ। ଏବେ ଏହି ଅଞ୍ଚଳରେ ବିବିଧ ସହରି ସୁବିଧା ସୁଯୋଗ ଉପଲବ୍ଧ ହେବ। ଏହି ଘୋଷଣା ପରେ ଜଗନ୍ନାଥ ପ୍ରସାଦ ଲୋକେ ରାଜ୍ୟ ସରକାରଙ୍କୁ ଅଭିନନ୍ଦନ ଜଣାଇବା ସହିତ ଅନେକ ଦିନର ସ୍ୱପ୍ନ ସାକାର କରିଥିବାରେ ମୁଖ୍ୟ ଭୂମିକା ନେଇଥିବା ସ୍ଥାନୀୟ ବିଧାୟକ ଶ୍ରୀ ନାୟକଙ୍କୁ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।

**ଆସିକା:** ପୂର୍ବ ସରକାର ଆସିକା ଏନଏସିକୁ ମ୍ୟୁନିସିପାଲଟି ପାଇଁ ଘୋଷଣା କରିଥିଲେ। କିନ୍ତୁ ସରକାର ବଦଳିବା ପରେ ରବିବାର ଦିନ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଆସିକାକୁ ମ୍ୟୁନିସିପାଲିଟି ମାନ୍ୟତା ଦେଇଛନ୍ତି। କିନ୍ତୁ ମାନ୍ୟତାରେ ସୀମିତ ନ ରହି କାର୍ଯ୍ୟକାରୀ କେବେ ହେବ ସେନେଇ ଆସିକା ସହରବାସିଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଆସିକା ଏନଏସିକୁ ମ୍ୟୁନିସିପାଲଟି କରିବା ପାଇଁ ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟପଟେ ବିଭିନ୍ନ ସଂଗଠନ ପକ୍ଷରୁ ବହୁବାର ଆନ୍ଦୋଳନ କରି ଆସୁଥିଲେ। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ମଧ୍ୟ ରୁଜୁ କରାଯାଇଥିଲା। ଜନ ଅସନ୍ତୋଷକୁ ଦୃଷ୍ଟି ରେ ରଖି ପୂର୍ବରୁ ରାଜ୍ୟର ବିଜେଡି ସରକାର ଫେବୃଆରୀ ୨୦୨୪ରେ ଆସିକା ଏନ୍‌ଏସିକୁ ମ୍ୟୁନିସିପାଲିଟି ମଧ୍ୟ ଘୋଷଣା କରିଥିଲେ।

**ଛତ୍ରପୁର:** ଛତ୍ରପୁରବାସୀଙ୍କ ବହୁ ପ୍ରତିକ୍ଷୀତ ଆଶା ସଫଳ ହୋଇଛି। ଜିଲ୍ଲାର ସଦର ମହକୁମା ଛତ୍ରପୁର ଏନ୍‌ଏସିକୁ ରାଜ୍ୟ ସରକାର ମ୍ୟୁନିସିପାଲଟି ଘୋଷଣା କରିଛନ୍ତି। ଏଥିପାଇଁ ଆଜି ଛତ୍ରପୁରବାସୀ ବହୁତ ଖୁସି ଥିବା ଦେଖିବାକୁ ମିଳିଛି। ଗତ ସରକାର ଏହାକୁ ଯଦିଓ ମ୍ୟୁନିସିପାଲିଟି ଘୋଷଣା କରିଥିଲେ। ଏହା ଆଜି ପର୍ଯ୍ୟନ୍ତ କେବଳ ଘୋଷଣାରେ ହିଁ ସୀମିତ ହୋଇ ରହିଥିଲା। ସ୍ୱାୟତ୍ତ ଶାସନ ଦିବସ ଅବସରରେ ଛତ୍ରପୁର ସହରବାସୀଙ୍କୁ ଏହି ଭେଟି ଦେଇଛନ୍ତି ସରକାର। ଏହା ସହ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ଆସ୍କା, ପୋଲସରା ଓ କବିସୂର୍ଯ୍ୟନଗର ଏନଏସିକୁ ମଧ୍ୟ ମୁନିସିପାଲଟି ଘୋଷଣା କରାଯାଇଛି। ସେହିପରି ଗଞ୍ଜାମ ଜିଲ୍ଲାର ଜଗନ୍ନାଥପ୍ରସାଦ ଓ ପାତ୍ରପୁରକୁ ମଧ୍ୟ ଏନ୍‌ଏସିର ମାନ୍ୟତା ପ୍ରଦାନ କରାଯାଇଛି। ଏନେଇ ରବିବାର ବିଧିବଦ୍ଧ ଭାବେ ଘୋଷଣା ହେବା ପରେ ସବୁଠି ଆନନ୍ଦ ଓ ଉତ୍ସାହ ଦେଖିବାକୁ ମିଳିଛି। ଛତ୍ରପୁରବାସି ଏନେଇ ଖୁସି ପ୍ରକାଶ କରିବା ସହିତ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

**କବିସୂର୍ଯ୍ୟନଗର:** କବିସୂର୍ଯ୍ୟନଗର ଠାରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃ ପ୍ରଭାତ ଫେରି, ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ, ଜାତୀୟପତାକା ଉତ୍ତୋଳନ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଅଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, ସମସ୍ତ କାଉନସିଲର ମନୋରଞ୍ଜନ ମହାପାତ୍ର, ପ୍ରିୟଙ୍କା ସୁବୁଦ୍ଧି, ମନମୋହନ ଜେନା, ସଂଯୁକ୍ତା ପ୍ରଧାନ, ଲକ୍ଷ୍ମୀପ୍ରିୟା ସାହୁ, ଦେବୀପ୍ରସାଦ ସ୍ୱାଇଁ, ମଙ୍ଗୁଲୁ ଦାସ, ପଲ୍ଲବୀ ସାହୁ, ସି. ଏଚ୍ କମଳା, ସୁଦେଷ୍ଣା ପ୍ରଧାନ, ଆଶା ବିବି, ଦୀପ୍ତି କୁମାରୀ ମହାପାତ୍ର, ସ୍ୱପ୍ନାରାଣୀ ପାଳ, ନିବେଦିତା ବେହେରା, ଜଗଦିଶ ପ୍ରଧାନ ଓ ନିମନ୍ତ୍ରିତ ଅତିଥି ମନ୍ମଥ ପରିଡ଼ା, ସୁରଜ କୁମାର ରେଡି, ସିଲୁ ପାଣିଗ୍ରାହୀ, ମାହେଶ୍ୱରୀ ଦୋରା, ସୂର୍ଯ୍ୟନାରାୟଣ ନାୟକ, ସୁଦର୍ଶନ ପ୍ରଧାନ ଏବଂ ରାକେଶ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ। କବିସୂର୍ଯ୍ୟନଗର ବହୁ ପ୍ରତିକ୍ଷୀତ ସ୍ୱପ୍ନ ଏନଏସି ଗଠନର ଦୀର୍ଘ ୬୫ ବର୍ଷ ପରେ ସାକାର ହୋଇଥିଲା। ଯେଉଁଥି ପାଇଁ ନଗରବାସୀ ବିଧାୟକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଖୁସିରେ ବାଣ ଫୁଟାଇବା ସହ ମିଠେଇ ବଣ୍ଟନ କରିଥିଲେ।

**ପୋଲସରା:** ପୋଲସରାକୁ ମିଳିଲା ପୌରପାଳିକା ମାନ୍ୟତା। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ପୋଲସରାରେ ଅଦିନିଆ ଦୀପାବଳି ଦେଖିବାକୁ ମିଳିଥିଲା। ସହର ସାରା ଲୋକେ ଉତ୍ସବ ପାଳିଛନ୍ତି। ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଖୁସି ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଥିଲେ। ପୋଲସରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନା, ଅଧ୍ୟକ୍ଷା ସଙ୍ଗୀତା ବେହେରା, ଉପାଧ୍ୟକ୍ଷ ସନ୍ତୋଷ ବେହେରା, ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ସାଂସଦ ପ୍ରତିନିଧି ସୀମାଞ୍ଚଳ ସାହୁ, ଶିଶିର ବେହେରାଙ୍କ ସମେତ ସମସ୍ତ କାଉନସିଲର କର୍ମଚାରୀ ଓ ପୋଲସରାବାସୀ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଭଞ୍ଜନଗର:** ଭଞ୍ଜନଗର ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ମିଳିଛି। ଏଥିସହ ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ଅଧୀନରେ ଆସୁଥିବା ଜଗନ୍ନାଥପ୍ରସାଦକୁ ନୂତନ ଏନ୍‌ଏସି ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ୱାୟତ୍ତ ଶାସନ ଦିବସ ଅବସରରେ ଘୋଷଣା କରିଛନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭଞ୍ଜନଗର ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା କରିଥିଲେ। କିନ୍ତୁ ତାହା ତତ୍‌କାଳ କାର୍ଯ୍ୟକାରୀ ହୋଇପାରି ନ ଥିଲା। ସରକାରଙ୍କ ପକ୍ଷରୁ ଏହି ସମୟ ମଧ୍ୟରେ ଚିଠି ଦିଆନିଆ ଚାଲିଥିଲା। କିନ୍ତୁ ମ୍ୟୁନିସିପାଲିଟି ମାନ୍ୟତା ମିଳିବାରେ ବିଳମ୍ବ ହୋଇଥିଲା। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହା ପରେ ନବ ନିର୍ବାଚିତ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏଥିରେ ହସ୍ତକ୍ଷେପ କରି ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିଥିଲେ। ଏଥିସହ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଭଞ୍ଜନଗର ଏବଂ ଜଗନ୍ନାଥପ୍ରସାଦ କଥା କହିଥିଲେ। ବିଧାୟକଙ୍କ ଅନୁରୋଧକୁ ମୁଖ୍ୟମନ୍ତ୍ରୀ ଆଜି ଅନୁମୋଦନ କରି ଜଗନ୍ନାଥପ୍ରସାଦକୁ ନୂଆ ଏନ୍‌ଏସି ମାନ୍ୟତା ଦେଇଛନ୍ତି। ଯାହା ଅଞ୍ଚଳବାସୀଙ୍କ ପାଇଁ ଗର୍ବର ବିଷୟ।

## ଗ୍ୟାସ୍ ଟାଙ୍କି ଫାଟି ମହିଳା ଗୁରୁତର

**ଛତ୍ରପୁର, ୩୧।୮ (ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ହଂସପୁର ଗ୍ରାମରେ ଗ୍ୟାସ ଟାଙ୍କି ଫାଟି ଜଣେ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ଜଣଙ୍କ ହେଲେ ହଂସପୁର ଗ୍ରାମର ଈଶ୍ୱର ନାହାକଙ୍କ ଝିଅ ଭାରତୀ ବିଶ୍ୱାଳ। ତାଙ୍କୁ ପ୍ରଥମେ ମୁନିସିପେଣ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଭାରତୀ ତାଙ୍କ ମା' ଦେହ ଖରାପ ଥିବାରୁ ବାପ ଘରକୁ ଆସିଥିଲେ। ରବିବାର ବାପଘରେ ରୋଷେଇ ପାଇଁ ଗ୍ୟାସ ଲଗାଇବାବେଳେ ଲିକେଜ ଥିବାରୁ ନିଆଁ ଲାଗିଯାଇଥିଲ। ଫଳରେ ସେ ଗୁରୁତର ହେବା ସହ ଘର ବିସ୍ଫୋରଣ ହୋଇଥିଲା। ଛତ୍ରପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏନେଇ ସୂଚନା ଦେଇଛନ୍ତି ପୋଟଲାମପୁର ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ଏହା ସହିତ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରଙ୍କ ପକ୍ଷରୁ ମହିଳାଙ୍କୁ ଉତ୍ତମ ଚିକିତ୍ସା ସହ ସହାୟତା ପ୍ରଦାନ କରିବା ନିମନ୍ତେ ସେ ଅନୁରୋଧ କରିଛନ୍ତି।

## ରାମନଦୀରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଦିଗପହଣ୍ଡି, ୩୧।୮ (ସମିସ):** ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ବଡ଼ପଦା ଗ୍ରାମ ସ୍ଥିତ ଶ୍ରୀ ଉଦୟନାଥେଶ୍ୱର ଶୈବପୀଠ ପାର୍ଶ୍ୱରେ ଯାଇଥିବା ରାମନଦୀ ଆନିକଟରୁ କେ.ନୂଆଗାଁ ପୁଲିସ ଶନିବାର ବିଳମ୍ବିତ ସନ୍ଧ୍ୟାରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଉଲଗ୍ନ ମୃତଦେହ ଜବତ କରିଛି। ତାଙ୍କୁ କେହି ହତ୍ୟା କରିବା ପରେ ନଦୀକୁ ଫୋପାଡି ଦେଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଚାଲିଛି। ଏନେଇ ତଦନ୍ତ ଚାଲିଥିବା ଆଇଆଇସି କିଶୋର କୁମାର ସାମଲ କହିଛନ୍ତି। ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୫୦ ବର୍ଷ ହେବ। ଗଜପତି ଜିଲାର କେଉଁ ଅଞ୍ଚଳରୁ ମୃତଦେହଟି ଭାସି ଆସି ରାମ ନଦୀ ଆନିକଟରେ ଲାଗିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଶୈବପୀଠର ପରିଚାଳନା କମିଟି ସଭାପତି ବିଶ୍ୱନାଥ ଜାନିଙ୍କ ଏତଲା କ୍ରମେ ଥାନା ଅପମୃତ୍ୟୁ ମାମଲା ନଂ.୧୨/୨୫ ଅନୁଯାୟୀ ବ୍ୟବଚ୍ଛେଦ ନିମନ୍ତେ ଗଳିତ ମୃତଦେହକୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଋଷିକୁଲ୍ୟା ନଦୀରେ ବୁଡି ବୃଦ୍ଧ ମୃତ

**ଶେରଗଡ଼, ୩୧।୮ (ସମିସ):** ଋଷିକୁଲ୍ୟା ନଦୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତହଁର ପଞ୍ଚାୟତର ଲିଙ୍ଗରାଜ ବେହେରା (୬୪)। ସେ ରୁଷିକୁଲ୍ୟା ନଦୀରୁ ମାଛ ଧରି ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ସବୁଦିନ ଭଳି ରବିବାର ଜାଲ ନେଇ ମାଛ ଧରିବାକୁ ଯାଇଥିଲେ। ଜାଲ ଫୋପାଡ଼ିବା ବେଳେ ନିଜେ ମଧ୍ୟ ଜାଲ ସହିତ ନଦୀ ଭିତରକୁ ପଡ଼ି ବୁଡ଼ି ଯାଇଥିଲେ। ଗ୍ରାମବାସୀ ନଦୀକୁ ଗାଧେଇବାକୁ ଯାଉଥିବାବେଳେ ଲିଙ୍ଗରାଜଙ୍କ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଲିଙ୍ଗରାଜଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ରହ୍ମପୁର ବଡ ମେଡ଼ିକାଲରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ବାଇକ ଧକ୍କାରେ ଦୋକାନୀ ଗୁରୁତର

**ଧରାକୋଟ, ୩୧।୮ (ସମିସ):** ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ମୁଣ୍ଡମରାଇ ବସଷ୍ଟାଣ୍ଡ ଛକ ନିକଟରେ ଏକ ବାଇକ ଧକ୍କାରେ ଜଣେ ଦୋକାନୀ ଗୁରୁତର ହୋଇଛନ୍ତି। ରବିବାର ସକାଳେ ଗୋଟିଏ ବାଇକରେ ଦୁଇ ଜଣ ଯୁବକ ଭଦ୍ରକରୁ ଦାରିଙ୍ଗବାଡି ଯିବାବେଳେ ଆଗ ପଟୁ ଏକ ବସ ଆସିବା ଫଳରେ ମୁଣ୍ଡମରାଇ ଛକ ବସଷ୍ଟାଣ୍ଡ ଉପରେ ରାସ୍ତା କଡ଼ରେ ବିଶ୍ରାମାଗାର ନିକଟରେ ଥିବା ଜଳଖିଆ ଦୋକାନକୁ ଧକ୍କା ଦେଇଥିଲେ। ଉକ୍ତ ଦୋକାନର ମାଲିକ ଶିବ ଶଙ୍କର ସାହୁଙ୍କ ଉପରକୁ ଗାଡି ମାଡ଼ି ଯାଇଥିଲା। ତାଙ୍କର ବାମ ଗୋଡ଼ ଉପରେ ଗାଡି ଚଢି ଯାଇଥଲା। ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀ ଶିବ ଶଙ୍କରକୁ ପ୍ରଥମେ ଆସିକା ମେଡିକାଲରେ ଓ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଘଟଣା ସମ୍ପର୍କରେ ଶିବଶଙ୍କରଙ୍କ ସ୍ତ୍ରୀ ସୁନୀତା ସାହୁ ଧରାକୋଟ ଥାନାରେ ଏତଲା ଦେଇଛନ୍ତି। ବାଇକ ଦୁର୍ଘଟଣା ଘଟାଇଥିବା ଦୁଇଜଣ ଯୁବକ ଭଦ୍ରକ ଅଞ୍ଚଳର ଆଲୋକ ପଣ୍ଡା ଓ ରଞ୍ଜନ ସାହୁ ବୋଲି ଜଣାଯାଇଛି।

ଢୁଙ୍କାପଡ଼ାରେ ପାନୀୟଜଳ ସଂକଟ

## ପାଣି ପାଇଁ ଟାୟାର ଜାଳି ରାସ୍ତା ଅବରୋଧ

**ପୋଲସରା, ୩୧।୮ (ସମିସ):** ପୋଲସରା ବ୍ଲକ ଢୁଙ୍କାପଡ଼ା ଗ୍ରାମରେ ରବିବାର ପାଣି ପାଇଁ ଟାୟାର ଜାଳି ରାସ୍ତାରୋକ କରିଛନ୍ତି ସ୍ଥାନୀୟ ଲୋକେ। ସରକାର ଜନ ସାଧାରଣଙ୍କ ହିତରେ କୋଟି କୋଟି ଟଙ୍କାରେ ବହୁ ପ୍ରକଳ୍ପ ନିର୍ମାଣ କରୁଛନ୍ତି ସତ କିନ୍ତୁ ଏଠି କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ପାନୀୟଜଳ ପ୍ରକଳ୍ପ କାମ ସରିଛି କିନ୍ତୁ କାମରେ ଲାଗୁନ। ପିଇବା ପାଣି ଏଠି ସାତ ସପନ ପାଲଟିଛି। ମହିଳାମାନେ ପିଇବା ପାଣି ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି, ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଗୁହାରି ପରେ ସମସ୍ୟାର ସମାଧାନ ନାହେବାରୁ ଗ୍ରାମର ପୁରୁଷ ଓ ମହିଳା ରାସ୍ତାରେ ହାଣ୍ଡି ମାଠିଆ, ବାଲଟି ଆଦି ରଖି ରାସ୍ତା ଅବରୋଧ କରି ଟାୟାର ଜାଳି ନିଆଁ ପ୍ରତିବାଦ କରିଥିଲେ। ସମ୍ପୃକ୍ତ ପ୍ରକଳ୍ପ ନିର୍ମାଣ କରିଥିବା ଠିକାଦାରର ମନମୁଖୀ ଯୋଗୁଁ ସମସ୍ୟା



ଦେଖାଦେଇଛି ବୋଲି କିଛି ଗ୍ରାମବାସୀ ପ୍ରକାଶ କରିଥିଲେ। ଖବର ପାଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ସ୍ୱରୂପ କୁମାର ତ୍ରିପାଠୀ ଧାରଣ ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ୪ ରୁ ୫ଦିନ ମଧ୍ୟରେ ସମାଧାନ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ହଟିଥିଲା।

ଜାତୀୟ କିକ୍‌ବକ୍ସିଂ ଚାମ୍ପିଅନ୍‌ସିପ୍

## ଗଞ୍ଜାମର ପାୟଲଙ୍କୁ ରୌପ୍ୟ

**ଗଞ୍ଜାମ, ୩୧।୮ (ସମିସ):** ତାମିଲନାଡୁର ଚେନ୍ନାଇ ସ୍ଥିତ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ୱାକୋ ଇଣ୍ଡିଆ କିକ୍‌ବକ୍ସିଂ ଫେଡେରେସନ ଦ୍ୱାରା ଆୟୋଜିତ ଚିଲ୍ଡ୍ରେନ୍ ଏବଂ କ୍ୟାଡେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଗଷ୍ଟ ୨୭ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ପାୟଲ ନାହକ(୯) ରୌପ୍ୟ ପଦକ ହାସଲ କରିଛନ୍ତି। ଯାହା ଗଞ୍ଜାମ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛି। ଏହି ଚାମ୍ପିଅନ୍‌ସିପରେ ଗଞ୍ଜାମର ପାୟଲ ୩୩ କିଲୋ ବର୍ଗରେ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ସଫଳତା



ଆଣିଛନ୍ତି। ପାୟଲ ହେଉଛନ୍ତି ଗଞ୍ଜାମ ସହର ଅନ୍ତର୍ଗତ ପୁଇଁତୋଳା ଗ୍ରାମର ପ୍ରଶାନ୍ତ ନାହାକ ଓ ମମତା ନାହାକଙ୍କ ଝିଅ ଏବଂ ତୃତୀୟ ଶ୍ରେଣୀରେ ପଢୁଛନ୍ତି। ସେ ଦୀର୍ଘ ଦିନ ହେଲା ଗଞ୍ଜାମ ଇନ୍‌ଡୋର ଷ୍ଟାଡିୟମର କୋଚ୍ ପ୍ରମୋଦ ଆପତେଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଥିଲେ। ପୂର୍ବରୁ ଅନୁଗୁଳରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ ଜିତି ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ତାଙ୍କର ଏହି ସଫଳତା ତାଙ୍କର କଠିନ ପରିଶ୍ରମ ଓ ଦକ୍ଷତାର ପ୍ରମାଣ ବୋଲି କୋଚ କହିଛନ୍ତି।

## ବ୍ରହ୍ମପୁର ଷ୍ଟେସନ୍‌ରୁ ୯୦ କେଜି ଗଞ୍ଜେଇ ଜବତ କଲା ଏନ୍‌ସିବି; ୪ ଗିରଫ

**ବ୍ରହ୍ମପୁର, ୩୧।୮ (ସମିସ):** ବ୍ରହ୍ମପୁର ରେଳ ଷ୍ଟେସନରୁ ଏନସିବି(ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ) ୯୦କେଜି ଗଞ୍ଜେଇ ଜବତ ସହ ବିହାରର ଜଣେ ଯୁବକ ସମେତ ମୋଟ ୪ ଜଣଙ୍କୁ ଗିରଫ କରିଛି। ଗିରଫ ପରେ ଅଭିଯୁକ୍ତଙ୍କୁ ବ୍ରହ୍ମପୁର କୋର୍ଟରେ ହାଜର କରାଯାଇଛି। ବ୍ରହ୍ମପୁର ରେଳଷ୍ଟେସନ ଦେଇ ଟ୍ରେନ ଯୋଗେ ବିହାର ଓ ପଶ୍ଚିମବଙ୍ଗ ରାଜ୍ୟକୁ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ଏନ୍‌ସିବିକୁ ଖବର ମିଳିଥିଲା। ସେହିକ୍ରମରେ ଆରପିଏଫ ସହଯୋଗରେ ଏନ୍‌ସିବିର ଟିମ୍ ବ୍ରହ୍ମପୁର ଷ୍ଟେସନରେ ପହଞ୍ଚି ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ସେଠାରୁ ୯୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏହି ଗଞ୍ଜେଇ ଚାଲାଣ ପାଇଁ ଯୋଜନା କରୁଥିବା ୪ ଜଣଙ୍କୁ କାବୁ କରାଯାଇଥିଲା। ଏହି ୪ ଜଣଙ୍କ ମଧ୍ୟରେ ଜଣେ ବିହାର ଯୁବକ ରହିଥିବା ବେଳେ ଅନ୍ୟ ୩ ଜଣ ଓଡ଼ିଶାର। ଅଭିଯୁକ୍ତମାନେ ଏହି ଗଞ୍ଜେଇକୁ ବ୍ରହ୍ମପୁରରୁ ଟ୍ରେନ ଯୋଗେ ବିହାର ଓ ପଶ୍ଚିମବଙ୍ଗକୁ ଚାଲାଣ କରିଥାନ୍ତେ ବୋଲି ତଦନ୍ତରୁ ଜଣାପଡ଼ିଛି।

## ବିପୁଳ ପରିମାଣର ବାଣ ଜବତ

**କୋଦଳା, ୩୧।୮ (ସମିସ):** ବେଗୁନିଆପଡ଼ାରେ ବିଭିନ୍ନ ସାହିରେ ଚୋରା ବାଣ ଗଚ୍ଛିତ ଥିବା ଖବର ପାଇ ବେଗୁନିଆପଡ଼ା ଥାନା ଅଧିକାରୀ ଭଗବାନ ପୂଜାରୀଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଜଗଦିଶ ପଣ୍ଡାଙ୍କ ନେତୃତ୍ୱରେ ପୁଲିସ ଟିମ ଚଢ଼ଉ କରି ତିନୋଟି ଘରୁ ବାଣ ଜବତ କରିଛି ପୁଲିସ। ଏଥିସହ ତିନି ଜଣକୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ। ଏହି ବାଣ ମଧ୍ୟରେ କିଛି ବାଣ ହାତ ତିଆରି ହୋଇଥିବା ବେଳେ କିଛି ବାଣ କମ୍ପାନୀ ତିଆରି ହୋଇଥିବା ଜଣାପଡ଼ିଛି। ଆଗକୁ ଦୀପାବଳି ଗଣେଷ ବିସର୍ଜନ ଓ ଅନ୍ୟାନ୍ୟ ପର୍ବପର୍ବାଣି ଥିବାରୁ ବିକ୍ରି କରିବା ଉଦ୍ଦେଶରେ ଏହି ବାଣ ଗଚ୍ଛିତ ରଖିଥିବା ପୁଲିସ ସନ୍ଦେହ କରିଛି।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର 'ନାକ୍' ମାନ୍ୟତାକୁ ନେଇ ପ୍ରଶ୍ନ

# ମୂଲ୍ୟାୟନ ହୋଇଛି; ଘୋଷଣା ନ କରି ସ୍ଥଗିତ ରଖିଛି 'ନାକ୍'

ବ୍ରହ୍ମପୁର, ୩୧।୮ (ସମିସ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ 'ନାକ୍' ଦ୍ୱାରା ପ୍ରଦତ୍ତ ମାନ୍ୟତାକୁ ନେଇ ଉଠିଛି ପ୍ରଶ୍ନ। ନାକ୍ ପକ୍ଷରୁ ଶିକ୍ଷାନୁଷ୍ଠାନକୁ ଏ-ଗ୍ରେଡ ମାନ୍ୟତା ମିଳିଥିବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଥିବା ବେଳେ ଏଭଳି ମାନ୍ୟତା ମିଳିନଥିବା ନାକ୍‌ର ୱେବସାଇଟରୁ ସ୍ପଷ୍ଟ ହୋଇଛି। ନାକ୍‌ର ୱେବସାଇଟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମାନ୍ୟତା 'କେପ୍ଟ ଇନ୍ ଆବେନ୍ସ' ଅର୍ଥାତ୍ ଘୋଷଣା କରାନଯାଇ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି। ତେବେ ଏଭଳି ସ୍ଥିତିରେ ବିଶ୍ୱବିଦ୍ୟାଳୟକୁ ଏ-ଗ୍ରେଡ କିଭଳି ମିଳିଲା ବୋଲି ପ୍ରଶ୍ନ କରିଛନ୍ତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଜୟନ୍ତ ମହାପାତ୍ର। ବିଶ୍ୱବିଦ୍ୟାଳୟକୁ ଏ-ଗ୍ରେଡ ମାନ୍ୟତା ମିଳିଥିବା ନେଇ ଗତ ଅଗଷ୍ଟ ୯ତାରିଖରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟର ୨୬ତମ ସମାବର୍ତ୍ତନ ଉତ୍ସବରେ କୁଳାଧିପତି ତଥା ଓଡ଼ିଶାର ମହାମାନ୍ୟ ରାଜ୍ୟପାଳ ହରିବାବୁ କମ୍ଭମ୍‌ପଟି ଓ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର



- 'ଏ-ଗ୍ରେଡ' ମିଳିଥିବା ଘୋଷଣା କରି ଜନସାଧାରଣଙ୍କୁ ଭ୍ରମିତ କରାଯାଇଛି: ପୂର୍ବତନ କୁଳପତି
- ଭଲ ଗ୍ରେଡ୍ ଆଶା ରଖି ପୁନଃ ମୂଲ୍ୟାୟନ ପାଇଁ କରାଯାଇଛି ଆବେଦନ: କୁଳପତି

ପ୍ରଧାନଙ୍କ ଉପସ୍ଥିତିରେ ଖୋଦ୍ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଘୋଷଣା କରିଥିଲେ। ବିଶ୍ୱବିଦ୍ୟାଳୟକୁ ସିଜିପିଏ ସ୍କୋର ୩.୦୪ସହିତ ଏ-ଗ୍ରେଡ୍ ମିଳିଥିବା ନେଇ କୁହାଯାଇଥିଲା। ତେବେ ନାକ୍‌ର ୱେବସାଇଟରେ ଉପଲବ୍ଧ ତଥ୍ୟ ପ୍ରକାରେ ମୂଲ୍ୟାୟନ ଶେଷ ହୋଇଥିଲେ ହେଁ ମାନ୍ୟତା ଘୋଷଣା କରାନଯାଇ ସ୍ଥଗିତ ଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ବିଶ୍ୱବିଦ୍ୟାଳୟକୁ ନାକ୍‌ର ମାନ୍ୟତା ବାସ୍ତବରେ ମିଳିଛି ଅଥବା ନାହିଁ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ କୁଳପତି ପ୍ରଫେସର ମହାପାତ୍ର। ସେପଟେ ମେଲ୍ ଯୋଗେ ନାକ ପକ୍ଷରୁ ବିଶ୍ୱବିଦ୍ୟାଳୟକୁ 'ଏ-ଗ୍ରେଡ୍' ମିଳିଥିବା ନେଇ ଦୃଢୋକ୍ତି ପ୍ରକାଶ କରିଛନ୍ତି କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ। ଅଧିକ ନମ୍ବର ଆଶା ରଖାଯାଇଥିବାରୁ ପୁନଃ ମୂଲ୍ୟାୟନ ପାଇଁ ନାକ୍ ନିକଟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆବେଦନ କରାଯାଇଛି ଏବଂ ସେଥିପାଇଁ ଫଳାଫଳ ଘୋଷଣା ନକରି 'କେପ୍ଟ ଇନ ଆବେନ୍ସ' ରହିଥିବା ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସେପଟେ କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟାରେ ଅସନ୍ତୋଷ ପ୍ରକାଶ କରିଛନ୍ତି ପୂର୍ବତନ କୁଳପତି ପ୍ରଫେସର ମହାପାତ୍ର। କୁଳପତିଙ୍କ ଦ୍ୱାରା ଦିଆଯାଉଥିବା ମାର୍କସିଟ ଓ ପ୍ରମାଣପତ୍ରକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। କାହାଠାରୁ କୁଳପତି ମାନ୍ୟତା ନେଇ ମେଲ ଓ ମାର୍କସିଟ ପାଇଛନ୍ତି ବୋଲି ସିଧାସଳଖ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ଯଦି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପୁନଃମୂଲ୍ୟାୟନ ପାଇଁ ଆବେଦନ କରାଯାଇଛି ତେବେ ତାହା ନାକ୍ ପକ୍ଷରୁ ଗ୍ରହଣ କରାଯାଇଛି ଅଥବା ନାହିଁ ତାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ସବୁଠାରୁ ବଡକଥା ହେଲା ନାକ୍ ପକ୍ଷରୁ ଯଦି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଏ-ଗ୍ରେଡ ମାନ୍ୟତା ପ୍ରଦାନ କରାଯାଇଛି ତେବେ ଉଭୟ ନାକ୍ କିମ୍ବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୱେବସାଇଟରେ କାହିଁକି ତାହା ପ୍ରତିଫଳିତ ହେଉନାହିଁ ବୋଲି ପାଲଟା ପ୍ରଶ୍ନ କରିଛନ୍ତି।

# ପୁରୁଣା ଡାକ୍ତରଖାନାରେ ରକ୍ତଦାନ ଶିବିର

**କେନ୍ଦ୍ରାପଡ଼ା, ୩୧।୮ (ସମିସ):** ୟୁଥ ଲିଡ୍ ଫାଉଣ୍ଡେସନ ଓ ମିଶନ ରକ୍ତଦାନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ପୁରୁଣା ଡାକ୍ତରଖାନାରେ ଥିବା ରାଜ୍ୟ ରକ୍ତଭଣ୍ଡାର ପରିସରରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିର ଯୁବପିଢ଼ି ନିଜର ଜନ୍ମଦିନକୁ ଭୋଜିଭାତ, କ୍ଲବ୍ ଓ ବିଭିନ୍ନ ଜାଗା ଭ୍ରମଣ କରି ପାଳନ କରୁଛନ୍ତି। ତେବେ ଜନ୍ମଦିନକୁ ସ୍ୱତନ୍ତ୍ର କରିବାକୁ ଯାଇ ଅନେକ ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ଖୁସିକୁ ପଛରେ ପକାଇ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ରାକେଶ ବଳ ନିଜ ଜନ୍ମଦିନକୁ ସ୍ମୃତିଦାୟକ କରିବାକୁ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ରକ୍ତଦାନ ଶିବିର ସମ୍ପୂର୍ଣ୍ଣ ଭାବେ ଥାଲେସେମିଆ ଭାଇଭଉଣୀଙ୍କ ଉଦ୍ଦେଶ୍ୟରେ ସମର୍ପିତ ଥିଲା। ରାଜ୍ୟରେ ରକ୍ତର ଅଭାବ ରହିଥିବାବେଳେ ଏହାକୁ କିଛିମାତ୍ରାରେ ପୂରଣ କରିବାକୁ ରାକେଶ ୬ ବର୍ଷ ଧରି ନିଜ ଜନ୍ମଦିନରେ ରକ୍ତଦାନ ଶିବିର କରିଆସୁଛନ୍ତି। ସମାଜସେବାକୁ ବ୍ରତ ଭାବି ନେଇଥିବା ୨୫ ବର୍ଷୀୟ ରାକେଶ ଆଜିକୁ ମିଶାଇ ୧୮ ଥର ରକ୍ତଦାନ କରିବା ସହ ଯୁବକ/ଯୁବତୀ ରକ୍ତଦାନ କରିବାକୁ ଆଗେଇ ଆସନ୍ତୁ ବୋଲି କହିଛନ୍ତି। ଶିବିରକୁ ରକ୍ତ ଭଣ୍ଡାରର ମୁଖ୍ୟ ଡାକ୍ତର ମାନସ ରଞ୍ଜନ ଜେନା ଉଦଘାଟନ କରିଥିଲେ। ରାକେଶଙ୍କ ଆହ୍ୱାନକ୍ରମେ ରକ୍ତଦାନ ନିମନ୍ତେ ବହୁ ଯୁବକ/ଯୁବତୀ ରକ୍ତଦାନ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ଚାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶିବିରରେ କେନ୍ଦ୍ରାପଡ଼ା ସେବା ସମିତି ସଭାପତି ମନୋଜ ନାୟକ, ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ସରୋଜ ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କେନ୍ଦ୍ରାପଡ଼ା ରକ୍ତଭଣ୍ଡାର ସଦସ୍ୟ ରାକେଶ ମିଶ୍ର, ସ୍ୱାତି ପ୍ରତୀକ୍ଷା, ଶପଥ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୟୁଥ ଲିଡ୍ ଫାଉଣ୍ଡେସନ, ମିଶନ ରକ୍ତଦାନ, କେନ୍ଦ୍ରାପଡ଼ା ସେବା ସମିତି ଓ ଜାତୀୟ ଯୁବ ପ୍ରକଳ୍ପ ଶିବିର ପରିଚାଳନା କରିଥିବାବେଳେ ସୌମ୍ୟରଞ୍ଜନ ପରିଡ଼ା, ରାଜେନ୍ଦ୍ର ମହାପାତ୍ର, ପ୍ରଦୀପ୍ତ କୁମାର ଜେନା ଓ ହିମାଂଶୁ ଶେଖର ସାହୁ ପ୍ରମୁଖ ସହଯୋଗ କରିଥିଲେ।




## ପଟ୍ଟାମୁଣ୍ଡାଇ ପୌରପରିଷଦରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କଲେ ବିଧାୟକ

**ପଟ୍ଟାମୁଣ୍ଡାଇ, ୩୧।୮ (ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌର ପରିଷଦରେ ସ୍ୱାୟତ୍ତ ଶାସନ ଦିବସ ପୌର ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ନେତୃତ୍ୱରେ ମ୍ୟୁନିସପାଲଟି ପ୍ରେକ୍ଷାଳୟରେ ମହାସମାରୋହରେ ପାଳିତ ହୋଇଯାଇଛି। ଏ ଅବସରରେ ବିଧାୟକ ଧ୍ରୁବ ସାହୁ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି।

ଆଜି ପ୍ରଥମ ଅଧିବେଶନରେ ପ୍ରାତଃ ସମୟରେ ରାମଧୂନ୍, ସହରର ବିଭିନ୍ନ ଛକସ୍ଥ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରିଷଦ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅଧ୍ୟକ୍ଷ ସାହୁଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପଟ୍ଟାମୁଣ୍ଡାଇ ପୌରାଞ୍ଚଳସ୍ଥ ନୂତନ ବସ୍ ରହଣୀ ଯାତ୍ରୀ ପ୍ରତୀକ୍ଷା ଗୃହକୁ ରାଜନଗର ବିଧାୟକ ଧ୍ରୁବ ସାହୁ ଉଦଘାଟନ କରିଥିଲେ। ପୂର୍ବାହ୍ନ ୯ଟାରେ ପୌରପରିଷଦ କ୍ୟାମ୍ପସରେ ମହାତ୍ମା ଗାନ୍ଧୀଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବା ସହିତ ସ୍ମାର୍ଟପାର୍କଠାରେ ବିଧାୟକ ବୃକ୍ଷରୋପଣ କରିଥିଲେ। ଦ୍ୱିତୀୟ ଅଧିବେଶନ ପୂର୍ବାହ୍ନ ୧୧ଟାରେ ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ସଭା ଉଦଘାଟନ କରି ଅଭିଭାଷଣ ରଖିଥିଲେ। ମୁଖ୍ୟଅତିଥି ସ୍ୱାୟତ୍ତ ଶାସନ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରି କହଥିଲେ, ସ୍ୱାୟତ୍ତ ଶାସନ ହେଉଛି ଲୋକମାନଙ୍କର ଓ ଲୋକଙ୍କ ଦ୍ୱାରା ଶାସନ। ତେବେ ସହରର ଉନ୍ନତି ପାଇଁ ଯାହା ବି ଖସଡ଼ା ପ୍ରସ୍ତୁତ ହୁଏ, ତାହା ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ହିଁ ପ୍ରସ୍ତୁତ କରିଥା'ନ୍ତି। ତେବେ ଭବିଷ୍ୟତରେ ନିର୍ବାଚିତ ପ୍ରତିନିଧି ଯେକୌଣସି ଉନ୍ନତିମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରିବେ, ସେଥିରେ ପୌର ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରିବ। ପୌର ଅଧ୍ୟକ୍ଷ ଶ୍ରୀ ସାହୁ ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଏକ ବିବରଣୀ ପଠନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ଯୋଗ ଦେଇଥିଲେ। ଏ ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥିଙ୍କ ଦ୍ୱାରା ପୌର କର୍ମଚାରୀ ଓ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଉପାଧ୍ୟକ୍ଷା ଅନୁପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ସନ୍ଦିଗ୍ଧ ଯୁବକ ଧରାପଡ଼ିବା ପରେ କଡ଼ା କାର୍ଯ୍ୟାନୁଷ୍ଠାନ

# ତାଳଚୁଆ ଥାନା ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି



**ରାଜନଗର, ୩୧।୮ (ସମିସ):** ଗତକାଲି ଭିତରକନିକା ସୀମାର ଗୁପ୍ତି ଅଞ୍ଚଳରୁ ସନ୍ଦିଗ୍ଧ ଯୁବକକୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯିବା ପରେ ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ସହ ସମୁଦ୍ର ଉପରେ ଡ୍ରୋନ୍ କ୍ୟାମେରା ଉଡ଼ାଯାଇଛି। ଆଜି ସାମୁଦ୍ରିକ ଥାନା ପକ୍ଷରୁ ସମ୍ପୂର୍ଣ୍ଣ ଉପାନ୍ତ ବଙ୍ଗୀୟ ଅଧ୍ୟୁସିତ ଅଞ୍ଚଳ ସହିତ ନଳିତାପଟିଆଠାରୁ ଆରମ୍ଭ କରି ବଙ୍ଗୋପସାଗର, ଗହୀରମଥା ନିଷିଧାଞ୍ଚଳ ପର୍ଯ୍ୟନ୍ତ ଡ୍ରୋନ କ୍ୟାମେରା ବୁଲାଯାଇଛି। ଏ ସମ୍ପର୍କରେ ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ବିମଳ କୁମାର ମଲ୍ଲିକ କହିଛନ୍ତି, ଗତକାଲି ଧରାଯାଇଥିବା ସନ୍ଦିଗ୍ଧ ଯୁବକ ଯୋଗୁଁ ଅନୁପ୍ରବେଶକାରୀଙ୍କ ପ୍ରତି ଆମେ ସଜାଗ ରହିଛୁ। ଏହାଛଡ଼ା ଡ୍ରୋନ କ୍ୟାମେରା ଦ୍ୱାରା ଆମେ ସମୁଦ୍ର ନିଷିଧାଞ୍ଚଳ ଦେଇ ଅନୁପ୍ରେବେଶକାରୀ ଆସୁଛନ୍ତି କି ନାହିଁ ତାହାର ସମ୍ପୂର୍ଣ୍ଣ ଚିତ୍ର ସଂଗ୍ରହ କରିବା ପାଇଁ ଏହି ପ୍ରୟାସ ଜାରି ରହିଛି। ଏହାବ୍ୟତୀତ ସ୍ଥଳ ପଥରେ ମଧ୍ୟ ଚେକିଂକୁ କଡାକଡ଼ି କରାଯାଇଛି ବୋଲି ଆଇଆଇସି ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

# ସମାଜସେବୀଙ୍କ ସ୍ମୃତିଚାରଣ ସଭା

**ଡେରାବିଶ, ୩୧।୮ (ସମିସ):** ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଏତୁଣ୍ଡି ଗ୍ରାମର ସମାଜସେବୀ ରବୀନ୍ଦ୍ର ମଲିକଙ୍କ ଦ୍ୱାଦଶାହ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ ଯୋଗଦେଇ ସ୍ୱର୍ଗତ ମଲିକଙ୍କ ସ୍ମୃତିଚାରଣ କରିଥିଲେ। ଶ୍ରୀ ଦାଶ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ମଲିକ ସ୍ଥାନୀୟ ଅଞ୍ଚଳରେ ଜଣେ ସମାଜସେବୀ ଭାବେ ବିଭିନ୍ନ ଲୋକଙ୍କ ଦୁଃଖସୁଖରେ ଛିଡ଼ା ହେବା ସହିତ ଜଣେ ଆମାୟିକ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ନାୟକ, ମନୋରଞ୍ଜନ ମଲିକ, ମାନସ ମଲିକ, ଜଗନ୍ନାଥ ଦଳାଇ, ଭ୍ରମରବର ଦଳାଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଲିକଙ୍କ ସ୍ମୃତିଚାରଣ କରିଥିଲେ।

## ମହିଳାଙ୍କ ପରିବାରର ଅଭିଯୋଗ

# ମଶାଣିରୁ ଶବ ଜବତ କଲା ପୁଲିସ

**ରାଜନଗର, ୩୧।୮ (ସମିସ):** ଶବ ସତ୍କାର ହେବାକୁ ମଶାଣିକୁ ଯାଉଥିବାବେଳେ ପୁଲିସ ଅଟକାଇଥିଲା। ଦୀର୍ଘ ୫୦ ମିନିଟ ଧରି ଶବ କାନ୍ଧରେ ଥିବା ଅବସ୍ଥାରେ ଥାନା ସମ୍ମୁଖରେ ଅଟକିଥିଲା। ପୁଲିସ ଶବ ଅଟକାଇବା ଘଟଣା ସ୍ଥାନୀୟ ଅଞ୍ଚଳରେ ପତିକ୍ରିୟା ପ୍ରକାଶ ପାଇଥିଲା। ପୁଲିସ ପ୍ରକୃତ ଘଟଣା ଜାଣିବା ପରେ ଶବ ସତ୍କାର ପାଇଁ ଛାଡ଼ିଥିଲା। ତେବେ ମହିଳାଙ୍କ ପରିବାର ଲୋକଙ୍କ ଅଭିଯୋଗ ପରେ ଶବ ମଶାଣିରେ ପହଞ୍ଚିଲା ପରେ ପୁଲିସ ପୁଣି ମଶାଣିକୁ ଯାଇ ଶବକୁ ଜବତ କରିଥିଲା। ଆସନ୍ତାକାଲି ବ୍ୟବଚ୍ଛେଦ କରାଯିବା ପରେ ସତ୍କାର କରାଯିବ ବୋଲି ଜଣାପଡ଼ିଛି। ସତ୍କାର ପାଇଁ ଯାଉଥିବାବେଳେ ଶବକୁ

### ବ୍ୟବଚ୍ଛେଦ ପରେ ହେବ ଶେଷକୃତ୍ୟ

ଅସମ୍ମାନ ହେବା ଘଟଣାକୁ ନେଇ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

ସୂଚନା ମୁତାବକ, ରାଜନଗର ଗ୍ରାମର ଦୀପକ ପରିଡ଼ାଙ୍କ ପତ୍ନୀ ସୁଭଦ୍ରା ଗର୍ଭବତୀ ଥିଲେ। ପାଞ୍ଚଦିନ ପୂର୍ବେ ରାଜନଗର ମେଡିକାଲ ନେଇଥିଲେ। ପରେ କେନ୍ଦ୍ରପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଜଗତପୁରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସୁଭଦ୍ରା ଅଧିକ ଗୁରୁତର ହେବାରୁ ତାଙ୍କୁ ଗତକାଲି କଟକ ବଡ ମେଡିକାଲକୁ ନିଆଯାଇଥିଲା। ଗତକାଲି ରାତିରେ ସେଠାରେ ତାଙ୍କର ମୃତ ଶିଶୁ ଜନ୍ମ ହେବା ପରେ ସୁଭଦ୍ରାଙ୍କୁ ଆଇସିୟୁକୁ ନିଆଯାଇଥିଲା। ଆଜି ଦିନ ପ୍ରାୟ ୧ ଘଟିକା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁଭଦ୍ରାଙ୍କ ମରଶରୀରଙ୍କୁ ରାଜନଗର ଅଣାଯାଇଥିଲା। ଶବ ସତ୍କାର ପାଇଁ ରାଜନଗର ମଶାଣିକୁ ନିଆଯାଉଥିଲା। ରାଜନଗର ଥାନା ବାଟ ଦେଇ ଶବ ସତ୍କାର ପାଇଁ ଯାଉଥିବାବେଳେ ପୁଲିସ ଶବ ଅଟକାଇ ଛାଡ଼ି ଦେଇଥିଲା। ପରେ ସୁଭଦ୍ରାଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ମଶାଣିକୁ ଯାଇ ଶବକୁ ଜବତ କରିଥିଲା। ପୁଲିସ ଶବକୁ ଜବତ କରିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।



# ପ୍ରାଣୀ ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ

**ଡେରାବିଶ, ୩୧।୮ (ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର +୩ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସ୍ମୃତି ଶ୍ରାବଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏ ଅବସରରେ +୩ ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାବେଳେ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରାରମ୍ଭରେ ଦ୍ୱିତୀୟ ବର୍ଷର ଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଛାତ୍ରୀ କଲ୍ୟାଣୀ ମଲିକ, ଗୀତାଞ୍ଜଳି, ପଲକୀ ପ୍ରିୟଦର୍ଶିନୀ, ପ୍ରିୟଙ୍କା ମିଶ୍ର ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅନେକ ବରିଷ୍ଠ ଅଧ୍ୟାପକ ଓ ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ବିମଳ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



# ଅଳପୁଆ ଶ୍ରୀରାମ ମନ୍ଦିର କାର୍ଯ୍ୟାଳୟ ଉପରେ ବୋମାମାଡ଼

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୩୧।୮ (ସମିସ):** ଆଜି ସନ୍ଧ୍ୟାରେପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ଅଳପୁଆ ପଞ୍ଚାୟତରେ ଥିବା ଶ୍ରୀରାମ ମନ୍ଦିର କାର୍ଯ୍ୟାଳୟ ଉପରେ କେତେକ ଦୁର୍ବୃତ୍ତ ବୋମା ମାଡ଼ କରି ଖସି ପଳାଇଥିବା ଜଣାପଡ଼ିଛି। ତେବେ ଏହି ବୋମା ମାଡ଼ରେ କେହି ମୃତାହତ ହୋଇ ନ ଥିବାବେଳେ ବୋମା ମାଡ଼ର ପ୍ରକୃତ କାରଣ ଜଣାପଡ଼ିନାହିଁ। ଚଉଦକୁଲାଟ ଫାଣ୍ଡି ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଘଟଣାର ପହଞ୍ଚି ତଦନ୍ତ ଚଳାଇଛନ୍ତି।

# ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା




**ଆଳି, ୩୧।୮ (ସମିସ):** ଆଜି ପ୍ରଜ୍ଞାନ ମିଶନ୍ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଚଣ୍ଡିଆଗଡ଼ି ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଆଳି ବ୍ଲକ ସଂଯୋଜକ ରଞ୍ଜନ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ପ୍ରଜ୍ଞାନ ମିଶନର ବାବାଜୀ ଗୁରୁ ନିଷ୍ଠାନନ୍ଦଜୀ ଓ ବ୍ରଜେଶାନନ୍ଦଜୀ, ନମୌଜା ସାରସ୍ୱତ ସଂଘର ଅଧ୍ୟକ୍ଷ ନୀଳାଦ୍ରି ଭୂଷଣ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ଅଭିମନ୍ୟୁ ପଡ଼ିହାରୀ ଓ ପଟ୍ଟାମୁଣ୍ଡାଇ ବ୍ଲକ ସଂଯୋଜକ ପାବନୀ କୁମାର ରାଉତ, ପ୍ରଧାନଶିକ୍ଷକ ଶୁଭ୍ରକାନ୍ତ ମିଶ୍ର ଯୋଗଦେଇ ଗୀତାର ଆତ୍ୟାବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ରଞ୍ଜନ ବେହେରା, ବାବୁଲାଲ ଦାଶ, ମହେଶ୍ୱର ଦାସ, ଅଭୟ ସୁତାର ଓ ଗୁରୁକୃପା ଦେବ ସମ୍ପୂର୍ଣ୍ଣ ଗୀତା ପାରାୟଣ କରିଥିଲେ। ଚାରୋଟି ଗ୍ରୁପରେ ବ୍ଲକର ୩୨ଟି ବିଦ୍ୟାଳୟର ୧୭୦ ଜଣ ଛାତ୍ରଛାତ୍ରୀ ଭାଗନେଇ ଗୀତା ଆବୃତ୍ତି କରିଥିଲେ। ବିଚାରକ ଭାବେ ମହେଶ୍ୱର ସାହୁ, ଗୋବିନ୍ଦ ନନ୍ଦ, ଗୌରହରି ସେଠୀ, ଶଶୀଭୂଷଣ ଦାଶ, ବାବୁଲାଲ ଦାଶ, ମହେଶ୍ୱର ଦାସ, ଶକୁନ୍ତଳା ମିଶ୍ର, ସୁନୀତି ଦାଶ, ଉପେନ୍ଦ୍ର ଦାଶ, ଶରତ ପାଣି, ନିରଞ୍ଜନ ମିଶ୍ର ଯୋଗଦେଇଥିଲେ। ଅଶୋକ ବିଶ୍ୱାଳ, ଅକ୍ଷୟ ଦାସ, ହରିଶଙ୍କର ତରାଇ, ବ୍ରଜକିଶୋର ପାତ୍ର, ଜ୍ୟୋତିରଞ୍ଜନ ସାହୁ, ତ୍ରିଲୋଚନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମୀର ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ କ୍ରୀଡ଼ା ଦିବସ ଅବସରରେ ସାଇକଲ ଶୋଭାଯାତ୍ରା






**କେନ୍ଦ୍ରାପଡ଼ା, ୩୧।୮ (ସମିସ)**

ହକି ଯାଦୁଗର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ତଥା ଜାତୀୟ କ୍ରୀଡା ଦିବସ ଅବସରରେ ଆଜି ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ସାଇକଲ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନୂଆ ବସ୍‌ଷ୍ଟାଣ୍ଡରୁ ସାଇକଲ ଶୋଭାଯାତ୍ରା ବାହାରି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମାପ୍ତ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ସାଇକଲ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ୟୁଥ୍ ଆଥଲେଟିକ ଏକାଡେମୀର କ୍ରୀଡ଼ାବିତଙ୍କ ସମେତ ୨ ଶହ ଛାତ୍ରଛାତ୍ରୀ ସାମିଲ ଥିଲେ। ରାଲିରେ ନିଜେ ଜିଲ୍ଲାପାଳ ସାଇକଲ ଚଳାଇ କଲେଜ ପର୍ଯ୍ୟନ୍ତ ଯାଇଥିଲେ। ଯାହାକି ଅନ୍ୟମାନଙ୍କ ପାଇଁ ଉଦାହରଣ ଅଟେ। ସାଇକଲ ଚଳାଇବା ଦ୍ୱାରା ଶରୀର ଫିଟ ରହିବା ସହିତ ମାନସିକ ସ୍ଥିତି ଭଲ ରହିଥାଏ। ସେଥିପାଇଁ ସମସ୍ତେ ସାଇକଲ ଚଳାଇବା ଉଚିତ। ସଂସଦ ଖେଳ ମହୋତ୍ସବ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଥିବାରୁ ସମସ୍ତେ ଏହି ମହୋତ୍ସବରେ ଅଧିକ ମାତ୍ରାରେ ସାମିଲ ହୋଇ ପଞ୍ଜୀକରଣ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ।

# ଶ୍ରୀକୃଷ୍ଣ ପରିବାର ପକ୍ଷରୁ ଚାରାରୋପଣ

**ପଞ୍ଚୁପାଣ୍ଡବ, ୩୧।୮ (ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତର ଶ୍ରୀକୃଷ୍ଣ ପରିବାର ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନୀଲ ସାହୁଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମର ଚତୁର୍ଥ ବାର୍ଷିକ ଉତ୍ସବ ଅବସରରେ ଶ୍ରୀକୃଷ୍ଣ ଶିକ୍ଷାନୁଷ୍ଠାନରେ ବୃକ୍ଷରୋପଣ, ସିଦ୍ଧ ବଳଦେବଜୀଉଙ୍କ ମନ୍ଦିରରେ ପୂଜା, କେନ୍ଦ୍ରାପଡ଼ାର ବିଭିନ୍ନ ମନ୍ଦିରରେ ଖାଦ୍ୟ ବଣ୍ଟନ ଓ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଖାଦ୍ୟ ବଣ୍ଟନ ସହ କଜଳାସ୍ଥ ନିମାଇଁ ଚରଣ ଭିନ୍ନକ୍ଷମ ଆଶ୍ରମରେ ଖାଦ୍ୟ, ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ଶ୍ରୀକୃଷ୍ଣ ପରିବାରର ସଭାପତି ସୂର୍ଯ୍ୟକାନ୍ତ ପାତ୍ର ଓ ସମ୍ପାଦକ ବିଶ୍ୱଜିତ୍ ସାହୁଙ୍କ ସମେତ ସମାଜସେବୀ ସଞ୍ଜୟ ସାହୁ ଓ କେନ୍ଦ୍ରାପଡ଼ା କ୍ୟାରିଅର ପାୱାର ଶିକ୍ଷାକେନ୍ଦ୍ରର ମୁଖ୍ୟ ବିଶ୍ୱଜିତ୍ ବେହୁରା ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ଆନନ୍ଦ ଚନ୍ଦ୍ର ନାୟକ ମୁଖ୍ୟ ଉପଦେଷ୍ଟା ରୂପେ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଶୁଭ୍ର ଶୁଭଙ୍କର ବିଶ୍ୱାଳ, ପ୍ରବୀଣ ସାହୁ, ସ୍ମରଜିତ୍ ମହାପାତ୍ର, ହିର୍ତ୍ତିକ ନାୟକ, ଅରବିନ୍ଦ ତ୍ରିପାଠୀ ଓ ଶିବଶଙ୍କର ସାହୁ ଯୋଗ ଦେଇଥିଲେ। ଶ୍ରୀକୃଷ୍ଣ ପରିବାର ପକ୍ଷରୁ ପ୍ରତିବର୍ଷ ରକ୍ତଦାନ, ଜଳଛତ୍ର, ଖାଦ୍ୟ ବଣ୍ଟନ, ବାଳାଶ୍ରମରେ ସହାୟତା, ରୋଗୀଙ୍କୁ ଆର୍ଥିକ ସାହାଯ୍ୟ ଓ ଚାରାରୋପଣ ଭଳି ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ରଶ୍ମିତା ଷେଣ୍ଡ, କବିତା କର, ବିଶ୍ୱଜିତ ପଣ୍ଡା, ଜୟଦେବ ବାରିକ, କୈବଲ୍ୟ ମଲ୍ଲିକ, ସୌମ୍ୟରଞ୍ଜନ ପଲାଇ, ଉମାକାନ୍ତ ସାହୁ, ସାଇ ସୁମନ ସାହୁ, ପ୍ରଦ୍ୟୁମ୍ନ ପଣ୍ଡା, ମୁକେଶ କୁମାର ସାହୁ ଓ ଆଲୋକ ଜ୍ୟୋତି ମହାରଣା ପ୍ରମୁଖ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ସ୍ୱଳ୍ପ ମୂଲ୍ୟରେ ଶିକ୍ଷାଦାନ କରାଯାଉଥିବା ସୁନୀଲ ସାହୁ କହିଛନ୍ତି।







# କମ୍ପିଲା କଟକ: ପ୍ରଥମ ଭସାଣିରେ ୩୮୦ ମେଢ଼ ବିସର୍ଜିତ



ଖାନନଗର, ଦେବୀଗଡ଼ା ଓ ବିଡ଼ାନାସୀରେ ଚାପା ଉତ୍ତେଜନା

**କଟକ, ୩୧।୮ (ସମିସ):** ଚଳିତ ବର୍ଷର ପ୍ରଥମ ପର୍ଯ୍ୟାୟଗଣେଶପୂଜା ଭସାଣୀରେଆଜି କମ୍ପିଛି ସହର। ସହରର ପୂଜା ମଣ୍ଡପ ଗୁଡ଼ିକରୁ ମେଲାଣି ନେଉଛନ୍ତି ଗଜାନନ। ଦୁଲୁକିଛି କଟକ। ସାହି ସାହିରେ ବାଜା, ବାଣ ଓ ଆକର୍ଷଣୀୟ ଆଲୋକ ସଜ୍ଜା। ମେଢ ଗୁଡ଼ିକୁ ଦେଖିବାକୁ ରାସ୍ତା କଡ଼ରେ ସହରବାସୀ। ଶିଙ୍ଘ ବାଜା, ଦୁଲୁଦୁଲି, ମାଦଳ, ପଞ୍ଜାବୀ ବାଜା, ଘଣ୍ଟ ସାଂଗକୁ ବ୍ୟାଣ୍ଡ ବାଜାରେ କମ୍ପୁଛି ସାରା ସହର। ଭସାଣୀ ଉତ୍ସବକୁ ମନଭରି ଉପଭୋଗ କରୁଛନ୍ତି କଟକିଆ। ୫ଦିନର ପୂଜାର୍ଚ୍ଚନା ପରେ ଆଜି ପ୍ରଥମ ପର୍ଯ୍ୟାୟ ଭସାଣୀ ଉତ୍ସବ କରାଯାଉଛି। କମିଶନରେଟ୍ ପୁଲିସ ଦ୍ୱାରା ପଞ୍ଜିକୃତ ହୋଇଥିବା ୩୮୦ଟି ମେଢ ବିସର୍ଜନ କରାଯାଇଛି। ଏବଂ ଛୋଟ ଛୋଟ ମଣ୍ଡପ ଗୁଡ଼ିକରେ ପୂଜା ପାଉଥିବା ପାଖାପାଖି ୫୦ରୁ ଅଧିକ ଅଣପଞ୍ଜିକୃତ ମୂର୍ତ୍ତି ବିସର୍ଜନ କରାଯାଇଛି। ଭସାଣୀ ଉତ୍ସବରେ ଦେଖିବାକୁ ମିଳିଛି ଢ଼ୋଲ୍ ଓ ରାଜ୍ୟ ବାହାରର ଫ୍ୟୁଜନ୍ ବାଦ୍ୟ। ବିଭିନ୍ନ କ୍ଲବ୍ ପକ୍ଷରୁ ବାହାରୁଥିବା ଶୋଭାଯାତ୍ରାରେ ସାଉଣ୍ଡ, ଲାଇଟ୍ ଓ ଆକର୍ଷଣୀୟ ଆଲୋକସଜ୍ଜା ସହରକୁ ରଙ୍ଗୀନ କରି ଦେଇଛି। ଭସାଣ ଶୋଭାଯାତ୍ରାରେ କିମ୍ବା ମେଢ ବିସର୍ଜନ ସମୟରେ ସେମିତି କୌଣସି ବଡ଼ ଧରଣର ଗଣ୍ଡଗୋଳ କିମ୍ବା ଦୁର୍ଘଟଣା ଘଟିନଥିବା ଜଣାପଡ଼ିଛି। ପୁଲିସ ସୂଚନା ମୁତାବକ ମେଢ଼ ଗଲା ସମୟରେ ଖାନନଗର ଗଡ଼ା, ପୁରୀଘାଟ ଭଶାଣୀସ୍ଥଳୀ ଓ ବିଡ଼ାନାସୀ ଛକରେ ସାମନ୍ୟ ଗଣ୍ଡଗୋଳ ହୋଇଥିଲା। ଘଟଣାସ୍ଥଳରେ ଥିବା ପୁଲିସ କର୍ମଚାରୀ ଏହାକୁ ସମାଧାନ କରିବା ସହିତ ଶାନ୍ତିଶୃଙ୍ଖଳାରେ ଶୋଭାଯାତ୍ରାକୁ ଆଗକୁ ନେଇଥିବା ଜଣାପଡ଼ିଛି।

ଏଥର ୧୦ଟି ଭସାଣୀସ୍ଥଳରେ ହୋଇଥିବା ଅସ୍ଥାୟୀ ପୋଖରୀ ଗୁଡ଼ିକରେ ମୋଟ ୩୮୦ଟି ମୂର୍ତ୍ତି ବିସର୍ଜନ କରାଯାଇଛି। ସହର ମଧ୍ୟରୁ ୨୫୨ଟି ମେଢ଼ ଏବଂ ସହର ବାହାରର ୧୨୮ଟି ମେଢ଼ ଶୋଭାଯାତ୍ରାରେ ବାହାରି ବିସର୍ଜନସ୍ଥଳୀରେ ପହଞ୍ଚିଥିଲେ। ବିଭିନ୍ନ କ୍ଲବ୍‌ର ଶୋଭାଯାତ୍ରା ସକାଳ ୯ଟାରୁ ଆରମ୍ଭ ହୋଇଥିଲା। ରାତି ୧୦ଟାରେ ବ୍ୟାଣ୍ଡ ବାଜା ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। କେବଳ ଢ଼ୋଲ ଘଣ୍ଟ ବଜାଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କ୍ଲବ୍ ପକ୍ଷରୁ ମୂର୍ତ୍ତି ବସର୍ଜନ କରା ଯାଇଥିଲା। ଆଇନ ଶୃଙ୍ଖଳା ଦୃଷ୍ଟିରୁ ସହର ସାରା ୨୫ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ପୁରୀଘାଟରେ ହୋଇଥିବା ୨ଟି ଅସ୍ଥାୟୀ ପୋଖରୀରେ ଦିନ ୧୦ଟାରୁ ପ୍ରବଳ ଜନସମାଗମ ହୋଇଥିଲା। ଏଠାରେ ୧୦୦ରୁ ଅଧିକ ମୂର୍ତ୍ତି ବିସର୍ଜନ କରାଯାଇଛି। ସେହିପରି ଖାନନଗର, ଯୋବ୍ରା, ମାତାମଠ, ବିଡ଼ାନାସି, ନୂଆପଡ଼ା, କ୍ୟାଣ୍ଟନମେଣ୍ଟ୍ ଅଞ୍ଚଳ, ସାର୍ତ୍ତୋଳ ଏବଂ ନେହରୁପଲ୍ଲୀ ଅଞ୍ଚଳର ଅସ୍ଥାୟୀ ପୋଖରୀଗୁଡ଼ିକରେ ମୂର୍ତ୍ତି ବିସର୍ଜନ କରାଯାଇଛି।

ଶବ୍ଦ ପ୍ରଦୂଷଣ ଉପରେ କଡ଼ାକଡ଼ି କଟକଣା ଜାରି କରାଯାଇଥଲେ ମଧ୍ୟ ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ସିଏନ୍‌ବିଟି ମୁଖ୍ୟ ଫାଟକ ସାମ୍ନାରେ ଡିଜେ ସାଉଣ୍ଡକୁ ବାଦାମବାଡ଼ି ଥାନା ପୁଲିସ ଏକ ଡିଜେକୁ ଜରିମାନା କରିବା ସହିତ ନୋଟିସ୍ କରିଥିବା ଜଣାପଡ଼ିଛି। ଗୋଟିଏ ଶୋଭାଯାତ୍ରାରେ କେବଳ ୬ଟି ସାଉଣ୍ଡ ବକ୍ସ ସୀମିତ ରହିବା ସହ ୩ଟି ଟ୍ରଲିରେ ଭସାଣ କରିବାକୁ କୁହାଯାଇଥିଲା। ଅଧିକାଂଶ କ୍ଲବର ଶୋଭାଯାତ୍ରାରେ ଏହି ନିୟମକୁ ଉଲ୍ଲଙ୍ଘନ କରାଯାଇଥିଲା। ଅନ୍ୟପକ୍ଷରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ସହିତ ଦୁଇ ଅତିରିକ୍ତ ଡିସିପି ବିଭିନ୍ନ ଅଞ୍ଚଳ ବୁଲି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ପ୍ରତିମା ବିସର୍ଜନ ଯେପରି ନଦୀଜଳ ପ୍ରଦୂଷିତ ନ ହେବ ଉଭୟ କାଠଯୋଡ଼ି ଓ ମହାନଦୀର ୧୮ ରୁ ଊର୍ଦ୍ଧ୍ୱ ସ୍ଥାନରେ କୃତ୍ରିମ ପୋଖରୀ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଚଳିତବର୍ଷ କଟକ କମିସନରେଟ ପୁଲିସ ଅଞ୍ଚଳରେ ୧୪୫୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପ ଓ କ୍ଲବରେ ଗଣେଶଙ୍କ ପ୍ରତିମା ପୂଜା କରାଯାଇଥିଲା। ଆସନ୍ତା ରବିବାର ଦ୍ୱିତୀୟ ପର୍ଯ୍ୟାୟ ଭସାଣି କରାଯିବ।















## ଡ୍ରିମ୍ସ ସ୍କୁଲ ଅଫ୍ ଏଲାଏଡ୍ ସାଇନ୍ସର ନୂତନ ଏକାଡେମିକ୍ ସୌଧ ଉଦ୍‌ଘାଟିତ

**କଟକ, ୩୧।୮ (ସମିସ):** ଡ୍ରିମ୍ସ ସ୍କୁଲ ଅଫ ଆଲାଏଡ୍ ଓ ହେଲଥ୍ କେୟାର ସାଇନ୍ସର ନବନର୍ମିତ ଏକାଡେମିକ୍ ସୌଧ ଉଦ୍‌ଘାଟିତ ହୋଇଛି। ମୁଖ୍ୟପୁରୋଧା ଭାବରେ ଯୋଗଦେଇ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ନୂତନ ସୌଧକୁ ଉଦ୍‌ଘାଟନ କରିବା ସହ ଗୋଟିଏ ଛାତ ତଳେ ଉପଲବ୍ଧ ସମସ୍ତ ବିଭାଗ ଗୁଣାତ୍ମକ ଶିକ୍ଷାଦାନ, ଗବେଷଣା ଓ ଉନ୍ନତ ସ୍ୱାସ୍ଥ୍ୟସେବାକୁ ଅଧିକ ଫଳପ୍ରଦ କରିବା ସଙ୍ଗେ ସଙ୍ଗେ ଉତ୍କର୍ଷ ହାସଲ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପରିଚାଳନା ବୋର୍ଡ ସଦସ୍ୟ ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ନିର୍ଦ୍ଦେଶିକା ପ୍ରଫେସର ଡା. ନିରୂପମା ଚୟନୀ, 'ଡିନ୍' ଡା. ଦୁର୍ଗାପ୍ରସାଦ ମିଶ୍ର, ସହକାରୀ ପ୍ରଫେସର ଡା. ଦୀପକ ସ୍ୱାଇଁ, ସ୍କୁଲ ଅଫ ଫାର୍ମାସୀର 'ଡିନ୍' ଡ. ଅମୂଲ୍ୟରତ୍ନ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରୋଗ୍ରାମ ମ୍ୟାନେଜର ସୁନୟ ମିଶ୍ର, ସଚିବ ସୁଧାଂଶୁ ଭୂଷଣ କର, ପ୍ରୋଜେକ୍ଟ ମ୍ୟାନେଜର ମୋହିନୀ ମୋହନ ରଥ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ପୂଜାର୍ଚ୍ଚନା ଓ ସଂକୀର୍ତ୍ତନ ଆୟୋଜିତ ହୋଇଥିଲା।




## ଜିଲ୍ଲା ପିଇଓ ସଂଘର କର୍ମକର୍ତ୍ତା ଚୟନ



**କଟକ, ୩୧।୮ (ସମିସ):** ଗ୍ରାମାଞ୍ଚଳରେ ସରକାରୀ ଯୋଜନାଙ୍କୁ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାର ମୁଖ୍ୟ ସୂତ୍ରଧର ହେଉଛନ୍ତି ପିଇଓ। ସେମାନଙ୍କୁ ସମାଜରେ ଉପଯୁକ୍ତ ସ୍ୱୀକୃତି ମିଳିପାରୁ ନାହିଁ। କଟକ ଜିଲ୍ଲାରେ କାର୍ଯ୍ୟରତ ପିଇଓ କିଭଳି ସୁଚାରୁଭାବେ କାର୍ଯ୍ୟ ସମ୍ପାଦନ କରିପାରିବେ, ନିଜର ସୁରକ୍ଷା, ବିଭିନ୍ନ ସମସ୍ୟା ଓ ସମାଧାନ ଦିଗରେ ଆଲୋଚନା କରିବା ନିମନ୍ତେ ଅଗଷ୍ଟ ୩୧ ତାରିଖ କଟକ ଜିଲ୍ଲା ପିଇଓ ସଂଘ ପକ୍ଷରୁ ସ୍ଥାନୀୟ ଜଗତପୁର ଭୈରପୁରସ୍ଥିତ ଭଗବତୀ ମଣ୍ଡପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବା ସହ କର୍ମକର୍ତ୍ତା ଚୟନ ହୋଇଯାଇଛି। ସଂଘର ମନୋନୀତ ପଦାଧିକାରୀମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଭାବେ ମୌସମ କୁମାର ବିଷୋୟୀ, ଉପାଧ୍ୟକ୍ଷ ଭାବେ ଅନୁପ୍ରଭା ରାଉତ, ସଚିବ ଭାବେ ରଞ୍ଜିତ ବେହେରା ମନୋନୀତ ହୋଇଛନ୍ତି। ପୁନଶ୍ଚ ଯୁକ୍ତ ସଚିବ ଭାବେ ସୁଜ୍ଞାନୀ ପତି, କୋଷାଧ୍ୟକ୍ଷ ଅମିତ ମହାନ୍ତି ଓ ଶକ୍ତିକାନ୍ତ ମହାନ୍ତି, ପରାମର୍ଶଦାତା ଭାବେ ଚନ୍ଦନ ସାମଲ ଏବଂ ଅନ୍ୟ ସମସ୍ତ ବ୍ଲକରୁ ଜଣେ ଜଣେ ପ୍ରତିନିଧିମାନେ ରହିଛନ୍ତି। ଏହି ବୈଠକରେ ପିଇଓଙ୍କ ପ୍ରମୁଖ ଦାବି ମଧ୍ୟରେ ଗ୍ରୁପ-ବି (ପେ-ଲେବଲ-୯) ପ୍ରତି ଏକତା ଓ ସଂଘବଦ୍ଧତାର ସ୍ପଷ୍ଟ ସନ୍ଦେଶ ଦିଆଯାଇଛି। ଏଥିସହିତ କଟକ ଜିଲ୍ଲାର ଆଠଗଡ଼ ଓ ନରସିଂହପୁରରେ ୨ ଜଣ ପିଇଓଙ୍କ ପ୍ରତି ଘଟିଥିବା ଅପ୍ରୀତିକର ଘଟଣାକୁ ସମସ୍ତେ ଦୃଢ଼ ନିନ୍ଦା କରିବା ସହ ଚିନ୍ତା ପ୍ରକଟ କରିଥିଲେ। କଟକ ଜିଲ୍ଲାର ୧୪ଟି ବ୍ଲକର ସମସ୍ତ ପିଇଓ ମାନେ ଉପସ୍ଥିତ ଥିଲେ।

## ଖ୍ରୀଷ୍ଟ ମହାବିଦ୍ୟାଳୟ ୧୯୮୩ ବ୍ୟାଚର ବନ୍ଧୁମିଳନ

**କଟକ, ୩୧।୮ (ସମିସ):** ୧୯୮୩ ବ୍ୟାଚର ଖ୍ରୀଷ୍ଟ ମହାବିଦ୍ୟାଳୟର ସାମ୍ପ୍ରତିକ ବନ୍ଧୁମିଳନ ସମାରୋହ ସ୍ଥାନୀୟ ଆକବରୀ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ୪୩ ବର୍ଷ ପରେ ବହୁତ ସଂଖ୍ୟାର ବିଦ୍ୟାର୍ଥୀମାନେ ଏକତ୍ରିତ ହୋଇଥିଲେ। ପ୍ରଦୀପ ନାୟକ, ଦିଲୀପ ମିଶ୍ର, ପ୍ରଦୀପ ମଙ୍ଗରାଜ, ଦେବଦତ୍ତ କର, ପୁଲିନ ମହାନ୍ତି, ସଂଗ୍ରାମ ପାତ୍ର ଓ ସୋମ୍ୟ ସେନାପତି ପ୍ରମୁଖ ସହଯୋଗ କରିଥିଲେ। ଭବିଷ୍ୟତରେ ସେମାନେ ସମସ୍ତେ ମିଶି ଜନହିତକର କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେବା ସହ ଆନନ୍ଦ ଓ ଉତ୍ସାହ ସହ ସମାରୋହକୁ ସମ୍ପନ୍ନ କରିବାରେ ସକ୍ଷମ ହୋଇଥିଲେ।

## ସିଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

# ସହର ହେଉଛି ବିକାଶର ମୁଖଶାଳା: ମନ୍ତ୍ରୀ

**କଟକ, ୩୧।୮ (ସମିସ)**

ସହର ସଂଯୋଗୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି। ନିକଟ ଭବିଷ୍ୟତରେ ବିଡିଏ ପାଟେରୀ ଓ ସିଡିଏ ପାଟେରି ଯୋଡ଼ି ହୋଇଯିବ। ସହର ହେଉଛି ବିକାଶର ମୁଖଶାଳା। ଏହାର ବୃଦ୍ଧି ନହେଲେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଅସମ୍ଭବ। ସହର ବଢ଼େଇବା ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ସିଡିଏ ଅଞ୍ଚଳକୁ ଆହୁରି ବଢ଼ାଇବା ଲାଗି ଯୋଜନା କରାଯାଉଛି। ସେଠାରେ ଲୋକଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯିବ। ଫଳରେ ସହରୀ ସଭ୍ୟତାର ବିକାଶ ହୋଇପାରିବ ବୋଲି ଆଜି କଟକ ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି।

ସହିଦ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ମହାପାତ୍ର ଏହା ମଧ୍ୟ କହିଥିଲେ ଯେ ସିଡିଏ ଅଞ୍ଚଳରେ କପଡ଼ା ମଣ୍ଡି ଲାଗି ୧୫ଏକର ଜାଗା ଚିହ୍ନଟ କରାଯାଇଛି। ଏହାଦ୍ୱାରା କପଡ଼ା କ୍ଷେତ୍ରରେ ସହର ବିଶେଷ ଭାବେ ଅଗ୍ରଣୀ ହୋଇପାରିବ। ଏଥିଲାଗି ୮୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଚାନ୍ଦି ମଣ୍ଡି ଲାଗି ୫ଏକର ଜମି ପ୍ରଦାନ କରାଯାଇଛି। ମଣ୍ଡି ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ। କଟକରୁ ବର୍ଜ୍ୟଜଳ ନିଷ୍କାସନ ଲାଗି ଡ୍ରେନ୍ ନିର୍ମାଣ ନିମନ୍ତେ ୫୦୦ କୋଟି ବ୍ୟୟବରାଦ ହୋଇଛି। କାଠଯୋଡ଼ି ରିଭରଫ୍ରଣ୍ଟ ଲାଗି ୬୦ କୋଟି ଓ ମହାନଦୀ ରିଭରଫ୍ରଣ୍ଟ ଲାଗି ୨୫୦ କୋଟି ମଞ୍ଜୁର ହୋଇଛି। ଯଥାଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ କରାଯିବ। ସେହିପରି ସହରୀ ବିକାଶ ଯୋଜନାରେ ୬, ୦୦୦କୋଟି ବଜେଟ୍ ହୋଇଛି। ଯେଉଁଥିରେ ମଲ୍ଟିପୁଲ ମାର୍କେଟ କମ୍ପେଲକ୍ସ, ସିନେମା ହଲ, ନିର୍ମାଣ କରାଯିବ। ଏଥିସହ ଦ୍ୱୈତନଗରୀରେ ଇ- ବସ ସେବା ୫୦ରୁ ବଢ଼ି ଏବେ ୨୯୦ ଛୁଇଁଛି। ଏହାକୁ ୨୦୦୦କୁ ବୃଦ୍ଧି କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ହ୍ୱାଟ୍‌ସଆପ୍‌ରେ ବସ ଟିକଟ କଟାଯିବା ସହ ଛାତ୍ରଛାତ୍ରୀ ଓ ମହିଳାଙ୍କ ଲାଗି ରିଆତି ବ୍ୟବସ୍ଥା ହୋଇଛି। ମେଟ୍ରୋ ଏବେବି ଯୋଜନା ଭିତରେ ରହିଛି। କେନ୍ଦ୍ର ସରକାରଙ୍କ ସହମତିରେ ମେଟ୍ରୋ ପ୍ରକଳ୍ପ ଲାଗି ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଥିଲେ। ନିଗମ ମେୟର ସୁବାସ ସିଂହ ଅଧ୍ୟକ୍ଷତା କରି ବାର୍ଷିକ ବିବରଣୀ ପାଠ କରିବା ସହ ସହରରେ ହୋଇଥିବା ବିଭିନ୍ନ ଉନ୍ନତିକରଣ କାର୍ଯ୍ୟ ଓ ପରିମଳ ବ୍ୟବସ୍ଥା ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ତଥା ମେହେନ୍ତର ସଂଘର ସଭାପତି ପ୍ରଭାତ ତ୍ରିପାଠୀ ସହରକୁ ସ୍ୱଚ୍ଛ ସବୁଜ, ବିକଶିତ କଟକ ଭାବେ ଗଢ଼ି ତୋଳିବା କ୍ଷେତ୍ରରେ ୩ ଯୁବ ବିଧାୟକ ଓ ସିଏମ୍‌ସି ଦାୟିତ୍ୱ ନେବାକୁ ପରାମର୍ଶ ଦେଇଥିଲେ। ବିଧାୟିକା ସୋଫିଆ ଫିର୍ଦ୍ଦୋଶ କଟକରେ ମିଳିତ ଭାବେ କାମ କଲେ ବିକାଶ ହୋଇପାରିବ ବୋଲି କହିଥିଲେ। ବିଧାୟକ ସୌଭିକ ବିଶ୍ୱାଳ ସହରରେ ନିମ୍ନମାନର କାମକୁ ନେଇ ଅସନ୍ତୋଷ ପ୍ରକଟ କରିବା ସହ ନିଜ ଘର ପରି ସହରକୁ ଦେଖିବା ଲାଗି ପରାମର୍ଶ ଦେଇଥିଲେ। ବିଧାୟକ ପ୍ରକାଶ ସେଠୀ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସିଏମ୍‌ସି କମିସନର କିରଣଦୀପ କୌର ସହୋତା ସ୍ୱଚ୍ଛ ମିସନରେ କଟକକୁ ସାମିଲ କରିବା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସା ହେବ ସିନ୍ଦେ, ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ, ଫ୍ୟାକ୍ଟ ଫାଇଣ୍ଡିଂ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ 'ସମାଜ'ର ସମ୍ପାଦକ ଓ କାର୍ଯ୍ୟବାହୀ ମୁଖ୍ୟ ପରିଚାଳକ ତପନ କୁମାର ମିଶ୍ର, ଡ. ଆଶିଷ ବାରିକ, ଅଭିନେତା ଶୁଭାଶିଷ ଶର୍ମା, ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀ, କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ, କ୍ରୀଡ଼ାବିତ ରାଜେନ୍ଦ୍ର ପ୍ରସାଦ ସିଂହ, ଡା. ରବି ରଞ୍ଜନ ସାହୁ, ସାମ୍ବାଦିକ ପ୍ରଦୀପ ସାହୁ, ବଡ଼ି ବିଲଡର ରବି ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ସନ୍ଧିମୁଣ୍ଡା ଭାଟିରେ ମହିଳାଙ୍କ ଭଙ୍ଗାରୁଜା



ଚନ୍ଦାହାଣ୍ଡି,୩୧।୮ (ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ଅନକାବେଡା ପଞ୍ଚାୟତ ଅଧୀନ ସନ୍ଧିମୁଣ୍ଡାରେ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଭାଟିକୁ ଘେରିବା ସହ ଭଙ୍ଗାରୁଜା କରିଛନ୍ତି ଗ୍ରାମର ଶତାଧିକ ମହିଳା। ଭାଟି ମଧ୍ୟରେ ମଦ ବିକ୍ରୟ ନ କରି ବେଆଇନ ଭାବରେ ଗ୍ରାମରେ ଗଳି କନ୍ଦିରେ ମଦକୋଚିଆ ତିଆରି କରି ମଦ ପହଞ୍ଚାଇବା ସହ ବିକ୍ରି କରିବାକୁ ନେଇ ବାରମ୍ବାର ଗ୍ରାମର ମହିଳାମାନେ ବିରୋଧ କରିଥିଲେ। ଏହା ଉପରେ ରୋକ ଲଗାଇବାକୁ ଥାନା ଅଧିକାରୀ ପ୍ରଶାସନ ନିକଟରେ ଅଭିଯୋଗ ପରେ ବି କୌଣସି ପଦକ୍ଷେପ ଗ୍ରହଣ କରା ନଯିବାରୁ ମହିଳାମାନେ ଅନକାବେଡା ଗ୍ରାମପଞ୍ଚାୟତକୁ ନିଶାମୁକ୍ତ କରିବାକୁ ଅଣ୍ଟାଭିଡିବା ସହ ରବିବାର ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ଆଜି ଅନକାବେଡା ପଞ୍ଚାୟତର ଶହ ଶହ ମହିଳା ଓ ଯୁବ ଗୋଷ୍ଠୀ ଗାଁ ମୁଣ୍ଡରେ ଏକତ୍ରିତ ହୋଇ ନାରାବାଜି ଦେଇଥିଲେ। ପରେ ମଦ ବନ୍ଦ ପାଇଁ ଭାଟି ଘେରିଥିଲେ। ଚଳିତ ମାସ ୨୩ ତାରିଖରେ ଇଂଗିଲିସ ଓ ଜରି ପାଉଚ ମଦ ଦୋକାନୀଙ୍କୁ କୋଚିଆଙ୍କୁ ମଦ ନ ଦେବା ପାଇଁ ତାଗିଦ୍ କରିଥିଲେ। ଏହାସତ୍ତ୍ୱେ ନୂଆଁଖାଇ ବାସୀ ତିହାର ଅବସରରେ ଭାଟି ବାଲା ପୁନଃ ମଦ କୋଚିଆମାନଙ୍କୁ ମଦ ଘରେ ଘରେ ପହଞ୍ଚାଇବା ଯୋଗୁଁ ପ୍ରତ୍ୟେକ ଗ୍ରାମରେ ସଂଖ୍ୟାଧିକ ମଦୁଆ ଦେଖିବା ସହ ଗାଁରେ ଅଶ୍ଳୀଳ ଭାଷା ଉଚ୍ଚାରଣ, ହୋହାଲ୍ଲା କରିବା ଯୋଗୁଁ ମହିଳାମାନେ ଉତ୍ୟକ୍ତ ହୋଇଥଲେ। ପଞ୍ଚାୟତର ଶହ ଶହ ମହିଳା, ଯୁବକ ସମେତ ସାଧାରଣ ଜନତା ଉତ୍ୟକ୍ତ

### ● ନଷ୍ଟ କଲେ ପାଉଚ ପାଉଚ ମଦ

ହୋଇ ନାରାବାଜୀ ସହ ସନ୍ଧିମୁଣ୍ଡା ସ୍ଥିତ ଲାଇସେନ୍ସ ମଦ ଭାଟି ପହଞ୍ଚି ଭାଟି ଘେରିବା ସହ ଭାଟିରେ ଥିବା ମଦ ପାଉଚଗୁଡ଼ିକୁ ଫିଙ୍ଗାଫିଙ୍ଗି ଓ ନଷ୍ଟ ସହ ଭଙ୍ଗାରୁଜା କରିଥିଲେ। ଆଗାମୀ ଦିନରେ ଅଞ୍ଚଳରେ ଥିବା ମଦ ଭାଟି ଓ ଅବୈଧ ମଦ ବିକ୍ରି ବନ୍ଦ କରିବାକୁ ନେଇ ପଦକ୍ଷେପ ନେବା ନେଇ ଶୁଣିବାକୁ ମିଳିଛି। ଏଥିରେ ଅନକାବେଡା, ନୂଆପଡା ଏବଂ ସନ୍ଧିମୁଣ୍ଡା ସମେତ ଆଖପାଖ ଗ୍ରାମର ଶହଶହ ମହିଳା, ଯୁବଗୋଷ୍ଠୀ ଏବଂ ବୁଦ୍ଧିଜୀବୀ ରହିଥିଲେ। ଖବରପାଇ ଚନ୍ଦାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଇଥିଲେ।

# ମଝିଆ ଭାଇର ଠେଙ୍ଗା ମାଡରେ ବଡଭାଇ ମୃତ

ନନ୍ଦପୁର,୩୧।୮ (ସମିସ): ମଝିଆ ଭାଇର ଠେଙ୍ଗା ମାଡରେ ବଡ ଭାଇର ମୃତ୍ୟୁ ହୋଇଥିବା ନେଇ ରବିବାର ପାଡୁଆ ଥାନାରେ ଅଭିଯୋଗ ହୋଇଛି। ଯାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣା ଘଟିଛି ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପାଡୁଆ ଥାନା ଅଧୀନସ୍ଥ କସନ୍ଧି ଗ୍ରାମ ପଞ୍ଚାୟତର ରୁଡ଼ିଚୁଆଁ ଗ୍ରାମରେ। ମୃତକ ଉକ୍ତ ଗ୍ରାମର ଜୟରାମ ପାଙ୍ଗୀ। ସୂଚନାନୁଯାୟୀ, ସପ୍ତାହକ ତଳେ ନାରାୟଣ ପାଙ୍ଗିଙ୍କ ବଡ ପୁଅ ଜୟରାମ ପାଙ୍ଗି ନିଜ ଜମିରେ ସଲପ ଗଛ ଚାରା ଲଗାଉଥିବା ସମୟରେ ମଝିଆ ଭାଇ ରାମ ପାଙ୍ଗି ହଠାତ୍ ଜମିରେ ପହଞ୍ଚି ଲଗାଉ ଥିବା ସଲପ ଗଛ ଉପାଡି ଫିଙ୍ଗିବା ସହ ଗାଳି ଗୁଲଜ କରିଥିଲା। ସେଠାରୁ ଜୟରାମ ଘରକୁ ଚାଲି ଆସିଥିଲେ। ସଂଧ୍ୟା ସମୟରେ ଘର ପିଣ୍ଡାରେ ବସିଥିବା

### ଅଭିଯୁକ୍ତ ଥାନାରେ ଅଟକ

ବଡ ଭାଇ ଜୟରାମଙ୍କୁ ମଝିଆ ଭାଇ ରାମ ପାଙ୍ଗି ଠେଙ୍ଗାରେ ମୁଣ୍ଡକୁ ପ୍ରହାର କରିଥିଲା। ସେହିଦିନ ଠାରୁ ଜୟରାମ ଶୋଇବା ସେଜରୁ ଉଠି ପାରୁନଥିଲେ। ରବିବାର ଜୟରାମଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପତ୍ନୀ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ରବିବାର ନନ୍ଦପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ପାଡୁଆ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପାଡୁଆ ଏସ୍ଆଇ ହିମାଂଶୁ ବେନିଆ ଓ ଟୁନା ଶବର ନନ୍ଦପୁର ପହଞ୍ଚି ଶବ ଜବତ କରିବା ଶହ ଅଭିଯୁକ୍ତ ମୃତକ ଜୟରାମଙ୍କ ମଝିଆ ଭାଇ ରାମ ପାଙ୍ଗିକୁ କାବୁ କରି ଥାନାରେ ଅଟକ ରଖିଥିବା ସୂଚନା ମିଳିଛି।

# ଯୁବକଙ୍କ ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ଆଣିଲେ ପରିବାର

କୋରାପୁଟ,୩୧।୮ (ସମିସ):

କୋରାପୁଟ ଟାଉନ ଥାନା ଅନ୍ତର୍ଗତ ପଦ୍ମପୁର-ପଣସପୁଟ ରାସ୍ତାର ବାଉଁଶଗୁଡ଼ା ଛକ ନିକଟରେ ରବିବାର ସକାଳେ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ଦଶମନ୍ତପୁର ବ୍ଲକ୍ ମାଳିତୋଳା ଗ୍ରାମର ଅନ୍ତେ ମାଳି (୩୦) ବୋଲି ଜଣାପଡ଼ିଛି। ରବିବାର ସକାଳେ ସେହି ରାସ୍ତା ଦେଇ ଯାତାୟାତ କରୁଥିବା କିଛି ଲୋକ ରାସ୍ତା କଡ଼ରେ ମୃତଦେହ ଦେଖି ଡୁମୁରିପୁଟ ଫାଣ୍ଡିକୁ ଖବର ଦେଇଥିଲେ। ଡୁମୁରିପୁଟ ଫାଣ୍ଡି କର୍ମଚାରୀ ଟାଉନ ଥାନାକୁ ସୂଚନା ଦେବା ପରେ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ପୁଲିସ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହ ତାହା ଏକ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରି ଜିଲ୍ଲାସଦର ମହକୁମାରୁ ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାର୍ଡକୁ ଡକାଇଥିଲେ। ମୃତକଙ୍କ ମୋଟରସାଇକେଲ ରାସ୍ତା କଡ଼ରେ ପଡ଼ି ଥିବାବେଳେ ମୃତ ଅନ୍ତେ ମାଳିଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଥିବା ଦେଖି ଏହା ଏକ ସଂଘବଦ୍ଧ ଆକ୍ରମଣ ବୋଲି ପୁଲିସ ସନ୍ଦେହ କରୁଛି। ପୁଲିସ ମୃତଦେହ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ମୃତ ଅନ୍ତେ ମାଳି ଶନିବାର ସକାଳେ କୌଣସି କାମ ପାଇଁ ଡୁମୁରିପୁଟ ଯାଇଥିଲେ । ସେଠାରୁ ସଂନ୍ଧ୍ୟାରେ ଆଉ ଫେରିନଥିବା ବେଳେ ରବିବାର ସକାଳୁ ବାଉଁଶଗୁଡ଼ା ଛକରେ ମୋଟରସାଇକେଲ ଏବଂ ଜଣଙ୍କ ମୃତଦେହ ପଡ଼ିଥିବା ଖବର ପ୍ରଚାର ହେବା ପରେ ଗ୍ରାମର କିଛି ଲୋକ ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ଚିହ୍ନଟ କରିଥିଲେ। ତେବେ ପୂର୍ବ ଶତ୍ରୁତାକୁ ନେଇ ଅନ୍ତେ ମାଳିକୁ ହତ୍ୟା କରାଯାଇଥିବା ପରିବାର ବର୍ଗ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ତଦନ୍ତ ଚାଲିଛି ଖୁବ୍‌ଶୀଘ୍ର ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

### ● ଏମିତି ବି ମୃତ୍ୟୁ ଆସେ

# ଶବ ସତ୍କାର ସାରି ଗାଧୋଇବା ବେଳେ ବୁଡ଼ିଗଲେ ଯୁବକ

ବୈପାରୀଗୁଡ଼ା,୩୧।୮ (ସମିସ): ଏମିତି ବି ମୃତ୍ୟୁ ଆସେ। ଶବ ସତ୍କାର ସରିବା ପରେ ଗାଧୁଆ ବେଳେ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ ଦଶମନ୍ତପୁର ପଞ୍ଚାୟତର ପାଣ୍ଡିପୋଡା ଗାଁରେ ଦେଖିବାକୁ ମିଳିଛି। ମୃତକ ପାଣ୍ଡିପୋଡା ଗାଁର ଗୁପ୍ତ ନାୟକ। ଗତ କାଲି ଗାଁର ବୃଦ୍ଧ ଦେବରାଜ ଗୌଡ଼ଙ୍କ ମୃତ୍ୟୁ ଘିଟିଥିବା ବେଳେ ଆଜି ଗାଁ ଶ୍ମଶାନରେ ଶବ ସତ୍କାର କରାଯାଇଥିଲା। ଗାଁ ଲୋକେ ଶବ ସତ୍କାର ସାରି ଫେରିବା ପରେ ଗାଁ ପୋଖରୀକୁ ଗାଧେଇବା ପାଇଁ ଯାଇଥିଲେ। ଗାଁ ଲୋକଙ୍କ ସାଥିରେ ଚନ୍ଦ୍ର ନାୟକ ମଧ୍ୟ ଯାଇଥିଲେ। ହେଲେ ଗାଁ ପୋଖରୀରେ ଗାଧୁଆ ବେଳେ ଆସାବଧାନତା ଯୋଗୁଁ ଚନ୍ଦ୍ର ନାୟକଙ୍କ ଗୋଡ଼ ଖସି ଯାଇଥିଲା। ଫଳରେ ଗଭୀର ପାଣିରେ ବୁଡ଼ି ଯାଇ ସେ ନିଖୋଜ ହୋଇଯାଇଥିଲେ। ଖବର ପାଇ ସ୍ଥାନୀୟ ସରପଞ୍ଚ ଆର୍ ରୋହିତ କୁମାର ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ଦୀର୍ଘ ସମୟ ଧରି ଚେଷ୍ଟା କରି ଶବ ଉଦ୍ଧାର କରିଛି। ଘଟଣା ସ୍ଥଳରେ ପୁଲିସ ତଦନ୍ତ କରୁଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛି।

# ବିଶ୍ୱବିଦ୍ୟାଳୟର ପ୍ରଥମ ଶକ୍ତିଶ୍ରୀ ସାଥୀ ମାନସୀ



ଜୟପୁର,୩୧।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ପ୍ରଥମ ଶକ୍ତିଶ୍ରୀ ସାଥୀ ଭାବେ ମାନସୀରାଣୀ ମହାନ୍ତିଙ୍କୁ ଚୟନ କରାଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ବିଶ୍ୱବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତୀକରଣ ସେଲ୍ ଗଠନ କରାଯାଇଛି। ବିଶ୍ୱବିଦ୍ୟାଳୟର ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଙ୍କ ମଧ୍ୟରେ ଏକ ଚୟନ ପ୍ରକ୍ରିୟା ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ବିଭାଗରୁ ଜଣେ ସ୍ନାତକ ଛାତ୍ରୀ ଓ ଜଣେ ସ୍ନାକ୍ରୋତ୍ତର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ପର୍ଯ୍ୟାୟରେ ଛାତ୍ରୀଙ୍କ ମେଧା, ନେତୃତ୍ୱ ନେବାର ଦକ୍ଷତା, ସମସ୍ୟାକୁ ଉପସ୍ଥାପନା କରିବାରୁ ଯୋଗ୍ୟତା, ଉପସ୍ଥିତ ବୁଦ୍ଧି, ସାଧାରଣଜ୍ଞାନ ଆଦି ପରୀକ୍ଷା କରାଯାଇଥିଲା। ଅଭ୍ୟନ୍ତରୀଣ ଅଭିଯୋଗ କମିଟିର ସଂଯୋଜିକା ଡ. ସାଗରିକା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଚୟନ ପ୍ରକ୍ରିୟାରେ ସ୍ନାତକୋତ୍ତର ପରିଷଦର ନିର୍ଦ୍ଦେଶକ ଡ. ପ୍ରଶାନ୍ତ ପାତ୍ର, ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମଣ ପାତ୍ର, ମାନବସମ୍ବଳ ବିକାଶ ପରିଷଦର ଦେବଦତ୍ତ ଇନ୍ଦୋରିଆ, ଛାତ୍ର ମଙ୍ଗଳ ନିର୍ଦ୍ଦେଶକ ଡ. ଅରୁଣ ରାଜ ପ୍ରମୁଖ ସାମିଲ ହୋଇଥିବା ବେଳେ ବିଚାରକ ଭାବେ ଯୌନ ଉତ୍ପୀଡନ ସେଲ୍‌ର ଶକ୍ତିଶ୍ରୀ ସନ୍ତୋଷୀ ନାୟକ, ପଲ୍ଲବୀ ନାୟକ, କ୍ରୀଷ୍ଣା ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ ଦାୟିତ୍ୱ ରହିଥିଲେ। ସେହିପରି ଶକ୍ତିଶ୍ରୀ ପ୍ରତିନିଧି ଭାବେ ସ୍ନିଗ୍ଧାସୁମନ ସାହୁ, ବିଷ୍ଣୁପ୍ରିୟା ସ୍ୱାଇଁ, ଶୁଭଶ୍ରୀ ବିଶ୍ୱାଳ, ମନ୍ଦିରା ସରକାର, ପ୍ରଣତି ପାଣିଗ୍ରାହୀ, ମନୀଷା ଚିତୁଆନ, ସୁଚିତ୍ର ପଟ୍ଟନାୟକ, ଯାମିନୀ ପଟ୍ଟନାୟକ, ପ୍ରିଦର୍ଶିନୀ ଚେ?ଧୁରୀ, ଶର୍ମିଷ୍ଠା ପଲେଇ, ସ୍ମୃତିମେଧା ମିଶ୍ର, ଅଞ୍ଜଳି ଶତପଥୀ, ଶୁଭଶ୍ରୀ ବିଶ୍ୱାଳ, ପ୍ରିୟଙ୍କା ପାତ୍ର, ଅଲିଭା ସ୍ୱାଇଁ, ପ୍ରେମିକା ଖିଲୋ, ବେବି ଜାଲ, ପ୍ରିୟଙ୍କା ଶତପଥୀ, ସ୍ନେହାରାଣୀ ଖେମୁଣ୍ଡୁ, ଶୁଭସ୍ମିତା ଷଡଙ୍ଗୀ, ପ୍ରତୀକ୍ଷା ସାହୁ, ସୁରଭି ରଥ, ପ୍ରିୟଙ୍କା ସାବତ, କଶିଶ ପାତ୍ର ପ୍ରମୁଖଙ୍କୁ ଶ୍ରେଣୀ ପ୍ରତିନିଧି ଭାବେ ଚୟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ସୁକାନ୍ତି ସୟ ପରିଚାଳନା କରିଥିଲେ।

# ସେମିଳିଗୁଡା ମହାବିଦ୍ୟାଳୟକୁ ଉଚ୍ଚ ଶିକ୍ଷା ବିଭାଗର ପରିଦର୍ଶନ

ସେମିଳିଗୁଡ଼ା,୩୧।୮ (ସମିସ):



କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ମହାବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବରିଷ୍ଠ ବିଭାଗୀୟ ଅଧିକାରୀ ସନ୍ତୋଷ ସେଠୀ, ବିଭାଗୀୟ ଅଧିକାରୀ ଛୋଟରାୟ ମୁର୍ମୁ, ଶୁଭ୍ରାଂଶୁ ଧଳ ପ୍ରମୁଖ ପରିଦର୍ଶନରେ ଆସିଥିଲେ। ପ୍ରଶାସନିକ କାର୍ଯ୍ୟ ସମାପ୍ତ ପରେ ଅଧିକାରୀଗଣ ସମସ୍ତ ବିଭାଗର ଶ୍ରେଣୀ କକ୍ଷ ପରିଭ୍ରମଣ କରି ଦୈନନ୍ଦିନ ମହାବିଦ୍ୟାଳକୁ ଯାତାୟାତ, ଅଧ୍ୟାପନା ଆଦି ବିଭିନ୍ନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅପରାହ୍ନରେ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ସହିତ ଏକ ପାରସ୍ପରିକ ଆଲୋଚନା ସଭା କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସି ସିଂହ ନେତୃତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ସଭାରେ ଛାତ୍ରୀମାନଙ୍କ ନିମନ୍ତେ ଛାତ୍ରୀ ନିବାସ, ଉନ୍ନତମାନର ଖେଳପଡିଆ, ପାଠାଗାର ଅଧ୍ୟୟନ କକ୍ଷ, ଖାଲିଥିବା ପଦବୀ ପୂରଣ, କୋଡିଏଟି ସ୍ମାର୍ଟ ଅଧ୍ୟାପନା କକ୍ଷ ସ୍ଥାପନ ଲାଗି ପ୍ରତିଶୃତି ଦେଇଛନ୍ତି। ବରିଷ୍ଠ ଅଧ୍ୟାପକ ଡ. ଶୁଭ୍ରାଂଶୁ ସୁନ୍ଦର ଦାସ, ଦେବରାଜ ନାୟକ, ଡ. ଗୀତା ପଟ୍ଟନାୟକ, ହରପ୍ରସାଦ ପତି, ସୁରେଶ ପାଇକରାୟ, ପ୍ରେମାନନ୍ଦ ରାଉତ, ବବିତା ମିଶ୍ର, ରୋନାଲି ନାୟକ ଡ. ପ୍ରୀତିସ ବେହେରା, ରିସ୍ ବିତା ଖୋସ୍ଲା, ଶ୍ରୀପତି ଗିରି, ସୁମିତ୍ରା ଗିରି, ପୁର୍ଣ୍ଣମା ଗିରି, ଦିଗେଶ୍?ରୀ ଶିଖା, ନିରଞ୍ଜନ ପୋଢ, ରୁଚିସ୍ମିତା ନାୟକ, ରବିନ ସିଂ, ପିଙ୍କି ଗୋଏଲ, ଆରତୀ ପ୍ରଧାନ, ଅମିତା ହୋତା, ଅସିତ ମିଶ୍ର, ଚିତ୍ତରଞ୍ଜନ ଦାସ, ଚନ୍ଦ୍ରଶେଖର ତାଡିଙ୍ଗି, ଜଳନ୍ଧର ତାଡିଙ୍ଗି, ବିଜୟଦାସ ପାଙ୍ଗି ପ୍ରମୁଖ ଏହି ପାରସ୍ପରିକ ଆଲୋଚନା ସଭାରେ ଉପସ୍ଥିତ ଥିଲେ।

# ରାସ୍ତା ମରାମତି ପାଇଁ ୬ ଖଣ୍ଡ ଗ୍ରାମବାସୀଙ୍କ ବିକ୍ଷୋଭ

ବୈପାରିଗୁଡ଼ା,୩୧।୮ (ସମିସ): ରାସ୍ତା ମରାମତି ପାଇଁ ରାସ୍ତାକୁ ଓହ୍ଲାଇଲେ ଗାଁ ଲୋକେ। ପ୍ଲା କାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କଲେ ୬ ଖଣ୍ଡ ଗ୍ରାମବାସୀ। ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ କେନ୍ଦୁଗୁଡା ପଞ୍ଚାୟତର ବ୍ରାହ୍ମଣଗୁଡାଠାରେ ଆଜି ଏଭଳି ଚିତ୍ର ଦେଖିବାକୁ ମିଳିଛି। ୧୨ ବର୍ଷ ତଳେ ନିର୍ମାଣ ହୋଇଥିବା ରାସ୍ତା ବର୍ତ୍ତମାନ ଖାଲଖମା ପୂର୍ଣ୍ଣ ହୋଇଛି। ବହୁବାର ପ୍ରଶାସନକୁ ଗୁହାରୀ କରିବା ସତ୍ତ୍ୱେ କେହି ବ୍ରାହ୍ମଣଗୁଡା ରାସ୍ତା ଉପରେ ଦୃଷ୍ଟି ଦେଇନଥିଲେ। ବହୁବାର ଜନଶୁଣାଣି ଶିବିରରେ ଅଭିଯୋଗ କରାଯାଇଥିଲା। ଏପରିକି ଜିଲ୍ଲାପାଳଙ୍କୁ ରାସ୍ତା ନିର୍ମାଣ ପାଇଁ ଦରଖାସ୍ତ ଦିଆଯାଇଥିଲା। କିନ୍ତୁ କୌଣସି ସୁଫଳ ମିଳି ନଥିଲା। ବ୍ରାହ୍ମଣଗୁଡ଼ା ରାସ୍ତା ଉପରେ ହୁଣ୍ଡିଭଟା, ମାଝିଗୁଡା, ମୁର୍ଜା, ମାଣିକଗୁଡା ଓ ଡୁରୁକାଗୁଡା ସମେତ କୁନ୍ଦୁରା ବ୍ଲକ୍‌ର କିଛି ଗ୍ରାମ ନିର୍ଭର କରିଥାନ୍ତି। ବର୍ଷା ଦିନେ ଏହି ରାସ୍ତାରେ ଆଣ୍ଠୁଏ ପାଣି ବୋହିବା ସହ କାଦୁଅମୟ ହୋଇଯାଏ। ବ୍ରାହ୍ମଣଗୁଡାରେ ଗୋଟିଏ ୫ଟି ସରକାରୀ ଉଚ୍ଚ ବିଦ୍ୟାଳୟ ସହିତ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଥିବାରୁ ୬ ଖଣ୍ଡ ଗ୍ରାମର ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଆସନ୍ତି। ବର୍ଷା ଦିନେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି ଛାତ୍ରଛାତ୍ରୀ। ତେଣୁ ଆଜି ସ୍କୁଲ ଛାତ୍ରଛାତ୍ରୀ ଏବଂ ୬ ଖଣ୍ଡ ଗ୍ରାମର ଗ୍ରାମବାସୀ ମିଶି ପ୍ଲାକାର୍ଡ ଧରି ରାସ୍ତା ମରାମତି ଦାବିରେ ନାରା ଦେଇ ଗ୍ରାମ ପରିକ୍ରମା କରିଥିଲେ। ଯଦି ଯଥାଶୀଘ୍ର ରାସ୍ତା ମରାମତି କରା ନ ଯାଏ ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ବ୍ରାହ୍ମଣଗୁଡ଼ା ସହ ୬ ଖଣ୍ଡ ଗ୍ରାମର ଗ୍ରାମବାସୀ।




# ଦାମନଯୋଡ଼ିରେ ରାଧାଷ୍ଟମୀ



ଦାମନଯୋଡ଼ି,୩୧।୮ (ସମିସ): ଶ୍ରୀରାଧାଙ୍କ ଜନ୍ମ ଉତ୍ସବ ତଥା ଶ୍ରୀରାଧାଷ୍ଟମୀ ଦାମନଯୋଡିର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ନାଲକୋ ଟାଉନ୍‌ସିପ ସେକ୍ଟର-୧ ଶ୍ରୀଜଗନ୍ନାଥ ମନ୍ଦିରରେ ସକାଳେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀତିକାନ୍ତି ପରେ ମନ୍ଦିର ପରିସରରେ ଥିବା ଶ୍ରୀ ରାଧାକୃଷ୍ଣଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ସେହିପରି ସେକ୍ଟର-୩ ମନ୍ଦିର, ମାଥାଲପୁଟ ସ୍ଥିତ ଶ୍ରୀରାଧାକୃଷ୍ଣଙ୍କ ମନ୍ଦିରରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ପୂଜାର୍ଚ୍ଚନା କରିବା ସହିତ ଭୋଗଲାଗି କରିଥିଲେ। ଶ୍ରୀରାଧାଙ୍କୁ ଶ୍ରଦ୍ଧାଳୁ ଶୃଙ୍ଗାର ଦ୍ରବ୍ୟ ସହିତ ସୁବାସିତ ପୁଷ୍ପ ପ୍ରଦାନ କରିଥିଲେ। ଅନେକ ଶ୍ରଦ୍ଧାଳୁ ଉପବାସ ବ୍ରତ ପାଳନ କରିଥିଲେ। ସେକ୍ଟର-୧ ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜକ ଅଜୟ କୁମାର ପଣ୍ଡା, ବିଜୟ କୁମାର ପଣ୍ଡା ଓ ଅମୀୟ କୁମାର ସାମନ୍ତରାୟ ପୂଜାନୀତି ସମ୍ପନ୍ନ କରିଥିଲେ। ସେକ୍ଟର- ୩ମନ୍ଦିରରେ ପୂଜକ ଅଭିମନ୍ୟୁ ପଣ୍ଡା ଓ ନୀଳାଚଳ ମହାପାତ୍ର ପୂଜାନୀତି କରିଥିଲେ। ସେହିପରି ମାଥାଲପୁଟ ସ୍ଥିତ ଶ୍ରୀରାଧାକୃଷ୍ଣଙ୍କ ମନ୍ଦିରରେ ପୂଜକ ପ୍ରତାପ ପଣ୍ଡା ଓ ପ୍ରଣୟ ଦେବତା ପୂଜାନୀତି କରିଥିଲେ।

### ■ ସରକାରୀ ବସ୍ କଣ୍ଡକ୍ଟରଙ୍କ ବଦାନ୍ୟତା

# ଯାତ୍ରୀଙ୍କୁ ଫେରାଇଲେ ଟଙ୍କା ଓ ସୁନା

ତେନ୍ତୁଲିଖୁଣ୍ଟି,୩୧।୮ (ସମିସ):



ଯାତ୍ରୀଙ୍କୁ ହଜି ଯାଇଥିବା ଟଙ୍କା ଓ ସୁନା ଥିବା ମନିପର୍ସ ଫେରାଇ ସଚ୍ଚୋଟତାର ପରିଚୟ ଦେବା ସହ ବଦାନ୍ୟତା ଦେଖାଇଛନ୍ତି ସରକାରୀ ବସ୍ କଣ୍ଡକ୍ଟର। ଭୁବନେଶ୍ୱରରୁ ଇନ୍ଦ୍ରାବତୀ ଚଳପ୍ରଚଳ କରୁଥିବା ଭଲ୍‌ଭୋ ବସ୍ କଣ୍ଡକ୍ଟର ଦେବରାଜ ପାଣିଗ୍ରାହି ଆଜି ଗାଡ଼ି ମଧ୍ୟରୁ ମିଳିଥିବା ୮ ହଜାର ଟଙ୍କା ଓ ସୁନା ଗହଣା ଥିବା ମନିପର୍ସ ବସ୍ ରହଣୀ କରୁଥିବା ବରାଳ ଭବନ ମାଲିକ ତଥା ସମାଜସେବୀ ସାଧୁ ସୁଦନ ବରାଳଙ୍କ ଜିମା ଦେଇଥିଲେ। ତେବେ ଭୁବନେଶ୍ୱରରୁ ଆସି ଇନ୍ଦ୍ରାବତୀରେ ପହଞ୍ଚିଥିବା ଗଣମାଧ୍ୟମ ପ୍ରତିନିଧି ପୃଥ୍ୱିରାଜ ପାଇକରାୟ ହଜିଥିବା ମନିପର୍ସ ସଂପର୍କରେ ଖୋଜା ଖୋଜି କରି ନ ପାଇ ବ୍ୟସ୍ତ ହୋଇଥିଲେ। ସଂପୃକ୍ତ ବସ୍ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରସ୍ତୁତ ହେଉଥିବା ସମୟରେ ବସ୍ ନିକଟରେ ପହଞ୍ଚି କଣ୍ଡକ୍ଟର ଶ୍ରୀ ପାଣିଗ୍ରାହୀ, ବସ୍ ଚାଳକ ସନାତନ ମୁଦୁଲି ଓ କାହ୍ନୁ ଚରଣ ପାଢ଼ୀଙ୍କ ଉପସ୍ଥିତିରେ ସମାଜସେବୀ ସାଧୁ ସୁଦନ ବରାଳଙ୍କ ଠାରୁ ଫେରି ପାଇବା ସହ କୃତଜ୍ଞତା ଜ୍ଞାପନ କରିଥିଲେ। ସରକାରୀ ବସ୍ କଣ୍ଡକ୍ଟର ଓ ଚାଳକ ନିଜ ସାଧୁତାର ପରିଚୟ ଦେବା ସହ ଅନ୍ୟ ପାଇଁ ପ୍ରେରଣା ହୋଇଛନ୍ତି। ତାଙ୍କର ଏହିଭଳି ସଚ୍ଚୋଟତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

### ● ବୋରିଗୁମ୍ମା ଏନ୍‌ଏସି ଘୋଷିତ

# କଂଗ୍ରେସ ଭବନ ସମ୍ମୁଖରେ ଉତ୍ସବ ପାଳିଲେ ନେତା



ଜୟପୁର,୩୧।୮ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ୭ଟି ସହରର ଏନ୍‌ଏସିକୁ ଅପଗ୍ରେଡ କରାଯାଇ ପୌରସଂସ୍ଥା ଏବଂ ନୂତନ ଭାବେ ୧୬ଟି ଏନଏସି ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ସଂଧାରେ ଜୟପୁର ସହରର ଜିଲ୍ଲା କଂଗ୍ରେସ ଭବନ ସମ୍ମୁଖରେ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଉପସ୍ଥିତରେ କଂଗ୍ରେସ ନେତା ଓ କର୍ମୀମାନେ ରାସ୍ତାରେ ବାଣ ଫୁଟାଇ ଏବଂ ମିଷ୍ଟାନ୍ନ ବଣ୍ଟନ କରିବା ସହ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ବିଧାୟକ ଶ୍ରୀ ବାହିନୀପତି ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏହା ବୋରିଗୁମ୍ମାବାସୀଙ୍କ ଆନ୍ଦୋଳନ ଏବଂ ଦାବିର ବିଜୟ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଶଶିଭୁଷଣ ପାତ୍ର, ପୂର୍ବତନ ବିଧାୟକ ନିମାଇଁ ସରକାର, ଜୟପୁର ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି, ସାଂସଦ ପ୍ରତିନିଧି ହାସାନ ମଦାନୀ, ରୂପକ ତୁରୁକ, ନିହରା ବିଶୋୟୀ, ସୁକାନ୍ତ ପଟ୍ଟନାୟକ, ଗଙ୍ଗାଧର ସାହୁ, ରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ନୂତନ ଭାବେ ଏନଏସି ଘୋଷଣା କରାଯାଇଥିଲେ ସୁଦ୍ଧା ଦୀର୍ଘଦିନରେ ଦାବି କରାଯାଉଥିବା ଏବଂ ଗତ ରାଜ୍ୟସରକାରଙ୍କ ପକ୍ଷରୁ କୋରାପୁଟ ଜିଲ୍ଲା ବୋରିଗୁମ୍ମା ସହରକୁ ଏନଏସି ଘୋଷଣା କରାଯାଇଥିଲେ ସୁଦ୍ଧା ବର୍ତ୍ତମାନ ସରକାର ଏହାକୁ କାର୍ଯ୍ୟକାରୀ କରିନଥିଲେ। ତେଣୁ ଗତ ସପ୍ତାହ ପୂର୍ବେ ବୋରିଗୁମ୍ମା ବାସୀଙ୍କ ପକ୍ଷରୁ ୧୨ ଘଣ୍ଟିଆ ବୋରିଗୁମ୍ମା ବନ୍ଦ କରାଯାଇଥିଲେ। ତୁରନ୍ତ ବୋରିଗୁମ୍ମାକୁ ଏନଏସି ଘୋଷଣା କରିବା ନେଇ ବିଜେଡି ଏବଂ କଂଗ୍ରେସ ଦଳ ପକ୍ଷରୁ ଦାବି କରାଯାଇଥିଲା।

# ପୂର୍ବତନ ପୌର କାଉନସିଲର, ଅଧକ୍ଷ ଓ ଉପାଧ୍ୟକ୍ଷଙ୍କ ବୈଠକ

## ଜୟପୁର ସହରକୁ ମହାନଗର ନିଗମ କରିବାକୁ ଦାବି

ଜୟପୁର,୩୧।୮ (ସମିସ):




ଜୟପୁର ସହରର ଏକ ଘରୋଇ ହୋଟେଲର ସମ୍ମିଳନୀ କକ୍ଷଠାରେ ପୂର୍ବତନ କାଉନସିଲର, ଅଧକ୍ଷ ଏବଂ ଉପାଧ୍ୟକ୍ଷକଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ପୂର୍ବତନ କାଉନସିଲର ବାଲା ରାୟଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ ଜୟପୁର ପୌରସଂସ୍ଥାର ବିଷୟକୁ ନେଇ ଆଲୋଚନା ହୋଇଥିଲା। ଜୟପୁର ସହରର ଦ୍ରୁତଗତି ବୃଦ୍ଧି ପାଉଥିବା ଯୋଗୁଁ ଏହାର ଚାରିଦିଗରେ ରହିଥିବା ଆଖପାଖ ଗ୍ରାମାଞ୍ଚଳ ସହର ସହିତ ମିଶି ଯାଇଥିବା ଯୋଗୁଁ ଏହା ଅଞ୍ଚଳକୁ ପୌରାଞ୍ଚଳର ଅଧୀନକୁ ନେଇ ଆୟତନ ଏବଂ ଜନସଂଖ୍ୟା ଅନୁଯାୟୀ ମହାନଗର ନିଗମରେ ପରିଣତ କରିବାକୁ ବୈଠକରେ ସମସ୍ତ ଉପସ୍ଥିତ ପୂର୍ବତନ କାଉନସିଲର, ଅଧକ୍ଷ ଏବଂ ଉପାଧ୍ୟକ୍ଷମାନେ ମିଳିତ ଭାବେ ଦାବି କରିଥିଲେ। ସେହିପରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହରୀ ବିକାଶ ଯୋଜନା ପୌରାଞ୍ଚଳରେ କାର୍ଯ୍ୟକାରୀ ଏବଂ ସଫଳତାକୁ ନେଇ ସମସ୍ତେ ଗୁରତ୍ୱ ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତେ ଦଳବଳ ନିର୍ବିଶେଷରେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୌର ଅଧକ୍ଷ ରବିନାରାୟଣ ନନ୍ଦ, ଆର୍ ପଦ୍ମା, ପୂର୍ବତନ ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ, କେ. ପ୍ରସାଦ ରାଓ ପଟ୍ଟନାୟକ, ଦୁର୍ଗା ପ୍ରସାଦ ଶର୍ମା, ଅତିରିକ୍ତ ଉପଧ୍ୟକ୍ଷା ପଦ୍ମିନୀ ଦାଶ, ପୂର୍ବତନ କାଉନସିଲର ବିନୋଦ ମହାପାତ୍ର, ଉମାଚରଣ ମହାପାତ୍ର, ଆନନ୍ଦ ମହାପାତ୍ର, ନିହାର ବିଶୋୟୀ, ଦୁର୍ଗା ପ୍ରସାଦ ମିଶ୍ର, କୃଷ୍ଣ ଚନ୍ଦ୍ର ହୋତା, ବିନ୍ଦୁରାଣି ମିଶ୍ର, ଏ.ଶ୍ରୀନିବାସ ରାଓ, ଗଣେଷ ପାଢୀ, ରାମ ପ୍ରସାଦ ପଣ୍ଡା, ପ୍ରମୋଦ ମାଝି, ୱାଇ. ଏସ୍ ଖାନ୍ନା, ଶଶି ପଟ୍ଟନାୟକ, ରାଧାମୋହନ ଗୌଡ, ଶିବ ପ୍ରସଦ ପାଢୀ, ଆଶୁତୋଷ ସାନ୍ତାପାତ୍ର, ହରିହର ମଲ୍ଲିକ, ମାମି ପାଢୀ, କାଳୀ ପ୍ରସାଦ, ଜି. କ୍ରୀଷ୍ଣା ପ୍ରଫୁଲ୍ଲ ଭତ୍ରା, ପଦ୍ମନ ହରିଜନ ପ୍ରମୁଖଙ୍କ ସମେତ ୬୦ ଜଣ ପୂର୍ବତନ କାଉନସିଲର ଉପସ୍ଥିତ ଥିଲେ। ସେହିପରି ଏହି ଅବସରରେ ବର୍ତ୍ତମାନର ଅଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି.ସୁନିତା ଓ ଅନ୍ୟାନ୍ୟ କାଉନସିଲରମାନେ ଉପସ୍ଥିତ ଥିଲେ।

# 'ସୁନାବେଡ଼ାକୁ ଶ୍ରେଷ୍ଠ ପୌରାଞ୍ଚଳ ଭାବେ ଗଢ଼ି ତୋଳିବାକୁ ଆହ୍ୱାନ'

ସୁନାବେଡ଼ା,୩୧।୮ (ସମିସ):



ସୁନାବେଡ଼ାରେ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ସହରାଞ୍ଚଳର ବିକାଶ ନେଇ ମୋହନ ମାଝି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ସୁନାବେଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷା ଉଷାରାଣୀ ଦାସ ଯୋଗଦେଇ ଆମ ଦେଶର ସ୍ୱାୟତ୍ତ ଶାସନର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ଡଃ ରାଜେନ୍ଦ୍ର କୁମାର ପାତ୍ର, ଉପାଧ୍ୟକ୍ଷା ରତ୍ନ କଣ୍ଟା, ସାଂସଦଙ୍କ ପ୍ରତିନିଧି ପ୍ରଶାନ୍ତ କର, ପୂର୍ବତନ ଜିଲ୍ଲା ବିଜେପି ସଭାପତି ସୁମନ୍ତ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଜିତ୍ କୁମାର ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁନାବେଡାକୁ ସ୍ୱଚ୍ଛ, ସୁନ୍ଦର ଓ ଶ୍ରେଷ୍ଠ ପୌରାଞ୍ଚଳ ଭାବେ ପ୍ରତିପାଦିତ କରିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ପାରିଷଦ ରବୀନ୍ଦ୍ର ପ୍ରଧାନ, ମମତା ରାୟ ଏବଂ ମିନତୀ ମିଶ୍ର ନିଜ ବକ୍ତବ୍ୟରେ ସୁନାବେଡ଼ା ପୌରାଞ୍ଚଳରେ କରାଯାଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ, ବିଚାରକ ଏବଂ କ୍ରୀଡ଼ା, ସମାଜସେବା ଓ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଥିବା ବ୍ୟକ୍ତି ମାନଙ୍କୁ ପୁରସ୍କୃତ ତଥା ସମ୍ମାନୀତ କରିବା ସହ ଏଚ୍ଏସସି ଏବଂ ସିବିଏସ୍ସି ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଶ୍ରୀଧର ପରିଡ଼ା ଏବଂ ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତ କାଉନସିଲର, କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ।

## ସ୍ୱାୟତ୍ତ ଶାସନ ଦିବସ

# କୋରାପୁଟ ପୌର ପରିଷଦ ପକ୍ଷରୁ ଶୋଭାଯାତ୍ରା




କୋରାପୁଟ,୩୧।୮ (ସମିସ): କୋରାପୁଟ ପୌର ପରିଷଦ ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସକାଳେ କୋରାପୁଟ ସହରରେ ସ୍ଥାପିତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ କୋରାପୁଟ ପୌର ପରିଷଦର ଉପାଧ୍ୟକ୍ଷା ସବିତା ପଣ୍ଡାଙ୍କ ସହ କାଉନସିଲରମାନେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ ପରିଷଦ କାର୍ଯ୍ୟାଳୟ ପରିସରରେ ଉପାଧ୍ୟକ୍ଷା ସବିତା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର, କାଉନସିଲର ବୃନ୍ଦ ଏବଂ କାର୍ଯ୍ୟାଳୟର କର୍ମଚାରୀଙ୍କ ସହିତ ସ୍କୁଲର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ କୋରାପୁଟ ଟାଉନହଲଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କୋରାପୁଟ ପୌର ପରିଷଦର ଉପାଧ୍ୟକ୍ଷା ସବିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ କାଉନସିଲର ମଧୁସୂଦନ ମାଝୀ, ବି.ମାଲେଶ୍ୱର୍ ରାଓ, ପଦ୍ମା ମୁଦୁଲି, କମଳା ନାୟକ, ରବି ପରଜା, ପ୍ରଫୁଲ୍ଲ କୁମାର ମହାପାତ୍ର, କୃଷ୍ଣ ଖେମୁଣ୍ଡୁ, ଚନ୍ଦ୍ରପ୍ରଭା ହିଆଲ, ସୁଭଦ୍ରା ମୁଦୁଲି, ରଶ୍ମିତା କୁମାରୀ ନାୟକ, ଲେହା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଏବଂ କାଉନସିଲରମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭା କାର୍ଯ୍ୟ ଶେଷ ହେବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୋରାପୁଟ ପୌର ପରିଷଦର ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର ଯୋଗଦେଇ ପରିଚାଳନା କରିଥିଲେ। ନନ୍ଦପୁର ଅଧାପକ ରବି ଶତପଥି ମଞ୍ଚ ପରିଚାଳନା କରିଥିଲେ। କନିଷ୍ଠ ଯନ୍ତ୍ରୀ ନର୍ମଦା ସାହୁ, କାର୍ଯ୍ୟାଳୟର ସିମାଞ୍ଚଳ ପଢ଼ିହାରୀ, ମୂର୍ତ୍ତୀ ପଟ୍ଟନାୟକ, ଉମେଶ ବେହେରା, ଅକ୍ଷୟ ଡାକୁଆଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# 'ନବରଙ୍ଗପୁରକୁ ସବୁଜ ସୁନ୍ଦର ଭାବେ ଗଢ଼ି ତୋଳିବାକୁ ଆହ୍ୱାନ'




ନବରଙ୍ଗପୁର,୩୧।୮ (ସମିସ): ନବରଙ୍ଗପୁର ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ମହାଆଡମ୍ବର ପାଳିତ ହୋଇଯାଇଛି। ଅଧ୍ୟକ୍ଷ କୁନୁ ନାୟକ ଓ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣଙ୍କ ସମେତ ପାରିଷଦ ବୃନ୍ଦ ସକାଳେ ସହର ସ୍ଥିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରେ ଅଧ୍ୟକ୍ଷଙ୍କ ଦ୍ୱାରା ପୌର କାର୍ଯ୍ୟାଳୟଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବହୁମୁଖୀ ହଲ୍ ପ୍ରକଳ୍ପ ଉଦ୍‌ଘାଟନ ଓ ବିଭିନ୍ନ ଯୋଜନାର ଲୋକାର୍ପଣ ଉତ୍ସବ ଏଲଇଡି ମାଧ୍ୟମରେ ସିଧାପ୍ରସାରଣ କରାଯାଇଥିଲା। ପୌର ଅଧ୍ୟକ୍ଷ କୁନୁ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ମୁଖ୍ୟବ୍ୟକ୍ତା ବିଜୟ କୁମାର ମିଶ୍ର ଓ ପୌର ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର ପ୍ରମୁଖ ମଞ୍ଚାସିନ ହୋଇଥିଲେ। ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିମାନେ ପୌର ପାଳିକାର ସଫେଇ କାର୍ଯ୍ୟ, ଆଲୋକୀକରଣ, ପାନୀୟ ଜଳ ପ୍ରତି ପୌର ପାଳିକା ପକ୍ଷରୁ ଗୁରୁତ୍ୱ ଦେବା ସହ ନବରଙ୍ଗପୁର ସହରକୁ ଏକ ସୁନ୍ଦର ସବୁଜ ସହର ଗଢ଼ି ତାଳିବାରେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେରେ ବିଧାୟକ ଗୌରୀ ଶଙ୍କର ମାଝି, ଅଧ୍ୟକ୍ଷ କୁନୁ ନାୟକ, ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ଓ ସମସ୍ତ ପାରିଷଦ ବୃନ୍ଦ ଉପସ୍ଥିତିରେ ନବରଙ୍ଗପୁର ପୌରପାଳିକା ଦୁଇଟି କଲ୍ୟାଣ ମଣ୍ଡପ, ୧୪, ୧୫ ଓ ୧୬ ନମ୍ବର ୱାର୍ଡର ପାର୍କ, ଫେବେର ରୋଡ ଓ ଶୌଚାଳୟର ଶୁଭ ଉଦ୍‌ଘାଟନ ଓ ଲୋକାର୍ପଣ କରାଯାଇଥିଲା। ସ୍ୱାୟତ୍ତ ଶାସନ ଅବସରରେ ପାରିଷଦ ବୃନ୍ଦ ଓ ପୌର କର୍ମଚାରୀଙ୍କ ମଧ୍ୟରେ କ୍ରିକେଟ ଓ ଭଲି ବଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଭୟ ପ୍ରତିଯୋଗିତାରେ ପାରିଷଦ ବୃନ୍ଦ ବିଜୟୀ ହୋଇଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଦଳ ଓ ମହିଳା ପାରିଷଦ, ସ୍ୱଚ୍ଛ ସାଥି, ସ୍ୱଚ୍ଛ କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଟ୍ରଫି ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଓ ସଫେଇ କାର୍ଯ୍ୟ ପାଇଁ ଜଣେ ମହିଳା, ଜଣେ ପୁରୁଷ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସ୍ୱାୟତ୍ତ ଶାସନ ଅବସରରେ ପାରିଷଦ ବୃନ୍ଦ ଓ ପୌର କର୍ମଚାରୀମାନଙ୍କ ମଧ୍ୟରେ ଭଲି ଭଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସେହିପରି ମହିଳା ପାରିଷଦ ବୃନ୍ଦ ଓ ମହିଳା କର୍ମଚାରୀ ସ୍ୱଚ୍ଛ ସାଥିମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ଲେମନ ସ୍ପୁନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଦଳ ଗୁଡିକୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଏ. ସତୀଶ, ପି. କେଶବ ରାଜୁ, ନଗେନ୍ଦ୍ର ପଟ୍ଟନାୟକ, ସମେଶ ଖରା, ଅମିତ ପ୍ରଧାନ, ମମତା ମହାରଣା, ସନ୍ତୋଷୀ ଜାନି, ଗୀତାଞ୍ଜଳି ଯାଦବ, ରାଜେଶ୍ୱରୀ, ପି. ଉଷାରାଣୀ , ମୁରୁଳି କ୍ରିଷ୍ଣା, ପୁନାମ ସାହୁ, ଅଲେଖ ସୌରା, ରଂଜିତା ପଣ୍ଡା, ପୁରୁଷୋତ୍ତମ ହରିଜନ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୌରପାଳିକାର ଜ୍ୟୋତି ପାରିଚ୍ଛା ପରିଚାଳନା କରିଥିବା ବେଳେ ରାମ ଶଙ୍କର ଦାସ, ସାନୁ ପ୍ରହରାଜ, ଟୁନା ଦାଶ, ରାଜେଶ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

# ପୂର୍ବତନ ଅଧ୍ୟକ୍ଷ ଓ କାଉନସିଲର ସମ୍ବର୍ଦ୍ଧିତ

ଉମରକୋଟ, ୩୧।୮ (ସମିସ):



ନବରଙ୍ଗପୁର ଜିଲ୍ଲାର ଉମରକୋଟ ପୌରପରିଷଦ ପକ୍ଷରୁ ଆଜି ସ୍ୱାୟତ୍ତ ଶାସନ ଦିବସ ମହା ଆଡମ୍ବର ରେ ପାଳିତ ହୋଇଛି। ଭୋରୁ ପରିଷଦର କର୍ମଚାରୀମାନେ ସହରରେ ରାମ ଧୂନ ସଙ୍ଗୀତ ବଜେଇ ସହର ପରିକ୍ରମା କରିଥିଲେ। ପରେ ପୌରଅଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ,୧୪ଟି ୱାର୍ଡର କାଉନସିଲର ଓ ଅନ୍ୟ କର୍ମଚାରୀମାନେ ସହରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଗୁଡିକରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ କାର୍ଯ୍ୟାଳୟ ପରିସରରେ ଜାତୀୟ ପତକାକୁ ପୌରଧକ୍ଷା ରାଧା ଭତ୍ରା ଉତ୍ତୋଳନ କରିଥିଲେ। ଏହାପରେ ରାମ ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଭାଷଣକୁ ଟିଭି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଏମ୍ପି ପ୍ରତିନିଧି ରାମ ନାୟକ, ସମସ୍ତ ୧୪ ୱାଡର୍ର କାଉନସିଲର, ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ପ୍ରମୁଖ ଉପସ୍ଥିତ ରହି ଆଜିର ଦିବସର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରିଥିଲେ। ଇଂଜିନିୟର ଚନ୍ଦନା ମଲିକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୌନ ବନେଗା କୋରଡପତିରେ ଅଂଶ ଗ୍ରହଣ କରି ସମଗ୍ର ଓଡ଼ିଶାରେ ଚହଳ ସୃଷ୍ଟି କରିଥିବା ଓଡ଼ିଆ ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଶାଶ୍ୱତ କୁମାର ପଟ୍ଟନାୟକଙ୍କୁ ପୌର ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସହର ଗଠନ ସହ ଉମରକୋଟର ବିକାଶ କ୍ଷେତ୍ରରେ ପୂର୍ବତନ ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଓ ପୂର୍ବତନ ସମସ୍ତ କାଉନସିଲରମାନଙ୍କ ଅବଦାନ ରହିଥିବାରୁ ଉପସ୍ଥିତ ରହିଥିବା ସମସ୍ତ ପୂର୍ବତନ ଅଧ୍ୟକ୍ଷ, କାଉନସିଲରମାନଙ୍କୁ ଫୁଲତୋଡ଼ା ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥି ସହ ୩୦ ତାରିଖ ଦିନ ଉମରକୋଟ ସହରରେ ଥିବା ସମସ୍ତ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିସହ ଆଜି ସଭା ମଞ୍ଚରେ କିଛି ସ୍କୁଲର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେମାନଙ୍କୁ ମଧ୍ୟ ପୌରପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ।

# ଗୋଶାଳା ସହ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଜୟପୁର,୩୧।୮ (ସମିସ):



ଜୟପୁର ପୌରପାଳିକା ପକ୍ଷରୁ ରବିବାର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ମହାଡମ୍ବରରେ ପାଳନ କରାଯାଇଛି। ପୂର୍ବାହ୍ନରେ ଜୟପୁର ପୌରସଂସ୍ଥା କାର୍ଯ୍ୟାଳୟ ଠାରେ ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ଜାତୀୟ ପତକା ଉତ୍ତୋଳନ କରିଥିଲେ ଏବଂ ଉପସ୍ଥିତ ଛାତ୍ରଛାତ୍ରୀମାନେ ଜାତୀୟ ସଂଗୀତ ଗାନ କରିଥିଲେ। ଏହି ଅବସରରେ ପୌରାଧକ୍ଷ ଶ୍ରୀ ମହାନ୍ତି ନିଜ ବକ୍ତବ୍ୟରେ ପୌରସଂସ୍ଥାର ବିଭିନ୍ନ ସଫଳତାକୁ ନେଇ ବକ୍ତବ୍ୟରେ ପ୍ରକାଶ କରିବା ସହ ଆଗାମୀ ଦିନରେ ପୌରସଂସ୍ଥା ପକ୍ଷରୁ ଅନ୍ୟାନ୍ୟ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜନସାଧାରଣଙ୍କ ଠାରୁ ଆରମ୍ଭ କରି ନିର୍ବାଚିତ ପ୍ରତିନିଧି, ପରିମଳ ବ୍ୟବସ୍ଥାର ମେରୁଦଣ୍ଡ ସଫେଇ କର୍ମଚାରୀଙ୍କ ଅବଦାନକୁ ପ୍ରଶଂସା କରିବା ସହ ସମସ୍ତ ଜୟପୁରବାସୀଙ୍କ ସହଯୋଗ କାମନା କରିଥିଲେ। ପ୍ରଥମେ କୋଭିଡ ଚିକିତ୍ସାଳୟ ସମ୍ମୁଖରେ ସ୍ୱାଧିନତା ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସହରର ଅନ୍ୟାନ୍ୟ ସ୍ଥାନରେ ରହିଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୌର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଶଶ୍ୟା ରେଡ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷା ବି.ସୁନିତା, ସମସ୍ତ କାଉନସିଲର, ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସଫେଇ କର୍ମଚାରୀଙ୍କୁ ପୋଷାକ ବଣ୍ଟନ ଏବଂ ମଧ୍ୟାହ୍ନରେ ଟାଉନହଲ ଠାରେ ସଫେଇ କର୍ମଚାରୀମାନଙ୍କୁ ବଡା ଖାନା ମାଧ୍ୟମରେ ମାଗଣା ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା। ଏହିପରି ସ୍ଥାନୀୟ ବାବା ସାହେବ କଲ୍ୟାଣ ମଣ୍ଡପ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଭୁବନେଶ୍ୱର ଠାରୁ ଭର୍ଚୁଆଲ ମାଧ୍ୟମରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା। ସନ୍ଧ୍ୟାରେ ବାବାସାହେବ କଲ୍ୟାଣ ମଣ୍ଡପ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଉଲ୍ଲେଖନୀୟ ଅବଦାନ ଲାଗି ପୌରକର୍ମଚାରୀଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ସୁନାନଗର(କୁନ୍ତରଖାଲ) ରେ ନିର୍ମିତ ଗୋଶାଳା ଉଦ୍‌ଘାଟିତ ହେବା ସହ ଦ୍ୱିତୀୟ ଦୈନିକ ବଜାର ଭେଣ୍ଡି ଜୋନ, ମେଘମାଳ ଟୋଟା ପାର୍କ, ମକାପୁଟଠାରେ ଥିବା ଏଫଏସଟି ପ୍ଲାଣ୍ଟର ନୂତନ ଗୃହର ଉଦ୍‌ଘାଟନ କରାଯାଇଥିଲା। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନୀପତି, ଉପଜିଲ୍ଲାପାଳ ତଥା ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଏ.ସସ୍ୟାରେଡ୍ଡୀ, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତି ରାଉତ, ପୌରାଧକ୍ଷ ଶ୍ରୀ ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତାଙ୍କ ସମେତ କାଉନସିଲର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଦୁର୍ଗାପୂଜା କମିଟି ପକ୍ଷରୁ ମାଟି ଅନୁକୂଳ

ଗୁଡାରୀ,୩୧।୮ (ସମିସ): ଗୁଡାରୀ ପବିତ୍ର ରାଧା ଅଷ୍ଟମୀ ଅବସରରେ ଗୁଡାରୀ ଦୁର୍ଗାପୂଜା କମିଟି ତରଫରୁ ମାଟି ପୂଜା ତଥା ମାଟି ଅନୁକୂଳ ହୋଇଯାଇଛି। ପ୍ରଥମେ ଦୁର୍ଗା ମଣ୍ଡପ ଠାରୁ କର୍ତ୍ତା କେଦାର ସାହୁ ଚାଙ୍ଗୁଡ଼ାରେ ମା'ଙ୍କ ସମସ୍ତ ପୂଜା ସାମଗ୍ରୀ ନେଇ ମା' ଭଣ୍ଡାର ଘରଣୀଠାରେ ପହଞ୍ଚିଥିଲେ। ସେଠାରେ ପୂଜକ ସମସ୍ତ ପୂଜା ପାଠ ଶେଷ କରିବା ପରେ ବଂଶଧାରା ନଦୀ ତଟରେ ମା' ଦୁର୍ଗାଙ୍କ ମୂର୍ତ୍ତି ନିମନ୍ତେ ପୂଜାପାଠ କରି ଚାଙ୍ଗୁଡିରେ ମାଟି ଅଣାଯାଇଥିଲା। ସଭାପତି ସନ୍ତୋଷ ମହାନ୍ତି ଅଳ୍ପ ଦିନରେ ମୂର୍ତ୍ତି କାମ ଆରମ୍ଭ ହେବ, ଏହି ବର୍ଷ ମିନାବଜାର ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

AISECT

## RECRUITMENT OF VOCATIONAL TRAINERS & COORDINATORS

Applications are invited from eligible candidates for Implementing Vocational Education in Government Schools of Odisha under CSS-VHSE Samagra Shiksha. Terms of engagement is Contractual and Institutional positions. Candidates should be domicile of Odisha and must read & write Odia. **Gross Salary: Rs. 20,000/- per month. Age Limit: 18-45 years (As on 01/01/2025)** as per Govt. Rules. **Last Date of Application: 07.09.2025 (5:00 pm)**

Online Application Link https://www.aisect.org/Odisha-VT-VCrecruitment2025

Vocational Trainers' Qualifications & Experience:

| Sector | Districts | QUALIFICATIONS & EXPERIENCE |
|---|---|---|
| AGRICULTURE | Deogarh, Koraput, Kandhamal, Mayurbhanj & Kalahandi | Post-graduation in Horticulture from a recognized Institute/University, with at least 1 year work/teaching experience |
| TOURISM & HOSPITALITY | Deogarh, Koraput, Kandhamal, Mayurbhanj & Kalahandi | Diploma/Degree in Hotel Management from a recognized Institute/University, with at least 5 years work/teaching experience in Food and Beverage service including one year as supervisory capacity in a classified Hotel or Facility Management Company |
| APPAREL | Jharsuguda | Post-graduation in Textile and Clothing or Relevant area from a recognized Institute / University, with at least 1 year work/teaching experience in Textile and clothing. |
| BEAUTY & WELLNESS | Jharsuguda | Diploma in Cosmetology/Beauty Therapy/ Beauty Culture from a recognized Institution Minimum 1 year working experience in the profession. |
| IT/ITES | Deogarh, Jharsuguda & Kalahandi | Diploma in Computer Science/ Information Technology OR Bachelor Degree in Computer Application/ Science/ Information Technology (BCA, B. Sc. Computer Science/Information Technology) OR Graduate with PGDCA OR DOEACC A or B Level Certificate |
| RETAIL | Jharsuguda & Mayurbhanj | Graduate or Diploma in Retail Management, P.G. Diploma in Marketing with at least 50% marks and 1 year teaching/work experience. Preference will be given to higher education with MBA (Retail Marketing) and PG Diploma in Retail Management. |
| AUTOMOTIVE | Deogarh, Jharsuguda & Kandhamal | Degree in Automobile Engineering /Mechanical Engineering from a recognized Institute /University, with at least 1 year work / teaching experience. Diploma in Automobile Engineering /Mechanical Engineering from a recognized Institute /University, with at least 3 year work/teaching experience or B.VOC in Automotive Engg.from the recogined Institute. |
| ELECTRONICS | Deogarh & Jharsuguda | B.E./B.Tech. in Electrical/Electronics/Telecommunication with 1 year experience in the relevant field. Or Diploma in Electrical/ Electronics/ Electronics/ Telecommunication from recognized board of technical education with 2 years experience in relevant field. |

**VOCATIONAL COORDINATOR: QUALIFICATION & EXPERIENCE :** Minimum 03 years of work experience post qualification of professional degree (Masters Degree) in related any one of above Domains(Sectors)/Rural Development/Management/MSW/Sociology. Preference should be given to exposure of Candidate on skill & entrepreneurship Development / Education Sector having requisite qualification.

**DISTRICTs OF POSTING:** Kalahandi, Koraput, Kandhamal, Mayurbhanj, Deogarh & Jharsuguda. **Gross Salary : Rs.30,000/- PM**

**NOTE:** Candidates shortlisted on the basis of details filled ONLINE will have to go through On Line Test followed by an Interview. Existing VT & VC will be given priority as per the Dept. Guidelines. Selected candidate will be asked to join within short notice of one week.

This is not a government job. Positions are purely contractual. Please do not use any unfair means. Apply fairly.

To Apply, Scan The QR Code

8260186138
Call Between 10:00 AM To 06:00 PM

# କୁଇ ସମାଜର ପକ୍ଷରୁ ଚିନ୍ମୟୀଙ୍କୁ ସମ୍ବର୍ଦ୍ଧନା



କାକିରିଗୁମ୍ମା, ୩୧।୮ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର କୁଇ ସମାଜ ତରଫରୁ ଡାକ୍ତର ପାଠ ପଢ଼ିବା ପାଇଁ ଚଳିତ ବର୍ଷ ଯୋଗ୍ୟ ବିବେଚିତ ହୋଇଥିବା ଚିନ୍ମୟୀ ସାଉଁନ୍ତାଙ୍କୁ ତାଙ୍କ ଘରେ ସମ୍ବଦ୍ଧିତ କରାଯାଇଛି। କୁଇ ସମାଜର ଜିଲ୍ଲା ଉପସଭାପତି ନିରଂଜନ ଜାନୀ, ଲକ୍ଷ୍ମୀପୁର ବ୍ଲକ୍ର କୁଇ ସମାଜର ସଭାପତି ରୁଦ୍ର ସାଉଁନ୍ତା, ଉପସଭାପତି ବସନ୍ତ ମିଣିଆକା, ସାଧାରଣ ସମ୍ପାଦକ ଶ୍ରୀଧର ଜାନି, କୋଷାଧ୍ୟକ୍ଷ ରାମଚନ୍ଦ୍ର ଜାନୀ, ଉପଦେଷ୍ଟା ଶଙ୍କର ସାଉଁନ୍ତା, ସମାଜର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଏହି ସମୟରେ ଉପସ୍ଥିତ ଥିଲେ। ଏହି ଅଞ୍ଚଳର ପ୍ରଥମ ଥର ପାଇଁ ଚିନ୍ମୟୀ ସାଉଁନ୍ତା ଡକ୍ଟର ପାଠ ପଢ଼ିବା ପାଇଁ ଚିଳତ ବର୍ଷ ଯୋଗ୍ୟ ବିବେଚିତ ହେଇଥିବାରୁ ଅଞ୍ଚଳବାସୀଙ୍କ ତରଫରୁ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଚିନ୍ମୟୀ ସାଉଁନ୍ତା କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଛଣାବାଡ଼ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝୋଡିପାଇ ଗ୍ରାମର ଗୋପାଳ ସାଉଁନ୍ତାଙ୍କ ଝିଅ। ସେ ଜାତୀୟସ୍ତରୀୟ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରାଜ୍ୟସ୍ତରରେ ୧୧୬ ନମ୍ବରରେ ରହି ସହିଦ୍ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ କୋରାପୁଟଠାରେ ଡାକ୍ତରୀ ପାଠ ପଢିବା ପାଇଁ ଚଳିତ ବର୍ଷ ଯୋଗ୍ୟ ବିବେଚିତ ହୋଇଛନ୍ତି। ଚିନ୍ମୟୀ ସାଉଁନ୍ତାଙ୍କ ପିତା ଗୋପାଳ ସାଉଁନ୍ତା ଜଣେ ଶିକ୍ଷକ ଦଶମନ୍ତପୁର ବ୍ଲକର ଛଣାବାଡ଼ ପଞ୍ଚାୟତର ଗୌଡ ରାମଜୀ ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ କାର୍ଯ୍ୟରତ ଥିବା ଜଣାପଡ଼ିଛି।

# ମଧୁବୈଶ୍ୟ ସମାଜ ଗଠିତ



ଗୁଣୁପୁର,୩୧।୮ (ସମିସ): ସ୍ଥାନୀୟ ଅଞ୍ଚଳରେ ଥିବା ମିଠା କାରିଗର ବା ଗୁଡିଆ ସଂପ୍ରଦାୟର ଶତାଧିକ ପରିବାରକୁ ନେଇ ଆଜି ଏକ ମଧୁବୈଶ୍ୟ ସଂଘ ଗଠିତ ହୋଇଯାଇଛି। ଏହି ନବଗଠିତ ସଂଘର ସଭାପତି ଭାବେ ପୁର୍ଣ୍ଣଚନ୍ଦ୍ର ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ସାହୁ, ସହ ସମ୍ପାଦକ ଭାବେ ବନମାଳୀ ସାହୁ, ରବୀନ୍ଦ୍ର ସାହୁଙ୍କୁ କୋଷାଧ୍ୟକ୍ଷ ଓ ଭୈରବ ବେହେରାଙ୍କୁ ଉପକୋଷାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଥିଲା। ଉପଦେଷ୍ଟା ଭାବେ ବାଲାଜୀ ସାହୁ, ସିମାଞ୍ଚଳ ସାହୁ, ସୌରା ବେହେରା, ଉମା ସାହୁ, ଦେବେନ୍ଦ୍ର ସାହୁ, କରୁଣାକର ସାହୁଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। ଏହି କମିଟିରେ କାର୍ଯ୍ୟକାରିଣୀ ସଦଶ୍ୟ ଭାବେ ସୁନିଲ ସାହୁ, ରାଜେନ୍ଦ୍ର ସାହୁ, ସନ୍ତୋଷ କୁମାର ସାମଲ, ଟୁକୁନା ସାହୁ, ଶ୍ରୀନିବାସ ସାହୁ, ଚନ୍ଦନ ସାହୁ, ସୌମ୍ୟ ରଂଜନ ସାହୁ, ସୋନ୍ତଷ ସାହୁ ଓ ଜ୍ୟୋତି ରଂଜନ ସାହୁଙ୍କୁ ବଛା ଯାଇଥିଲା।

## ସ୍ୱାୟତ୍ତ ଶାସନ ଦିବସରେ ମିଳିଲାନି ଆଶାନୁରୂପ ଉପହାର

# ବଲାଙ୍ଗିରକୁ ଭଣ୍ଡେଇଦେଲେ ସରକାର

- କେବଳ ଲୋଇସିଂହାକୁ ଏନଏସି ଘୋଷଣା
- କଣ୍ଟାବାଞ୍ଜିକୁ ମିଳିଲାନି ପୌର ପରିଷଦ ମାନ୍ୟତା
- ଏନଏସି ମାନ୍ୟତାରୁ ବେଲପଡ଼ା, ସଇଁନ୍ତଲା ଓ ସିନ୍ଧେକେଲା ବଞ୍ଚିତ

ବଲାଙ୍ଗିର, ୩୧।୮ (ସମିସ)

ରାଜ୍ୟରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ନୂତନ ୧୬ଟି ଏନଏସି ଘୋଷଣା କରିଛନ୍ତି। କେବଳ ଲୋଇସିଂହାକୁ ନୂତନ ଏନଏସି ବା ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଘୋଷଣା କରାଯାଇଛି। ଜିଲ୍ଲାର ଅନ୍ୟ ୩ ପ୍ରମୁଖ ଦାବିଦାର ଥିବା ଅଞ୍ଚଳବାସୀଙ୍କୁ ନିରାଶ ହେବାକୁ ପଡ଼ିଛି। ସେହିପରି ୭ଟି ନୂତନ ପୌର ପରିଷଦ ମଧ୍ୟ ଘୋଷଣା ହୋଇଛି। କଣ୍ଟାବାଞ୍ଜିକୁ କିନ୍ତୁ ନିରାଶ ହେବାକୁ ପଡ଼ିଛି। ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଏହି ଘୋଷଣା କରି ବିଜେପି ମାଇଲେଜ ନେବା ପାଇଁ ଉଦ୍ୟମ କରିଛି। ତେବେ ଏହା ଆଗକୁ ଏହା ଲାଭ ଦେବ ନା କ୍ଷତି ହେବ ତାକୁ ନେଇ ଅଙ୍କକଷା ଆରମ୍ଭ ହୋଇଛି।

ବଲାଙ୍ଗିର ଜିଲ୍ଲାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ବା ଏନଏସି ମାନ୍ୟତା ପାଇବା ପାଇଁ ରହିଥିବା ମାପଦଣ୍ଡ ପୂରଣ କରୁଥିବା ଅନେକ ଅଞ୍ଚଳ ରହିଛି; ଯେଉଁମାନେ କି ପୂର୍ବରୁ ଏହି ମାନ୍ୟତା ପାଇଁ ଦାବି କରିଆସୁଛନ୍ତି। ଜିଲ୍ଲାକୁ କିନ୍ତୁ ଅଣଦେଖା କରାଯାଇଛି। ତେବେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ସମୟରେ ଜିଲ୍ଲାର ଲୋଇସିଂହା, ବେଲପଡ଼ା, ସଇଁନ୍ତଲା ଓ ସିନ୍ଧେକେଲାକୁ ନୂତନ ଏନଏସି ଭାବେ ଘୋଷଣା କରାଯାଇଥିଲା; କିନ୍ତୁ ସରକାର ବଦଳିବା ପରେ ଏହି ନିଷ୍ପତ୍ତିକୁ ଚାପି ଦିଆଯାଇଛି। ଗତ କିଛି ଦିନ ପୂର୍ବରୁ ୧୨ଟି ନୂତନ ଏନଏସି ତାଲିକା ପ୍ରକାଶ ପାଇଥିଲା; ଯେଉଁଥିରେ ଜିଲ୍ଲାର କୌଣସି ବି ଗୋଟିଏ ନାମ ନ ଥିଲା। ଏହାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ବେଲପଡ଼ାରେ ବନ୍ଦ ଡାକରା ଦିଆଯାଇଥିବା ବେଳେ ସଇଁନ୍ତଲାରେ ମଧ୍ୟ ଆନ୍ଦୋଳନ ପାଇଁ ଲୋକେ ସଜବାଜ ହୋଇଛନ୍ତି। ତେବେ ରବିବାର ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁଣି ଏକ ତାଲିକା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନୂତନ ୭ ପୌରପରିଷଦ ଓ ୧୬ ଏନଏସି ତାଲିକା ଘୋଷଣା କରିଛନ୍ତି। ଏଥିରେ ବଲାଙ୍ଗିର ଜିଲ୍ଲାର ଏକ ମାତ୍ର ନୂତନ ଏନଏସି ଭାବେ ଲୋଇସିଂହାକୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଲୋଇସିଂହା ଏହି ମାନ୍ୟତା ପାଇଁ ପ୍ରବଳ ଦାବିଦାର ରହିଥିଲା। ରାଜ୍ୟ ସରକାର ଏନେଇ ଘୋଷଣା କରିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି। ଲୋକେ ଏହି ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି; ହେଲେ ଜିଲ୍ଲାର ଅନ୍ୟ ୩ ପ୍ରମୁଖ ଦାବିଦାର ମାନ୍ୟତା ନ ପାଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ବେଲପଡ଼ା, ସଇଁନ୍ତଲା ଓ ସିନ୍ଧେକେଲା ପୁଣି ଥରେ ବାଦ ପଡ଼ିଛି। କେବଳ ଏତିକି ନୁହଁ; ପୌରପରିଷଦ ତାଲିକାରେ ଗଞ୍ଜାମକୁ ବଡ ଭାଗ ଦିଆଯାଇଛି। ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜିକୁ ପୂର୍ବରୁ ବିଜେଡି ସରକାର ସମୟରେ ପୌର ପରିଷଦ ଘୋଷଣା କରାଯାଇଥିଲା। ବର୍ତ୍ତମାନ କଣ୍ଟାବାଞ୍ଜି ବଞ୍ଚିତ ହୋଇଛି। କଣ୍ଟାବାଞ୍ଜି ସେହି ବିଧାନସଭା ଆସନ; ଯେଉଁଠି ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏଣୁ କଣ୍ଟାବାଞ୍ଜିକୁ ଅଣଦେଖା କରାଯାଇଥିବାରୁ ନିହାତି ଭାବେ ଏଥିପାଇଁ ବିଧାୟକ ଲକ୍ଷ୍ମଣ ବାଗଙ୍କୁ ହିଁ ଉତ୍ତର ରଖିବାକୁ ପଡ଼ିବ ବୋଲି ଆଲୋଚନା ହେଉଛି। ଏମିତିରେ ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ। ନୂତନ ଏନଏସି ଓ ପୌର ପରିଷଦ ଘୋଷଣା କରି ବିଜେପି ଭୋଟ ଗୋଟାଇବା ଉଦ୍ୟମ ଆରମ୍ଭ କରିଛି; କିନ୍ତୁ ଏହା ଦଳ ପାଇଁ କେତେ ଲାଭ ଦେବ ତାହା କହିବା ମୁସ୍କିଲ। ଅଣଦେଖାକୁ ନେଇ ଲୋକଙ୍କ ମଧ୍ୟରେ ରହିଥିବା ଅସନ୍ତୋଷ ବିଜେପି ଭୋଟବ୍ୟାଙ୍କ ଉପରେ ପ୍ରଭାବ ପକାଇବ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଲୋଇସିଂହାକୁ ଏନଏସି ମାନ୍ୟତା ମିଳିବା ପରେ ଜିଲ୍ଲାରେ ଏନଏସି ସଂଖ୍ୟା ୪ରେ ପହଞ୍ଚିଥିବା ବେଳେ ପୌରପରିଷଦ ସଂଖ୍ୟା ୨ ରେ ହିଁ ସୀମିତ ରହିଛି।

## ବଲାଙ୍ଗିରରେ ସ୍ୱାୟତ୍ତ ଶାସନ ଦିବସ

ବଲାଙ୍ଗିର, ୩୧।୮ (ସମିସ): ବଲାଙ୍ଗିର ପୌରପରିଷଦ ତରଫରୁ ରବିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ସକାଳୁ ସକାଳୁ ପୌରାଧ୍ୟକ୍ଷା ଲିକା ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସମସ୍ତ କାଉନସିଲର, ସମସ୍ତ କର୍ମଚାରୀଙ୍କ ସହ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଉପସ୍ଥିତ ଥିଲେ।



ଏହି ଅବସରରେ କର୍ମଚାରୀ ଓ କାଉନସିଲରଙ୍କ ଉଦ୍ଦେଶ୍ୟରେ ପୌରାଧ୍ୟକ୍ଷା ସ୍ୱାୟତ୍ତ ଶାସନ ଦିବସର ଗୁରୁତ୍ୱ ବିଷୟରେ ସମ୍ଭାଷଣ ରଖିଥିଲେ। ଏହା ପରେ ପରେ ସହରରେ ଅବସ୍ଥିତ ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଦିନ ୧୧ଟାରେ ଆମର ବଲାଙ୍ଗିରର ବରିଷ୍ଠ ନାଗରିକ ବରିଷ୍ଠ କଳାକାର ତଥା ପୌରାଞ୍ଚଳ ଅଧୀନ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ଅନେକ ଧର୍ମାନୁଷ୍ଠାନର ବ୍ୟକ୍ତିବିଶେଷଙ୍କୁ ନେଇ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ପ୍ରେକ୍ଷାଳୟରେ ଏକ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ସମ୍ମାନିତ ଅତିଥି ଭାବେ ପବିତ୍ର ବେହେରା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ତରଣୀସେନ ସୁନା, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ ମଞ୍ଚାସୀନ ଥିଲେ। ବିଜୟ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ।

## ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ଛାତ୍ରୀଙ୍କ ସଫଳତା



ତରଭା, ୩୧।୮ (ସମିସ): ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ତରଭା ବ୍ଲକ ରଣିସର୍ଡା ପଞ୍ଚାୟତ ଏକ ନିପଟ ମଫସଲ ଗାଁ ଅର୍ଡାର ଏକ ଚାଷୀ ପରିବାର ତରଣୀ ସେନ କର୍ମୀ ଓ ଉର୍ମିଳା କର୍ମୀଙ୍କ ଝିଅ ଚନ୍ଦ୍ରକାନ୍ତି କର୍ମୀ କୃତିତ୍ୱର ସହ ବୁର୍ଲା ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଚନ୍ଦ୍ରକାନ୍ତି ୨୦୧୯ ମସିହାରେ ମେଣ୍ଡା ଉଚ୍ଚ ବିଦ୍ୟାଳୟରୁ ଦଶମ ଶ୍ରେଣୀ ପାସ କରି ୨୦୨୧ ମସିହାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରୁ ଦ୍ୱାଦଶ ବିଜ୍ଞାନରେ ପାସ କରିଥିଲେ। ସେ ଜଣେ ଚାଷୀ ପରିବାରରୁ ଆସି ତାଙ୍କ ପରିଶ୍ରମ ବଳରେ ସଫଳତା ପାଇଛନ୍ତି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ରୋଗୀଙ୍କ ସେବା କରିବା ଲକ୍ଷ୍ୟ ରଖିଛନ୍ତି।

## ଗଣେଶ ପୂଜା ଅବସରରେ ଖାଦ୍ୟ ବଣ୍ଟନ



ସୁବଳୟା, ୩୧।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦର ସ୍ଥିତ ଚମ୍ପାପୁର ଗଣେଷ ପୂଜା କମିଟି ପକ୍ଷରୁ ଗଣେଷ ପୂଜା ଅବସରରେ ଖାଦ୍ୟ ବଣ୍ଟନ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ବିକାଶ ମେହେର, ସମ୍ପାଦକ ରବୀନ୍ଦ୍ର ମେହେର, ଆକାଶ ମେହେର ପରିଚାଳନା କରିଥିବା ବେଳେ ଭଷାଣୀ ଉତ୍ସବରେ ଅଶ୍ୱୀନୀ, ସଞ୍ଜିତ, ପ୍ରକାଶ, କୃଷ୍ଣ, ରିଙ୍କୁ, ପଞ୍ଚାନନ, ତିରନ, ସଞ୍ଜିବ, ଦାମୋଦର ଓ ସୁଦାମ ନେତୃତ୍ୱ ନେଇଥିଲେ।

## ବସଲାଟ ସଂରକ୍ଷିତ ଜଙ୍ଗଲରୁ ୪ ଶିକାରୀ ଗିରଫ



ଲଛିପୁର, ୩୧।୮ (ସମିସ): ସୋନପୁର ବନାଞ୍ଚଳ ଲଛିପୁର ସେକ୍ସନ ବସଲାଟ ରିଜର୍ଭ ଜଙ୍ଗଲରେ ବନ ବିଭାଗ ଚଢାଉ କରି ଜନ୍ତୁ ଶିକାର ପାଇଁ ବିଛାଇ ଥିବା ବିଦ୍ୟୁତ ତାର, ଜାଲ ଜବତ କରିବା ସହ ୪ ଜଣ ଶିକାରୀଙ୍କୁ ଗିରଫ କରିଛି।ସୂଚନା ଅନୁସାରେ ଲଛିପୁର ରେଞ୍ଜ ବସଲାଟ ଜଙ୍ଗଲରେ ଶିକାରୀମାନେ ଜନ୍ତୁ ଶିକାର କରିବା ପାଇଁ ବିଦ୍ୟୁତ୍ ତାର ଓ ଜାଲ ବିଛାଇ ଥିବା ବନବିଭାଗ ଖବର ପାଇଥିଲା। ଲଛିପୁର ବନପାଳ କବିତା ପାତ୍ର ଙ୍କ ନେତୃତ୍ୱରେ ଫରେଷ୍ଟର ରତନଲାଲ ବଢ଼େଇ, ସ୍କାର୍ଡ ଭାଗିରଥି ସାହୁ, ଧିବର ପଧାନ, ଜୟରାମ ମାଝୀ, ପ୍ରକାସ ମହାକୁର, ବନରକ୍ଷୀ ବଳରାମ ନାଏକ ପ୍ରମୁଖ ଜଙ୍ଗଲରେ ଚଢାଉ କରିଥିଲେ। ଚଢାଉ ବେଳେ ସେଠାରୁ ଜନ୍ତୁ ଶିକାର ପାଇଁ ବିଛାଇ ଥିବା ବିଦ୍ୟୁତ ତାର, ଓ ଜାଲ ଜବତ କରିବା ସହ ଛକୋରମାଲ ଗ୍ରାମର ସୁଦାମ ବରିହା (୩୫), ଦାମ ବରିହା (୩୦), ବିଶିକେଶନ ବଗର୍ତ୍ତି (୨୨) ଓ ସ୍ୱପ୍ନେ ବଗର୍ତ୍ତି (୩୨) ଆଦି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ। ଏନେଇ ବନ ବିଭାଗ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନପାଳ କବିତା କର ସୂଚନା ଦେଇଛନ୍ତି।

## ଏଫଆର୍‌ସିସିରେ ସ୍ୱାୟତ୍ତ ଶାସନ ଦିବସ ଓ ନୂଆଖାଇ ଭେଟ୍‌ଘାଟ୍



ତରଭା, ୩୧।୮ (ସମିସ): ତରଭାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଫଆରସିସିରେ ରବିବାର ସ୍ୱାୟତ୍ତ ଶାସନ ଦିବସ ଓ ନୂଆଖାଇ ଭେଟଘାଟ-୨୦୨୫ ଆୟୋଜିତ ହୋଇଯାଇଛି। କ୍ଲବର ସଭାପତି ଶୈଳେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ଦେବେନ୍ଦ୍ର ବିଜୟ ସାହୁ ମୁଖ୍ୟଅତିଥି ଓ ନାରାୟଣ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କୃଷିଭିତ୍ତିକ ଗଣପର୍ବ ନୂଆଖାଇ ସହରାଞ୍ଚଳରେ ସଙ୍କୁଚିତ ହେଉଥିବାରୁ ବକ୍ତା ମାନେ ଚିନ୍ତାବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅଗଷ୍ଟ ମାସରେ ପରଲୋକ ଗମନ କରିଥିବା କ୍ଲବ ସଦସ୍ୟ କୃଷ୍ଣ କୁମାର ବାଘ, ସଂଯୁକ୍ତା ବାଇ ଓ ସାଧୁଚରଣ ମାହାଣାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ହୀରଣ୍ମୟ ପଟ୍ଟନାୟକ ପରିଚାଳନା କରିଥିଲେ। ସଭ୍ୟ ପ୍ରଦୀପ ମାହାଣା, ଜୟପ୍ରକାଶ ନାରାୟଣ ସାହୁ, ଡ଼.ଉପେନ୍ଦ୍ର ପଣ୍ଡା, ରବୀନ୍ଦ୍ର ଠାକୁର, କ୍ଷେତ୍ରବାସୀ ସାହୁ, ରଞ୍ଜନ ସାହୁ, ଦେବେନ୍ଦ୍ର ନାଏକ, ଆନନ୍ଦ ପ୍ରକାଶ ଅଗ୍ରୱାଲ, ଅକ୍ଷୟ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

## ● ବଡ଼ମାଳ ଫାଣ୍ଡିରେ ବିଜେପି କର୍ମୀଙ୍କ ଆତଙ୍କ

## ଅଧିକାରୀ, କନେଷ୍ଟବଳଙ୍କୁ ଆକ୍ରମଣ

ସଇଁତଲା, ୩୧।୮ (ସମିସ): ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଅଧୀନ ବଡ଼ମାଳ ଫାଣ୍ଡି ଅଧିକାରୀ ହରେକୃଷ୍ଣ ମାଝୀ ଓ କନେଷ୍ଟବଳ ତପନେ ନାଗଙ୍କ ଉପରେ ଆକ୍ରମଣ ହୋଇଛି। ସ୍ଥାନୀୟ ବିଜେପି ନେତାଙ୍କ ଭାଇଙ୍କ ସହ ୩ ଜଣ ବ୍ୟକ୍ତି ପହଞ୍ଚି ଫାଣ୍ଡି ଅଧିକାରୀକୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିଲେ। ସଇଁତଲା ଥାନା ଅଧିକାରୀ ପହଞ୍ଚି ଘଟଣା ସମ୍ପର୍କରେ ବୁଝାସୁଝା କରଛନ୍ତି। ତେବେ ଏ ସମ୍ପର୍କରେ ବଡ଼ମାଳ ଫାଣ୍ଡି ଅଧିକାରୀ କୌଣସି ପ୍ରକାର ପ୍ରତିକ୍ରିୟା ଦେଉ ନ ଥିବା ବେଳେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠନ ହେବ ବୋଲି ଟିଟିଲାଗଡ଼ ଏସଡିପିଓ ଯୋଶୋବନ୍ତ ପଧାନି କହିଛନ୍ତି।

## ୭ ଦିନ ବ୍ୟାପି ଭଗବତ କଥା ଜ୍ଞାନଯଜ୍ଞ

ଟିଟିଲାଗଡ଼, ୩୧।୮ (ସମିସ): ଟିଟିଲାଗଡ଼ ସହରର ଡିଏନ୍ ରିସର୍ଟରେ ୭ ଦିନ ବ୍ୟାପି ଭଗବତ କଥା ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୃନ୍ଦାବନ ଶ୍ରୀଧାମର ସଞ୍ଜୀବ କୃଷ୍ଣ ଠାକୁରଜି କଥାମୃତ ପରିବେଷଣ କରିଛନ୍ତି। ୨୪ ତାରିଖରୁ ଶନିବାର ଯାଏଁ ସେ ପ୍ରତିଦିନ ବିଭିନ୍ନ କଥା ବସ୍ତୁ ଉପରେ ପ୍ରବଚନ ଦେଇଥିଲେ। କଳାହାଣ୍ଡି ଧର୍ମଗଡ଼ର କିଶୋର ଅଗ୍ରୱାଲ, ନରେଶ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ରମେଶ ଅଗ୍ରୱାଲ, କେସିଙ୍ଗାର ଜୟ ଭଗବାନ ପ୍ରମୁଖ ସହଯୋଗ କରିଥିଲେ।







































## କୋଠାରୁ ଖସିପଡ଼ି ରାଜମିସ୍ତ୍ରି ମୃତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବି



କଟକ,୩୧।୮ (ସମିସ): କଟକ ସଦର ଥାନା ଅଧୀନ ବାଲିକୁଦା ଛକ ନିକଟରେ ପାଞ୍ଚ ମହଲା ବିଶିଷ୍ଟ ଏକ ବିରାଟକାୟ ଅଟ୍ଟାଳିକା ବିନା ସୁରକ୍ଷାରେ ନିର୍ମାଣ ଚାଲିଥିବା ବେଳେ ସେଠାରେ କାର୍ଯ୍ୟରତ ସମୟରେ ଛାତ ଉପରୁ ତଳକୁ ଗଳିପଡି ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲେ କଟକ ଖାନନଗର ଗଉଡସାହିର ବୁଧିଆ ନାୟକ (୩୯)। ତାଙ୍କର ଛୋଟ ଛୋଟ ତିନୋଟି ଝିଅ ଓ ଗୋଟେ ପୁଅ ସହ ସ୍ତ୍ରୀ ଏବେ ଅସହାୟ ହୋଇ ପଡ଼ିଥିବାରୁ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ସୂଚନା ଅନୁସାରେ, ଗଣେଶ ପୂଜା ପରଦିନ ଉକ୍ତ ଅଟ୍ଟାଳିକାରେ ବୁଧିଆ କାମ କରୁଥିବା ସମୟରେ ଅପରାହ୍ନ ପ୍ରାୟ ପାଞ୍ଚଟା ବେଳେ ହଠାତ ତଳକୁ ଖସିପଡ଼ିବାରୁ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ପରେ କଟକ ବଡ ଡାକ୍ତରଖାନାରେ ସେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୯ଟା ବେଳେ ମୃତ୍ୟୁ ଘଟିଥିଲା। ଉକ୍ତ ଉଚ୍ଚ ଅଟ୍ଟାଳିକାଟି ଜଣେ ଡାକ୍ତରଙ୍କ ବୋଲି ଶୁଣିବାକୁ ମିଳୁଥିବାବେଳେ ସେ ଏହାକୁ ବ୍ୟବସାୟ ନିମନ୍ତେ ଭଡା ସୂତ୍ରରେ ଦେବାକୁ ସେଠାରେ ସାଇନବୋର୍ଡ ମଧ୍ୟ ଲଗାଇ ସାରିଛନ୍ତି। ବ୍ୟବସାୟିକ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଥିବା ଏହି କୋଠା ନିର୍ମାଣରେ ମାଲିକଙ୍କ ପକ୍ଷରୁ କୌଣସି ସୁରକ୍ଷା ଜାଲି ନାହିଁ କି ହେଲମେଟ ମଧ୍ୟ ଦିଆଯାଇ ନାହିଁ।

## କରାଟେରେ ରାଜେଶଙ୍କୁ ସ୍ୱର୍ଣ୍ଣ



**ଟାଙ୍ଗୀ,୩୧।୮ (ସମିସ):** ବାଲେଶ୍ୱର ବିଜୁ ପଟ୍ଟନାୟକ ଇଣ୍ଡୋର ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ୧୯ତମ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ ୨ଟି ପଦକ ଜିଣି ଟାଙ୍ଗୀ ଚୌଦ୍ୱାର ବ୍ଲକ କୋଟସାହିର ରାଜେଶ ସାହୁ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଛତିଆ ଓ ଟାଙ୍ଗୀ ସ୍ଥିତ ଟ୍ରାଡିସନାଲ କରାଟେ ଏକାଡେମୀର ୧୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ୧୨ଟି ସ୍ୱର୍ଣ୍ଣ ସହ ୩୩ଟି ପଦକ ଜିତିଥିଲେ। ସେମାନଙ୍କ ମଧ୍ୟରେ ଟାଙ୍ଗୀ କରାଟେ ଏକାଡେମୀର ରାଜେଶ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ହାସଲ କରିଛନ୍ତି। ଏଥିରେ ସାଇ ସନକ କୁମାର ଦେଓ, ସତ୍ୟରଞ୍ଜନ ପଟ୍ଟନାୟକ ଓ ଗୋପାଳକୃଷ୍ଣ ନାୟକ ରେଫରୀ ଦାୟିତ୍ୱ ତୁଲାଇଥିଲେ। ରାଜେଶ ବର୍ତ୍ତମାନ ମଣିଆଁସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ନବମ ଶ୍ରେଣୀରେ ଅଧ୍ୟୟନରତ। ଏହି ସଫଳତା ପାଇଁ ବିଭିନ୍ନ ସଂଗଠନ ସମେତ ସମ୍ପର୍କ ଅନୁଷ୍ଠାନର ମୁଖ୍ୟ ଯୋଗେଶ ଚନ୍ଦ୍ର ସ୍ୱାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ଭଗତପୁରରେ ମନ୍ କି ବାତ୍

**ଟାଙ୍ଗୀ,୩୧।୮ (ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଭଗତପୁର କଲ୍ୟାଣ ମଣ୍ଡପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୫ତମ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ଅନନ୍ତ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ ସାଲେପୁର ବିଜେପି ନେତା ହିମାଂଶୁ କୁମାର ମହାନ୍ତି, ଟାଙ୍ଗୀ ମହିଳା ମୋର୍ଚ୍ଚା ସଭାନେତ୍ରୀ ମିଳନ ସାହୁ, ସମ୍ପାଦିକା ସରସ୍ୱତୀ ସାହୁ, ନାଏବ ସରପଞ୍ଚ ଜେମା ସର୍ଦ୍ଦାର, ପ୍ରାକ୍ତନ ସମିତିସଭ୍ୟ ଦେବାଶିଷ ମଲ୍ଲିକ, କୋଟସାହି ସଭାପତି ସମରେନ୍ଦ୍ର ଷଡ଼ଙ୍ଗୀ, ଗରୁଡଗାଁ ସଭାପତି ତାପସ ବେହେରା, ସୁକାନ୍ତ ବିଶ୍ୱାଳ, ମୂରଲୀଧର ମଲ୍ଲିକ୍, ଲୋକନାଥ ସାହୁ, ରାଜକିଶୋର ନାୟକ, ଅମିତ ସିଙ୍କୁ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ମାନସୀ ବେହେରା, ଶଶିକାନ୍ତ ମହାନ୍ତି ଓ ଆଶିଷ କାନୁନଗୋ ଏବଂ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ।

## ଯୁବ ସଂଗଠକଙ୍କ ସ୍ମୃତିସଭା

**ଭଦ୍ରେଶ୍ୱର,୩୧।୮ (ସମିସ):** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଗ୍ରାମପଞ୍ଚାୟତ ଅଞ୍ଚଳର ଜଣେ ସକ୍ରିୟ କଂଗ୍ରେସ କର୍ମୀ ତଥା ଯୁବ ସଙ୍ଗଠକ ଅଶୋକ ମିଶ୍ରଙ୍କ ବିୟୋଗରେ ତାଙ୍କ ଏକାଦଶାହରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଭଦ୍ରେଶ୍ୱର ପଞ୍ଚାୟତ ଝାଡେଶ୍ୱରପୁରଠାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଶିକ୍ଷକ ପ୍ରଦ୍ୟୁମ୍ନ ବାରିକ ସଭାପତିତ୍ୱ କରିଥିଲେ। କଟକ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ପ୍ରଦୀପ୍ତ କୁମାର ଦାସ, ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଦେବାଶିଷ ଭୂୟାଁ, ଆଇନଜୀବୀ ଇଂ ଆକାଶ ଭୂୟାଁ, କଂଗ୍ରେସ ଯୁବନେତା ମାସୁଦ ଅଲ୍ଲୀ, ଅଧ୍ୟାପକ କାର୍ତ୍ତିକ ବରାଳ, ଆଇନଜୀବୀ ଦୀପକ ମହାନ୍ତି, ସୁକାନ୍ତ ନନ୍ଦ, ଆକାଶ ପ୍ରଧାନ, ନଳିନୀକାନ୍ତ ନାୟକ, ରଞ୍ଜନ ପ୍ରଧାନ, ପୂର୍ବତନ ସରପଞ୍ଚ ବିବେକାନନ୍ଦ ପାଣି ପ୍ରମୁଖ ଯୋଗ ଦେଇଥିଲେ।

## ଲକ୍ଷାଧିକ ଟଙ୍କାର ଗହଣା ଚୋରି

ନିଶ୍ଚିନ୍ତକୋଇଲି,୩୧।୮ (ସମିସ): ନିଶ୍ଚିନ୍ତକୋଇଲି ଥାନା କଟରପଡ଼ା ପଞ୍ଚାୟତ ମୁରୁଦାବାଦ ଗ୍ରାମରୁ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସୁନାରୁପା ଗହଣା, ବାସନକୁସନ, ନଗଦ ଅର୍ଥ ଓ ଜମିର ରେକର୍ଡ ପତ୍ର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ବରିଷ୍ଠ ସାମ୍ବାଦିକ ତଥା ଜାତୀୟ ସାମ୍ବାଦିକ କଲ୍ୟାଣ ବୋଡର୍‌ର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଶଶୁର ସ୍ୱର୍ଗତ କିଶୋରଚନ୍ଦ୍ର ମହାନ୍ତିଙ୍କ ପୈତୃକ ଘରୁ ଦୁର୍ବୃତ୍ତମାନେ ୨୪ ଗ୍ରାମ୍ ଓଜନର ସୁନା ଅଳଙ୍କାର କିଛି ରୁପା ଅଳଙ୍କାର ନଗଦ ୩ ଲକ୍ଷ ଟଙ୍କା, ବାସନ କୁସନ ଓ ଅନ୍ୟାନ୍ୟ ମୂଲ୍ୟବାନ୍ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲେ ମଧ୍ୟ କୌଣସି ଚୋରର ସନ୍ଧାନ ମିଳି ନ ଥିବା ଜଣାଯାଇଛି। ଏହି ଥାନାଞ୍ଚଳରେ ଚୋରି, ଅସାମାଜିକ କାର୍ଯ୍ୟ ଓ ମଦ୍ୟପଙ୍କ ଦୌରାତ୍ମ୍ୟ ପ୍ରତି ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ପ୍ରଶ୍ନ ହୋଇଛି। ରାତ୍ର ପଇଁତରା କଡାକଡ଼ି କରିବାକୁ ଦାବି ହୋଇଛି।

## କମିଶନରେଟ ପୁଲିସର ଟାଲଟୁଲ ନୀତି

# ସହର ଭିତରେ ଗୋଟେ ନିୟମ, ବାହାରେ ଅଲଗା



ଆଇନମନ୍ତ୍ରୀଙ୍କୁ ଭେଟିଲା ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତି କମିଟି

**ଫୁଲନଖରା,୩୧।୮ (ସମିସ):** ଦୁର୍ଗାପୂଜା ପାଇଁ କଟକ ସହର ସାରା ଭାରତବର୍ଷରେ ପ୍ରସିଦ୍ଧି ଲାଭ କରିବା ସହିତ ଧର୍ମମତ ନିର୍ବିଶେଷରେ କଟକିଆଙ୍କ ଏକ ସାର୍ବଜନୀନ ଗଣପର୍ବ ଭାବରେ ଭାଇଚାରାକୁ ଦୃଢ଼ୀଭୂତ କରିପାରିଛି। ଦିନ ଥିଲା କଟକ ସହର ରାତି ସାରା ଉତ୍ସବମୁଖର ହୋଇ ଉଠୁଥିଲା; କିନ୍ତୁ ପ୍ରଶାସନିକ ବ୍ୟବସ୍ଥାର ଅଙ୍କୁଶ ଫଳରେ ଦିନକୁ ଦିନ ଏହି ଗଣପର୍ବ ସଙ୍କୁଚିତ ହେବାରେ ଲାଗିଛି। କମିଶନ୍‌ରେଟ୍ ପୁଲିସ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଡିଜେ ଓ ଉଚ୍ଚ ଶବ୍ଦଯୁକ୍ତ ଆତସବାଜିକୁ ସଂପୂର୍ଣ୍ଣ ନିଷେଧ, ନିଶାମୁକ୍ତ ଭସାଣି ଭଳି କେତେକ ଜୀବନଘାତକ ପଦକ୍ଷେପ ଗୁଡିକ ସର୍ବଜନାଦୃତ ହୋଇପାରିଛି। ହେଲେ ଗୋଟିଏ ଛାତ ତଳେ ନିଆଯାଉଥିବା ନିଷ୍ପତ୍ତି ଯଥା ଭୁବନେଶ୍ୱର-କଟକ କମିଶନରେଟ୍ ପୁଲିସ ଅଧୀନରେ ଥିବା ସହରାଞ୍ଚଳର କେତେକ ୱାର୍ଡ ସହ ପଞ୍ଚାୟତ ଅଧୀନସ୍ଥ କେତେକ ଗ୍ରାମାଞ୍ଚଳ ସମାନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ସହରାଞ୍ଚଳ ଭିତରେ ଥିବା ଅନେକାଂଶ ୱାର୍ଡର ମେଢ଼ ବିସର୍ଜନ ପାଇଁ ସମୟ ସୀମା ରାତ୍ର ୧୨ଟା ଧାର୍ଯ୍ୟ କରାଯାଇଥିବା ବେଳେ କମିଶନ୍‌ରେଟ ପୁଲିସ ଅଧୀନସ୍ଥ ସଦର ଥାନାଞ୍ଚଳର କେତେକ ହାତଗଣତି ୱାର୍ଡ ଓ ଗ୍ରାମାଞ୍ଚଳରେ ଭସାଣି ସମୟ ଅବଧି ରାତ୍ର ୧୦ଟା ପର୍ଯ୍ୟନ୍ତ ରହିଥିବାରୁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ମନରେ ଏକପ୍ରକାର ଅସନ୍ତୋଷ ସୃଷ୍ଟି କରିଛି। କୌଣସି କାରଣରୁ ଏହି ସବୁ ୱାର୍ଡରେ ରାତ୍ର ୧୦ଟାରୁ ସମୟ ଅତିକ୍ରାନ୍ତ ହୋଇଗଲେ ପ୍ରଶାସନ ତରଫରୁ ଶୋଭାଯାତ୍ରାରେ ଯାଉଥିବା ବାଜା ଓ ଆଲୋକକୁ ବନ୍ଦ କରିଦିଆଯାଉଛି। ଏହି ପରିପ୍ରେକ୍ଷୀରେ କଟକ ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ଦଶହରା ଭସାଣ ଉତ୍ସବକୁ କମିଶନରେଟ୍ ପୁଲିସ ଅଧୀନସ୍ଥ ସଦର ଥାନାଞ୍ଚଳରେ ରାତି ୧୨ଟା ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ଏନେଇ କଟକ ଡିସିପିଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି ବୋଲି ଆଞ୍ଚଳିକ ଶାନ୍ତି କମିଟିର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

### ମତାମତ



ଦଶହରା ପର୍ବ ଓଡ଼ିଶାର ବହୁ ପ୍ରାଚୀନ ପରମ୍ପରା ସହିତ ଜଡିତ। ଏହା ଓଡ଼ିଶାର ଏକ ମନୋରଞ୍ଜନଧର୍ମୀ ଗଣପର୍ବ ଏବଂ ଭକ୍ତି ଓ ଭାବର ସହ ଜଡ଼ିତ। ପ୍ରଶାସନର ଟାଲଟୁଲ ନୀତି ଜନସାଧାରଣଙ୍କ ଭାବାବେଗକୁ କୁଠାରଘାତ କରୁଛି। ଏଣୁ କମିଶନରେଟ ପୁଲିସ କଟକ ସଦର ଥାନାଞ୍ଚଳରେ ହେଉଥିବା ଭସାଣ ଉତ୍ସବକୁ ରାତ୍ର ୧୨ଟା ପର୍ଯ୍ୟନ୍ତ ସଂପ୍ରସାରଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

**ଶ୍ରୀ ସନ୍ନ୍ୟାସୀ ଜୀ, ଆଧ୍ୟାତ୍ମିକ ସ୍ତମ୍ଭକାର**



କଟକ ସହରରେ ଭସାଣ ଉତ୍ସବର ସମୟ ରାତି ୧୨ଟା ପର୍ଯ୍ୟନ୍ତ ଥିବା ବେଳେ ଆମ ଅଞ୍ଚଳପାଇଁ ରାତ୍ର ୧୦ଟା ପର୍ଯ୍ୟନ୍ତ ସମୟ ପ୍ରଶାସନ ପକ୍ଷରୁ ଦିଆଯାଇଛି। ଦୀର୍ଘ ୨୭ ବର୍ଷ ହେଲା କଟକ ମ୍ୟୁନିସିପାଲିଟିରେ ସାମିଲ ହୋଇଥିଲେ ମଧ୍ୟ ଏକାଦଶୀ ଦିନ କଟକ ସହର ଭିତରେ ଭସାଣ କରାଯାଉଥିବା ବେଳେ ୪ଟି ୱାର୍ଡରେ ଭସାଣ ଉତ୍ସବ ଦ୍ୱାଦଶୀ ଦିନ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିବାରୁ ସମୟ କଟକଣାର ଜଟିଳ ପରିସ୍ଥିତିକୁ ଆମ୍ଭମାନଙ୍କୁ ସମ୍ମୁଖୀନ ହେବାକୁ ପଡୁଛି। ଏକାଦଶୀ ଦିନ ଭସାଣ କରିବା ପାଇଁ ସୁଯୋଗ ଦିଆଯାଉ ନଚେତ ଦ୍ୱାଦଶୀ ଦିନ ଭସାଣ ପାଇଁ ରାତ୍ର ୧୨ଟା ପର୍ଯ୍ୟନ୍ତ ସମୟ ଅବଧି ରଖାଯାଉ।

**ପ୍ରମୋଦ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଆଞ୍ଚଳିକ ଶାନ୍ତି କମିଟି**



କମିଶନରେଟ୍ ପୁଲିସ ଅଧୀନସ୍ଥ କଟକ ସଦର ଥାନା ଅନ୍ତର୍ଭୁକ୍ତ ୧୧ଟି ପଞ୍ଚାୟତ ଓ ୪ଟି ୱାର୍ଡ ରହିଥିବା ବେଳେ ବିଭିନ୍ନ ସୁବିଧା ସୁଯୋଗରୁ ଜନସାଧାରଣ ବଞ୍ଚିତ ହେଉଛନ୍ତି। କମିଶନରେଟ ପୁଲିସ୍‌ର କଟକଣାକୁ ସମସ୍ତ ଅଞ୍ଚଳରେ କଡାକଡି ଭାବରେ ଲାଗୁ କରାଯାଉଛି। ଜନସାଧାରଣ ମଧ୍ୟ ଏହାକୁ ସମ୍ମାନର ସହିତ ପାଳନ କରୁଛନ୍ତି। ଦଶହରା ସମୟରେ କମିଶନରେଟ ପୁଲିସ୍ ପାତରଅନ୍ତର ନୀତିକୁ ହଟାଇବା ସହ ସର୍ବସାଧାରଣଙ୍କ ଭାବାବେଗକୁ ହୃଦବୋଧ କରି କମିଶନରେଟ୍ ପୁଲିସ ପକ୍ଷରୁ କଟକ ସହର ପରି ଆମକୁ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରାତ୍ର ୧୨ଟା ପର୍ଯ୍ୟନ୍ତ ସମୟ ଦିଆଯାଉ।

**ଦିଲ୍ଲୀପ ମହାରଣା, ଆଇନ୍ ପରାମର୍ଶଦାତା, ଆଞ୍ଚଳିକ ଶାନ୍ତି କମିଟି**

## ଚୌଦ୍ୱାର ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ




**ଚୌଦ୍ୱାର,୩୧।୮ (ସମିସ):** ଚୌଦ୍ୱାର ପୌରପାଳିକା ତରଫରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଓ ବହୁ ପ୍ରତୀକ୍ଷିତ ତ୍ରିରଙ୍ଗା ଲୋକର୍ପଣ ଉତ୍ସବ ଆୟୋଜିତ ହୋଇଯାଇଛି। ପୌର କାର୍ଯ୍ୟାଳୟଠାରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଗାନ୍ଧୀଛକସ୍ଥିତ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସଠାରେ ପ୍ରତିଷ୍ଠା କରାଯାଇଥିବା ପ୍ରାୟ ୩୦ମିଟର ଲମ୍ବ ଜାତୀୟ ପତାକାକୁ ବିଧାୟକ ସୌଭିକ ବିଶ୍ୱାଳ, ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୌର ଟାଉନହଲରେ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ୧୩୭ ଜଣ ହିତାଧିକାରୀଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରିବା ସହିତ ପୌରପାଳିକା ତରଫରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ଓ ପୌର କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ବିଧାୟକଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, କାଉନସିଲର ଦିଲ୍ଲୀପ ସାହୁ, ସୁବ୍ରତ ସାମଲ, ଅଜୟ ବେହେରା, ଅଜୀନି ବେହେରା, ଆଶୁତୋଷ ଦାସ, ବିଜୟ ମଲ୍ଲିକ, ବିଜୟ ସାହୁ, ଦିଲ୍ଲୀପ ଭୂୟାଁ, ରଙ୍ଗଲତା ସାହୁ, ରଞ୍ଜୁଲତା ଦାସ, ସବିତା ମାହାଳି, ବିଜୟଲକ୍ଷ୍ମୀ ବେହେରା, ସୁଜାତା ସାହୁଙ୍କ ସମେତ ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ସଞ୍ଜୟ ସାମଲ, ଶୁଭଶ୍ରୀ ସନ୍ଦୀପ୍ତା ବେହେରା, ଶୁଭଶ୍ରୀ ବେହେରାଙ୍କ ସମେତ ପୌରକର୍ମଚାରୀ ସମସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ୧୭ନଂ ୱାର୍ଡସ୍ଥିତ ସ୍ଥାନୀୟ ତ୍ରିନାଥପଲ୍ଲୀ ବସ୍ତି, ବୃଦ୍ଧାଶ୍ରମରେ ଫଳବଣ୍ଟନ କରାଯିବା ସହିତ ବଡାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମଧୁବୈଶ୍ୟ ସମାଜ ପକ୍ଷରୁ ଗଣେଶ ପୂଜା



**ତିଗିରିଆ,୩୧।୮ (ସମିସ):** ତିଗିରିଆ ରାଜ୍ୟ ମଧୁବୈଶ୍ୟ ସମାଜ ତରଫରୁ ବ୍ଲକର ନିଜିଗଡ଼ ପଞ୍ଚାୟତ ପ୍ରଭୁ ଶ୍ରୀ ଶଙ୍କରେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜାରେ ତିଗିରିଆ ରାଜ୍ୟର ମଧୁବୈଶ୍ୟ ସମାଜ ମୁଖ୍ୟ ସଦର ବେହେରା ନାରାୟଣ ସାହୁ କର୍ତ୍ତା ରହିଥିଲେ। ନବରାଜ୍ୟର ମନୋନୀତ କମିଟି ସଦସ୍ୟ ଭ୍ରମରବର ସାହୁ, ତିଗିରିଆ ରାଜ୍ୟ ମଧୁବୈଶ୍ୟ ସମାଜର ସଭାପତି ସଚ୍ଚିଦାନନ୍ଦ ସାହୁ, ଉପସଭାପତି ଲାଲମୋହନ ସାହୁ, ସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ସଦାନନ୍ଦ ସାହୁଙ୍କ ସମେତ ୧୮ଟି ସାହିର ସାହି ବେହେରାଙ୍କ ମଧ୍ୟରେ ଜମେଶ୍ୱର ସାହୁ, ଦିବାକର ସାହୁ, ପୀତବାସ ସାହୁ, ନିତ୍ୟାନନ୍ଦ ସାହୁ, ନକୁଳ ସାହୁ, ଡମ୍ବରୁଧର ସାହୁ, ଚନ୍ଦ୍ରଶେଖର ସାହୁ, ସଦାନନ୍ଦ ସାହୁ, ପବିତ୍ର ସାହୁ, ଦିଲ୍ଲୀପ ସାହୁ, ଜଗମୋହନ ସାହୁ, ସୁଧାକର ସାହୁ, ପ୍ରଫୁଲ୍ଲ ସାହୁ, ଭରତ ଚନ୍ଦ୍ର ସାହୁ, ପ୍ରସନ୍ନ ସାହୁ, ଆର୍ତ୍ତବନ୍ଧୁ ସାହୁ, ଲୋକନାଥ ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ମଧୁବୈଶ୍ୟ ସମାଜର ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବିକାଶ ମେମୋରିଆଲ କ୍ଲବ୍‌ରେ ଗଣେଶ ପୂଜା



**ନିଶ୍ଚିନ୍ତକୋଇଲି,୩୧।୮ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଅସୁରେଶ୍ୱର ବଜାର ପୁରୁଣା ବ୍ୟାଙ୍କ ଛକ ନିକଟରେ ଥିବା ବିକାଶ ମେମୋରିଆଲ କ୍ଲବ ଆନୁକୂଲ୍ୟରେ ଅଗ୍ରପୂଜ୍ୟ ଶ୍ରୀ ଶ୍ରୀ ଗଣନାଥଙ୍କ ପୂଜାର୍ଚ୍ଚନା ୫ଦିନ ଧରି ଅନୁଷ୍ଠିତ ହୋଇଛି। ଏହି ଅବସରରେ ମା' ବୁଢୀ ଜାଗୁଳାଇଙ୍କ ପବିତ୍ର ପୁଷ୍କରିଣୀରୁ ବେଦମନ୍ତ୍ର ପାଠ ପୂର୍ବକ ଜଳ ଉତ୍ତୋଳନ କରାଯାଇ କଳସ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ଅଣାଯାଇଥିଲା। କ୍ଲବର ସଭାପତି ଶକ୍ତିଶ୍ୱର ସେଠୀ କର୍ତ୍ତା ଥିଲେ। ରବିବାର ସକାଳେ ପ୍ରଭୁ ଗଣନାଥଙ୍କ ବିସର୍ଜନ ସମାପନ ପରେ ଭସାଣି ଅନୁଷ୍ଠିତ ହୋଇଥିଲା। କ୍ଲବ ସଭ୍ୟ ପଦ୍ମଲୋଚନ ବେହେରା, ରତିକାନ୍ତ ଘୋଷ, ଚିତ୍ତରଞ୍ଜନ ସେଠ, ପ୍ରତାପ ବେହେରା, ବିକାଶ ମଳିକ, ଅବିନାଶ ନାୟକ, ଶୁଭକାନ୍ତ ପାତ୍ର, ମଳୟ ସାହୁ, ସମ୍ବିତ୍ ପ୍ରିୟଦର୍ଶିନୀ ଲେଙ୍କା ପରିଚାଳନା କରିଥିଲେ।

## ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ



**ଭଦ୍ରେଶ୍ୱର,୩୧।୮ (ସମିସ):** ମାହାଙ୍ଗା ବ୍ଲକ କୁହୁଣ୍ଡା ଗ୍ରାମପଞ୍ଚାୟତ କଲ୍ୟାଣପୁରସ୍ଥିତ ଯୁଗଜ୍ୟୋତି ସାଂସ୍କୃତିକ ପରିଷଦର ବାର୍ଷିକ ପୁରସ୍କାର ବିତରଣ ଓ ଶ୍ରୀ ଶ୍ରୀ ଥାନପତି ବଡ ଗଣେଶ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଶିଶୁ ଓ କିଶୋର କଳାକାରଙ୍କୁ ନେଇ ନୃତ୍ୟ ଏବଂ ସଙ୍ଗୀତ ପ୍ରତିଯୋଗିତାରେ ବିଚାରକ ଭାବେ ସଙ୍ଗୀତ ନିର୍ଦ୍ଦେଶକ ରମେଶଚନ୍ଦ୍ର ମହାନ୍ତି ଓ କୋରିଓଗ୍ରାଫର କଳିଙ୍ଗକେଶରୀ ପଣ୍ଡା ଯୋଗଦାନ କରିଥିଲେ। ଅନୁଷ୍ଠାନର ସଭାପତି ରବିନ୍ଦ୍ରନାଥ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କୁଣ୍ଡି ସେବା ସମବାୟ ସମିତି ସଭାପତି ଅଖିଳେଶପଦ ମହାନ୍ତି, ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ହେମନ୍ତ ପ୍ରଧାନ, ମୁଖ୍ୟବକ୍ତାଭାବେ ପ୍ରାକ୍ତନ ସିଆରସିସି ଭାରତ ଭୂଷଣ ଦାସ ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମାଜସେବୀ ରାମଚନ୍ଦ୍ର ମହାପାତ୍ର, ସେନା ଅଧିକାରୀ ବିଜୟ କେତନ କର, ସୁଧୀର ମହାନ୍ତି, ଅଚ୍ୟୁତାନନ୍ଦ ପଲେଇ, ଭାଗ୍ୟଧର ମହାନ୍ତି, ନିରଞ୍ଜନ ମୁଦୁଲି, ଗଣେଶ ବିହାରୀ, ବିଭୂତି ଭୂଷଣ ଦାସ, ଦିଲ୍ଲୀପ କୁମାର ବାରିକ, ଶିବ ପ୍ରସାଦ ବେହେରା, ଲକ୍ଷ୍ମୀଧର ବେହେରା, ଚିତ୍ତରଞ୍ଜନ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# ଖୁଦୁରୁକୁଣୀ ଓଷା ପାଇଁ ପୁରପଲ୍ଲୀ ଉତ୍ସବମୁଖର





**ନିଶ୍ଚିନ୍ତକୋଇଲି,୩୧।୮ (ସମିସ):** ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ପବିତ୍ର ଭାଦ୍ରବ ମାସରେ ଖୁଦୁରୁକୁଣୀ ବା ଭାଲୁକୁଣୀ ଓଷାର ଏକ ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ସାଧାରଣତଃ ନବବିବାହିତା, କିଶୋରୀ ବାଳିକା ଓ ଝିଅମାନେ ଏହି ଓଷାକୁ କରିଥାନ୍ତି। ଚଳିତ ବର୍ଷ ଏହି ଓଷା ଗତ ଅଗଷ୍ଟ ୧୦ ତାରିଖ ରବିବାରଠାରୁ ଆରମ୍ଭ ହୋଇ ପ୍ରତି ରବିବାର ୫ ପାଳି ପର୍ଯ୍ୟନ୍ତ ସେପ୍ଟେମ୍ବର ୭ ତାରିଖରେ ଶେଷ ହେବା କଥା; ହେଲେ ଆସନ୍ତା ସେପ୍ଟେମ୍ବର ୭ ତାରିଖ ରବିବାର ଇନ୍ଦ୍ର ପୂର୍ଣ୍ଣିମା ତିଥିରେ ଗ୍ରହଣ ଲାଗୁଥିବାରୁ ଆଜି ଏହି ଓଷାକୁ ଶେଷ ପାଳି ହିସାବରେ କରାଯାଉଛି। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପ ତଥା ବହୁ ଲୋକଙ୍କ ଘରେ ଏହି ଓଷା ପାଳନ କରାଯାଉଥିବାରୁ ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଛି। ରବିବାର ପୂର୍ବାହ୍ନରେ ଝିଅମାନେ ଗାଧୁଆ ତୁଠରେ ବାଲିରେ ବାଲୁକା ତିଆରି କରି ବିଭିନ୍ନ ପ୍ରକାର ଫୁଲ ସଜାଇ ଧୂପ ଦୀପ ନୈବେଦ୍ୟ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରିଥିବା ବେଳେ ସନ୍ଧ୍ୟାରେ ପୂଜା ମଣ୍ଡପକୁ ବିଭିନ୍ନ ଆଲୋକମାଳା ଓ ଫୁଲରେ ସୁନ୍ଦର ଭାବରେ ସଜାଇ ସେଥିରେ ମା' ମଙ୍ଗଳା ତଥା ଖୁଦୁରିକୁଣୀଙ୍କ ମୃଣ୍ମୟ ମୂର୍ତ୍ତି ରଖିବା ସହିତ ସନ୍ଧ୍ୟାରେ ସନ୍ଧ୍ୟା ଆଳତି କରିଛନ୍ତି। ରାତ୍ରର ପ୍ରଥମ ପ୍ରହରରେ ଖୁଦୁରିକୁଣୀ ବ୍ରତ ପୁସ୍ତକରେ ଥିବା ସାଧବଝିଅ ତପୋଇର କାହାଣୀ ପଢିବା ସହିତ ଯଥାରୀତି ପୂଜାର୍ଚ୍ଚନା କରିଛନ୍ତି। ବହୁ ପୂଜା ମଣ୍ଡପରେ ଭଜନ ସଂକୀର୍ତ୍ତନ ମଧ୍ୟ କରାଯାଇଥିଲା। ଏହି ବ୍ରତକୁ ଏକାଧିକ ଝିଅମାନେ ଗୋଟିଏ ସ୍ଥାନରେ ମିଶି ବିଭିନ୍ନ ମାନସିକ କରି ଆନନ୍ଦ ଉଲ୍ଲାସର ସହିତ ପାଳନ କରିଛନ୍ତି। ଛୁଆଳିଆ ଗ୍ରାମର କଦମ୍ବବିହାରୀ ପୂଜାମଣ୍ଡପରେ ଝିଅମାନେ ଆନନ୍ଦ ଉଲ୍ଲାସର ସହିତ ଏହି ଓଷା ପାଳନ କରିଛନ୍ତି।

ସକାଳ THE SAKALA



## ନିଖିଳ ଭାରତ ସ୍ୱାୟତ୍ତ ଶାସନ ସମାରୋହ

# ଦୁଃଖ ଓ କ୍ଷୋଭ ପ୍ରକାଶ କଲେ ବିଧାୟକ




ନୟାଗଡ଼,୩୧।୮ (ସମିସ): ନୟାଗଡ଼ ପୌର ପରିଷଦ ଆନୁକୂଲ୍ୟରେ ଆଜି ନିଖିଳ ଭାରତ ସ୍ୱାୟତ ଶାସନ ସମାରୋହ ପଠାଣି ସାମନ୍ତ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇ ଗଭୀର ଦୁଃଖ ଓ କ୍ଷୋଭ ପ୍ରକାଶ କରିଥିଲେ। ନୟାଗଡ଼ ବିକାଶ ପାଇଁ କଠିନ ପରିଶ୍ରମ କରିଥିବା ବେଳେ ସେଗୁଡ଼ିକର ରକ୍ଷଣାବେକ୍ଷଣ ସଠିକ ଭାବେ ହେଉନଥିବା ଏବଂ ନୂତନ କାର୍ଯ୍ୟ ପାଇଁ କେହି ପଦକ୍ଷେପ ନେଉନଥିବା ନେଇ ନିଜର ଦୁଃଖ ଓ କ୍ଷୋଭ ପ୍ରକାଶ କରିଥିଲେ। ଉଭୟ କାଉନସିଲର ଓ କର୍ମଚାରୀଙ୍କୁ କାମ କରିବାକୁ ପରାମର୍ଶ ଦେଇ ସହ ଅନୁରୋଧ ରଖିଥିଲେ। ବଲାଙ୍ଗୀ ପାର୍କକୁ ଅଭିମାନରେ ଯାଉନଥିବା ନେଇ କହିଥିଲେ। ଏହା ସହିତ ଓଡ଼ଗାଁ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଭରା ସଭାରେ ପ୍ରଶଂସା କରିବା ସହ କାମ କରିବା ପାଇଁ ଆଗ୍ରହ ପ୍ରକାଶ କରିବା ସହ ଆଇକ୍ୟୁ ରହିବା ଦରକାର ବୋଲି କହିଥିଲେ। ନୟାଗଡ଼ ସହର ପରିମଳ ବ୍ୟବସ୍ଥା ପ୍ରତି ସାଧାରଣ ଲୋକେ ସଚେତନ ହେଉନଥିବାରୁ ପୌର ପରିଷଦ ପକ୍ଷରୁ ଏକ ସଚେତନତା ପୁସ୍ତିକା ବଣ୍ଟନ କରିବାକୁ

> ➤ ହୋଇଥିବା ବିକାଶର ରକ୍ଷଣାବେକ୍ଷଣ ନାହିଁ
> ➤ କାମ କରିବାକୁ ନେତା ଓ କର୍ମଚାରୀଙ୍କୁ ପରାମର୍ଶ
> ➤ ବଲାଙ୍ଗୀ ପାର୍କ ନୟାଗଡ଼ ପାଇଁ ଗୌରବ

ପରାମର୍ଶ ଦେଇଥିଲେ। ନୟାଗଡ଼ରେ ଲୋକେ ଘର କରିବା ପୂର୍ବରୁ ପ୍ଲାନିଂ ଆପ୍ରୁଭାଲ କରୁନଥିବାରୁ ରାସ୍ତା ସଂକୀର୍ଣ୍ଣ ହେଉଥିବା କହିଥିଲେ। ଏହା ଦ୍ୱାରା ଡ୍ରେନ୍ ନିର୍ମାଣ ସମ୍ଭବ ହୋଇପାରୁନଥିବା ସୂଚନା ଦେଇଥିଲେ। ଡ୍ରେନ ଗୁଡ଼ିକରେ ଲୋକେ ଆବର୍ଜନା ପକାଉଛନ୍ତି। ଏହା ଦ୍ୱାରା ପରିବେଶ ନଷ୍ଟ ହେବା ସହ ଡ୍ରେନ୍ ଜାମ ହେଉଛି। ଲୋକେ ସଚେତନ ହେଲେ ବିକାଶ ନିଶ୍ଚିତ ହେବ ଏବଂ ସମସ୍ତ କାର୍ଯ୍ୟ ଦୀର୍ଘସ୍ଥାୟୀ ହେବ ବୋଲି କହିଥିଲେ। ସହରକୁ ସଫା ସୁତରା ରଖିବା ପାଇଁ ଜନସାଧାରଣ ଶପଥ ନେବା ଆବଶ୍ୟକ ବୋଲି ମତ ରଖିଥିଲେ। ଅପରିଷ୍କାର ସ୍ଥାନରେ ଭଗବାନ ରହିବେ ନାହିଁ, ଶ୍ରୀୟା ଚଣ୍ଡାଳୁନି ସଫା ସୁତରା ପାଇଁ ମା' ଲକ୍ଷ୍ମୀ ତାଙ୍କ ଘରକୁ ଯାଇଥିଲେ ବୋଲି ଉଦାହରଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଯୋଗ ଦେଇ ନୟାଗଡ଼ ବହୁ ଆଗକୁ ଯାଇଥିବା କହିଥିଲେ। ସମସ୍ତ ବିକାଶ ମୂଳକ କାର୍ଯ୍ୟର ରକ୍ଷଣାବେକ୍ଷଣ ଜରୁରୀ ବୋଲି କହିଥିଲେ। ବଲାଙ୍ଗୀ ପାର୍କ ନୟାଗଡ଼ ପାଇଁ ଗୌରବ ଆଣିଛି ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ପୌର ପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ଏବଂ ସମସ୍ତ କାଉନସିଲର ମଞ୍ଚାସୀନ ହୋଇଥିଲେ। ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପୌର ପରିଷଦ କର୍ମଚାରୀଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପୌର ପରିଷଦ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ● ଦ୍ୱିତୀୟ ବର୍ଷ ବି ଆସିଲେନି ସାଂସଦ

ପୁରୀ ସାଂସଦ ନୟାଗଡ଼ ସହରରୁ ଅଧିକ ଭୋଟ ପାଇଥିଲେ ମଧ୍ୟ ଲଗାତର ଭାବେ ନୟାଗଡ଼ ପୌର ପରିଷଦକୁ ଅଣଦେଖା କରୁଥିବା ନେଇ ବାରମ୍ବାର ଆଲୋଚନା ହେଉଥିଲା। ପୌର ପରିଷଦ ବୈଠକରେ ସେ କଦାପି ଯୋଗ ଦେଇନଥିବା ବେଳେ ପ୍ରଥମ ବର୍ଷ ସ୍ୱାୟତ ଶାସନ ଦିବସରେ ମଧ୍ୟ ଯୋଗ ଦେଇନଥିଲେ। ଚଳିତ ବର୍ଷ ସାଂସଦ ସ୍ୱାୟତ ଶାସନ ଦିବସରେ ଉପସ୍ଥିତ ରହିବେ ବୋଲି ପୌର ପରିଷଦ କାଉନସିଲର, କର୍ମଚାରୀ ଓ ସହରବାସୀ ଆଶା ରଖିଥିଲେ। ମାତ୍ର ଲୋକଙ୍କ ଆଶା ନିରାଶାରେ ପରିଣତ ହୋଇଛି। ଚଳିତ ବର୍ଷ ମଧ୍ୟ ସାଂସଦ ପୌର ପରିଷଦ ସ୍ୱାୟତ ଶାସନ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇନଥିବା ଦେଖାଯାଇଛି। ନୟାଗଡ଼କୁ ସାଂସଦ ଅଣଦେଖା କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଅନେକ ବରିଷ୍ଠ ନାଗରିକ ମତ ଦେଇଛନ୍ତି।

### ● କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ଫଳକରେ ନାହିଁ ସାଂସଦ, ବିଧାୟକ ଓ ଅଧ୍ୟକ୍ଷାଙ୍କ ନାଁ

ପୂର୍ବ ବିଜେଡି ସରକାର ସମୟରେ ୩ କୋଟି ଟଙ୍କା ଅନୁଦାନରେ ପୌର ପରିଷଦ ୩ ନଂ ୱାର୍ଡରେ ନିର୍ମାଣ କରାଯାଇଥିବା କଲ୍ୟାଣ ମଣ୍ଡପକୁ ଲୁକ୍କାୟିତ ଭାବେ ଉଦ୍‌ଘାଟନ କରାଯାଇଛି। ଏହି କଲ୍ୟାଣ ମଣ୍ଡପ ଉଦଘାଟନ ସମ୍ପର୍କରେ ସହରବାସୀ, ଗଣମାଧ୍ୟମ କି ଜନପ୍ରତିନିଧିଙ୍କୁ ପୌର ପରିଷଦ ପକ୍ଷରୁ ସୂଚନା ଦିଆଯାଇନାହିଁ। ଏପରିକି ଉଦ୍‌ଘାଟନ ଫଳରେ ସାଂସଦ, ବିଧାୟକ କି ପୌର ପରିଷଦ ଅଧ୍ୟକ୍ଷାଙ୍କ ନାଁକୁ ସ୍ଥାନ ଦିଆଯାଇନାହିଁ। କେବଳ ମୁଖ୍ୟମନ୍ତ୍ରୀଙ୍କ ନାମ ରଖି ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସମାପନ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏହାର ନିର୍ମାଣ ଦାୟିତ୍ୱ ନେଇଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଉପସ୍ଥିତ ଥିଲେ।

# ଭସାଣି ଗଣ୍ଡଗୋଳରେ ବୃଦ୍ଧ ମୃତ

ଭାପୁର,୩୧।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ କରଡାପଲ୍ଲୀ ଗ୍ରାମରେ ରବିବାର ରାତିରେ ଗଣେଶ ମୂର୍ତ୍ତି ଭସାଣି ଗଣ୍ଡଗୋଳରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଯାଇଛି। ମୃତକଙ୍କ ନାମ ହରିହର ସ୍ୱାଇଁ(୬୦)। ଗୋଳାପୋଖରୀ ପଞ୍ଚାୟତ ପାଥପୁର ଓ କରଡାପଲ୍ଲୀ ଗ୍ରାମ ମଧ୍ୟରେ ପୂର୍ବରୁ ଭସାଣି ନେଇ ମନୋମାଳିନ୍ୟ ଥିଲା। ପାଥପୁର ଗ୍ରାମର ଯୁବକମାନେ ସବୁବେଳେ ବିଭିନ୍ନ ପୂଜାରେ କରଡାପଲ୍ଲୀ ଗ୍ରାମ ମଧ୍ୟରେ ଭସାଣି ଶୋଭାଯାତ୍ରା କରନ୍ତି। ଯାହାକୁ ନେଇ କରଡାପଲ୍ଲୀ ଗ୍ରାମବାସୀ ବିରୋଧ କରନ୍ତି। ରବିବାର ରାତି ଆଠଟାରେ ପାଥପୁର ଗ୍ରାମର ଯୁବକମାନେ ଗଣେଶ ଭସାଣି ମେଢ଼ ଧରି କରଡାପଲ୍ଲୀ ଗ୍ରାମ ଦେଇ ଡିଜେ ବଜାଇ ପ୍ରସେସନରେ ଯାଇଥିଲେ। ଯାହାକୁ କରଡାପଲ୍ଲୀ ଗ୍ରାମବାସୀ ବିରୋଧ କରିଥିଲେ। ଏହି ସମୟରେ ଦଳାଚକଟା ହୋଇ କରଡାପଲ୍ଲୀ ଗ୍ରାମର ହରିହର ସ୍ୱାଇଁଙ୍କ ମୃତ୍ୟୁ ହୋଇଯାଇଛି। ମୃତକଙ୍କୁ ଧରି ତାଙ୍କ ସ୍ତ୍ରୀ ରାତି ୧୦ଟା ସମୟରେ ଭାପୁର ଡାକ୍ତରଖାନାରେ ପହଞ୍ଚିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରି ଭାପୁର ଫାଣ୍ଡିକୁ ଖବର ଦେଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନଥିଲେ ହେଁ ପୁଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

# ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ

ଭାପୁର, ୩୧।୮ (ସମିସ): ଜଣେ ମହିଳା ରାତିରେ ବାଡିପଟକୁ ଶୌଚ ହେବାକୁ ଯାଇଥିଲା ବେଳେ ତାଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଛି। ନୟାଗଡ଼ ଜିଲ୍ଲା ଫତେଗଡ ଥାନା ବାଉଁଶବାଟୀ ପଞ୍ଚାୟତ କଇଁଥପୋଖରୀ ଗ୍ରାମରେ ଘଟିଛି ଏପରି ଘଟଣା। କଇଁଥପୋଖରୀ ଗ୍ରାମର ରାଜକିଶୋର ମଲ୍ଲିକଙ୍କ ସ୍ତ୍ରୀ ଭାରତୀ ମଲ୍ଲିକ ଶନିବାର ରାତି ୧୨ଟା ସମୟରେ ଘରର ବାଡିପଟକୁ ଝାଡା ଯାଇ ଶୌଚ ହୋଇ ଶାଢି ପିନ୍ଧୁଥିଲେ। ଏହି ସମୟରେ ସେହି ଗ୍ରାମର ଜଣେ ଯୁବକ ତାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ଚିତ୍କାର କରିବାରୁ ତାଙ୍କ ସ୍ୱାମୀ ରାଜକିଶୋର ସେଠାରେ ପହଞ୍ଚି ଯିବାରୁ ଅଭିଯୁକ୍ତ ରାଜକିଶୋରଙ୍କୁ ଏକ କାଠ ଫାଳିଆରେ ବାଡେଇ ତାଙ୍କ ମୁଣ୍ଡ ଫଟେଇ ସେଠାରୁ ପଳାଇ ଯାଇଥିଲା। ରବିବାର ଉଭୟେ ସ୍ୱାମୀ ସ୍ତ୍ରୀ ଫତେଗଡ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ସନ୍ଧ୍ୟା ସୁଦ୍ଧା ମାମଲା ରୁଜୁ ହୋଇନଥିବା ଜଣାପଡିଛି।

# କୁମ୍ଭୀର ଖୋଜିଲେ ନନ୍ଦନକାନନ ଟିମ୍

ଗଣିଆ,୩୧।୮ (ସମିସ): ଗଣିଆ ବ୍ଲକ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ବୃଓଙ୍ଗ ନଦୀରେ ଗତ ୨୮ ତାରିଖ ଗୁରୁବାର କୁମ୍ଭୀର ଦେଖା ଦେଇଥିବା ନେଇ ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ କୁମ୍ଭୀର ପାଇ ନଥିଲେ। ଶୁକ୍ରବାର ମଧ୍ୟ ଗ୍ରାମବାସୀ ବୃଓଙ୍ଗ ନଦୀରେ କୁମ୍ଭୀର ଦେଖି ଭୟଭୀତ ହୋଇଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଛାମୁଣ୍ଡିଆ ବନବିଭାଗ ତରଫରୁ ନନ୍ଦନକାନନ ଜୁଲୋଜିକାଲ ସର୍ଭେ ଟିମକୁ ଖବର ଦିଆଯାଇଥିଲା। ରବିବାର ଉକ୍ତ ସର୍ଭେ ଟିମର ସଦସ୍ୟ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ବୃଓଙ୍ଗ ମୁହାଣ, କୁମ୍ଭୀରଖଣି, ଖଣ୍ଡାଧୁଆରେ ମେସିନ ସାହାର୍ଯ୍ୟରେ ସର୍ଭେ କରିଥିଲେ ମଧ୍ୟ କୁମ୍ଭୀରର ପତ୍ତା ମିଳି ନଥିଲା। ତେବେ ବୃଓଙ୍ଗ ନଦୀରେ ପାଣି କମି ଯାଇଥିବା କିମ୍ବା ସେଠାରେ ଖାଦ୍ୟ ମିଳି ନଥିବାରୁ କୁମ୍ଭୀରଟି ମହାନଦୀକୁ ଚାଲି ଯାଇଥାଇ ପାରେ ବୋଲି ସର୍ଭେ କରିବାକୁ ଆସିଥିବା ଅଧିକାରୀ ପ୍ରକାଶ କରିଥିଲେ। ଆସନ୍ତା ୪ ତାରିଖରେ ଆଉଥରେ ସର୍ଭେ କରାଯିବ ବୋଲି ଜଣାପଡିଛି। ଆଜିର ଏହି ସର୍ଭେରେ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା, ଫରେଷ୍ଟ ଗାର୍ଡ ଅଞ୍ଜଳି ପ୍ରଧାନ, ସର୍ଭେ ଟିମର ସଦସ୍ୟ, ଗ୍ରାମବାସୀ ତଥା ପାରା ଷ୍ଟାଫ୍ ଉପସ୍ଥିତ ଥିଲେ।

# ନୟାଗଡ଼ ସହରରେ ବାର୍‌ହା ଶିକାର

ନୟାଗଡ଼,୩୧।୮ (ସମିସ): ନୟାଗଡ଼ ସହର ରୁକ୍ଷୀ ଓ ବଳରାମ ପାହାଡ଼ ପାଦଦେଶରେ ଅବସ୍ଥିତ। ଉଭୟ ପାହାଡ଼ରେ ବ୍ୟାପକ ପରିମାଣର ବନ୍ୟଜନ୍ତୁ ରହିଛନ୍ତି। ଏହାର ସୁରକ୍ଷାକୁ ଆଦୌ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହେଉଛି। ଗତକାଲି ନୟାଗଡ଼ ବନାଞ୍ଚଳ ଅଧୀନସ୍ଥ ରୁକ୍ଷୀ ପାହାଡ଼ ପାଦଦେଶରେ ଫାଁସ ବସାଇ ବାରହା ଶିକାର କରାଯାଇଥିଲା। ବନକର୍ମଚାରୀମାନେ ଖବରପାଇ ନୟାଗଡ଼? ପୁରୁଣାସହର ରାଧାନାଥ କଲୋନୀର ଜଣେ ବ୍ୟକ୍ତିଙ୍କ ବାଡ଼ିରୁ ମୃତ ବାରହା ଉଦ୍ଧାର କରିଥିଲେ। ଏହା ସହିତ ଫାଁସ ମଧ୍ୟ ଜବତ କରିଛନ୍ତି। ଏହାକୁ ନେଇ ବନବିଭାଗ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ ବସିଥିବା ଅଭିଯୋଗ ହୋଇଛି। ଫାଁସ ବସାଇଥିବା ବ୍ୟକ୍ତି ସମ୍ପର୍କରେ ସୂଚନା ରହିଥିଲେ ବି ବନବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।

## ଅଳଙ୍କାର ଦୋକାନରୁ ଲୁଟ୍ ଘଟଣା : ୨ ଭାଇ ଗିରଫ

ଶରଣକୁଳ,୩୧।୮ (ସମିସ): ଗତ ରବିବାର ଦ୍ୱିପହରରେ ଛଣଗିରି ସାଇ ସୋନୁ ଅଳଙ୍କାର ଦୋକାନରୁ ହୋଇଥିବା ଡକାୟତିର ଆଜି ପୁଲିସ ପର୍ଦ୍ଦାଫାଶ କରିଛି। ଡକାୟତିରେ ସଂପୃକ୍ତ ଥିବା ୮ ଜଣଙ୍କ ମଧ୍ୟରୁ ଶରଣକୁଳ ଥାନା ଅଧୀନ ଗୋଡିପଡା ଫାଣ୍ଡି ଅନ୍ତର୍ଗତ କଇଁଫୁଲିଆ ଗ୍ରାମର ମୁଖ୍ୟ ଅଭିଯୁକ୍ତ ଶରତ ସେନାପତି, ତା'ର ସହଯୋଗୀ ସାନଭାଇ ଅଶୋକ ସେନାପତି(ବୁଲୁ) ଉଭୟଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଗିରଫ କରିବା ପରେ ସେମାନେ ଏକ ବାଡ଼ିରେ ପୋତି ଥିବା ଅଳଙ୍କାର ଗୁଡ଼ିକୁ ପୁଲିସ ଜବତ କରିଛି। ଜବତ କରିଥିବା ସୁନା ୨୦୬ ଗ୍ରାମ, ରୁପା ୯୦୦ ଗ୍ରାମ, ନଗଦ ୧ଲକ୍ଷ ୬୦ ହଜାର ଟଙ୍କା। ସେମାନଙ୍କ କହିବା ମୁତାବକ ଜଣକୁ ୫୦୦ଗ୍ରାମ ସୁନା ଓ ନଗଦ ଦୁଇଲକ୍ଷ ଟଙ୍କା ହିସାବରେ ଭାଗ ବାଣ୍ଟିଥିଲେ। ସମସ୍ତଙ୍କୁ ଗିରଫ କରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିବ। ବର୍ତ୍ତମାନ ସେମାନଙ୍କୁ ଟାଙ୍ଗୀ ଥାନା ପୁଲିସ୍ ହେପାଜତରେ ରଖାଯାଇ ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଏଥିରେ ଶରଣକୁଳ ଥାନା ପୁଲିସ ଟାଙ୍ଗୀ ଥାନା ଆଇଆଇସି ରବିନ୍ଦ୍ର ଭୁଜବଳ, ଗୋଡିପଡା ଫାଣ୍ଡି ଇନ୍ ଚାର୍ଜ ଏଚ୍‌ଡି ହାଇଦର ଅଲ୍ଲୀ ଓ କନଷ୍ଟେବଲ ଭଗବାନ ରାଉତଙ୍କ ମିଳିତ ଉଦ୍ୟମରେ ସେମାନଙ୍କ ମୋବାଇଲ ଟ୍ରାକିଙ୍ଗ କରି ଧରିବାକୁ ସଫଳ ହୋଇଛନ୍ତି।

### ● ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ବେଳେ ଗୋଷ୍ଠୀ କନ୍ଦଳ

# ଖଣ୍ଡା ଚୋଟରେ ଜଣେ ଯୁବକ ଗୁରୁତର



ଓଡଗାଁ,୩୧।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବସ୍‌ଷ୍ଟାଣ୍ଡ ଗଣେଶ ମନ୍ଦିର ସାମ୍ନାରେ ଗଣେଶ ପୂଜା ଉପଲକ୍ଷେ ଚାଲିଥିବା ଗଣ୍ଡଗୋଳ ଘଟି ଜଣେ ଗୁରୁତର ଆହତ ହୋଇଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ ବିଶୃଙ୍ଖଳା ସୃଷ୍ଟିକାରୀଙ୍କୁ ଆକଟ କରିବାକୁ ଉଦ୍ୟମ କରୁଥିବା ଓଡ଼ଗାଁ ଏନ୍‌ଏସି ପାଇକ ସାହିର ପିଣ୍ଟୁ ନାୟକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ପୁଲିସ୍ ଓଡ଼ଗାଁ ହରିଜନ ସାହିର ବିଜୟ ବେହେରା, ବିକାଶ ବେହେରା, ଆକାଶ ବେହେରା, ଲକ୍ଷ୍ମୀ ବେହେରା, କୃଷ୍ଣଚନ୍ଦ୍ର ବେହେରା, ଧିରେନ ବେହେରାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି। ଅପର ପକ୍ଷରେ ଆକ୍ରମଣର ଶିକାର ହୋଇଥିବା ପିଣ୍ଟୁ ନାଏକର ମୁଣ୍ଡରେ ଖଣ୍ଡା ଚୋଟରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାରୁ ତାଙ୍କୁ କଟକ ବଡ଼ମେଡ଼ିକାଲ ପଠାଯାଇଛି। ଶନିବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ଥିବା ପିଣ୍ଟୁ ନାଏକ ବିଶୃଙ୍ଖଳାକାରୀଙ୍କୁ ଆକଟ କରିବା ଘଟଣାକୁ ନେଇ ସାମାନ୍ୟ ଉତ୍ତେଜନା ପରେ ସମାଧାନ ହୋଇଥିଲା। ତେବେ ଉକ୍ତ ଘଟଣାକୁ ନେଇ ଆକାଶ ବେହେରା ବିଶୃଙ୍ଖଳାକାରୀଙ୍କ ପକ୍ଷନେଇ ପିଣ୍ଟୁ ନାୟକଙ୍କ ଉପରେ ଆସି ଆକ୍ରମଣ କରିଥିଲା। ଏହାକୁ ବିରୋଧ କରି ଶୃଙ୍ଖଳା ରକ୍ଷାକାରୀମାନେ ଆକାଶକୁ ପାଟିତୁଣ୍ଡ କରି ସେଠାରୁ ଫେରାଇ ଦେଇଥିଲେ। ମାତ୍ର ଏହାର କିଛି ସମୟ ପରେ ପୁଣିଥରେ ଆକାଶ ବେହେରା ଓ ସମର୍ଥକମାନେ ପିଣ୍ଟୁକୁ ଆକ୍ରମଣ କରିବାକୁ ସେଠାରେ ପହଞ୍ଚିଯାଇଥିଲେ। ତେବେ ପୁଲିସର ହସ୍ତକ୍ଷେପ ପରେ ଉଭୟପକ୍ଷ ସ୍ଥାନ ଛାଡି ପଳାଇ ଯାଇଥିଲେ। ତେବେ ପିଣ୍ଟୁ ନାୟକ ପୁଣି ଥରେ ଆସି ଉକ୍ତ ଘଟଣାକୁ ନେଇ ବିଜୟ ବେହେରାଙ୍କ ଘର ନିକଟରେ ପାଟିତୁଣ୍ଡ କରିବା ସମୟରେ ଆକାଶ ବେହେରା ପରିବାର ସହିତ ଆସି ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ପିଣ୍ଟୁ ବେହେରାଙ୍କ ମୁଣ୍ଡର ୩ ସ୍ଥାନରେ ଗଭୀର କ୍ଷତ ହେବାରୁ ରକ୍ତ ଜୁଡୁବୁଡୁ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ପରେ ନୟାଗଡ଼, ଭୁବନେଶ୍ୱର ଶେଷରେ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି।

# ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ



ଓଡଗାଁ,୩୧।୮ (ସମିସ): ନୟାଗଡ଼ ଜିଲ୍ଲା ଓଡଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସରକାରୀ କଲ୍ୟାଣ ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଅରୁଣ କୁମାର ସାହୁ, ମୁଖ୍ୟବକ୍ତା ଭାବେ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲ୍ଲା ସହରାଞ୍ଚଳ ବିକାଶ ପରିଷଦ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ ତଥା ପ୍ରଶାସକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିକାରୀ କର୍ଣ୍ଣଦେବ ସମାଦାର, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ପ୍ରମୁଖ ବିଶେଷ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ସ୍ୱାୟତ୍ତ ଶାସନ ଦିବସ ଅବସରରେ ସ୍ଥାନୀୟ ଅଞ୍ଚଳର ସମସ୍ତ ବିକଶିତ ପ୍ରକଳ୍ପ ଓ ପ୍ରସ୍ତାବିତ ଥିବା ଗୋଶାଳା ଓ ଶାମୁକା କ୍ଷେତ୍ରର ଉନ୍ନତି ପ୍ରକଳ୍ପ ସମ୍ପର୍କରେ ବିବରଣୀ ପାଠ କରିବା ସହିତ ଅତିଥି ମାନଙ୍କୁ ସ୍ୱାଗତ କାରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେତେକ ସ୍ୱଚ୍ଛ ସାଥି ଏବଂ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ବିଧାୟକ ସାହୁଙ୍କ ସହିତ ଅତିଥିମାନେ ରାମ ସାଗର ପାର୍କ ସନ୍ନିକଟ ରାମ ସାଗରରେ ପ୍ରତିଷ୍ଠିତ ନୌଚାଳନା, ପାର୍କର ମ୍ୟୁଜିକାଲ ଫାଉଣ୍ଟେନ ଓ ମାଛ ବଜାରର ଲୋକାର୍ପଣ କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକ ପଞ୍ଚାନନ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଶିକ୍ଷକ ରଞ୍ଜନ କୁମାର ଦାଶ, ଚିତ୍ତରଞ୍ଜନ ମିଶ୍ର ଶ୍ରୀମୋହନ ମହାପାତ୍ର, ସୂର୍ଯ୍ୟ ପଟନାୟକ, କିରନ ମିଶ୍ର ସହଯୋଗ କରିଥିଲେ।

ଖଣ୍ଡପଡ଼ା : ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସହରାଞ୍ଚଳ କାର୍ଯ୍ୟାଳୟ ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ ମୁଖ୍ୟଅତିଥୀ ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଜନସାଧାରଣଙ୍କୁ ସେବା ଯୋଗାଇଦେବା ଉପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ପରେ ବଜାର ଏବଂ ରଥଗଡାସ୍ଥିତ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଏନଏସିର ସାତ ଜଣ କାଉନସିଲରଙ୍କ ସମେତ ସମସ୍ତ ସରକାରୀ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ଏଥିସହିତ ସହରାଞ୍ଚଳ ଅଧୀନ କଲ୍ୟାଣ ମଣ୍ଡପରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ବଡାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ମଧ୍ୟାହ୍ନରେ ବିଧାୟକ, ମନ୍ତ୍ରୀଙ୍କ ସହ ଗୋଟିଏ କି ଦୁଇଟି ପ୍ରକଳ୍ପ ପରିଦର୍ଶନ କରି ଭୁବନେଶ୍ୱର ଅଭିମୁଖେ ପଳାଇ ଯାଇଥିଲେ। ତେବେ ସନ୍ଧ୍ୟାରେ ଖଣ୍ଡପଡ଼ା ସହରସ୍ଥିତ ସାମନ୍ତ ଚନ୍ଦ୍ରଶେଖର ସ୍ମୃତିମନ୍ଦିର ଓ ପାଠାଗାର ପରିସରରେ ଏ ପରିପ୍ରେକ୍ଷୀରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଅଧ୍ୟକ୍ଷା ଆରତୀ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ମହଶ୍ରୀ ମଦନ ଚରଣ ଦାସ, କବୟିତ୍ରୀ ଭାଗ୍ୟଲିପି ମଲ୍ଲ, ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ।

# ଶ୍ରମିକ ମୃତ୍ୟୁକୁ ନେଇ ରାସ୍ତାରୋକ



ନୟାଗଡ଼,୩୧।୮ (ସମିସ): ଶ୍ରମିକଙ୍କ ମୃତ୍ୟୁ ଘଟଣାରେ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ମୃତଦେହ ରଖି ଏଆର୍‌ଏସଏସ କାର୍ଯ୍ୟାଳୟ ସମ୍ମୁଖରେ ନୟାଗଡ଼ ଭଞ୍ଜନଗର ରାସ୍ତା ଅବରୋଧ କରିଛନ୍ତି। ଗତ ଜୁଲାଇ ୧୬ ତାରିଖରେ ଏଆର୍‌ଏସ୍‌ଏସ୍ କମ୍ପାନୀ କାମରେ କାର୍ଯ୍ୟ କରୁଥିବା ବେଳେ ଗୁରୁତର ଆହତ ହୋଇଥିଲେ ଖାଲମଡ଼ାର ଉମାକାନ୍ତ ପରିଡା। ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ତାଙ୍କର ମୃତ୍ୟୁ ହୋଇଥିଲା। ଗତ କିଛି ବର୍ଷ ହେଲା ଉମାକାନ୍ତ ଏଆର୍‌ଏସଏସ ରାସ୍ତା ନିର୍ମାଣ କାମରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ଜୁଲାଇ ୧୬ ତାରିଖରେ କମ୍ପାନୀର ମାଛିପଡାରେ ଥିବା ଡିପୋରେ କାର୍ଯ୍ୟ କରୁଥିବା ସମୟରେ ମିଶ୍ଚର ମେସିନରୁ ଖସିପଡି ଗୁରୁତର ଆହତ ହୋଇଥିଲେ। ଉମାକାନ୍ତଙ୍କୁ ପ୍ରଥମେ ନୟାଗଡ଼ ଏବଂ ପରେ ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ ପରିବାର ଲୋକ। ଚିକିତ୍ସା ସମୟରେ କମ୍ପାନୀ କର୍ତ୍ତୃପକ୍ଷ କୌଣସି ସାହାଯ୍ୟ କରିନଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ଉମାକାନ୍ତଙ୍କ ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ଦାବିରେ ଆଜି ରାସ୍ତାରେ ମୃତଦେହ ରଖି ପରିବାର ଏବଂ ସମ୍ପର୍କୀୟ ଆନ୍ଦୋଳନ କରିଛନ୍ତି। ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ଏବଂ ଅନ୍ୟ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଥିଲେ। ଏହାସହିତ କମ୍ପାନୀର ସ୍ଥାନୀୟ ଅଧିକାରୀଙ୍କୁ ପୁଲିସ ଥାନାରେ ଅଟକ ରଖିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

## ନୟାଗଡ଼ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ

# ଗୋଟିଏ ବି ଏନ୍‌ଏସି ଘୋଷଣା ହେଲାନି

ନୟାଗଡ଼/କଣ୍ଟିଲୋ,୩୧।୮ (ସମିସ): ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୭ଟି ଜିଲ୍ଲାର ୧୨ଟି ସ୍ଥାନକୁ ଏନ୍‌ଏସି ଘୋଷଣା କରିଥିଲେ। ଆଜି ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ନୂତନ ୭ଟି ପୌରପାଳିକା ଓ ୧୬ଟି ନୂଆ ଏନଏସି ଘୋଷଣା କରିଛନ୍ତି। ଦୁଇ ଦୁଇଟି ତାଲିକା ଘୋଷଣାରେ ନୟାଗଡ଼ ଜିଲ୍ଲାର ସ୍ଥାନ ନାହିଁ। ପୂର୍ବରୁ ବିଜେଡି ସରକାର ଘୋଷଣା କରିଥିବା ସ୍ଥାନ ଗୁଡ଼ିକୁ ଏହି ତାଲିକାରୁ ବାଦ ଦିଆଯାଇଛି। ଫଳରେ ପୂର୍ବ ସରକାର ଘୋଷଣା କରିଥିବା ଶରଣକୁଳ ଓ କଣ୍ଟିଲୋବାସୀ ହତୋତ୍ସାହିତ ହୋଇଛନ୍ତି। କଣ୍ଟିଲୋ ଓ ଶରଣକୁଳକୁ ପୂର୍ବରୁ ଏନ୍‌ଏସି ଘୋଷଣା କରାଯାଇଥିବା ବେଳେ ନିର୍ବାଚନ ପରେ ସରକାର ତାହାକୁ ବାତିଲ କରିଥିଲେ। ଏଥିପାଇଁ ଆବଶ୍ୟକ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇନଥିବା କହିଥିଲେ। ଦେଢ଼ ବର୍ଷ ପରେ ଏବେ ସରକାର ଯେଉଁ ଘୋଷଣା କରୁଛନ୍ତି, ସେଥିରେ ଏହାକୁ ସାମିଲ କରାନଯିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟିଲୋ ଏବଂ ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶରଣକୁଳ ଐତିହ୍ୟ ସମ୍ପର୍ଣ୍ଣ ସ୍ଥାନ। କଣ୍ଟିଲୋରେ ମହାପ୍ରଭୁ

> ➤ ଦ୍ୱିତୀୟ ପର୍ଯ୍ୟାୟ ତାଲିକାରେ ନାହିଁ ନାଁ
> ➤ କଣ୍ଟିଲୋକୁ ପୁଣି ଉପେକ୍ଷା
> ➤ ଘେରିବେ ଜନତା; ମାଗିବେ ଜବାବ
> ➤ ରାଜସୁନାଖଳା ପାଇଁ ହେବ ଆନ୍ଦୋଳନ

ଶ୍ରୀ ଜଗନ୍ନାଥଙ୍କ ଆଦିକ୍ଷେତ୍ର ନୀଳମାଧବ ପୀଠ ରହିଥିବା ବେଳେ ଶରଣକୁଳରେ ଲଡୁବାବାଙ୍କ ପୀଠ ରହିଛି। ଏନ୍‌ଏସି ପାଇଁ ସମସ୍ତ ଯୋଗ୍ୟତା ଏହି ଦୁଇ ସ୍ଥାନର ରହିଛି। ଉଭୟ ନିର୍ବାଚନ ମଣ୍ଡଳୀରେ ବିଜେପି ବିଧାୟକ ରହିଛନ୍ତି। ତଥାପି ସରକାର କାହିଁକି ଅଣସମ୍ବେଦନଶୀଳ ହେଲେ ବୋଲି ରାଜନୈତିକ ମହଲରେ ପ୍ରଶ୍ନ ଉଠିଛି। ରଣପୁର ନିର୍ବାଚନ ମଣ୍ଡଳୀ ବିଧାୟକ ସୁରମା ପାଢ଼ୀ ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ଅଳଙ୍କୃତ କରିଛନ୍ତି। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କର ମୁଖ୍ୟମନ୍ତ୍ରୀଙ୍କ ନିକଟରେ କାଟ୍‌ତି ଜୋରଦାର ବୋଲି ତାଙ୍କ କର୍ମୀ କୁହନ୍ତି। ଖୋଦ୍ କଣ୍ଟିଲୋ ଅଞ୍ଚଳରୁ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ପଦ ଅଳଙ୍କୃତ କରିଛନ୍ତି ଅଭିଳାଷ ପଣ୍ଡା। ସରକାରରେ ୩ ଜଣ ପ୍ରମୁଖ ବ୍ୟକ୍ତିତ୍ୱଙ୍କ ଦବଦବା ରହିଥିବା ବେଳେ ଜିଲ୍ଲାର ୩ ଜଣ ସାଂସଦ ବିଜେପିରୁ ନିର୍ବାଚିତ ହୋଇଛନ୍ତି। ତଥାପି କାହିଁକି ନୟାଗଡ଼ ଜିଲ୍ଲା ଏନ୍‌ଏସି ଘୋଷଣାରୁ ବଞ୍ଚିତ ହେଲା ବୋଲି ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଜସୁନାଖଳାକୁ ଏନ୍‌ଏସି ଘୋଷଣା ପାଇଁ ବହୁ ପୂର୍ବରୁ ଦାବି ଜୋରଦାର ହେଉଛି। ରାଜସୁନାଖଳାକୁ ଏନ୍‌ଏସି ମାନ୍ୟତା ପାଇଁ ଡିଜିଟାଲ ରାଲି ଦୀର୍ଘଦିନ ଧରି କରାଯାଇଥିବା ବେଳେ ନିର୍ବାଚନ ପୂର୍ବରୁ ସାମ୍ବାଦିକ ତଥା ସମାଜସେବୀ ଆର୍ତ୍ତତ୍ରାଣ ପ୍ରଧାନ ଧାରଣା ଓ ଆମରଣ ଅନଶନରେ ବସିଥିଲେ। ନିର୍ବାଚନ ପରେ ରାଜସୁନାଖଳାକୁ ଏନ୍‌ଏସି ଘୋଷଣା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ତାହା ହୋଇନଥିବା ବେଳେ ସାମ୍ବାଦିକ ତଥା ସମାଜସେବୀ ଆର୍ତ୍ତତ୍ରାଣ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ନୟାଗଡ଼ ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ଆଗାମୀ ଦିନରେ ବିଜେପି ନେତାଙ୍କୁ ସାଧାରଣ ଲୋକେ ଘେରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି। କାହିଁକି ଏନ୍‌ଏସି ମାନ୍ୟତାରୁ ବଞ୍ଚିତ କରାଯାଉଛି, ତାହାର ଜବାବ ମାଗିବେ ବୋଲି ଅନେକ ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ହୀରାକୁଦ ଜଳସ୍ତର ୬୨୫.୧୭ ଫୁଟ୍

ସମ୍ବଲପୁର, ୩୧।୮ (ସମିସ): ରବିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୫.୧୭ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୧୮,୬୨୪ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୬, ୦୨୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲଓ୍ୱେ ଦେଇ କୌଣସି ଜଳ ପ୍ରବାହିତ ହେଉନଥିବାବେଳେ ପାୱାର ଚେନାଲ ଦେଇ ୩୧, ୯୭୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩, ୮୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଗତ ୨୪ ଘଣ୍ଟାରେ ୬.୬୧ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୦.୪୯ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୪୭ ଫୁଟ୍ ରହିଥିଲା।

## ନାବାଳିକା ଅପହରଣ, ଯୁବକ ଅଟକ

ଯୁଯୋମୁରା, ୩୧।୮ (ସମିସ): ଯୁଯୋମୁରା ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ ମାମଲାରେ ଜଣେ ଯୁବକକୁ ଅଟକ ରଖାଯାଇଥିବା ସୂଚନା ମିଳିଛି। ନାବାଳିକା ଜଣକ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବାବେଳେ ଗତ ୨୫ ତାରିଖରୁ ନିଖୋଜ ଥିଲେ। ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବାପରେ ନାବାଳିକାଙ୍କୁ ନିକଟସ୍ଥ ଏକ ଗ୍ରାମରୁ ପୁଲିସ ଉଦ୍ଧାର କରିଥିଲା। ଏହି ମାମଲାରେ ଜଣେ ଯୁବକଙ୍କୁ ପୁଲିସ ଅଟକ ରଖି ପଚରାଉଚୁରା କରୁଛି। ଆସନ୍ତାକାଲି ବୟାନ ରେକର୍ଡ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି।

## ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସ୍ମୃତି ସଂସଦ ପକ୍ଷରୁ 'ପ୍ରମୋଦନାମା'

ସମ୍ବଲପୁର, ୩୧।୮ (ସମିସ): ନାଟ୍ୟକାର ପ୍ରମୋଦ ତ୍ରିପାଠୀ ଥିଲେ ଅନେକ କାଳଜୟୀ ନାଟକର ସ୍ରଷ୍ଟା। ତାଙ୍କ ନାଟକ ଗୁଡିକର ଉଚ୍ଚାଙ୍ଗ ସାହିତ୍ୟିକ ମୂଲ୍ୟ ରହିଥିବାବେଳେ ସେଗୁଡ଼ିକର ମଞ୍ଚ-ମୂଲ୍ୟ ମଧ ଯଥେଷ୍ଟ ରହିଥିଲା ଯୋଉଥିପାଇଁ ତାହା ଦର୍ଶକମାନଙ୍କୁ ବାନ୍ଧି ରଖିବାରେ ସମର୍ଥ ହେଉଥିଲା। ତେବେ ସମ୍ବଲପୁରୀ ଭାଷାରେ ତାଙ୍କ ନାଟକ ଲେଖିବାର ସ୍ୱପ୍ନକୁ ସେ ଚରିତାର୍ଥ କରିବା ପୂର୍ବରୁ ସେ ଅକାଳରେ ଆମକୁ ଛାଡ଼ିଗଲେ ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ଆଜି ପୂର୍ବାହ୍ନରେ ଜେଲଖାନା ଛକ ନିକଟସ୍ଥ ସମ୍ବଲପୁର କଳାକେନ୍ଦ୍ରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ 'ପ୍ରମୋଦନାମା' ଆୟୋଜିତ ହୋଇଯାଇଛି। ପ୍ରଫେସର ସୁଧୀର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦୈନିକ 'ପ୍ରମେୟ'ର ସମ୍ବଲପୁର ଶାଖା ପରିଚାଳକ ଶ୍ୱେତ ପ୍ରଧାନ ମୁଖ୍ୟଅତିଥି ଏବଂ ବରିଷ୍ଠ ଅଭିନେତା ତଥା ହାସ୍ୟ କବି ମନୋରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ହାସ୍ୟକବି ତଥା ଅଭିନେତା ସୁଶୀଲ କୁମାର ମିଶ୍ର ଏବଂ ବିଶିଷ୍ଟ ନାଟ୍ୟାଭିନେତା, ସଂସ୍କୃତି ଗବେଷକ ଡଃ ଶ୍ୟାମସୁନ୍ଦର ଧରଙ୍କୁ ଚଳିତବର୍ଷର 'ପ୍ରମୋଦ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦର ଆବାହକ ଡଃ ଦାରିକାନାଥ ନାୟକ ସଭା ସଂଯୋଜନା କରିଥିବାବେଳେ ବୃନ୍ଦାବନ ମିଶ୍ର ମାନପତ୍ର ପାଠ କରିଥିଲେ। ସଭା ପରେ ହାସ୍ୟ କବି ମନୋରଞ୍ଜନ ସାହୁ ଓ ସୁଶୀଲ ମିଶ୍ର ହାସ୍ୟ ଓ ବ୍ୟଙ୍ଗ କବିତା ପାଠ କରିଥିଲେ। ସଞ୍ଜୀବ ପାଢ଼ୀ, ପ୍ରଶାନ୍ତ ମାଝୀ, କମଳ ଲୋଚନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ସାଇକଲ ରାଲି

ସମ୍ବଲପୁର, ୩୧।୮ (ସମିସ): ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆଜି ସକାଳେ ଏକ ସାଇକଲ ରାଲି ଆୟୋଜିତ ହୋଇଯାଇଛି। ଏହି ରାଲି ନେଲସନ୍ ମାଣ୍ଡେଲା ଛକରୁ ବାହାରି ଲକ୍ଷ୍ମୀଟକିଜ ଛକ, ମୁଦିପଡ଼ା ଛକ, ବଡ଼ବଜାର ହୋଇ ମା' ସମଲେଶ୍ୱରୀ ମନ୍ଦିର ପାର୍କିଂଠାରେ ସମାପ୍ତ ହୋଇଥିଲା। ଏଥିରେ ପ୍ରାୟ ଦୁଇ ଶହ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉପରୋକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା କ୍ରୀଡ଼ାର ଗୁରୁତ୍ୱ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ସହ ଶାରୀରିକ ସୁସ୍ଥତା, ଶୃଙ୍ଖଳା, ଟିମ୍‌ୱର୍କ ବିଷୟରେ ପ୍ରଚାର ପ୍ରସାର କରିବା। ସାଇକଲ ରାଲିକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମୃତଲାଲ ବେହେରା ଓ ଜିଲ୍ଲା ସୂଚନା ଓ ଜନସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ସିଆରପିଏଫ୍ ଗ୍ରୁପ୍ ସେଣ୍ଟରରେ ଜାତୀୟ କ୍ରୀଡ଼ା ଦିବସ

ସମ୍ବଲପୁର, ୩୧।୮ (ସମିସ): ଗୋଶାଳାସ୍ଥିତି ସିଆରପିଏଫ୍ ଗ୍ରୁପ ସେଣ୍ଟରରେ ଜାତୀୟ କ୍ରୀଡ଼ା ଦିବସ-୨୦୨୫ ପାଳନ ପାଇଁ ୨୯ ଓ ୩୦ ତାରିଖ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଡେପୁଟି ଇନ୍ସପେକ୍ଟର ଜେନରାଲ ସଞ୍ଜୟ କୁମାର ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାପନୀ ଉତ୍ସବରେ ଅମିତେନ୍ଦ୍ର ନାଥ ସିହ୍ନା, ପୁଲିସ ମହାନିରିକ୍ଷକ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ବାହିନୀର ପରମ୍ପରା ଅନୁଯାୟୀ, ପୁଲିସ ମହାନିରୀକ୍ଷକ କ୍ୱାଟର ଗାର୍ଡରେ ଗାର୍ଡଙ୍କ ଅଭିବାଦନ ଗ୍ରହଣ କରିଥିଲେ। ଏହାପରେ ରେଞ୍ଜ ଅଫିସ୍ ସମ୍ବଲପୁର ଏବଂ ଗ୍ରୁପ ସେଣ୍ଟର ପରିସରର ଦ୍ୱିବାର୍ଷିକ ଯାଞ୍ଚ କରାଯାଇଥିଲା ଏବଂ ଚାଲୁଥିବା କ୍ରୀଡ଼ା ପ୍ରତିଯୋଗିତା ଏବଂ କାର୍ଯ୍ୟକଳାପ ପରିଦର୍ଶନ କରାଯାଇଥିଲା। ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଶ୍ରଦ୍ଧାଞ୍ଜଳି ସ୍ୱରୂପ, ୨୯ ଅଗଷ୍ଟ ୨୦୨୫ ରେ ଜାତୀୟ କ୍ରୀଡ଼ା ଦିବସ ପାଳନ ପାଇଁ ତିନିଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଫିଟ୍ ଇଣ୍ଡିଆ ଗଣ ଶପଥ, ସାଇକେଲ ରାଲି ଏବଂ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନ୍ତର୍ଭୁକ୍ତ ଥିଲା। ଏହି ଅବସରରେ, ସୋନପୁର ଜିଲ୍ଲାର ବାସିନ୍ଦା ଜାତୀୟ ଏବଂ ଆନ୍ତର୍ଜାତୀୟସ୍ତରରେ ପ୍ରସିଦ୍ଧ ତାଇକୋଣ୍ଡୋ ଖେଳାଳି ଏହସାସ ହୋତା ମଧ ଉପସ୍ଥିତ ଥିଲେ। ସେ କର୍ମଚାରୀମାନଙ୍କୁ କ୍ରୀଡ଼ା ଏବଂ ସ୍ୱାସ୍ଥ୍ୟର ଗୁରୁତ୍ୱ ବିଷୟରେ ଅନୁପ୍ରାଣିତ କରିଥିଲେ ଏବଂ ତାଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ବାର୍ଷିକ କ୍ରୀଡ଼ା କ୍ୟାଲେଣ୍ଡର ଅନୁଯାୟୀ, ୩୦ ଅଗଷ୍ଟ ୨୦୨୫ ରେ ଅନ୍ତଃବାଟାଲିୟନ ଭଲିବଲ୍ ପ୍ରତିଯୋଗିତା-୨୦୨୫ର ଫାଇନାଲ୍ ମ୍ୟାଚ୍ ୪ ବାଟାଲିଅନ ଏବଂ ୨୧୬ ବାଟାଲିଅନ ମଧ୍ୟରେ ଖେଳାଯାଇଥିଲା। ଏହି ପ୍ରତିଯୋଗିତାରେ ୪ ବାଟାଲିଅନକୁ ମୁଖ୍ୟଅତିଥି ଅମିତେନ୍ଦ୍ର ନାଥ ସିହ୍ନା, ପୋଲିସ ମହାନିରିକ୍ଷକଙ୍କଦ୍ୱାରା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ।

# ମାସକରେ ଜେଲ୍ ଗଲେ ୫ ଦୁଷ୍କର୍ମକାରୀ

ସମ୍ବଲପୁର, ୩୧।୮ (ସମିସ)

ଅଗଷ୍ଟ ମାସ ମଧ୍ୟରେ ଜିଲ୍ଲା ପୋକ୍‌ସୋ ଅଦାଲତରେ ଶୁଣାଣି କରି ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଲାଷ ସେନାପତି ୫ ଜଣ ଦୁଷ୍କର୍ମକାରୀଙ୍କୁ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ସମସ୍ତ ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

ଗତ ୧୨ ତାରିଖ ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଲାଷ ସେନାପତି ସପ୍ତମ ଶ୍ରେଣୀର ଛାତ୍ରୀକୁ ବସ ଚାଳକ ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତ ପବିତ୍ର ଭୋଇକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା ରାୟ ଶୁଣାଇଛନ୍ତି। ଅଇଁଠାପାଲି ଥାନାଧିକାରୀ କେସ ନଂ.୧୫୮/୧୨.୫.୨୦୨୪ ରୁଜୁକରି ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲେ।

ସେହିପରି ଗତ ୨୧ ତାରିଖ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ନାବାଳିକା ଦୁଷ୍କର୍ମ ଅଭିଯୋଗର ଶୁଣାଣି କରି ଅଭିଯୁକ୍ତ ଟିକେଶ୍ୱର ଭୋସାଗରକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଅଭିଯୁକ୍ତ ପିଡ଼ିତା ସହ ଇନ୍‌ଷ୍ଟାଗ୍ରାମରେ ପରିଚୟ ହୋଇ ପିଡ଼ିତାଙ୍କୁ କଥାବାର୍ତ୍ତା ହେବାପାଇଁ ଡାକିଥିଲା ଏବଂ ଅଇଁଠାପାଲିରୁ ଜବରଦସ୍ତି ବସ୍‌ରେ ବସାଇ ଅତାବିରାରେ ଥିବା ଏକ ସମ୍ପର୍କୀୟ ଘରକୁ ନେଇ ସେଠାରେ ଜୋରଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିଲା। ଅଇଁଠାପାଲି ଥାନାରେ ଅଭିଯୋଗ ପରେ କେସ ନଂ.୨୮୧/୨୦୨୩ ରୁଜୁକରି ଅଭିଯୁକ୍ତକୁ ଗିରଫ କରାଯାଇଥିଲା।

ଅନ୍ୟ ଏକ ଘଟଣାରେ ଗତ ୨୧ ତାରିଖ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତ ଗୋପୀଲାସ ରନବିଡ଼ାକୁ ୧୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜୋରିମାନା ରାୟ ଶୁଣାଇଛନ୍ତି। ଧମା ଥାନା ଅଞ୍ଚଳର ପିଡ଼ିତା ସମ୍ବଲପୁର ଚର୍ଚ୍ଚକୁ ପ୍ରାର୍ଥନା ପାଇଁ ଆସିଥିବାବେଳେ ଘରକୁ ନେଇ ଛାଡ଼ିଦେବି କହି ଅଟୋ ଡ୍ରାଇଭର (ଅଭିଯୁକ୍ତ) ଜୟନ୍ତପୁର ନିଜ ଘରକୁ ନେଇ ସେଠାରେ ରଖି ବାରମ୍ବାର ଦୁଷ୍କର୍ମ କରିଥିଲା। ଧମା ଥାନାରେ ଅଭିଯୋଗ ପରେ କେସ ନଂ.୫୩/୧୦-୬-୨୦୧୫ ରୁଜୁକରି ଅଭିଯୁକ୍ତକୁ ଗିରଫ କରାଯାଇଥିଲା।

ସେହିପରି ଗତ ୩୦ ତାରିଖ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତ ଅନିଲ ସାମ୍ବଦକୁ ୩୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଘଟଣା ଦିନ ପିଡ଼ିତା ଓ ତାର ମା' ପିଡ଼ିତା (୬)ର ମାମୁଁର ବାହାଘର ପାଇଁ ତାଙ୍କ ଘର ସୁନ୍ଦରଗଡ଼ରୁ ମାମୁଁ ଘରକୁ ଆସିଥିଲେ। ସେଠାରେ ନାଚୁଥିବାବେଳେ ଅଭିଯୁକ୍ତ ପିଡ଼ିତାକୁ ସେଠାରୁ ଅନ୍ୟ ସ୍ଥାନକୁ ଟେକି ନେଇ ଜୋରଜବରଦସ୍ତି ଦୁଷ୍କର୍ମ କରିଥିଲା। ପୁଲିସ ମହୁଲପାଲି ଥାନା କେସ ନଂ. ୮୦/୨୦୨୪ରେ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରିଥିଲା।

ଅନ୍ୟ ଏକ ଘଟଣାରେ ଗତ ୩୦ ତାରିଖ ଦୁଷ୍କର୍ମ ଉଦ୍ୟମ ଘଟଣାର ଶୁଣାଣି କରି ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଯୁକ୍ତ ରଣଜିତ ମରେଇକୁ ୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା ରାୟ ଶୁଣାଇଛନ୍ତି। ପିଡ଼ିତା (୬) ଅଭିଯୁକ୍ତ ଘରକୁ ଏକ ବିବାହ କାର୍ଡ ଦେବାପାଇଁ ଯାଇଥିବାବେଳେ ସେ ପିଡ଼ିତାକୁ ଦୁଷ୍କର୍ମ କରିବା ପାଇଁ ଘର ଭିତରକୁ ଟାଣିନେଇଥିଲା। କିନ୍ତୁ କୌଶଳକ୍ରମେ ପିଡ଼ିତା ଘରୁ ବାହାରି ଆସଥିଲା। କତରବଗା ଥାନା ପୁଲିସ ମାମଲା ସଂଖ୍ୟା ୫୪/୨୦୧୯ ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା।

## ଜିଏମୟୁରେ ଭାରତୀୟ ଜ୍ଞାନପରମ୍ପରା କେନ୍ଦ୍ରର ରାଷ୍ଟ୍ରୀୟ ସମ୍ମାନ

ସମ୍ବଲପୁର, ୩୧।୮ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଭାରତୀୟ ଜ୍ଞାନପରମ୍ପରା କେନ୍ଦ୍ର ଆନୁକୂଲ୍ୟରେ 'ମନ, ଚେତନା ଓ ସୁସ୍ଥତା : ଭାରତୀୟ ଜ୍ଞାନ-ପରମ୍ପରାର ଦୃଷ୍ଟିକୋଣ' ଶୀର୍ଷକ ଏକଦିବସୀୟ ରାଷ୍ଟ୍ରୀୟ ସମ୍ମାନ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନୃସିଂହ ଚରଣ ପଣ୍ଡା ତଥା ଆଇଆଇଟି ଖଡ଼ଗପୁରର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ଦାମୋଦର ସୁଆର ମୁଖ୍ୟବକ୍ତା ରୂପେ ଯୋଗଦେଇ ଭାରତୀୟ ଜ୍ଞାନ-ପରମ୍ପରାରେ ମନସିକ ସନ୍ତୁଳନ, ଆତ୍ମଚେତନା ଓ ଆଧ୍ୟାତ୍ମିକ ସୁସ୍ଥତାକୁ ଗୁରୁତ୍ୱ ଦିଆଯିବା ପ୍ରସଙ୍ଗରେ ଆଲୋକପାତ କରିଥିଲେ। ଭାରତୀୟ ପରମ୍ପରାଗତ ଅନୁଶୀଳନଗୁଡ଼ିକ ମାନବୀୟ ମୂଲ୍ୟବୋଧ, ସାମାଜିକ ସମନ୍ୱୟ ଓ ମାନସିକ ସୁସ୍ଥତାକୁ ନୂତନ ଦିଗଦର୍ଶନ ଦେବାରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ଆସିଷ୍ଟାଣ୍ଟ ପ୍ରଫେସର ଡଃ ରୂପଶ୍ରୀ ବ୍ରହ୍ମକୁମାରୀ ବିଷୟବସ୍ତୁ ଏବଂ ଲକ୍ଷ୍ୟ ପ୍ରସଙ୍ଗରେ ସୂଚନା ପ୍ରଦାନ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଡଃ ସସ୍ମିତା ପତି ଏହାକୁ ପରିଚାଳନା କରିଥିଲେ। ଉପକୁଳସଚିବ ଡଃ ଉମା ଚରଣ ପତି ଏବଂ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଭାରତୀୟ ଜ୍ଞାନ ପରମ୍ପରା ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ କିପରି ଛାତ୍ରଛାତ୍ରୀଙ୍କୁ ଭାରତୀୟ ସଂସ୍କୃତିର ସଂରକ୍ଷଣ ପାଇଁ ମାର୍ଗଦର୍ଶନ ପ୍ରଦାନ କରୁଛି ସେନେଇ ଆଲୋଚନା କରିଥିଲେ। କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ, ଓ.ପି.ଜିନ୍ଦଲ୍ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ମହିଳା ମହାବିଦ୍ୟାଳୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଦିର ଅଧ୍ୟାପକ ଅଧ୍ୟାପିକା ତଥା ଛାତ୍ରଛାତ୍ରୀମାନେ ନିବନ୍ଧ ଉପସ୍ଥାପନା ତଥା ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।

## କୁଲତା ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ୍



ସମ୍ବଲପୁର, ୩୧।୮ (ସମିସ) : ଦାନିପାଲିସ୍ଥିତ ରଣେଶ୍ୱର ରାମଚଣ୍ଡୀ ସେବାସଦନରେ କୁଲତା ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଲତା ସମାଜ ସଭାପତି କୃପାସିନ୍ଧୁ ଖମାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜର ଦୁଇଜଣ ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ଭୋଇ ଓ ଭୀମସେନ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କୁଲତା ସମାଜ ପକ୍ଷରୁ ସମ୍ବଲପୁରରେ କରାଯାଉଥିବା ବିଭିନ୍ନ ବିକାଶ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିରର ପୂଜକ ଦେବୀ ପ୍ରସାଦ ଭୋଇ ପ୍ରାରମ୍ଭରେ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରିଥିଲେ। କୁଲତା ସମାଜର ଉପସଭାପତି ଦେବତ୍ତମ ପ୍ରଧାନ, ସମ୍ପାଦକ ରଞ୍ଜନ ପାତ୍ର, ପୂର୍ବତନ ସଭାନେତ୍ରୀ ଯଶୋବନ୍ତୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କୃଷି ହିଁ କୁଲତା ସମାଜର ପରିଚୟ ହୋଇ ରହିଆସିଥିବା ବେଳେ ଆଗକୁ ବ୍ୟବସାୟ କ୍ଷେତ୍ରରେ ମଧ ସମାଜକୁ ସୁଦୃଢ଼ କରାଯିବା ନେଇ ମତପ୍ରକାଶ ପାଇଥିଲା। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ, ଭବାନୀ ଶଙ୍କର ଭୋଇ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଧାନ, ଆଲୋକ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ




ସମ୍ବଲପୁର, ୩୧।୮ (ସମିସ) : ବୀର ସୁରେନ୍ଦ୍ର ସାଏ ବ୍ୟାଡମିଣ୍ଟନ ହଲଠାରେ ୯, ୧୧, ୧୩, ୧୫ ଓ ୧୯ ବର୍ଷରୁ କମ୍ ବୟସ ବର୍ଗର ବାଳକ ଓ ବାଳିକା ମାନଙ୍କ ମଧ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ତିନିଦିନିଆ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର, ଅତିରିକ୍ତ ତହସିଲଦାର ପ୍ରତାପ ଶଙ୍କର ଦାସ, ପୂର୍ବତନ ଖେଳାଳି ସୁବାଶିଷ ସରକାର, ଜଗଦୀଶ ପଟେଲ, ନାରାୟଣ ଦୋରା, ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ତଥା ସମ୍ବଲପୁର ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ଲିଲିନ କୁମାର, ସଭାପତି ହୃଦାନନ୍ଦ ନାୟକ, ଝାରସୁଗୁଡା ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ଶୁଭମ ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ୟାଡମିଣ୍ଟନ ଅମ୍ପାୟାର ଟିକେଶ୍ୱର ସାହୁ ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସାଙ୍ଗଠନିକ ସମ୍ପାଦକ ଅଭିଷେକ ବିଶ୍ୱାସ, ମ୍ୟାଚ ରେଫରୀ ଲକ୍ଷପତି ନନ୍ଦ ପ୍ରମୁଖ ପ୍ରତିଯୋଗିତାକୁ ସଞ୍ଚାଳନ କରିଥିଲେ। ପ୍ରତିଯୋଗିତାକୁ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଅମ୍ପାୟାର ସୂର୍ଯ୍ୟ ପାଣିଗ୍ରାହୀ, ବବଲୁ ସାହୁ, ନୀଳାଞ୍ଚଳ ସେଠି, ଟିକେଶ୍ୱର ସାହୁ, ମଣି ବେଜି ଓ ହେମନନ୍ଦ ଥପା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାର ବିଜେତା ମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇବେ।

## ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀରେ ଶିକ୍ଷଣ କାର୍ଯ୍ୟକ୍ରମ

ସମ୍ବଲପୁର, ୩୧।୮ (ସମିସ) : ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟରେ ୨୦୨୫ ବର୍ଷ ପାଇଁ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ସପ୍ତଦଶ ସପ୍ତାହର ଯୁବ ପ୍ରଶିକ୍ଷଣ ସମାପନ ହୋଇଯାଇଛି। ପ୍ରଥମ ଅଧିବେଶନ ମହାପୁରୁଷଙ୍କ ଜୀବନୀ ପ୍ରସଙ୍ଗରେ ଶିକ୍ଷାଦାନ ଆଲୋଚନା ଆରମ୍ଭକରି ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପଣ୍ଡା ଏପିଜେ ଅବଦୁଲ କଲାମଙ୍କ ସରଳ ନିରାଡ଼ମ୍ବର ଜୀବନଶୈଳୀ ଓ ଆଦର୍ଶ ଉପରେ ବିଶଦ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ କୌଶଳ ଶିକ୍ଷା ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରି ସମ୍ବଲପୁର ଡାଏଟ୍‌ର ପ୍ରଶିକ୍ଷକ ଆଜାଦ ଶେଖର ପ୍ରଧାନ ସମ୍ପର୍କ ସ୍ଥାପନ ଶୈଳୀ ଉପରେ ଆଲୋଚନା କରି ବିଭିନ୍ନ ପରିସ୍ଥିତିର ମୁକାବିଲା ପାଇଁ କୌଶଳ ସମସ୍ତେ ଜାଣିବା ଉଚିତ ବୋଲି କହିଥିଲେ। ସଂଯୋଜକ ରାଜେନ୍ଦ୍ର ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭୁବନେଶ୍ୱର କୁମୁରା ବୈଷୟିକ ସହାୟତା ଦେଇଥିଲେ। ଆଲୋଚନାରେ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରୁ ଅଦିତି, ସିଦ୍ଧାର୍ଥ, ଅବିନାଶ, ଆଶୁତୋଷ, ଗୌରବ, ବିଦୁଷୀ, ଜିତେନ୍ଦ୍ର, ଫତିମା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପବ୍ଲିକ ଲାଇବ୍ରେରୀ ସଭ୍ୟସଚିବ ରଘୁନାଥ ମିଶ୍ର, ପ୍ରଫେସର ଶଙ୍କର ପ୍ରସାଦ ପତି, ଡଃ ଗିରିଧାରୀ ହୋତା ଓ ଇଂ. ସୁଶାନ୍ତ ଗୁରୁ ଉପସ୍ଥିତ ଥିଲେ। ଆଜିର ପ୍ରଶିକ୍ଷଣ ଶିବିରରେ ୧୮ ଟି ହାଇସ୍କୁଲରୁ ମୋଟ ୪୩ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## କୁଚିଣ୍ଡା ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ



କୁଚିଣ୍ଡା, ୩୧।୮ (ସମିସ): କୁଚିଣ୍ଡା ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। କୁଚିଣ୍ଡା ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ଆନୁଷ୍ଠାନିକ ଭାବେ ସକାଳ ୮ଟାରେ ଜାତୀୟ ପତାକା ଉତ୍ତୋଳନ ପରେ ଉପସ୍ଥିତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମୋନରଞ୍ଜନ ସୁନାଙ୍କ ସହ ଏନ୍‌ଏସି କର୍ମଚାରୀ, ବୁଦ୍ଧିଜୀବି, ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ ସ୍ୱଚ୍ଛସାଥି, ଆଶା ଅଙ୍ଗନବାଡି, ସାମାଜିକ କର୍ମୀଙ୍କୁ ଉଦ୍‌ବୋଧନ ଦେଇ କୁଚିଣ୍ଡା ଏନ୍‌ଏସିର ବିକାଶ ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟକଲେ ନିଶ୍ଚିତ ଏନ୍‌ଏସିର ବିକାଶ ସାଙ୍ଗକୁ ସାରା ରାଜ୍ୟରେ କୁଚିଣ୍ଡା ଏନ୍‌ଏସିର ନା ରଖାଯାଇ ପାରିବ ବୋଲି ଅଧ୍ୟକ୍ଷ ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ। ଅପରାହ୍ନରେ କୁଚିଣ୍ଡା ଟାଉନ ହଲ ଠାରେ ମୁଖ୍ୟଅତିଥି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଉପାଧ୍ୟକ୍ଷ ଦେବାଜନୀ କାଲୋ, ନିର୍ବାହୀଅଧିକାରୀ ମୋନରଞ୍ଜନ ସୁନା ଯୋଗଦେଇ କୁଚିଣ୍ଡା ଏନ୍‌ଏସିର ବିକାଶ ଦିଗରେ ସମସ୍ତ ମିଳିମିଶି କାର୍ଯ୍ୟ କରିବାକୁ ମୁଖ୍ୟଅତିଥି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଭଜନ ସନ୍ଧ୍ୟାରେ ଭକ୍ତିମୟ ପରିବେଶ



ସମ୍ବଲପୁର, ୩୧।୮ (ସମିସ) : ଆଜି ରବିବାର ସନ୍ଧ୍ୟାରେ ମା' ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶହ ଶହ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମା'ଙ୍କ ମହିମାରେ ଲୀନ ହୋଇଥିଲେ। ସମ୍ବଲପୁରର ପ୍ରସିଦ୍ଧ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ। ଶ୍ରୀ ଶ୍ରୀ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଫେସର ଶଙ୍କର ପ୍ରସାଦ ପତି ଯୋଗଦେଇ ଶୁଭାରମ୍ଭ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ହେମନ୍ତ ମିଶ୍ର, ଦେବ କୁମାର ଆଜମେରିଆ, ସନ୍ତୋଷ ପୃଷେଠ ପ୍ରମୁଖଙ୍କ ସହ ସହରର ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ପ୍ରୀତିନନ୍ଦା ମିଶ୍ର, ପ୍ରତିଭା ରାଣୀ ଭୁଏ, ପୂଜା ମୁଣ୍ଡା, ଅନଙ୍ଗ ସାଇଦେଓ, ବିଜୟ ମିଶ୍ର, ମୋତିଲାଲ ଦୋରା, ସୂର୍ଯ୍ୟ ଗୁରୁ, ରାଜକୁମାର ଜାଲ, ସୁଶୀଲ ଦାସ ଓ ଶ୍ରୀକାନ୍ତ ବାରିକ ଗାଇଥିବାବେଳେ ବାଦ୍ୟଯନ୍ତ୍ରରେ କୃଷ୍ଣଚନ୍ଦ୍ର ବାଗ, କ୍ଷିତିଶ ବାଗ, ରଞ୍ଜନ ସାହୁ, ଭାଗିରଥି ସିଂଦେଓ, ଦେବାଶିଷ ପାଢ଼ୀ, ଦିବାକର ମହାନନ୍ଦ, ସୁରେନ୍ଦ୍ର ଖଟେଇ ପ୍ରମୁଖ ସହଯୋଗ କରିଥିଲେ। ଗୁରୁ ତ୍ରିଲୋଚନ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ରେଢ଼ାଖୋଲ ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

ରେଢ଼ାଖୋଲ, ୩୧।୮ (ସମିସ)



ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ଯୋଗ ଦେଇ ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏଥିରେ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ଜାତୀୟ ପତାକା ଉତ୍ତୋଳନ କରି ଅଭିଭାଷଣ ରଖିଥିଲେ। ରେଢ଼ାଖୋଲ ସହରକୁ ଏକ ସୁନ୍ଦର ସ୍ୱାସ୍ଥ୍ୟକର ପରିବେଶରେ ଗଢି ତୋଳିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ପରେ କଲେଜ ଛକସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ପୂର୍ବରୁ ମଳ ପ୍ରକ୍ରିୟାକରଣ କେନ୍ଦ୍ରର ପ୍ରଶାସନିକ ଗୃହ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉତ୍ସବରେ ଶୁଭ ଉଦ୍‌ଘାଟନ କରାଯାଇଥିଲା। ସମ୍ମାନିତ ଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ମାର୍ଥା ସମସ୍ତେ ମିଳିମିଶି ନିଜ ନିଜ କାର୍ଯ୍ୟସଦୂପଯୋଗେ ସମ୍ପାଦନ କଲେ ସହର ସୁନ୍ଦର ଭାବରେ ଗଢି ତୋଳିବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ସ୍ୱଚ୍ଛସାଥି, ସ୍ୱଚ୍ଛକର୍ମୀ ଓ ଚତୁର୍ଥ ଶ୍ରେଣୀ ସଫେଇ କର୍ମଚାରୀଙ୍କୁ ଅତିଥିଙ୍କ ଦ୍ୱାରା ପୋଷାକ ବଣ୍ଟନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ମୁଖ୍ୟ କିରାଣୀ ବିରେନ୍ଦ୍ର ପୁରୋହିତ, ସମସ୍ତ ୱାର୍ଡ କାଉନସିଲର, ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ, ସମସ୍ତ ୱାର୍ଡ ଅଫିସର ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

## ସମ୍ବଲପୁର ମହାନଗର ନିଗମରେ ସ୍ୱାୟତ୍ତ ଶାସନ ଦିବସ



ସମ୍ବଲପୁର, ୩୧।୮ (ସମିସ) : ସମ୍ବଲପୁର ମହାନଗର ନିଗମ ପକ୍ଷରୁ କାର୍ଯ୍ୟାଳୟ ପ୍ରେକ୍ଷାଳୟରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଅତିରିକ୍ତ ଆୟୁକ୍ତ ସରୋଜିନୀ ପ୍ରସନ୍ନ କୁଲ୍ଲୁ, ହିଣ୍ଡାଲକୋର ସିଏସ୍‌ଆର୍ ମୁଖ୍ୟ ଜିତେଶ ରଥ ଏବଂ ଆନନ୍ଦ ଚକ୍ରବର୍ତ୍ତୀ, ସମ୍ବଲପୁର ମହାନଗର ନିଗମର ବ୍ରାଣ୍ଡ ଆମ୍ବାସଡର ତୁଳାରାମ କଲେଥ, ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିବା ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସର ଆଭାସି ମାଧ୍ୟମରେ ପ୍ରସାରଣ କରାଯାଇଥିଲା। ମହାନଗର ନିଗମ ଆୟୁକ୍ତ ରେହାନ୍ ଖତ୍ରୀଙ୍କ ଦ୍ୱାରା ସ୍ୱାୟତ୍ତ ଶାସନ ଦିବସ ଅବସରରେ ସଫେଇ କର୍ମଚାରୀ ମାନଙ୍କ ପାଇଁ ପ୍ରେରିତ କୃତଜ୍ଞତା ବାର୍ତ୍ତା ଅତିରିକ୍ତ ଆୟୁକ୍ତ ସରୋଜିନୀ କୁଲ୍ଲୁ ଉପସ୍ଥାପନ କରିଥିଲେ। ସମ୍ବଲପୁରକୁ କେମିତି ସ୍ୱଚ୍ଛ ରଖିବ ଓ ଏହାର ଉନ୍ନତି ହେଉଛି ଆମର ଦାୟିତ୍ୱ ଏବଂ ସେଥିପାଇଁ ଆମକୁ ପ୍ରୟାସ କରିବାକୁ ପଡ଼ିବ ବୋଲି ସମ୍ବଲପୁର ମହାନଗର ନିଗମର ବ୍ରାଣ୍ଡ ଆମ୍ବାସଡର ଶ୍ରୀ କଲେଥ କହିଥିଲେ। କାର୍ଯ୍ୟକ୍ରମରେ ଶ୍ରୀ କଲେଥଙ୍କ ଲିଖିତ ଗୀତ ଉନ୍ମୋଚନ କରାଯାଇଥିଲା। ଅବସରପ୍ରାପ୍ତ କାଉନସିଲର, ସଫେଇ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ, ଏସଏମସି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବଡା ଖାନା ସମସ୍ତ ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସାଥୀଙ୍କ ପାଇଁ ଆୟୋଜିତ ହୋଇଥିଲା।

ସକାଳ
THE SAKALA



# ଅଞ୍ଚଳ ମହାବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ

ପଦ୍ମପୁର,୩୧।୮(ସମିସ): ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଶନିବାର କ୍ରୀଡା ସଂସଦ ପକ୍ଷରୁ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। କିମ୍ବଦନ୍ତୀ କ୍ରୀଡାବିତ୍ ଧ୍ୟାନଚାନ୍ଦଙ୍କ ବ୍ୟକ୍ତିଗତ ଓ ଖେଳ ଜୀବନ ତଥା ଭାରତୀୟ କ୍ରୀଡା ଜଗତକୁ ତାଙ୍କର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ସହିତ କ୍ରୀଡାଭ୍ୟାସ ଦ୍ୱାରା ସେମାନେ କିଭଳି ଶାରୀରିକ ଓ ମାନସିକ ସ୍ତରରେ ଶକ୍ତ ହୋଇପାରିବେ ସେ ବିଷୟରେ ପ୍ରଫେସର ଦାଶ ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପିକା ଝୁନୁ ପରିଡା, କଳ୍ପନା ପାଢ଼ୀ, ଅଧ୍ୟାପକ ସନ୍ତୋଷ ମିଶ୍ର, ପ୍ରମୋଦ ତ୍ରିପାଠୀ ଏବଂ କ୍ରୀଡା ସଂସଦର ଉପସଭାପତି ଅଧ୍ୟାପକ ଷଡାନନ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ସଦାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପକ ତାରାପ୍ରସାଦ ଶତପଥୀ, ପ୍ରଭାତ ମହାପାତ୍ର, ନବକୃଷ୍ଣ ମିଶ୍ର, ପ୍ରାଧ୍ୟାପିକା ତାପିନୀ ପଣ୍ଡା, ଶର୍ମିଳା ପଣ୍ଡା, ଅଧ୍ୟାପକ ଡ.ସରୋଜ ନାଏକ ଓ ଶତାଧିକ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ଛାତ୍ରମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଏବଂ ହକି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

# ଧନ୍ୟବାଦ ଜଣାଇଲା ଅଞ୍ଚଳ ମହାବିଦ୍ୟାଳୟ

ପଦ୍ମପୁର,୩୧।୮(ସମିସ): ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ସମ୍ମିଳନୀ ପ୍ରକୋଷ୍ଠରେ ଅନୁଷ୍ଠାନର ଅଧ୍ୟକ୍ଷ ଖଗେଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକମାନଙ୍କ ସହିତ ପ୍ରେସ୍ ମିଟ୍ ଅନୁଷ୍ଠିତ ହୋଇଛି। ନୂତନ ରୂପେ ସ୍ନାତକୋତ୍ତର ଶ୍ରେଣୀ ଖୋଲିବା ପାଇଁ ସରକାରଙ୍କ ଦ୍ୱାରା ଅନୁମତି ପାଇଥିବା ଯୋଗୁଁ ଅଧ୍ୟକ୍ଷ ସରକାରଙ୍କୁ ମହାବିଦ୍ୟାଳୟ ତରଫରୁ ଧନ୍ୟବାଦ ଜଣାଇଥିଲେ। ପ୍ରେସ୍ ମିଟ୍‌ରେ ଦଶୋଟି ସ୍ନାତକୋତ୍ତର ଶ୍ରେଣୀ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା ହେବା ସହ ଖାଲିଥିବା ଅଧ୍ୟାପକ ପଦବୀ ପୂରଣ, ଛାତ୍ରୀ ନିବାସ, ଏକ ବଡ ସମ୍ମେଳନ ପ୍ରକୋଷ୍ଠର ଆବଶ୍ୟକତା ସହ ଅନୁଷ୍ଠାନର ଅନ୍ୟାନ୍ୟ ସମସ୍ୟା ଗୁଡିକୁ ସରକାରଙ୍କ ଦୃଷ୍ଟିଗୋଚର କରିବା ନିମନ୍ତେ ଅଧ୍ୟକ୍ଷ ଅବଗତ କରାଇଥିଲେ। ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ଏହି ମିଟ୍‌ରେ ବିଶଦ ଆଲୋଚନା ହୋଇଥିଲା। ପ୍ରେସ ମିଟ୍‌ରେ ଅନୁଷ୍ଠାନର ତାରା ପ୍ରସାଦ ଶତପଥୀ, ପୂର୍ଣ୍ଣିମା ଦୋରା, ପ୍ରଭାତ ମହାପାତ୍ର, ଝୁନୁ ପରିଡା, ସନ୍ତୋଷ ମିଶ୍ର, ପ୍ରମୋଦ ତ୍ରିପାଠୀ ଓ ନବକୃଷ୍ଣ ମିଶ୍ର ଉପସ୍ଥିତ ଥିଲେ।ଶେଷରେ ଅଧ୍ୟାପକ ଡ.ସରୋଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଓଗାଁ ସୃଜନୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍



ବରଗଡ଼,୩୧।୮(ସମିସ): ବରଗଡ଼ ଉପକଣ୍ଠ ଦେଓଗାଁରେ ସୃଜନୀ ସାଂସ୍କୃତିକ କଳା ପରିଷଦ ପକ୍ଷରୁ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ଝିଅମାନଙ୍କ ଦ୍ୱାରା ପରିଚାଳିତ ତଥା ପରିବେଷିତ ହୋଇଥିଲା। ସଭାରେ ଅଧ୍ୟାପିକା ରିଙ୍କି ବାରିକ ସଭାପତିତ୍ୱ କରିଥିଲେ। ବରଗଡ଼ ବିଧାୟକଙ୍କ ଧର୍ମପତ୍ନୀ କଳ୍ପନା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅଧ୍ୟାପିକା ସୁନନ୍ଦିନୀ ଦାଶ୍ ଉପସ୍ଥିତ ଥିଲେ। ଅର୍ପିତା ମେହର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂଜା ପଟେଲ ବିବରଣୀ ପାଠ କରିଥିଲେ। ଅପରିଚିତ ବ୍ୟକ୍ତିଙ୍କ ଶବଦାହ ତଥା ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ କରି ନିଜ ଶାଶୁଘର ଦେଓଗାଁରେ ସଂଘମିତ୍ରା ପଟେଲ ସମ୍ବର୍ଦ୍ଧିତ ହୋଇଥିଲେ। ଏହା ବ୍ୟତୀତ ସଫଳ ଚାଷୀ ରୁକ୍ମିଣୀ ଠାକୁର, ବୟୋଜ୍ୟେଷ୍ଠା ମହିଳା ପାର୍ବତୀ ପଟେଲ, ଦଶମ ଶ୍ରେଣୀ ପରୀକ୍ଷାରେ ଟପ୍ପର ହୋଇଥିବା ମୀତା ଦାଶ ପ୍ରମୁଖଙ୍କୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଅଙ୍କିତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ବୈଦିକ ଗଣିତ କର୍ମଶାଳା

ବରପାଲି,୩୧।୮(ସମିସ): ବରପାଲି ବ୍ଲକ ସତଲମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବୈଦିକ ଗଣିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟଅତିଥି ଭାବରେ ପରିଚାଳନା ପରିଷଦ ପୂର୍ବତନ ସମ୍ପାଦକ ଦିନେଶ ସାହୁ ଯୋଗ ଦେଇଥିଲେ। ପରିଚାଳନା ପରିଷଦ ସଭାପତି ବନବସ ପଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ବିବେକାନନ୍ଦ ପଧାନ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଧାନ କରିଥିଲେ। ଗୁରୁମା କବିତା ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ପ୍ରଶିକ୍ଷକ ଭାବରେ ବରପାଲି ଶିଶୁ ବିଦ୍ୟା ମନ୍ଦିର ଗଣିତ ଗୁରୁଜୀ ଆନନ୍ଦ ବିଶି ଓ ଅଶୋକ ଭୋଇ, ଖଣ୍ଡହତା ଶିଶୁ ବିଦ୍ୟା ମନ୍ଦିରର ଅରୂପାନନ୍ଦ ଦୀପ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ସିଏନ୍‌ଆଇ ଚର୍ଚ୍ଚରେ ନୂଆଁଖାଇ

ବରଗଡ଼,୩୧।୮: ବରଗଡ଼ ସିଏନଆଇ ଚର୍ଚ୍ଚରେ ମହାସମାରୋହରେ ନୂଆଁଖାଇ ପର୍ବ ପାଳିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସିଏନଆଇ ଚର୍ଚ୍ଚର ସମସ୍ତ ଖ୍ରୀଷ୍ଟ ଭାଇ , ମାଁ ଭଉଣୀମାନେ ଉପସ୍ଥିତ ଥିଲେ। ବିକାଶ ବାଗ ପରିଚାଳନା କରିଥିଲେ। ନକୁଳ ବାଗ, ଅମୂଲ୍ୟ ସୁନା ଉପସ୍ଥିତ ଥିଲେ। ଚନ୍ଦ୍ରଶେଖର ବାଗ ଧନ୍ୟବାଦ ଦେଇଥିଲେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ବରଗଡ଼କୁ ହରାଇ ବିଏମ୍‌ପୁର ବିଜୟୀ

ବରଗଡ଼,୩୧।୮(ସମିସ):ଅତାବିରା ବ୍ଲକ୍ ସିଲାଟ ବାରଖଣ୍ଡିଆ ଖେଳ ପଡିଆରେ ମା' ସମଲେଶ୍ୱରୀ ଆଥ୍‌ଲେଟିକ ଆସୋସିଏସନ ତରଫରୁ ଚାଲିଥିବା ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ବରଗଡ ୟୁନାଇଟେଡ, ରେଙ୍ଗାଲି, ଉଲୁଣ୍ଡା, ବିଏମପୁର, ବେଲପାହାଡ, ରାଉରକେଲା ଓ ମୟୁରଭଞ୍ଜ ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ବିଏମପୁର ଓ ବରଗଡ ମଧ୍ୟରେ ହୋଇଥିଲା। ଏଥିରେ ବିଏମପୁର ଦଳ ବିଜୟ ଲାଭ କରିଛି। ସୁରେନ୍ଦ୍ର ସ୍ୱାଇଁ, ସଦାଶିବ ପ୍ରଧାନ, ପୂର୍ବତନ ସରପଂଚ ଦୟାସାଗର ନେଗି, ବିକାଶ ଗଡତିଆ, ସୁରେନ୍ଦ୍ର ଭୋଇ, ବୀରେନ ହୋତା, ପୂର୍ଣ୍ଣଚନ୍ଦ୍ର ସାଲମା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବୃନ୍ଦାବନ ନାଏକ, ଯୁବରାଜ ମରେଇ, ଅର୍ଜୁନ ପଶାୟତ, ଦେବଦତ୍ତ ତାଣ୍ଡି, ଭରତ ପ୍ରଧାନ, ବିକ୍ରମ ବରିହା ପ୍ରମୁଖ ସହଯୋଗ କରିଥିଲେ।

# ସୋହେଲାକୁ ଏନ୍‌ଏସି ଘୋଷଣା ପରେ ଉତ୍ସବର ମାହୋଲ

ସୋହେଲା, ୩୧।୮(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସୋହେଲାକୁ ଏନଏସି ଘୋଷଣା କରିବା ପରେ ସୋହେଲାରେ ଆନନ୍ଦର ଲହରି ଖେଳି ଯାଇଥିଲା। ଏହା ଜଣା ପଡିବା ପରେ ସୋହେଲାର ଯୁବ ଗୋଷ୍ଠୀ ବିଭିନ୍ନ ଛକମାନଙ୍କରେ ବାଣ ଫଟାଇ ଖୁସି ମନାଇ ଥିଲେ। ସନ୍ଧ୍ୟାରେ ବିଧାୟକ ଇରିଶିଷ ଆଚାର୍ଯ୍ୟଙ୍କ ସୋହେଲା ଆଗମନ ଅବସରରେ ସୋହେଲା ଅଞ୍ଚଳ ବାସୀଙ୍କ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସ୍ଥାନୀୟ ଗୌରୀଦେବି ଟ୍ରଷ୍ଟ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ସାର୍ବଜନୀନ ଦୁର୍ଗା ପୂଜା କମିଟିର ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଓ ଗୌନ୍ତିଆ ଶ୍ରୀମନ୍ତ ଗୋପାଳ ନାୟକ ଅଞ୍ଚଳ ବାସୀଙ୍କ ତରଫରୁ ବିଧାୟକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସୋହେଲାର ବିଭିନ୍ନ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ବିଧାୟକ ତାଙ୍କ ବକ୍ତବ୍ୟରେ ସୋହେଲା ବାସୀଙ୍କ ବହୁ ଦିନର ଆଶା ଏବଂ ଆକାଂକ୍ଷା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରି ସୋହେଲା ଓଡ଼ିଶାର ପ୍ରବେଶ ଦ୍ୱାର ହୋଇଥିବାରୁ ସୋହେଲାର ବିକାଶ ଦ୍ୱାରା ରାଜ୍ୟରେ ବିକାଶ ହେବ ଏବଂ ବିକଶିତ ସୋହେଲା ହିଁ ବିକଶିତ ଓଡିଶାର ପରିପନ୍ଠଥ ହେବ ବୋଲି କହିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ପୂଜା କମିଟିର ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦେବତା, ଉପ ସଭାପତି ଗିରଜେଶ ଖାଡ଼ଙ୍ଗା ଓ ବାଳବୀର ସିଂ ଠାକୁର, ବରିଷ୍ଠ ନାଗରିକ ନଥୁରାମ ଅଗ୍ରୱାଲ, ଗୋବିନ୍ଦ ସାହୁ, ବିଜେପି ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ର, ସଂଜୀବ ଝାଙ୍କର, ଅନିଲ ପଧାନ, ଆକବର ବେଗ ପ୍ରମୁଖ ଗ୍ରାମ ବାସୀ ଉପସ୍ଥିତ ଥିଲେ।
































































# ୮ ମାସ ହେଲା ଶଯ୍ୟାଶାୟୀ; ପରିବାର ସର୍ବସ୍ୱାନ୍ତ



**ଶଗଡା,୩୧।୮ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବରଗାଁ ପଞ୍ଚାୟତ ମଲିକୁଦ ଗ୍ରାମ ନିବାସୀ ହାଡୁ ରଣା (୭୦) ୮ ମାସରୁ ଅଧିକ ହେବ ଶଯ୍ୟାଶାୟୀ ଅଛନ୍ତି। ତାଙ୍କ ହାତ ଗୋଡ଼ କାମ କରୁ ନ ଥିବା ବେଳେ ସବୁ ମୋଡି ହୋଇ ଅଚଳ ହୋଇ ଯାଇଛି। ପରିବାର ଲୋକେ ଚିକିତ୍ସା ପାଇଁ ଅନେକ ଡାକ୍ତରଖାନା ନେଇ ଥିଲେ ମଧ ରୋଗ ଜମାରୁ ଭଲ ହୋଇ ନ ଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ଖର୍ଚ୍ଚାନ୍ତ ହେବା ସହ ହଇରାଣ ହୋଇ ବିଫଳ ହୋଇଛନ୍ତି। ଏହାଫଳରେ ଏବେ ନିରାଶ ହୋଇ ଭଗବାନଙ୍କୁ ଆଶ୍ରା କରି ପଡି ରହିଛନ୍ତି। ହାଡୁ ଉଠି ବସି ପାରୁ ନ ଥିବା ବେଳେ ନିଜର ନିତ୍ୟକର୍ମ ଆଦୌ କରି ପାରୁ ନାହାନ୍ତି। ହାଡୁଙ୍କ ଖାଇବା ଠାରୁ ଆରମ୍ଭ କରି ନିତ୍ୟକର୍ମ ଆଦି ସମସ୍ତ କାମରେ ପରିବାର ଲୋକେ ସହଯୋଗ କରୁଛନ୍ତି। ତାଙ୍କୁ ନେବାଆଣିବାରେ ଅସୁବିଧା ହେଉଥିବାରୁ ପରିବାର ଲୋକେ ଏକ ହ୍ୱିଲ୍ ଚେୟାର ଯୋଗାଇ ଦେବା ପାଇଁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଅନ୍ୟପଟେ ଗରିବ ପରିବାର ହୋଇଥିବାରୁ ବର୍ତ୍ତମାନ ଚିକିତ୍ସା କରିବା ତାଙ୍କ ପକ୍ଷେ ସମ୍ଭବପର ନୁହେଁ। ହାଡୁଙ୍କ ଅଧିକ ଚିକିତ୍ସା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ପରିବାର ଲୋକେ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରିଛନ୍ତି।

# ମହୁଲବାହାଲିରେ ନୂଆଁଖାଇ ଭେଟ୍‌ଘାଟ୍

**ଶଗଡା,୩୧।୮ (ସମିସ):**



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ପଞ୍ଚାୟତ ମହୁଲବାହାଲି ଗ୍ରାମରେ ମାଁ କଙ୍କାଳି ଗଣେଶ ପୂଜା କମିଟି ପକ୍ଷରୁ ଚତୁର୍ଥ ନୂଆଁଖାଇ ଭେଟଘାଟ-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସମ୍ମାନିତ ଅତିଥି ରୂପେ ଯୁବ ଉଦ୍ୟୋଗୀ ଆଶିଷ ସାହୁ, ଯୁବନେତା ଶିବ ଚୌଲିଆ ଓ ଟୁଟୁଲ ପଟ୍ଟନାୟକ, ବିଜେପି ନେତା ଓମ୍‌ପ୍ରକାଶ ମିଶ୍ର, ଲୋପାମୁଦ୍ରା କଲେଜ ସମ୍ପାଦକ ଉତ୍ତମ ମହଲା, ସୋନପୁରର ପୂର୍ବତନ ପୌରାଧ୍ୟକ୍ଷ ପ୍ରକାଶ ସାହୁ, ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା, କମିଟି ସଦସ୍ୟ ପ୍ରକାଶ ସାହୁ, ବରିଷ୍ଠ ଶିକ୍ଷାବିତ୍ ବିଜୟ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କଲ୍ୟାଣୀ ବିଶ୍ୱାଳ, ଗ୍ରାମର ୱାର୍ଡ ମେମ୍ବର ନକୁଳ ବାଘ ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଜନ ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। କମିଟି ସଭାପତି ହେମନ୍ତ ମହାକୁଡ ଅତିଥିଙ୍କୁ ସମ୍ମାନିତ କରିଥଲେ। ଡ ସତ୍ୟନାରାୟଣ ମଲ୍ଲିକଙ୍କ ରଚନାରେ ନାଟକ 'କେରଙ୍ଗେଲା' ପରିବେଷିତ ହୋଇଥିଲା। ସେହିଭଳି ନୁର୍ ବେଗମଙ୍କ କଣ୍ଠରେ ଫଟାଇ ଖାଇଲି ବେଲ ଗୀତରେ ଦର୍ଶକ ବେଶ୍ ଝୁମିଥିଲେ। କୃପାସିନ୍ଧୁ ସୁନାଙ୍କ ହାଏ ତୋର କସମ୍ ଗୀତ ବେଶ୍ ବିମୋହିତ କରିଥିଲା। ନାଟକରେ ଲଳିତ ମହାକୁଡ, ପ୍ରଶାନ୍ତ ପ୍ରଧାନ, ସଞ୍ଜୀବ ବରର୍ତ୍ତି, ସରୋଜ ବରର୍ତ୍ତି, ବିଶିକେଶନ ମହାକୁଡ, ଜଗନ୍ନାଥ ଭୋଇ, ବିଶା ହାତୀ, ନରତ୍ତମ୍ ଭୋଇ, ସୂର୍ଯ୍ୟ ମହାକୁଡ, ମାନ ବରର୍ତ୍ତି, ଆୟୁଷ ସାହୁ, କରିସ୍ମା ଭୋଇ, ମମତା, ଟିକିଲି, ସତ୍ୟବାନ ଭୋଇ, ମଣ୍ଟୁ ମହାକୁଡ, ପିଣ୍ଟୁ ଭୋଇ ପ୍ରମୁଖ ଅଭିନୟ କରିଥିଲେ।

# ମାସେ ହେଲା ନଳକୂପ ଅଚଳ

**ଶଗଡା,୩୧।୮ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଯୋଗୀନ୍ଦ୍ରପୁର ପଞ୍ଚାୟତ ଗୋହିପିଟା ଗ୍ରାମରେ ଗୋଟିଏ ନଳକୂପ ଏକ ମାସରୁ ଅଧିକ ହେବ ଅଚଳ ହୋଇ ପଡ଼ିଛି। ଏହି ଗ୍ରାମରେ ପାଖାପାଖି ୩୫ ପରିବାରର ୧୦୦ଜଣ



ଲୋକ ବସବାସ କରୁଛନ୍ତି। ନଳକୂଅରୁ ପାଣି ବାହାରୁ ନ ଥିବା ଯୋଗୁଁ ଲୋକେ ପାଣି ପାଇଁ ବହୁତ ହଇରାଣ ହେଉଥିବ। ଅଭିଯୋଗ ହୋଇଛି। ମାସେ ହେଲା ଅଚଳ ହୋଇଥିବାରୁ ପାନୀୟ ଜଳ ପାଇଁ ସମସ୍ୟା ଦ୍ୱିଗୁଣିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନଳକୂପ ମରାମତି କରିବା ପାଇଁ ସ୍ଥାନୀୟ କର୍ମଚାରୀ ଓ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା ଏହାର ସମାଧାନ ହେଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ବୌଦ୍ଧ,୩୧।୮ (ସମିସ):** ବୌଦ୍ଧ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ "ଗୀତା ସୁଗୀତା କର୍ତ୍ତବ୍ୟା -୨୦୨୫' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ରନାଥ ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନର ୩ୟଠାରୁ +୩ ପର୍ଯ୍ୟନ୍ତ ୪୨ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଯୋଗଦେଇ ଶ୍ରୀମଦ୍ ଭଗବତ୍ ଗୀତାର ୫ମ ଅଧ୍ୟାୟ ଆବୃତ୍ତି କରିଥିଲେ। ସମସ୍ତ ଭାଗଗ୍ରାହୀ ଛାତ୍ରଛାତ୍ରୀ ଓ ସଭ୍ୟମାନଙ୍କୁ ୫ମ ଅଧ୍ୟାୟ ଗୀତା ଗ୍ରନ୍ଥ ବଣ୍ଟନ କରାଯାଇଥିଲା। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା। ଅଭିମନ୍ୟୁ ପ୍ରଧାନ, ନବୀନଚନ୍ଦ୍ର ଶତପଥୀ, ଅଶୋକ ପୁରୋହିତ, ଅଶୋକ ପ୍ରଧାନ, ପୌଲସ୍ତି ପ୍ରଧାନ, ରଞ୍ଜନାବାଳା ନାୟକ, ସନ୍ଧ୍ୟାରାଣୀ ମିଶ୍ର, ସୁଶ୍ରୀ ହିରଣ୍ମୟୀ ରାଉତରାୟ, କୁମାରୀ ସୌଦାମିନୀ ଓ ଶ୍ରୀ ସମୀର ସାହୁ ପ୍ରମୁଖ ଗୁରୁଜୀମାନେ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରଜ୍ଞାନ ମିଶନ ବରିଷ୍ଠ କର୍ମକର୍ତ୍ତା ପ୍ରାଣବନ୍ଧୁ ମହାପାତ୍ର, ସୌମିତ୍ରୀ ପଲିଆ, ଶ୍ରୀମନ୍ତ ପ୍ରଧାନ, ଶିବଦତ୍ତ ପଟ୍ଟନାୟକ, ନନ୍ଦକିଶୋର ସାହୁ, ଡ. ପ୍ରିୟବ୍ରତ ବେହେରା ଓ ପରେଶ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।
































































ସ୍ୱାୟତ୍ତ ଶାସନ ଦିବସ ପାଳିତ

# 'ସରକାରୀ ଅନୁଦାନର ସୁବିନିଯୋଗ ପାଇଁ ପରାମର୍ଶ'



କେନ୍ଦ୍ରାପଡ଼ା,୩୧।୮ (ସମିସ)

କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ପୌରପାଳିକା ଟାଉନ ହଲ୍‌ରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ରାଜ୍ୟର ସର୍ବପୁରାତନ ପୌରପରିଷଦ କେନ୍ଦ୍ରାପଡ଼ାକୁ ଗୋଟିଏ ଆଦର୍ଶ ପୌରପାଳିକା ଗଠନ କରିବାକୁ ହେଲେ ସମସ୍ତଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି କହିଛନ୍ତି ।

କେନ୍ଦ୍ରାପଡ଼ା ପୌରପାଳିକା ଅଧ୍ୟକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ପୌରପାଳିକା ଉପାଧ୍ୟକ୍ଷା ଆକବରୀ ଖାତୁନ, ପୌରପାଳିକା ନିର୍ବାହୀ ଅଧିକାରୀ ଅଜିତ ପ୍ରସାଦ ନାରାୟଣ ଗିରିଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ । ସ୍ୱାୟତ୍ତ ଶାସନର ଜନକ ଲର୍ଡ ରିପନଙ୍କ ଦୂରଦୃଷ୍ଟି ଓ ତୃଣମୂଳ ସ୍ତରରେ କ୍ଷମତା ବିକେନ୍ଦ୍ରୀକରଣର ଆଧାର ହେଉଛି ସ୍ୱାୟତ୍ତ ଶାସନ ବ୍ୟବସ୍ଥା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ବଳଦେବଜୀଉଙ୍କ ମନ୍ଦିରର ଉନ୍ନତି, ଗୋପବନ୍ଧୁ ପାଠାଗାରା ପ୍ରତିଷ୍ଠା, ବିଜୁ ପାର୍କ ଭଳି ଉନ୍ନତିମୂଳକ କାମ ପାଇଁ ବିଧାୟକ ପୌରପାଳିକା ଅଧ୍ୟକ୍ଷା, ନିର୍ବାହୀ ଅଧିକାରୀ ଓ କାଉନସିଲରଙ୍କୁ ଧନ୍ୟବାଦ ଦେବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଦାନ କରାଯାଇଥିବା ଆର୍ଥିକ ଅନୁଦାନକୁ ସୁବିନିଯୋଗ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଡ୍ରେନେଜ ସମସ୍ୟାର ସମାଧାନ ଓ ପୌରପାଳିକା ଜନସାଧାରଣଙ୍କୁ ମୂଲ୍ୟବୋଧଭିତ୍ତିକ ସେବା ପ୍ରଦାନ କରିବାକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା କହିଥିଲେ ।

ଏଅବସରରେ ବିଶିଷ୍ଟ ଶିକ୍ଷାବିତ ନନ୍ଦକିଶୋର ପରିଡ଼ା, ସାହିତ୍ୟିକ ତଥା ଗବେଷକ ଡା. ସୁନେକ ଦାସ, ସମାଜସେବୀ ତଥା ଶିକ୍ଷା ସଂସ୍କାରକ ମହମ୍ମଦ ଫାରୁକ କାସିମ, ପୂର୍ବତନ କାଉନସିଲର ତଥା ସମାଜସେବୀ ବୈଷ୍ଣବ ଚରଣ ପଣ୍ଡା, ସଫେଇ କର୍ମଚାରୀ ବାବୁ ଗୋଛାୟତ ଓ ସନା ନାୟକ, ପୌରପରିଷଦ କର୍ମଚାରୀ ସଂଜୀବ ମହାନ୍ତି ଓ ଅଶୋକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ, ନୃତ୍ୟ, ସଂଗୀତ, ବକ୍ତୃତା, ଝୋଟି, ରଙ୍ଗୋଲି, ମେହେନ୍ଦି ଓ ମ୍ୟୁଜିକଚେୟାର ଆଦି ପ୍ରତିଯୋଗିତାର ୪୨ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଭାବଗ୍ରାହୀ କଳାନିକେତନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି ବୈଠକରେ ବୁଦ୍ଧିଜୀବୀ, ସାଧାରଣ ଜନତା, ସ୍ୱଚ୍ଛସାଥି, ମହିଳା ସଂଗଠନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଉପାଧ୍ୟକ୍ଷା ଆକବରୀ ଖାତୁନ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଶୋକ ସାହୁ ମଞ୍ଚ ପରିଚାଳନା କରିଥିଲେ । ଆଜିର କାର୍ଯ୍ୟକ୍ରମ ଅବସରରେ ପୌରପାଳିକା ପକ୍ଷରୁ ସକାଳେ ରାମଧୂନ, ପ୍ରଭାତଫେରୀ, ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ, ସବୁଜ ନବୀକରଣ ପାଇଁ ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ କରାଯାଇଥିଲା ।

# ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଜିଲ୍ଲା ଶାଖା ବୈଠକ



ଡେରାବିଶ, ୩୧।୮ (ସମିସ): ଚାନ୍ଦୋଳସ୍ଥ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାନେତ୍ରୀ କାମିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଉପରେ ଆଲୋକପାତ କରିଥିଲେ । ୨୦୨୦ରୁ ଜିଲ୍ଲାର ଶହ ଶହ ମହିଳା ନିର୍ମାଣ ଶ୍ରମିକ ପରିଚୟପତ୍ର ନିମନ୍ତେ ଆବେଦନ କରି ଅଦ୍ୟାବଧି ତାହା ପାଇପାରୁନାହାନ୍ତି । ଶହ ଶହ ନିର୍ମାଣ ଶ୍ରମିକ ଅନ୍‌ଲାଇନ୍‌ରେ ଝିଅ ବିଭାଘର ସହାୟତା ରାଶି ଆବେଦନ କରି ଅଦ୍ୟାବଧି ପାଇପାରି ନ ଥିବା କହିଥିଲେ । ଶ୍ରମ କାର୍ଯ୍ୟାଳୟ ଅଧିକାରୀଙ୍କୁ ଏ ସମ୍ପର୍କରେ ଯେତେ ଅଭିଯୋଗ କଲେ ମଧ୍ୟ ଫଳ ଶୂନ୍ । ତେଣୁ ଆଜିର ବୈଠକରେ ଆସନ୍ତା ୩ ତାରିଖ ଦିନ ନିର୍ମାଣ ଶ୍ରମିକ ପୁନର୍ବାର ଶ୍ରମ କାର୍ଯ୍ୟାଳୟର ଅଧିକାରୀଙ୍କ ସହିତ ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା କରିବେ । ଯଦି ଆଲୋଚନା ଫଳବତୀ ନ ହୁଏ, ତେବେ ସମସ୍ୟାର ସମାଧାନା ପାଇଁ ସେମାନେ ନିର୍ମାଣ ଶ୍ରମିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ । ଶ୍ରୀ ତ୍ରିପାଠୀଙ୍କ ମତକୁ ନିରଞ୍ଜନ ମୁଦୁଲି, ବାହାଲି ଟୁଡୁ, ନିତ୍ୟାନନ୍ଦ ସାମଲ, ପ୍ରଦୀପ୍ତ ସାମଲ, ମହେଶ୍ୱର ନାୟକ, ଜଗଦୀଶ କଟାଳ, ଅନିରୁଦ୍ଧ ପୃଷ୍ଟି, ହୃଷିକେଶ ଧଳ, ଧିରେନ୍ଦ୍ର ସାହୁ, ହରି ମାହାଳି, ବିଶ୍ୱମ୍ଭର ଗିରି, କାର୍ତ୍ତିକ ବେହେରା ପ୍ରମୁଖ ସମର୍ଥନ କରିଥିଲେ । ସୁବାସ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି ବୈଠକ



ଡେରାବିଶ, ୩୧।୮ (ସମିସ): ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇସ୍ଥ ମା' ଜଗଦମ୍ବା ମଠରେ ଚଳିତ ବର୍ଷ ଦୁର୍ଗାପୂଜା ପାଇଁ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ସାର୍ବଜନୀନ ମା' ଦୁର୍ଗାଙ୍କ ପୂଜା ନିମନ୍ତେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଆଶ୍ରମର ମୁଖ୍ୟ ନାଲୁବାବା ପୌରୋହିତ୍ୟ କରିଥିଲେ । ଏହି ବୈଠକରେ ସୌଦାଗର ନାଥ, ଅମରେନ୍ଦ୍ର ବାରିକ, ଉମେଶ ନାଥ, ସୋମନାଥ, ଫୁଲ ନାଥ, ଶୈଳେନ୍ଦ୍ର ମହାନ୍ତି, ସତ୍ୟନନ୍ଦ ମହାନ୍ତି, ଗୁରୁଚରଣ ନାଥ, ପୁରସ୍ତମ ନାଥ, ରାକେଶ ନାଥ, ରମାକାନ୍ତ ନାଥ ପ୍ରମୁଖ ଉପସ୍ଥିତ ରହି ଚଳିତବର୍ଷ ପୂଜାକୁ ଆକର୍ଷଣୀୟ କରିବାକୁ ପ୍ରସ୍ତାବମାନ ଦେଇଥିଲେ । ତେବେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପୂଜାରେ ହଜାର ହଜାର ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଭକ୍ତଙ୍କୁ ଶାନ୍ତିଶୃଙ୍ଖଳାରେ ଦର୍ଶନ, ଆଶ୍ରମ ପରିସରରେ ପୂଜା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଏଥିସହିତ ଆସନ୍ତା ସୁନିଆଁ ତିଥିରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିମନ୍ତେ ମାଟି ଉଠାଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଆଶ୍ରମର ଶତାଧିକ ଭକ୍ତ ଯୋଗଦେଇଥିଲେ ।

# କୁମାର ପୂର୍ଣ୍ଣିମା ଉତ୍ସବ ପ୍ରସ୍ତୁତି ବୈଠକ

ଡେରାବିଶ, ୩୧।୮ (ସମିସ): ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପବିତ୍ରପଡ଼ା ଗ୍ରାମର ବଟମହାପୁରୁଷଙ୍କ ପୀଠରେ କୁମାର ପୂର୍ଣ୍ଣିମା ଅବସରରେ ଗଜଲକ୍ଷ୍ମୀ ପୂଜା ଓ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବଟମହାପୁରୁଷ ଗ୍ରାମ୍ୟ କମିଟି ଦ୍ୱାରା ଆହୂତ ଏହି ବୈଠକରେ କମିଟିର ବରିଷ୍ଠ ଉପଦେଷ୍ଟା ଭରତ ଦାସ ସଭାପତିତ୍ୱ କରିଥିଲେ । ରାଧାଷ୍ଟମୀରେ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ନିମନ୍ତେ ମାଟି ଉଠାଣ କାର୍ଯ୍ୟକ୍ରମ ସହ ଅକ୍ଟୋବର ୬ ତାରିଖ ଦିନ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ସହିତ ଉକ୍ତ ଦିନ ସନ୍ଧ୍ୟାରେ ଅଧିବାସ ଓ ୭ ତାରିଖ କୁମାର ପୂର୍ଣ୍ଣିମାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବାକୁ ଦିନ ଧାର୍ଯ୍ୟ କରାଯାଇଥିଲା । ବୈଠକକୁ ରଘୁନାଥ ଦାସ ପରିଚାଳନା କରିଥିବାବେଳେ ଗଣେଶ୍ୱର ସାହୁ, ଅନାମ ଦାସ, ପ୍ରମୋଦ ସାହୁ, ବ୍ରଜବନ୍ଧୁ ଦାସ, ଅଯୋଧ୍ୟା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଏହି ବୈଠକରେ ଗ୍ରାମର ପ୍ରତ୍ୟେକ ପରିବାରର ସଦସ୍ୟ ଉପସ୍ଥିତ ରହି ମା'ଙ୍କ ପୂଜା ଓ ନାମଯଜ୍ଞକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ବୈଠକରେ ପରୀକ୍ଷିତ ବେହେରା, ଅଜୟ ଦାସ, ନାରାୟଣ ରାଉତ, ନରେନ୍ଦ୍ର ବାରିକ, ପ୍ରଭାକର ବେହେରା, ମୃତ୍ୟୁଞ୍ଜୟ ସାହୁ, ଇନ୍ଦ୍ରମଣି ଦାସ, ପ୍ରଭାକର ନାଥ, ପରେଶ ଦାସ, ଅକ୍ଷୟ ରାଉଳ, ବିକାଶ ସାହୁ, ଚନ୍ଦନ ସେଠୀ, ଗୁଡୁ ଦାସ, ମନୋଜ ଦାସ ପ୍ରମୁଖଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ହିମାଂଶୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସନ୍ଦିଗ୍ଧ ଯୁବକ କୋର୍ଟ ଚାଲାଣ

ରାଜନଗର,୩୧।୮ (ସମିସ): ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ଘାଟ ନିକଟରୁ ଶନିବାର ବନ୍ଧୁକ ସହ ଗିରଫ ହୋଇଥିବା ପଶ୍ଚିମବଙ୍ଗ ୨୪ ପ୍ରଗଣା ଅଞ୍ଚଳର ସନ୍ଦିଗ୍ଧ ଯୁବକ ମୃତ୍ୟୁଞ୍ଜୟ ମଣ୍ଡଳକୁ ପୁଲିସ ଆଜି କୋର୍ଟ ଚାଲାଣ କରିଛି । ଏ ନେଇ ରାଜନଗର ଥାନାରେ ୨୯୨/୨୦୨୫ରେ କେସ ହେବା ସହ ୨୯୩, ୩୫୧(୩),୨୫,୨୭ ରେ ମାମଲା ରୁଜୁ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି । ଗତକାଲି ଓ ଆଜି ୨ଦିନ ଧରି ପୁଲିସ ଗିରଫ ଯୁବକକୁ ପଚରାଉଚରା କରିବା ପରେ କୋର୍ଟ ଚାଲାଣ କରିଛି । ସନ୍ଦିଗ୍ଧ ଯୁବକ କେଉଁଠୁ ବନ୍ଧୁକ ଆଣିଲା, ସେ ସମ୍ପର୍କରେ ପୁଲିସ କୌଣସି ତଥ୍ୟ ଦେଇନାହିଁ । ତେବେ ଯେଉଁ ଅଞ୍ଚଳରୁ ସେ ଯୁବକ ଆସିଛି ତାହା ସଂପୂର୍ଣ୍ଣ ମୁସ୍‌ଲିମ ଇଲାକା । ଏହି ଘଟଣା ସାଧାରଣରେ ନାନା ଆଶଙ୍କା ପ୍ରକାଶ ପାଉଛି ।

# ଡେରାବିଶ କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଡେରାବିଶ, ୩୧।୮ (ସମିସ): ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟର କିରାଣି ତଥା ଟାଇପିଷ୍ଟ ହୃଷିକେଶ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ମହାବିଦ୍ୟାଳୟ ସଭାଗୃହରେ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଗୁରୁଚରଣ ସେଠୀ, ନଗେନ୍ଦ୍ର ପ୍ରସାଦ ପାଣି, ଡକ୍ଟର ପ୍ରଜ୍ଞା ପଟ୍ଟନାୟକ, ବିଶ୍ୱଜିତ ସାହୁ, ସଂଜୟ ମିଶ୍ର, ଡକ୍ଟର ଶଶୀକାନ୍ତ ମଲିକ, ଡକ୍ଟର କିଶୋର ମଲିକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପୃଷ୍ଟି, ଶାନ୍ତନୁ ମାଟି, ବିକ୍ରମ ମହାନ୍ତି, ଅବସରପ୍ରାପ୍ତ ଗ୍ରନ୍ଥାଗାରିକ ଅନ୍ତକିଶୋର ଭୂୟାଁ ପ୍ରମୁଖ ଯୋଗଦେଇ ଶ୍ରୀ ଦାସଙ୍କ ଅବସର ଫଳରେ ମହାବିଦ୍ୟାଳୟର ଅପୂରଣୀୟ କ୍ଷତି ହେଲା ବୋଲି କହିଥିଲେ । ଅତିଥିମାନେ ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗାଭରଣ, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଅବସରପ୍ରାପ୍ତ ଅଧ୍ୟାପକ ବୃନ୍ଦାବନ ଦାସ ସଭା ପରିଚାଳନା କରିଥିବାବେଳେ ଡକ୍ଟର କିଶୋର ବେଦାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ଭାଦ୍ରବ ସାହିତ୍ୟ ଆସର




ଜଗତସିଂହପୁର,୩୧।୮ (ସମିସ): ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଅଳକା ଆଶ୍ରମ ପରିସରରେ ଭାଦ୍ରବ ସାହିତ୍ୟ ଆସର ସଭାପତି ତଥା ବିଶିଷ୍ଟ କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ରୂପେ ବିଶିଷ୍ଟ ସାହିତ୍ୟିକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଆଷାଢ଼ର ସମ୍ପାଦକ ପୀତାମ୍ବର ମହାପାତ୍ର ଓ କବି ଅଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଗୀତି କବିତାର ଧାରା ଉପରେ ଆଲୋଚନା କରିଥିଲେ । କବି ପରୀକ୍ଷିତ ମହାନ୍ତି, ଶେଷଦେବ ଛୋଟରାୟ, ମନୋରମା ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ମନୋରମା ଶତପଥୀଙ୍କ କବିତା ସଙ୍କଳନ 'ଷାଠିଏ ପାହାଚର ଇତିବୃତ୍ତ' ଉନ୍ମୋଚନ ହୋଇଥିଲା । ପରେ କବି ମନୋରମା ଶତପଥୀ ଓ ମୋନାଲିସା ମୁଦୁଲିଙ୍କ ସଂଯୋଜନାରେ କବି ଗଣେଶ ମହାନ୍ତି, ପୂର୍ଣ୍ଣ ମିଶ୍ର, ବଂଶୀଧର ବେହେରା, ଅନସୂୟା ଷଡ଼ଙ୍ଗୀ, ପରୀକ୍ଷିତ ମହାନ୍ତି, ରବୀନ୍ଦ୍ରନାଥ ବେହେରା, ମନୋରମା ଦାଶ, ପଞ୍ଚାନନ ପୋଲାଇ, ସନ୍ତୋଷ ଦାସ, ସବ୍ୟସାଚୀ ତ୍ରିପାଠୀ, ଶାନ୍ତିଲତା ଜେନା, ଉମାକାନ୍ତ ରଥ, ଅଜୟ ବାରିକ, ସଙ୍ଗୀତା ଦାସ, ନୀଳକଣ୍ଠ ମିଶ୍ର, ସରୋଜ ମହାପାତ୍ର, ସଞ୍ଜୟ ନାୟକ, ଜୟଶ୍ରୀ ମିଶ୍ର, ଜ୍ଞାନରଞ୍ଜନ ସ୍ୱାଇଁ, ଦେବତା ନିର୍ମାଲ୍ୟ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସମ୍ପାଦକ ଉମାକାନ୍ତ ନାୟକ ସ୍ୱାଗତ ଭାଷଣ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିବାବେଳେ ପରିଷଦର ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ବହିରା ଧନ୍ୟବାଦ ଅର୍ପଣ କରିଥିଲେ । ସଚ୍ଚିକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଓଡ଼ିଶା ଜୁନିୟର ବାସ୍କେଟବଲ୍ ଦଳରେ ନାଉଗାଁର ଇଷା

ନାଉଗାଁ,୩୧।୮ (ସମିସ): ନାଉଗାଁ ପାଇଁ ଗୌରବ ଆଣିଛନ୍ତି ଇଷା ପାଢ଼ୀ । ଆସନ୍ତା ୨ରୁ ୯ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଲୁଧିଆନାରେ ଜାତୀୟ କନିଷ୍ଠ ବାସ୍କେଟବଲ ପ୍ରତିଯୋଗିତା ଭାରତୀୟ ବାସ୍କେଟବଲ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ହେବାକୁ ଯାଉଥିବାବେଳେ ଇଷା ଓଡ଼ିଶା ଦଳରେ ସ୍ଥାନ ପାଇ ଜିଲ୍ଲା ତଥା ନାଉଗାଁ ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି । ଓଡ଼ିଶା ବାସ୍କେଟବଲ ଆସୋସିଏନର ସମ୍ପାଦକ ଅଶୋକ ସାହୁଙ୍କ ତତ୍ତ୍ୱାବଧାନରେରେ ମୁଖ୍ୟ କୋଚ୍ ପ୍ରଶାନ୍ତ ତରାଇ ଓ ସହକାରୀ କୋଚ୍ ପଦ୍ମାବତୀ ହାତୀଙ୍କ ନେତୃତ୍ୱରେ ଓଡ଼ିଶା କନିଷ୍ଠ ବାଳିକା ଦଳର ୧୨ ଜଣ ଖେଳାଳି ୩୦ ତାରିଖ ଦିନ ଲୁଧିଆନ ଯାତ୍ରା କରିଛନ୍ତି । ଏହି ଦଳରେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ଗୋଠଦା ଗ୍ରାମର ସଞ୍ଜୟ ପାଢ଼ୀଙ୍କ ଝିଅ ଇଷା ପାଢ଼ୀ ପ୍ରତିନିଧିତ୍ୱ କରିଛନ୍ତି । ଇଷା ପାଢ଼ୀ ବର୍ତ୍ତମାନ ଭୁବନେଶ୍ୱରସ୍ଥ ୟୁନିଟ୍-୪ ବାଳିକା ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଛନ୍ତି । ସେ ବର୍ତ୍ତମାନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର ସପୋର୍ଟ ହଷ୍ଟେଲରେ ରହି କୋଚ୍ ସ୍ମାରିତା ସାମନ୍ତରାୟଙ୍କ ଅଧୀନରେ ଅଭ୍ୟାସ କରୁଛନ୍ତି । ଏହା ପୂର୍ବରୁ ଇଷା ପାଢ଼ୀ ଓଡ଼ିଶା ବାସ୍କେଟବଲ ଦଳ ପକ୍ଷରୁ ୨ଟି ସର୍ବକନିଷ୍ଠ, ଗୋଟିଏ ୟୁଥ ଓ ଜାତୀୟ ସ୍କୁଲ ଦଳରେ ପ୍ରତିନିଧିତ୍ୱ କରିଥିଲେ । ସେ ଏହି ଜାତୀୟ ଦଳରେ ସ୍ଥାନ ପାଇଥିବାରୁ କୋଚ୍, ପରିବାରବର୍ଗ, ସାଙ୍ଗ ଓ ନାଉଗାଁ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି । ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିବାବେଳେ ବୁଦ୍ଧିଜୀବୀ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।



# ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା



ରାଜନଗର,୩୧।୮ (ସମିସ): ରାଜନଗର ବ୍ଲକ୍ ବାଘମାରୀସ୍ଥ ବିବେକାନନ୍ଦ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ପ୍ରଜ୍ଞାନ ମିଶନର ସନ୍ଥ ସ୍ୱାମୀ ଅନିର୍ବାଣୀନନ୍ଦ ଗିରି ଓ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଦଲ କୁମାର ପରିଡ଼ା ଶୁଭାରମ୍ଭ କରିଥିଲେ । ଏହି ପ୍ରତିଯୋଗିତାରେ ୧୧ଟି ବିଦ୍ୟାଳୟ ଓ ଗୋଟିଏ ମହାବିଦ୍ୟାଳୟର ୩ଟି ବର୍ଗରେ ୧୬୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସମସ୍ତ ପ୍ରତିଯୋଗୀଙ୍କୁ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ଲିଖିତ ଗୀତା ପ୍ରସାଦ ପୁସ୍ତକ ବିତରଣ କରଯାଇଥିଲା । ଏହି ପ୍ରତିଯୋଗିତାରେ କ-ବର୍ଗରୁ ରାଜଦୀପ ଦାସ, ସୋମନାଥ ପଣ୍ଡା, ଅଙ୍କିତା ଦାସ, ଖ-ବର୍ଗରୁ ସୌମ୍ୟଦୀପ ପ୍ରମାଣିକ, ଅନୁରାଧା ମହତା, ବର୍ଷା ମାଇତି, ଭବାନୀ କୁଣ୍ଡ, ସଂଗୀତ ଦାସ, ରାଜନନ୍ଦିନୀ ମାଇତି, ଦେବଶ୍ରୀ ଦାସ, ପିଙ୍କି ମଣ୍ଡଳ, ଓମଶ୍ରୀ ଖାଣ୍ଡା ଓ ଗ-ବର୍ଗରୁ ପ୍ରମିଳା ସାମଲ, ସୂର୍ଯ୍ୟକାନ୍ତ ଗିରି, ସାବିତ୍ରୀ ପରିଡ଼ା, ରିନାରାଣୀ ଜେନା ପ୍ରମୁଖ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସତ୍ୟରଞ୍ଜନ ଦାସ, ମାନସ ରଞ୍ଜନ ଧଳ, ଲକ୍ଷ୍ମୀପ୍ରିୟା ବେହେରା, ଦୀପ୍ତି ସାମଲ, ସୌମେନ ସିଂ, ନାରାୟଣ ଚନ୍ଦ୍ର ଜେନା, ସତ୍ୟବ୍ରତ ପଣ୍ଡା, ବିଭୂତି ଭୂଷଣ ବେହେରା ଓ ପ୍ରଜ୍ଞାନା ମିଶନର ଅନୀଲ କୁମାର ଦାସ ପରିଚାଳନା କରିଥିଲେ । ଏଥିରେ ବିଦ୍ୟାଳୟର ୨୧ ଜଣ ବିଚାରକ ଭାବେ ଅଂଶଗ୍ରହଣ କରିଥିଲେ । ପ୍ରଜ୍ଞାନା ମିଶନ ପକ୍ଷରୁ ରାଜ୍ୟସ୍ତରୀୟ ବିଜେତାଙ୍କୁ ଏକବର୍ଷ ପାଇଁ ବୃତ୍ତି ପ୍ରଦାନ କରାଯିବ । ଆଜିର ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସ୍ୱାମୀ ଶ୍ରୀ ଗିରି ମାନପତ୍ର ପ୍ରଦାନ କରିଥିଲେ ।

# ବିଦ୍ୟୁତ୍ ଉପଭୋକ୍ତା ସଂଘ ଗଠିତ



ଡେରାବିଶ, ୩୧।୮ (ସମିସ): ଟାଟା ପାୱାର ପକ୍ଷରୁ ଡେରାବିଶ ବ୍ଲକ୍ ଅଞ୍ଚଳର ଉପଭୋକ୍ତାଙ୍କୁ ବହୁ ସମୟରେ ବିଭିନ୍ନ ଉପାୟରେ ଶୋଷଣ ଓ ହଇରାଣ କରାଯିବା, ସ୍ଥାନୀୟ ଅଞ୍ଚଳରେ ଅଘୋଷିତ ବୃିଦ୍ୟତ୍ କାଟ, ବିଦ୍ୟୁତ୍ ଯୋଗାଣ ଇତ୍ୟାଦିରେ ଅନିୟମିତତା ପ୍ରତିବାଦରେ ଆଜି ଡେରାବିଶ ବ୍ଲକ୍ ଅଞ୍ଚଳରେ ଗଢ଼ି ଉଠିଛି ବିଦ୍ୟୁତ୍ ଉପଭୋକ୍ତା ସଂଘ । ଏ ଉପଲକ୍ଷେ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାଠାରେ ପ୍ରାଧ୍ୟାପକ ପ୍ରଭାକର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠରେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ଲକ୍ଷ୍ମୀନାରାୟଣପୁର ପୂର୍ବତନ ସରପଞ୍ଚ ମହେନ୍ଦ୍ର ସିଂ ପ୍ରମୁଖ ଯୋଗଦେଇ ଏହି ଉପଭୋକ୍ତା ସଂଘର ଅଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ଶତାଧିକ ବିଦ୍ୟୁତ୍ ଉପଭୋକ୍ତାଙ୍କୁ କହିଥିଲେ । ତେବେ ଆଜି ପ୍ରାଥମିକ ଭାବେ ଛତା ବିଦ୍ୟୁତ୍ କାର୍ଯ୍ୟାଳୟ ଅଧୀନରେ ରହିଥିବା ଡେରାବିଶ ବ୍ଲକ୍‌ର ୧୦ରୁ ଅଧିକ ପଞ୍ଚାୟତର ବିଦ୍ୟୁତ୍ ଉପଭୋକ୍ତା ଏହି ସଂଘରେ ଯୋଡ଼ି ହୋଇଥିଲେ । ଆସନ୍ତା ସପ୍ତାହରେ ଏହି ସଂଘର ଅନ୍ୟଏକ ବୈଠକ ଆହୂତ ହୋଇ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯିବ ବୋଲି ପ୍ରାଧ୍ୟାପକ ଶ୍ରୀ ସାମଲ ପ୍ରକାଶ କରିଛନ୍ତି । ଏଥିସହିତ ଏହି ସଂଘରେ ଡେରାବିଶ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରୁ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯିବ ବୋଲି ପଣ୍ଡିତ ମିଶ୍ର ପ୍ରକାଶ କରିଛନ୍ତି ।

# ଭୂତକୋଠି ପାଲଟିଛି ଭାରତ ସଞ୍ଚାର ନିଗମ କାର୍ଯ୍ୟାଳୟ

ରଘୁନାଥପୁର, ୩୧।୮ (ସମିସ)





ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍ଥାନକୁ ଭାରତୀୟ ସଞ୍ଚାର ନିଗମ ଲିମିଟେଡ଼ (ବିଏସ୍‌ଏନ୍‌ଏଲ) ପକ୍ଷରୁ ଲ୍ୟାଣ୍ଡ ଫୋନ ଯୋଗାଯୋଗ ପାଇଁ ଏକ କାର୍ଯ୍ୟାଳୟ ରଘୁନାଥପୁର ଥାନା ନିକଟ ଏକ ସ୍ଥାନରେ ବହୁବର୍ଷ ଆଗରୁ ଖୋଲାଯାଇଥିଲା । ଏଠାରେ କେତେକ କର୍ମଚାରୀ ନିଯୁକ୍ତି ପାଇଥିଲେ । ଏବେ ଏହି କାର୍ଯ୍ୟାଳୟ ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠି ପାଲଟିଛି । ଏହି କାର୍ଯ୍ୟାଳୟକୁ ନବୀକରଣ କରାଯାଇ ପୁନଃ କାର୍ଯ୍ୟକ୍ଷମ କରାଯିବାକୁ ସାଧାରଣରେ ଦାବି ହେଉଛି ।

ଆଗରୁ ବିଏସଏନଏଲ ଦ୍ୱରା ଘରକୁ ଘର, ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ସଂଯୋଗ କରାଯାଇଥିଲା । ବର୍ତ୍ତମାନ ବିଏସଏନଏଲ କମ୍ପାନୀ ଦେବାଳିଆ ହୋଇଥିବାରୁ ଆଗଭଳି ଲୋକଙ୍କୁ ସେବା ମିଳୁନି । ଯେଉଁଥି ପାଇଁ କେତେକ ଜନ ସେବା କେନ୍ଦ୍ର ଅଚଳ ହେବାକୁ ବସିଲାଣି । ଜନସାଧାରଣ କୌଣସି ସରକାରୀ କାର୍ଯ୍ୟରେ ନାମ ସଂଯୁକ୍ତ ବା ଆବେଦନ କରିବାକୁ ଗଲେ ଯେଉଁ ଜନ ସେବା କେନ୍ଦ୍ର ବିଏସଏନଏଲ ସୁବିଧା ସହିତ ଜଡିତ ଅଛି, ସେଠାରେ ନେଟ୍ ନ ଥିବାରୁ ଫେରିବାକୁ ପଡୁଛି ।

ଏ ସମ୍ପର୍କରେ ସମ୍ପୃକ୍ତ ବ୍ୟବସାୟୀ ବିଏସଏନଏଲ କମ୍ପାନୀର କର୍ମଚାରୀଙ୍କୁ ଯୋଗାଯୋଗ କଲେ ବି ସେମାନେ କାର୍ଯ୍ୟାଳୟରେ ରହୁନାହାନ୍ତି କି ନେଟ ଯୋଗାଣରେ ବିଳମ୍ବ କରୁଥିବା ଦେଖିବାକୁ ମିଳୁଛି । ଏହି କାର୍ଯ୍ୟାଳୟର ଅବସ୍ଥା ଦେଖିଲେ ବିଶ୍ୱାସ କରି ହେବନି । ଅନାବନା ଘାସ ବଣ ସାଙ୍ଗକୁ ମୁଖ୍ୟ ଗେଟ୍‌ରେ ତାଲା ଝୁଲୁଛି । ଦିନେ ବି ଏହି କାର୍ଯ୍ୟାଳୟ ଖୋଲି ନ ଥାଏ । ଏ ଦିଗରେ ରାଜ୍ୟ ଓ କେନ୍ଦ୍ର ସରକାର ବିଚାର କରି ବିଏସଏନଏଲ କମ୍ପାନୀକୁ ସଚଳ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ଥମୁନି ଦାଦନ ଯନ୍ତ୍ରଣା; ପୁଣି ୨ ଓଡ଼ିଆଙ୍କ ମୃତ୍ୟୁ

## ତାମିଲନାଡୁରେ ଛାତରୁ ପଡ଼ି ଗୁମ୍ମାର ବାଳକୃଷ୍ଣଙ୍କ ମୃତ୍ୟୁ

## କେରଳରେ ସଡ଼କ ଦୁର୍ଘଟଣାରେ ଜି.ଉଦୟଗିରିର ଯୁବକ ମୃତ

ଗୁମ୍ମା/ଜି.ଉଦୟଗିରି,୩୧।୮ (ସମିସ)

ଥମୁନି ଦାଦନ ଦୁଃଖ। କାମ ଧନ୍ଦା ନ ପାଇ ଜିଲ୍ଲାର ଯୁବକବର୍ଗ କେରଳ ମୁହାଁ ହେଉଥିବା ବେଳେ କେତେବେଳେ ନିର୍ଯାତନାର ଶିକାର ହେଉଛନ୍ତି ତ ଆଉ କେତେବେଳେ ଦୁର୍ଘଟଣାରେ ମୃତ୍ୟୁ ଘଟୁଛି। ଅନେକ ଭଲ ରୋଜଗାର ଆଶାରେ ଯାଇ ଶବ ହୋଇ ଫେରୁଛନ୍ତି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିଲେ ଦାଦନ ଦୁଃଖ ଦୂର ହେବ ବୋଲି ନିର୍ବାଚନବେଳେ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ବର୍ଷକରେ ଦାଦନ ଦୁଃଖ ଦୂର ହେବା ତ ଦୂରର କଥା ଦାଦନଙ୍କ ମୃତ୍ୟୁ ଦ୍ୱିଗୁଣିତ ହୋଇଛି। ଜିତିବା ପରେ ସରକାର ବେଫିକର ହୋଇପଡ଼ିଛନ୍ତି ଦାଦନ ସମସ୍ୟା ସମାଧାନ କଥା ଭୁଲି ଯାଇଛନ୍ତି। ପୁଣି କନ୍ଧମାଳର ଜଣେ ଯୁବକଙ୍କ କେରଳରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବାବେଳେ ଓ ଗଜପତି ଗୁମ୍ମା ବ୍ଲକର ଜଣେ ଶ୍ରମିକ କେରଳରେ ନିର୍ମାଣାଧୀନ କୋଠାର ଛାତରୁ ପଡ଼ି ପ୍ରାଣ ହରାଇଛନ୍ତି। ତାମିଲନାଡୁରେ ଛାତରୁ ପଡ଼ି ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ପରିଡ଼ା ପଞ୍ଚାୟତ ସଦର ପରିଡ଼ା ଖ୍ରୀଷ୍ଟିଆନ ସାହିର ସ୍ୱର୍ଗତ ଭାଗ୍ୟ ଗାଣ୍ଟାଙ୍କ ପୁଅ ବାଳକୃଷ୍ଣ ଗାଣ୍ଟା(୩୨)ଙ୍କ ମୃତ୍ୟୁ ଘଟିଥିବାବେଳେ ଜି.ଉଦୟଗିରି ବ୍ଲକ କଟିଙ୍ଗିଆ କାଟିନାଜୁ ଶିବାନନ୍ଦ ପ୍ରଧାନଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି।

ସୂଚନାଯୋଗ୍ୟ ଯେ, ବାଳକୃଷ୍ଣ ତାମିଲନାଡୁ ସ୍ଥିତ ଏକ କୋଠା ଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥାଇ କାମ କରୁଥିବାବେଳେ ଛାତରୁ ଖସି ପଡ଼ି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବାଳକୃଷ୍ଣ ପିଲାବେଳୁ ବାପାଙ୍କୁ ହରାଇଥିବାବେଳେ ମା’ କେଉଁଆଡ଼େ ତାଙ୍କୁ ଛାଡ଼ି ଚାଲିଯାଇଥିଲେ। ଅନାଥ ହୋଇ ମଧ୍ୟ ଜୀବନରେ ହାର ମାନି ନଥିଲେ। ଦାଦନ ଶ୍ରମିକ ହୋଇ ଦୁଇ ପଇସା ରୋଜଗାର କରି ଘର ସଂସ୍କାର କରିବା ସ୍ୱପ୍ନ ନେଇ ତାମିଲନାଡୁ ଯାଇଥିବାବେଳେ ତାଙ୍କ ଏହି ସ୍ୱପ୍ନ ଚୁର୍‌ମାର୍ ହୋଇଯାଇଛି ବୋଲି ପରିବାର ଓ ଗାଁ ଲୋକେ ଦୁଃଖ ଭରା କଣ୍ଠରେ କହିଛନ୍ତି। ଏନେଇ ମାଲିକ ନିଜସ୍ୱ ଉଦ୍ୟମରେ ବାଳକୃଷ୍ଣଙ୍କ ପରିବାର ଲୋକଙ୍କୁ ଅବଗତ କରାଇ ମୃତଦେହ ପରିଡ଼ା ଗାଁକୁ ଆଣୁଥିବା ଜଣାପଡ଼ିଛି। ଏହି ଖବର ଜଣାପଡିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସେହିପରି, ଜି.ଉଦୟଗିରିର ଶିବାନନ୍ଦ ପରିବାର ପ୍ରତିପୋଷଣ ନିମନ୍ତେ କେରଳକୁ ଯାଇ କାମ କରୁଥିଲେ। ଗତ ମଙ୍ଗଳବାର ଦିନ ସେ କାର୍ଯ୍ୟ ସାରି ଫେରୁଥିବାବେଳେ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସିତ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଆଜି ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇଛି ଓ ତାଙ୍କ ନିଜ ଗ୍ରାମ ଜି.ଉଦୟଗିରି ବ୍ଲକ କଟିଙ୍ଗିଆ କାଟିନାଜୁକୁ ମୃତଦେହ ଅଣାଯିବ। ମୃତ୍ୟୁ ଖବର ପାଇଁ ପରିବାର ଲୋକଙ୍କ ଆଖିରୁ ଲୁହ ଶୁଖୁ ନଥିବା ବେଳେ ଏହି ଗରିବ ଅସହାୟ ପରିବାରକୁ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଅଞ୍ଚଳବାସୀ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ସଂକୀର୍ତ୍ତନ କରି ଗଜାନନଙ୍କୁ ବିଦାୟ



ରାୟଗଡ,୩୧।୮ (ସମିସ)

ଯୁବ ସମାଜ ବିଭିନ୍ନ ସମୟରେ ପର୍ବପର୍ବାଣୀରେ ବିସର୍ଜନ ବେଳେ ଡିଜେ, ବ୍ୟାଣ୍ଡ ଆଦିକୁ ଆଦରି ନେଉଥିବା ବେଳେ ଗଜପତି ଜିଲ୍ଲା ରାୟଗଡ଼ ଗ୍ରାମର ବିଶୋୟୀ ସାହିରେ ଭିନ୍ନ ଢଙ୍ଗରେ ଗଜାନନ ବିସର୍ଜନ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀର ସହଯୋଗରେ ଝାଞ୍ଜ, ମୃଦଙ୍ଗର ତାଳେ ତାଳେ ଯୁବକମାନେ ନାଚି ଏକ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ଗଣେଶଙ୍କୁ ବିଦାୟ ଦେଇଛନ୍ତି। ଧର୍ମ ସଂସ୍କୃତିର ନାମରେ ଯୁବପିଢ଼ି ଅପଭ୍ରଂଶ ଚଳାଇ ଆସିଥିବା ବେଳେ ଉକ୍ତ ନିଆରା ଭସାଣି ପର୍ବ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି।

## ଜି.ଉଦୟଗିରି ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ

ଜି.ଉଦୟଗିରି,୩୧।୮ (ସମିସ)

ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପରିଷଦ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପରେ ପରିଷଦ କାର୍ଯ୍ୟାଳୟରେ ପରିମଳ କର୍ମଚାରୀଙ୍କୁ ପୋଷାକ ବଣ୍ଟନ ଓ ସ୍ୱଚ୍ଛସାଥୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ କାର୍ଯ୍ୟଦକ୍ଷତା ଅନୁଯାୟୀ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ସାହୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସନ୍ଧ୍ୟାରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ସ୍ୱାୟତ୍ତ ଶାସନ ଦିବସ ପାଳନ ନିମନ୍ତେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ ମୁଖ୍ୟଅତିଥି, ସମ୍ମାନୀୟ ଅତିଥି ଭାବେ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଶିବରାମ ସାହୁ, ସ୍ଥାନୀୟ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ସାହୁ, ବରିଷ୍ଠ ସହାୟକ ସୁନ୍ଦରା ସୋରେନ, ଏମଆଇଏସ ମୁକେଶ ରଞ୍ଜନ ନାୟକ, ସିଓ ସରିତା ରଥ, ଟ୍ୟାକ୍ସ କଲେକ୍ଟର ଗଣେଶ ଜେନା ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସୁଧୀର କୁମାର ସାହୁ ଅତିଥିଙ୍କୁ ସ୍ୱାଗତ କରିବା ସହ ସଭା ପରିଚାଳନା



କାଉନସିଲର ଜାକେଶ ପ୍ରଧାନ, ଦୀପକ କୁମାର ନାୟକ, ଭାରତୀ ବେହେରା, କୁନ୍ତିମା ମଲ୍ଲିକ, ସଙ୍ଗୀତା ନାୟକ, ମୋନାଲିସା ଦଳବେହେରା, ନିଶାରାଣୀ ନାୟକ, ନନ୍ଦିତା ପ୍ରଧାନ, କନିଷ୍ଠଯନ୍ତ୍ରୀ ସୁଶାନ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସ୍ଥାନୀୟ ଯୁବ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜାତୀୟ କ୍ରୀଡ଼ା ଦିବସରେ ସାଇକଲ ରାଲି



ପାରଳାଖେମୁଣ୍ଡି,୩୧।୮ (ସମିସ)

ଗଜପତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ବିଭାଗ ତରଫରୁ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆୟୋଜିତ ତିନିଦିନିଆ କାର୍ଯ୍ୟକ୍ରମ ସମାପନ ହୋଇଛି। ରବିବାର ସାଇକଲ ରାଲି ଜିଲ୍ଲା ସଦରମହକୁମା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମା କରିଥିଲା। ରାଲିକୁ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ହକି ଯାଦୁଗର ମେଜର ଧ୍ୟାନଚନ୍ଦଙ୍କ ସ୍ମରଣ କରି ଜିଲ୍ଲାର ୧୭୨ଟି ସ୍କୁଲରେ ମାଲ୍ୟାର୍ପଣ, ଫିଟ୍ ଇଣ୍ଡିଆ ଶପଥ ପାଠ ଓ ବିଭିନ୍ନ ବିଦ୍ୟାଳୟରେ ବ୍ୟାଡମିଣ୍ଟନ୍, ଫୁଟବଲ୍, ଭଲିବଲ୍, ହକି, ଖୋ-ଖୋ, କବାଡ଼ି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୩୦ ତାରିଖରେ ବିଭିନ୍ନ ବିଦ୍ୟାଳୟ ଗୁଡ଼ିକରେ ସୃଜନଶୀଳତା ସହ କ୍ରୀଡ଼ା ,ଚିତ୍ରାଙ୍କନ, ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ଧ୍ୟାନଚନ୍ଦଙ୍କ ଉତ୍ତରାଧିକାର, କ୍ରୀଡ଼ାର ମହତ୍ତ୍ୱ ଓ ଦେଶ ଭକ୍ତିର ସନ୍ଦେଶ ଉଜାଗର ଉପରେ ଆଲୋଚନା ହୋଇଥିଲା। ଆଜିର କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ଲାବଣ୍ୟେନ୍ଦୁ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ସ୍ଥାନୀୟ ତହସିଲଦାର ନାରାୟଣ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପାତ୍ର, ଦେବବ୍ରତ ଆଚାର୍ଯ୍ୟ, ପ୍ରିୟା ଶର୍ମା, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ,ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।

## ‘ହାଃ କୃଷ୍ଣ ବୋଲି ଯାଉ ଜୀବ’ ନାଟକ ମଞ୍ଚସ୍ଥ

ଚକାପାଦ,୩୧।୮ (ସମିସ): ଚକାପାଦ ବ୍ଲକ ଲାଇନପଡ଼ା ମେଳଣ ପଡ଼ିଆରେ ଗତକାଲି ଷ୍ଟାର ମାଷ୍ଟର ସନ୍ତୋଷ କୁମାର ଘଡ଼େଇଙ୍କ ନିର୍ଦ୍ଦେଶନାରେ ସ୍ଥାନୀୟ ଅଞ୍ଚଳର କଳାକାରଙ୍କୁ ନେଇ ସାମାଜିକ ନାଟକ “ହାଃ କୃଷ୍ଣ ବୋଲି ଯାଉ ଜୀବ’ ମଞ୍ଚସ୍ଥ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ୱାର୍ଡସଭ୍ୟା ମମତା ନାଏକ ଯୋଗଦେଇ ନାଟକକୁ ଉଦ୍‌ଘାଟନ କରିଥିଲେ। ମଞ୍ଚରେ ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟ ସଭାପତି ସତ୍ୟପ୍ରିୟ ବେହେରା, ବିନାୟକ ଯୁବ ପୂଜା କମିଟି ସଭାପତି ଚଇନ ପାତ୍ର, ସମ୍ପାଦକ ମୁନୀନ୍ଦ୍ର ବେହେରା, କୋଷାଧ୍ୟକ୍ଷ କାହ୍ନୁ ଚରଣ ଦାସ ଏବଂ କମିଟିର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ରାତ୍ର ଏଗାର ଘଣ୍ଟା ସମୟରେ ନାଟକ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିଦ୍ଧାର୍ଥ ଚାନେଲର ମାୟା ଓ ମମତା ଧାରାବାହିକର ନାୟିକା ମୀଠୀ, ନନ୍ଦିନୀ ଧାରାବାହିକର ଅଭିନେତ୍ରୀ ଆସି ଅଧଘଣ୍ଟା ମଞ୍ଚରେ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ବର୍ଷା ହେବା ସତ୍ତ୍ୱେ ଆଖ ପାଖ ଅଞ୍ଚଳର ହଜାର ହଜାର ଦର୍ଶକ ନାଟକକୁ ଉପଭୋଗ କରିଥିଲେ।



## ‘ସୁଖ କିଣା ଏଠି ଦୁଃଖ ମାଗଣା’ ମଞ୍ଚସ୍ଥ

ଫିରିଙ୍ଗିଆ, ୩୧।୮ (ସମିସ)

ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତର ଗୁରୁପଡାରେ ଶ୍ରୀ ତ୍ରିନାଥ ଠାକୁର ସାଂସ୍କୃତିକ କଳାପରିଷଦ ଦ୍ୱାରା ଅନୁଷ୍ଠିତ ଗଣେଶ ପୂଜା ଉପଲକ୍ଷେ ସାମାଜିକ ନାଟକ ‘ସୁଖ କିଣା ଏଠି ଦୁଃଖ ମାଗଣା’ ନାଟକ ମଞ୍ଚସ୍ଥ ହୋଇଛି। ଅନୁଷ୍ଠାନର ସଭାପତି ସଞ୍ଜୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନାଟକର ଉଦ୍‌ଘାଟନୀ ଉତ୍ସବରେ ବିଜେପି ନୁଆପଦର ମଣ୍ଡଳ ସଭାପତି ଦେବେଶ୍ୱର ଦୀପ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ, କେଳାପଡା ସରପଞ୍ଚ ସ୍ୱର୍ଣ୍ଣଲତା ପ୍ରଧାନ, ସମାଜସେବୀ ଦୁର୍ଯ୍ୟୋଧନ କହଁର, ମେହେର ପ୍ରଧାନ, ଅବସର ପ୍ରାପ୍ତ ସେନା କର୍ମଚାରୀ ତୀର୍ଥବାସୀ କହଁର, ପୁରଞ୍ଜନ କହଁର, ମହିଳା ସଭାପତି ଯଶୋଦା ମାଝୀ, ୱାର୍ଡ ସଭ୍ୟା ପ୍ରତିଭା ପ୍ରଧାନ, ଏମବିକେ ଭାବନା ନାଏକ, ନାଏବ ସରପଞ୍ଚ ଶ୍ରୀକାନ୍ତ ନାଏକ, ସମିତିସଭ୍ୟ ବୈରାଗୀ କହଁର, ପୌରାଣିକ ନାଟକ ସଂଘ ଜିଲ୍ଲା ସଭାପତି ଅଜିତ କୁମାର ସାହୁ ଓ ପୂର୍ବତନ ବିଜେଡି ସଭାପତି ପ୍ରଫୁଲ୍ଲ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉଦଘାଟନ କାର୍ଯ୍ୟକ୍ରମକୁ ପ୍ରଣବ ନାଏକ ପରିଚାଳନା କରିଥିଲେ। ନାଟକକୁ କନ୍ଧମାଳ ଜିଲ୍ଲାର ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଶିବ ପ୍ରସାଦ ନନ୍ଦ ନିର୍ଦ୍ଦେଶନା ଓ ସୁଜିତ ଠାକୁର ସହ ନିର୍ଦ୍ଦେଶନା ଦେଇଥିଲେ।



## କଳିଙ୍ଗା ଘାଟିରେ ଗ୍ୟାସ୍ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ



ଜି.ଉଦୟଗିରି,୩୧।୮ (ସମିସ): ଜି.ଉଦୟଗିରି ବ୍ଲକ କଳିଙ୍ଗା ଘାଟିର ବଡ଼ ବୁଲାଣିରେ ଏକ ରନ୍ଧନ ଗ୍ୟାସ୍ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡିଛି। କଳିଙ୍ଗା ଘାଟିରେ ଏତେ ଦୁର୍ଘଟଣା ଘଟିବା ପରେ ମଧ୍ୟ ପ୍ରଶାସନ ପକ୍ଷରୁ ଦୁର୍ଘଟଣା ଏଡ଼ାଇବାକୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହେଉଛି। ଶନିବାର ରାତିରେ ଟ୍ରକ୍‌ଟି ଗାର୍ଡୱାଲ୍ ଭାଙ୍ଗି ରାସ୍ତାରୁ ଖସି ଯାଇ ପାହାଡ଼ରେ ଅଟକି ରହିଥିଲା। ମାତ୍ର ଡ୍ରାଇଭର ଏବଂ ହେଲପର କେହି ଆହତ ହୋଇ ନଥିଲେ। ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଠିକ୍ ଜାଗାରେ ଠିକ୍ ସୂଚନା ଫଳକ ଲଗାଯିବା ସହ ଘାଟି ଆରମ୍ଭରୁ ଏକ ଚେକ୍ ପୋଷ୍ଟ ସ୍ଥାପନ କରାଯାଇ ଡ୍ରାଇଭରଙ୍କୁ ସଚେତନ କରିବାକୁ ଦାବି ହେଉଛି।

## ରାଧାଷ୍ଟମୀରେ ରାଧାକୃଷ୍ଣ ବେଶ



ପାରଳାଖେମୁଣ୍ଡି, ୩୧।୮ (ସମିସ): ଆଧ୍ୟାତ୍ମିକ ମାତା ଶ୍ରୀରାଧାରାଣୀଙ୍କ ଆବିର୍ଭାବ ତିଥିରେ ମାତା ଅନସୂୟା ଦାସୀ (ଅନିତା ମିଶ୍ର)ଙ୍କ ତରଫରୁ ରାଜଗୁରୁ ସାହି ସ୍ଥିତ ଶ୍ରୀ ରଘୁନାଥ ମନ୍ଦିରରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଯାଇଛି। ହରିନାମ ସଂକୀର୍ତ୍ତନ, ପଞ୍ଚାମୃତ ଅଭିଷେକ, ୧୦୮ ପୁଷ୍ପ ଅଭିଷେକ ସହ ପୂଜାର୍ଚ୍ଚନା ହୋଇଥିଲା। ଅମ୍ବିକା ମିଶ୍ର, ରାଧିକା ମିଶ୍ରଙ୍କ ସମେତ କୁନି କୁନି ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ।

● ଦିନିକିଆ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା

## ଅନଭେସ ଯୋଡ଼ି ଚାମ୍ପିଅନ୍



ଜି.ଉଦୟଗିରି,୩୧।୮ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଇଣ୍ଡୋର ଷ୍ଟାଡିଅମରେ ଶନିବାର ଅନୁଷ୍ଠିତ ଦିନିକିଆ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ କଳିଙ୍ଗାର ଅନଭେସ ଯୋଡି ଚମ୍ପିୟାନ ହୋଇଥିବା ବେଳେ ଜି.ଉଦୟଗିରିର ପ୍ରମୋଦ ଯୋଡି ରନର୍ସଅପ ହୋଇଛନ୍ତି। ଜି.ଉଦୟଗିରି, ଟିକାବାଲି, ରାଇକିଆ, ଚକାପାଦ ଆଦି ଅଞ୍ଚଳରୁ ୧୮ଟି ଦଳ ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ସ୍ଥାନୀୟ ତହସିଲଦାର ରଞ୍ଜନ କୁମାର ସାହୁ ଏହାକୁ ଉଦଘାଟନ କରିଥିଲେ। ଉଭୟ ଚମ୍ପିୟାନ ଏବଂ ରନର୍ସ ଅପ ଦଳକୁ ସମ୍ମାନିତ କରାଯାଇଥିଲା। ପ୍ରଫୁଲ ରାଉତ, କିସନ ପ୍ରଧାନ, ଶିବରାମ ପାତ୍ର ଓ ରାଜବୀର ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ।

## ଗୁମ୍ମା ଓଡ଼ିଆ ସାହି ଗଣେଶ ପୂଜା ମଣ୍ଡପରେ ବିଧାୟକ



ଗୁମ୍ମା,୩୧।୮ (ସମିସ): ଗଜପତି ଜିଲ୍ଲା ଗୁମ୍ମା ସଦର ମହକୁମା ଗୁମ୍ମା ଓଡ଼ିଆ ସାହିରେ ତିନୋଟି ଗଣେଶ ପୂଜା ଆୟୋଜନ କରାଯାଇଥିଲା। ଶନିବାର ପରାଳଖେମୁଣ୍ଡି ବିଧାୟକ ଇ.ରୂପେଶ କୁମାର ପାଣିଗ୍ରାହୀ ଓଡ଼ିଆ ସାହି ସ୍ଥିତ ଗଣେଶ ପୂଜା ମଣ୍ଡପ ଭ୍ରମଣ କରିବା ସହିତ ଭଗବାନ ଶ୍ରୀ ଗଣେଶଙ୍କ ଦର୍ଶନ କରିଥିଲେ। ବିଧାୟକଙ୍କୁ ଗ୍ରାମବାସୀ ସ୍ୱାଗତ ସମ୍ବର୍ଦ୍ଧନା ସହ ପୂଜା ମଣ୍ଡପରେ ଆତିଥ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ଏନେଇ ବିଧାୟକ ପୂଜା କମିଟି ସଦସ୍ୟଙ୍କୁ ଆର୍ଥିକ ସହାୟତା ପ୍ରଦାନ ସହ ଉତ୍ତମ ଭାବେ ପୂଜା ସମାପନ କାର୍ଯ୍ୟ ସମ୍ପାଦନ କରିବାକୁ କହିଥିଲେ। ସେହିପରି ଓଡ଼ିଆ ସାହିର ବିଶିଷ୍ଟ ଖେଳାଳି, ଉଚ୍ଚ ଶିକ୍ଷାବିତ, ଉତ୍ତମ ସାହିତ୍ୟିକ ଓ ଜଣେ ଜଣାଶୁଣା ବ୍ୟକ୍ତି ସ୍ୱର୍ଗତ ମୃତ୍ୟୁଞ୍ଜୟ ପାଇକ ଏବଂ କମଳା ଚୌଧୁରୀଙ୍କ ଅକାଳ ମୃତ୍ୟୁ ଖବର ଜାଣିବା ପରେ ତାଙ୍କ ପରିବାରଙ୍କୁ ସମବେଦନା ଜଣାଇବା ସହ କମଳା ଚୌଧୁରୀଙ୍କ ଝିଅଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ ବିଧାୟକ।

## ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଏନ୍‌ପିଏସ୍‌ର ବୈଠକ



ଫିରିଙ୍ଗିଆ,୩୧।୮ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲ୍ଲା ପ୍ରାଥମିକ ସଂଘ କନ୍ଧମାଳ (ନୂତନ ପେନସନ ଯୋଜନା ଭୁକ୍ତ )ର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି କୁମାର ପାରାସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ସମ୍ପାଦକ ଶାନ୍ତନୁ ପ୍ରଧାନ, କାର୍ଯ୍ୟକାରୀ ସଭାପତି ସରୋଜ ସେଠୀ, ଯୁଗ୍ମ ସମ୍ପାଦକ ଉତ୍କଳ କେଶରୀ, କୋଷାଧ୍ୟକ୍ଷ ଶାନ୍ତନୁ ପରିଛା ଯୋଗ ଦେଇଥିଲେ। ବୈଠକରେ କନ୍ଧମାଳ ଜିଲ୍ଲାରେ ୟୁଏସ ବ୍ୟବସ୍ଥାକୁ ବିରୋଧ କରିବା, ଏନପିଏସ ଶିକ୍ଷକ ସଂଗଠନର ଦାବି ଠିକ ସମୟରେ ନିୟମିତ, ୬ ଟି ନ୍ୟାସନାଲ ଇନକ୍ରିମେଣ୍ଟ ପ୍ରଦାନ, ୪୨୦୦ ଜିପି ପ୍ରଦାନ ସହ ଓ ପି ଏସ ହାସଲ, ପ୍ରମୋସନ ତ୍ୱରାନ୍ୱିତ କରିବା, ବିଭିନ୍ନ ବ୍ଲକରେ ଶିକ୍ଷକ କମିଟି ଗୃହ ନିର୍ମାଣ, ସମସ୍ତ ବ୍ଲକରେ ସାଙ୍ଗଠନିକ ସୁଦୃଢ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ସାଙ୍ଗଠନିକ ସମ୍ପାଦକ ରାଜେଶ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ସାଙ୍ଗଠନିକ ସୁଦୃଢ଼ିକରଣ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାଶ ପ୍ରଧାନ, ଦିଲୀପ ଦିଗାଲ, ଡମ୍ବରୁଧର ବସ୍ତିଆ, ଅନିଲ ନାୟକ, ଅଜିତ ନାୟକ, ମନୋଜ କୁମାର ବିଶ ମାଝୀ, ସସ୍ମିତା ରାଣୀ ନାୟକଙ୍କ ସହ ୧୨ ବ୍ଲକରୁ ଶତାଧିକ ଏନପିଏସ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦକ ଉତ୍କଳ କେଶରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଜପତି ଜିଲ୍ଲା ବିକାଶ ନକ୍ସା ଉନ୍ମୋଚିତ

ପାରଳାଖେମୁଣ୍ଡି, ୩୧।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସଭାଗୃହରେ ଗଜପତି ନାଗରିକ ମଞ୍ଚ ପାରଳାଖେମୁଣ୍ଡି ଆନୁକୁଲ୍ୟରେ ଗଜପତି ଜିଲ୍ଲା ବିକାଶର ଏକ ନକ୍ସା ଉନ୍ମୋଚିତ ହୋଇଯାଇଛି। ନାଗରିକ ମଞ୍ଚର ମୁଖ୍ୟ ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ବରିଷ୍ଠ ଶିକ୍ଷକ ଶ୍ୟାମସୁନ୍ଦର ଗନ୍ତାୟତଙ୍କ ସଂଯୋଜନାରେ ସଚେତନ କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲାର ପ୍ରାକ୍ତନ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ସ୍ୱାଗତ ଭାଷଣ ଏବଂ ପ୍ରାକ୍ ସୂଚନା ପ୍ରଦାନ ପରେ ସଭାପତି ଶ୍ରୀ ମହାପାତ୍ରଙ୍କ ଦ୍ୱାରା ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।

ଓଡ଼ିଶା ମାନଚିତ୍ର ତଥା ଓଡିଶା ଇତିହାସର ପ୍ରମୁଖ ସହର ପାରଳା ତଥା



ଗଜପତି ଉପଖଣ୍ଡ କିଭଳି ଅବହେଳିତ ହୋଇ ବିକାଶର ଦ୍ୱାର ମାଡୁନି ଏବଂ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ତୁରନ୍ତ ଦୃଷ୍ଟି ଦେବାକୁ ବିଶେଷ କରି ଓଡିଶାର ବିକାଶ କ୍ଷେତ୍ରରେ ଗଜପତିକୁ ପ୍ରଥମତଃ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଶତାୟୁ ଓଡିଶା ୨୦୩୬ ପାଇଁ ଆମର ଭିଜନ୍ ୨୦୩୬ ଏକ ବହୁ ନିଷ୍ଠ ଲବ୍ଧ ସଂକଳନ ଅତିଥଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ମୂଲ୍ୟବାନ ସଂକଳନଟି ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ସଚିବ, ମୁଖ୍ୟ ସଚିବ ଠାରୁ ଆରମ୍ଭ କରି ପଞ୍ଚାୟତସ୍ତରର କର୍ତ୍ତୃପକ୍ଷକୁ ପ୍ରଦାନ କରାଯିବ।

ରାଜନୈତିକ କର୍ମୀ, ପ୍ରଶାସନ, ଜନସାଧାରଣ ଏବଂ ଯୁବଗୋଷ୍ଠୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏହି ଭିଜନ ମୁଦ୍ରିତ ହୋଇଛି। ମଞ୍ଚରେ ପାରଳା-ଗଜପତି ବାକାଶ ମଞ୍ଚର ଭୁବନେଶ୍ୱର ସଭାପତି ଦିଗ୍ ବିଜୟ ନାଥ ପାଢ଼ି, ସଂପାଦକ ରାଜକିଶୋର ପାଣିଗ୍ରାହୀ(ବୁଲୁ), ବରିଷ୍ଠ ନାଗରିକ ମଞ୍ଚର ସଭାପତି ଅଶ୍ୱିନୀ କୁମାର ପାଢ଼ୀ, ଇଂ. ସୁରେଶ ମହାରଣା, ସାରଳାଦେବ ପଟ୍ଟନାୟକଙ୍କ ସମେତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମଞ୍ଚାସୀନ ଥିଲେ। ଭାରତଭୂଷଣ ମହାନ୍ତି, ଡା. ରାମକୃଷ୍ଣ ପରିଚ୍ଛା, ଆଶାଲତା ପାଣିଗ୍ରାହୀ ଓ ପ୍ରଫୁଲ ମହାନ୍ତି ଲୋକାର୍ପଣ ଉତ୍ସବରେ ବକ୍ତବ୍ୟ ରଖିଥିଲେ। ଶେଷରେ ଶଶିଭୂଷଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରମୋଦ ଚନ୍ଦ୍ର ପାଢ଼ୀ, ଶରତ ଚନ୍ଦ୍ର ସାହୁ, ମୁରଲୀଧର ପରିଚ୍ଛା, ବିଷ୍ଣୁ ପ୍ରସାଦ ପଣ୍ଡା, ତ୍ରିପତି ପ୍ରସାଦ ପଣ୍ଡା ଓ ଡ. ନରସିଂହ ଗୌଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁନ୍ଦରଗଡ଼ରେ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ



ରାଉରକେଲା,୩୧।୮ (ସମିସ): ସୁନ୍ଦରଗଡ଼ ସଦ୍‌ଭାବନା ଗୃହରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପରିତ୍ୟାଗ ଓ ଶିଶୁ ଶ୍ରମିକ, ପ୍ଲାଟଫର୍ମ ଶିଶୁମାନଙ୍କ ସଂଖ୍ୟାରେ ବୃଦ୍ଧି ଓ ତାଙ୍କର ଥଇଥାନ, ଅଳ୍ପ ବୟସରେ ଗର୍ଭଧାରଣ, ଶିଶୁ ଚାଲାଣ ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା। ବାଲ୍ୟ ବିବାହ ନିରୋଧ, କନ୍ୟା ଭ୍ରୁଣ ହତ୍ୟା, ଲିଙ୍ଗଭିତ୍ତିକ ତାରତମ୍ୟର ମୂଳୋତ୍ପାଟନ ନିମନ୍ତେ ସମସ୍ତ ବିଭାଗ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଆଦିବାସୀ ଉନ୍ନୟନ, ଗୃହ ବିଭାଗର ସହଯୋଗିତାରେ କନ୍ୟାମାନଙ୍କର ସାମଗ୍ରିକ ବିକାଶ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭଳି ଚଳିତବର୍ଷ ଜୁନ୍ ମାସ ଠାରୁ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ ଅନ୍ତର୍ଗତ କ'ଣ ପଦକ୍ଷେପ ନିଆଯିବ ସେ ସମ୍ବନ୍ଧିତ ସଂପୂର୍ଣ୍ଣ ବିବରଣୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କ୍ରିଷ୍ଣା କୁମାରୀ ନନ୍ଦ ଉପସ୍ଥାପନା କରିଥିଲେ। ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଆଇଏଏସ ଶିକ୍ଷାନବୀସ ଫାବୀ ରସିଦ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବାଘ ପାଦ ଚିହ୍ନ ଦେଖି ଭୟଭୀତ ଗ୍ରାମବାସୀ

ବଣାଇଁ,୩୧।୮ (ସମିସ):

### ସତର୍କ ସୂଚନା ଜାରି କଲା ବନ ବିଭାଗ, ଜଙ୍ଗଲରେ ଲାଗିଲା କ୍ୟାମେରା





ବଣାଇଁ ରେଞ୍ଜ ଧରଣୀଧରପାଲି ସେକ୍ସନ ଅନ୍ତର୍ଗତ ଘୋଷରା ଗ୍ରାମ ନିକଟରେ ଥିବା ପତ୍ରାପାଲି ଜଙ୍ଗଲ ନିକଟରେ ଆଜି ସକାଳୁ ଏକ ବାଘର ପାଦ ଚିହ୍ନ ଦେଖିବାକୁ ମିଳିଛି। କିଛି ଲୋକ ଏହାକୁ ମହାବଳ ବାଘର ପାଦ ଚିହ୍ନ ବୋଲି କହିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଜଙ୍ଗଲରେ ପହଞ୍ଚି ପାଦ ଚିହ୍ନର ଯାଞ୍ଚ କରିଛନ୍ତି। ବିଶେଷଜ୍ଞଙ୍କ ଯାଞ୍ଚ ପରେ ପାଦ ଚିହ୍ନ କେଉଁ ବାଘର ତାହା ସ୍ପଷ୍ଟ ହେବ। ଅନ୍ୟ ପକ୍ଷରେ ବଣାଇଁ ଫରେଷ୍ଟ ଡିଭିଜନର ସୋଲ୍ ରେଞ୍ଜ ଅଞ୍ଚଳରେ କିଛି ଦିନ ତଳେ ଏକ ମହାବଳ ବାଘ ବୁଲୁଥିବା କ୍ୟାମେରାରେ କଏଦ ହୋଇଥିଲା। ଯାହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। କାଳେ ସେହି ମହାବଳବାଘଟି ଏପଟେ ପଳାଇ ଆସିଥାଇପାରେ କିମ୍ବା ଏହା ଆଉ କେଉଁ ବାଘର ପାଦ ଚିହ୍ନ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ପାରି ନାହିଁ। ଏପଟେ ପାଦ ଚିହ୍ନକୁ ନେଇ ବନ ବିଭାଗ ପକ୍ଷରୁ ଜଙ୍ଗଲ ନିକଟସ୍ଥ ଗାଁ ଗୁଡ଼ିକରେ ଡାକବାଜି ଯନ୍ତ୍ର ଦ୍ୱାରା ସତର୍କ ରହିବାକୁ ସୂଚନା ଦିଆଯାଇଛି। ବନ ବିଭାଗ କର୍ମଚାରୀ ଏବେ ପାଟ୍ରୋଲିଂ କରିବା ସହ ବାଘର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏ ବାବଦରେ ବନ ବିଭାଗର ରେଞ୍ଜ ଅଧିକାରୀ ଦେବାଶିଷ ନାୟକଙ୍କୁ ପଚାରିବା ପରେ ଆମେ ଯାଞ୍ଚ ଜାରି ରଖିଛୁ ତାହା କଲରା ପତରିଆ ନା ମହାବଳବାଘ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନଥିବା କହିଛନ୍ତି।

ଆଜି ଅପରାହ୍ନରେ ପାଣୁ କିସାନ ନାମକ ଜଣେ ବ୍ୟକ୍ତି ଜଙ୍ଗଲରୁ କାଠ ନେଇ ଆସୁଥିବା ବେଳେ ବାଘକୁ ଦେଖିଥିବା କହିଛନ୍ତି। ପରେ ବନ ବିଭାଗ ଜାଣିବା ପରେ ତାଙ୍କୁ ନେଇ ଜଙ୍ଗଲର ସେହି ରାସ୍ତାକୁ ଯାଇଥିଲେ ମଧ୍ୟ ସେ ସଠିକ୍ ସ୍ଥାନର ସୂଚନା ଦେଇ ପାରିନାହାନ୍ତି। ତେଣୁ ଜଙ୍ଗଲର ବିଭିନ୍ନ ସ୍ଥାନରେ କ୍ୟାମେରା ଖଞ୍ଜାଯାଇଛି।

## ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ରାଉରକେଲା,୩୧।୮ (ସମିସ): ବିନା ଶୁଳ୍କରେ ଜନସାଧାରଣଙ୍କୁ ଆଇନ ସେବା ଯୋଗାଇ ଦେବା ପାଇଁ ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ସୁନ୍ଦରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସେପ୍ଟେମ୍ବର ୧୩ ତାରିଖରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହା ସୁନ୍ଦରଗଡ଼ କୋର୍ଟ ସମେତ ରାଉରକେଲା, ବଣାଇଁ, ରାଜଗାଙ୍ଗପୁର, ହେମଗିରି ଓ ବୀରମିତ୍ରପୁର କୋର୍ଟଠାରେ ହେବ। ସାଲିସ ଯୋଗ୍ୟ ଫୌଜଦାରୀ ମାମଲା, ଚେକ୍ ବାଉନସ ସମ୍ବନ୍ଧୀୟ ମାମଲା, ଟଙ୍କା ପୁନରୁଦ୍ଧାର ମାମଲା, ମୋଟର ଯାନ ଦୁର୍ଘଟଣା ଜନିତ, ଶ୍ରମ ବିବାଦ ଜନିତ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ, ବୈବାହିକ ବିବାଦ, ଉଚ୍ଚ ନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ ଅବସରକାଳୀନ ପ୍ରାପ୍ୟ ସହିତ ମାମଲା, ଉଚ୍ଚ ନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ରାଜସ୍ୱ ମାମଲା, ଅନ୍ୟାନ୍ୟ ଦେୱାନୀ ମାମଲା, ଖାଉଟି ବିବାଦ ଓ ଅନ୍ୟାନ୍ୟ ଫୌଜଦାରୀ ମାମଲାର ଫଇସଲା ହେବ। ପ୍ରାକ୍ ମୋକଦ୍ଦମାସ୍ତରୀୟ ଚେକ୍ ବାଉନ୍ସ ସମ୍ବନ୍ଧୀୟ ମାମଲା, ଟଙ୍କା ପୁନରୁଦ୍ଧାର ମାମଲା, ଶ୍ରମ ବିବାଦ, ସ୍ଥାୟୀ ଲୋକ ଅଦାଲତର ଅନ୍ୟାନ ରକ୍ଷଣାବେକ୍ଷଣ ମାମଲା ଫଇସଲା ହେବ। ସକାଳ ୧୦ଟାରୁ ଲୋକ ଅଦାଲତ ଆରମ୍ଭ ହେବ। ଜିଲ୍ଲା ଦୌରା ଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶିଖାରାଣୀ ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଜନସାଧାରଣ ଏହାର ଲାଭ ଉଠାଇବାକୁ ପ୍ରାଧିକରଣ ସଚିବ ଡ. ରୀନତି ମିଶ୍ର କହିଛନ୍ତି।

## ଚାପଡ଼ ମାଡ଼ରେ ଯୁବକ ଗୁରୁତର

ରାଉରକେଲା,୩୧।୮ (ସମିସ): ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଟିମ୍ବର୍ କଲୋନୀରେ ଗଣେଶ ପୂଜା ବେଳେ ନୃତ୍ୟ ଗୀତକୁ ନେଇ ଗଣ୍ଡଗୋଳ ଘଟିଛି। ଗଣ୍ଡଗୋଳ ସମୟରେ ଚାପଡ଼ ମାଡ଼ରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ଲାଣ୍ଟସାଇଟ୍ ଥାନା ଗୋପବନ୍ଧୁପାଲି ଟିମ୍ବର କଲୋନୀ ପାଟଣା ଖଟାଲ ବସ୍ତି ଠାରେ ଶନିବାର ରାତିରେ ଏହି ଘଟଣା ଘଟିଛି। ଏହି ବସ୍ତିରେ ଗଣେଶ ପୂଜା ଅବସରରେ ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଚାଲିଥିଲା। ଅନ୍ୟ ଏକ ବସ୍ତିର ପ୍ରାୟ ୧୦ ଜଣ ଯୁବକ ହଠାତ୍ ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏହାକୁ ବିରୋଧ କରିବାରୁ ଶିବମ୍ ପାଶୱାନ ନାମକ ଜଣେ ଯୁବକକୁ କିଛି ଦୁର୍ବୃତ୍ତ ଚାପଡ଼ ମାଡ଼ କରି ଆହତ କରି ଦେଇଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଇ ଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ଡାକ୍ତର ବୁର୍ଲା ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି। ଘଟଣାକୁ ନେଇ ବସ୍ତିରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ରାଉରକେଲା,୩୧।୮ (ସମିସ): ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିବା ନେଇ ସେକ୍ଟର -୩ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ସେକ୍ଟର -୧,ଡି/୯୭ର ମହେଶ୍ୱର ସାହୁ ଶୁକ୍ରବାର ରାତିରେ ସେକ୍ଟର -୨ ମାର୍କେଟକୁ କୌଣସି କାମରେ ଆସିଥିଲେ। ସ୍ଥାନୀୟ ଓଏସ୍ଆର୍‌ଟିସି ନିକଟରେ ଚାଲିଥିବା ଗଣେଶ ପୂଜା କମିଟିର କିଛି ଯୁବକ କୌଣସି କଥାକୁ ନେଇ ମହେଶ୍ୱରଙ୍କୁ ସଂଘବଦ୍ଧ ଭାବେ ମାଡ଼ ମାରିଥିଲେ। ଫଳରେ ସେ ଆହତ ହୋଇଥିଲେ। ଏ ନେଇ ତାଙ୍କ ପତ୍ନୀ ରାଜଶ୍ରୀ ବେହେରା ଥାନାରେ ଅଭିଯୋଗ କରିଛନ୍ତି।

## ରାଉରକେଲା ମହାନଗର ନିଗମରେ ସ୍ୱାୟତ୍ତ ଶାସନ ଦିବସ



ରାଉରକେଲା, ୩୧।୮ (ସମିସ) : ରାଉରକେଲା ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆର୍‌ଏମ୍‌ସି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ଥାନୀୟ ମଧୁସୂଦନ ମାର୍ଗଠାରୁ ଆର୍‌ଏମ୍‌ସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ଆର୍‌ଏମ୍‌ସି କର୍ମଚାରୀ, ଅଧିକାରୀଙ୍କ ସମେତ ସଫେଇ କର୍ମଚାରୀ ସାମିଲ ହୋଇଥିଲେ। ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର୍, ସ୍ଥାନୀୟ ମଧୁସୂଦନ ମାର୍ଗ ଠାରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ କରାଯାଇଥିଲା। ପରେ ସୁଭାଷ ବୋଷ ପାର୍କରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମହାନଗର ନିଗମର କର୍ମଚାରୀ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପୂର୍ବକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ।

କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କି ବାତ୍ ଓ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହର ସିଧାପ୍ରସାରଣ କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ନିକଟରେ ସଠିକ୍ ଭାବେ ପହଞ୍ଚାଇବା ପାଇଁ ରାଉରକେଲା ମହାନଗର ନିଗମର ସହଯୋଗ ସୁବିଧା ପ୍ରଦାନକାରୀ ନୀତୁ ମୁଖୀଙ୍କୁ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ କରିଥିଲେ। ସ୍ୱାୟତ୍ତ ଶାସନ ଦିବସ ଅବ୍ୟବହିତ ପୂର୍ବରୁ ରାଉରକେଲା ମହାନଗର ନିଗମ ତରଫରୁ ବିବିଧ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ମହାନଗର ନିଗମର କର୍ମଚାରୀଙ୍କ ମଧ୍ୟରେ କ୍ରିକେଟ୍, ଫୁଟବଲ୍, ଚେସ୍, ଲୁଡୁ, କବାଡ଼ି, ରଙ୍ଗୋଲି, ଗୁପଚୁପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ ଓ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆରଏମସି ସମ୍ମିଳନୀ କକ୍ଷରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା।

## ରାଉରକେଲା ଖୋ-ଖୋ ପ୍ରିମିୟର ଲିଗ୍



ରାଉରକେଲା,୩୧।୮ (ସମିସ) : ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଉରକେଲାର ବାଲିଘାଟ ଗ୍ରାଉଣ୍ଡରେ ରାଉରକେଲା ଖୋ-ଖୋ ପ୍ରିମିୟର ଲିଗ୍ ୨୦୨୫ ଅନୁଷ୍ଠିତ ହୋଇଛି। ରାଉରକେଲା ଖୋ-ଖୋ ଯୁବ କ୍ଲବ୍ ପକ୍ଷରୁ ଓଡ଼ିଶା ଖୋ-ଖୋ ଆସୋସିଏସନ୍, ବୀରମିତ୍ରପୁର ଖୋ-ଖୋ କ୍ଲବ୍ ଏବଂ ରାଉଣ୍ଡ ଟେବୁଲ ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୧୬୦ ରୁ ଅଧିକ ଖେଳାଳିଙ୍କୁ ନେଇ ଗଠିତ ଛଅଟି ପୁରୁଷ ଦଳ ଏବଂ ଚାରିଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ଶାରୀରିକ ଶିକ୍ଷା ଶିକ୍ଷକ ଏବଂ ଜାତୀୟ ଖୋ-ଖୋ ରେଫରୀ ବିପ୍ରଚରଣ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଗର୍ଜନ ବାହଲ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ଭବାନୀ ଚାଟନ, ନୂଆଁ ଡିହି ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ସଲିଲ କୁମାର ପଟେଲ, ପୂର୍ବତନ ଖେଳ ଶିକ୍ଷକ ଏବଂ ଜାତୀୟ ରେଫରି ରାମ ନାଏକ , ଶ୍ରୀମତୀ ଶାଷ୍ଟୀ ନାଏକ, ରଞ୍ଜନ କୁମାର ପଟେଲ ଛତା ଏବଂ ସୁଶାନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲା ବେଳେ ସ୍ୱତନ୍ତ୍ର ଅତିଥି ଭାବେ କ୍ୟାପଟେନ୍ ସତ୍ୟ ନାରାୟଣ ରାଉତ, ଆଶିଷ କୁମାର ପ୍ରଧାନ, ଅଶୋକ ରାଉତ, ସୀତା ପ୍ରଧାନ ଏବଂ ଜିତେନ୍ଦ୍ର କୁମାର, ନିକି କୁମାରୀ, ଧର୍ମେନ୍ଦ୍ର ଯାଦବ ଏବଂ ଅନ୍ୟାନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମହିଳା ଦଳରୁ ଶ୍ରେଷ୍ଠ ଆଟାକର ସ୍ୱାତୀ କିର୍ତନିଆ, ଶ୍ରେଷ୍ଠ ଡିଫେଣ୍ଡର ରଶ୍ମି କାଣ୍ଡୁଲାନା, ଅପକମିଂ ପ୍ଲେୟାର ମାଳତୀ ଏକ୍କା, ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ମଂଜୁ ଖାଖା ପୁରସ୍କୃତ ହୋଇଥିଲେ। ସେହିପରି ପୁରୁଷ ଦଳରୁ ଶ୍ରେଷ୍ଠ ଆଟାକର ଆଶିଷ ଖାଲଖୋ, ଶ୍ରେଷ୍ଠ ଡିଫେଣ୍ଡର ସମିର ଖାଲଖୋ, ପ୍ଲେଆର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିଶାଳ ଓରାମ୍, ଅପକମିଂ ଖେଳାଳୀ ବିକାଶ ବଡାଇକ ପୁରସ୍କୃତ ହୋଇଥିଲେ। ପୁରୁଷ ବର୍ଗରେ ଚିତାବାଘ ଫାଇଟର୍ସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କଳା ବାଗ ଦଳ ଦ୍ୱିତୀୟ ରାଇଜିଂ ଷ୍ଟାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବର୍ଗରେ ଗ୍ଲୋରୀ ୱାରିୟର୍ସ ପ୍ରଥମ, ଲିଟିଲ୍ ଲିଜେଣ୍ଡସ୍ ଦ୍ୱିତୀୟ ଓ ଚମକଦାର ତାରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆୟୋଜକ ରାଜ୍ୟ ଖୋ ଖୋ କୋଚ ତଥା ରେଫେରି ଅନିଲ ସାହୁ, ଧିରଜ କୁମାର ମାହାତୋ, ସୂରଜ ମାହାଲି ପ୍ରମୁଖ ମଞ୍ଚାସୀନ ଥିଲେ। ଖେଳ ପରିଚାଳନାରେ ମଳୟ ରଞ୍ଜନ ବେହେରା, ରମେଶ ପୁଷ୍ଟି, ସରସ୍ୱତୀ ଓରାମ, ଦୀପ୍ତି ରଞ୍ଜନ ପରିଡ଼ା, ସଂଜୀବ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ 'ଆଦି କର୍ମଯୋଗୀ ଅଭିଯାନ'



ରାଉରକେଲା, ୩୧।୮ (ସମିସ) : ସୁନ୍ଦରଗଡ଼ ବିକାଶ ଭବନଠାରେ 'ଆଦି କର୍ମଯୋଗୀ ଅଭିଯାନ' ଉପରେ ଏକ ଜିଲ୍ଲାସ୍ତରୀୟ ବୈଠକ ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ସୁନ୍ଦରଗଡ଼ର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର କୁମାର ସେଠୀ ସମସ୍ତଙ୍କୁ 'ଆଦି କର୍ମଯୋଗୀ ଅଭିଯାନ'ର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଆଦିବାସୀ ସମ୍ପ୍ରଦାୟର ସାମାଜିକ-ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଏବଂ ଶିକ୍ଷା, ଜୀବିକା, ସ୍ୱାସ୍ଥ୍ୟସେବା, ଜଳ, ବିଦ୍ୟୁତ୍, ଗୃହ, ଡିଜିଟାଲ୍ ସଂଯୋଗ ଭଳି ମୌଳିକ ସୁବିଧା ଯୋଗାଇବା ଏବଂ ଆଦିବାସୀ ପରିଚୟକୁ ସଂରକ୍ଷଣ କରିବା ଏବଂ ସ୍ଥାନୀୟ ନେତୃତ୍ୱକୁ ସଶକ୍ତ କରିବା ନିଶ୍ଚିତ କରିବା ଏହି ଅଭିଯାନର ଲକ୍ଷ୍ୟ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଏକ ତ୍ରିସ୍ତରୀୟ ଦଳ ଗଠନ କରାଯାଇଛି, ଯେଉଁଥିରେ ଆଦି କର୍ମୀ, ଆଦି ସହାୟକ ଏବଂ ଆଦି ସାଥୀମାନେ ସାମିଲ ଅଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରେ, ଏହି କାର୍ଯ୍ୟକ୍ରମ ୧୭ଟି ବ୍ଲକ, ୨୭୯ଟି ଗ୍ରାମ ପଞ୍ଚାୟତ ଏବଂ ୮୧୨ଟି ଗ୍ରାମରେ କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପାନପୋଷ ଉପ ଜିଲ୍ଲାପାଳ ବିଜୟ କୁମାର ନାୟକ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ସ୍କୁଟି ଆରୋହୀଙ୍କୁ ଚାପିଦେଲା ହାଇୱା

କୋଇଡ଼ା,୩୧।୮ (ସମିସ): ରବିବାର ସନ୍ଧ୍ୟାରେ ଏକ ହାଇୱା ଜଣେ ସ୍କୁଟି ଆରୋହୀଙ୍କୁ ଚାପି ଦେଇଛି। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ଯୁବକ ଜଣଙ୍କ ସ୍କୁଟି ନମ୍ବର ଓଡି ୧୬ ଡି ୯୨୩୧ ଯୋଗେ ଯାଉଥିବାବେଳେ ଓଡି ୧୪ ଏଇ ୭୭୮୩ ନମ୍ବର ବିଶିଷ୍ଟ ହାଇୱା ଦ୍ରୁତ ଗତିରେ ଆସି ଚାପି ଦେଇଥିଲା। ଏଥିସହ ଅନ୍ୟ ଏକ ହାଇୱା ସହ ଧକ୍କା ହୋଇଥିଲା। ଦୁର୍ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ହୋଇଯାଇଥିଲା। କୋଇଡ଼ା ପୁଲିସ ପହଞ୍ଚି ଶବ ଜବତ କରିଥିବାବେଳେ ଗାଡ଼ିକୁ ଉଦ୍ଧାର କରି ଯୁବକର ପରିଚୟ ଜାଣିବା ପାଇଁ ଉଦ୍ୟମ କରୁଛି।

## ଡିୱାଇଏଫ୍‌ଆଇର ୧୩ତମ ରାଜ୍ୟ ସମ୍ମିଳନୀ ଉଦ୍‌ଘାଟିତ

### ● ଯୁବ ସମାଜକୁ ଐକ୍ୟବଦ୍ଧ ସଂଗ୍ରାମ ପାଇଁ ଆହ୍ୱାନ




ରାଉରକେଲା,୩୧।୮ (ସମିସ): ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡିୱାଇଏଫ୍‌ଆଇ)ର ୧୩ତମ ଦୁଇ ଦିନିଆ ଓଡ଼ିଶା ରାଜ୍ୟ ସମ୍ମିଳନୀ ରାଉରକେଲା ଭଞ୍ଜ ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହିକ୍ରମରେ ପ୍ରଥମ ଦିନରେ ଯୁବ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ଠାରୁ ଶୋଭାଯାତ୍ରା ବାହାରି ଥିଲା। ସଂଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦକ ହିମଘ୍ନରାଜ ଭଟ୍ଟାଚାର୍ଯ୍ୟ, ସର୍ବଭାରତୀୟ ଯୁଗ୍ମ ସମ୍ପାଦକ ଧ୍ରୁବଜ୍ୟୋତି ସାହା, ପଶ୍ଚିମବଙ୍ଗର ରାଜ୍ୟ ସଭାପତି ଆୟାଂଶୁ ସରକାର, ସଂଗଠନର ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି, ସିପିଆଇଏମ୍ ଓଡ଼ିଶା ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ସଂଗଠନର ପ୍ରାକ୍ତନ ରାଜ୍ୟ ସଭାପତି ଯୁଧିଷ୍ଠିର ବେହେରା, ରାଜ୍ୟ ଉପ ସଭାପତି ରାଜକିଶୋର ପ୍ରଧାନ ପ୍ରମୁଖ କହିଥିଲେ, ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ ତାର ପ୍ରତିଷ୍ଠା ଦିନ ଠାରୁ ସାଲିସ ବିହୀନ ଭାବରେ ଶହୀଦ ଭଗତ ସିଂହଙ୍କ ବିଚାରଧାରାକୁ ଆଗେଇ ନେବାକୁ ଯାଇ ଯୁବ ସମାଜର ସ୍ୱାର୍ଥ ପାଇଁ ଦେଶର ସୁରକ୍ଷା ଓ ଗଣତାନ୍ତ୍ରିକ ଅଧିକାର, ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିଛି। ଦେଶର ଯୁବ ସମାଜର ପ୍ରମୁଖ ସମସ୍ୟା ବେକାରି ବିରୋଧରେ ଲଢ଼େଇ ପାଇଁ ଯୁବ ସମାଜକୁ ଐକ୍ୟବଦ୍ଧ ସଂଗ୍ରାମ ପାଇଁ ବକ୍ତାମାନେ ଆହ୍ୱାନ କରିଥିଲେ। ସଂଗଠନର ରାଜ୍ୟ ସଭାପତି ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରତିନିଧିମାନେ ସାମିଲ ହୋଇଥିଲେ। ସମ୍ମିଳନୀର ପ୍ରତିନିଧି ଅଧିବେଶନ ଆଦର୍ଶ ପାଠାଗାରଠାରେ ଅନୁଷ୍ଠିତ ହୋଇଥିଲା। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ବିଧାୟକ ଲକ୍ଷ୍ମଣ ମୁଣ୍ଡା ରାଜ୍ୟରେ ଯୋଗ ଦେଇଥିବା ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ ଭ୍ରାତୃପ୍ରତୀମ ସଂଗଠନ ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି, କୃଷକ ସଭାର ରାଜ୍ୟ ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ଦାଶ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ରାଜ୍ୟ ସଭାନେତ୍ରୀ ସୁଶୀଳା ମୁଣ୍ଡା, ଏସ୍‌ଏଫ୍‌ଆଇର ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ, ଡିୱାଇଏଫ୍‌ଆଇର ପ୍ରାକ୍ତନ ରାଜ୍ୟ ସଭାପତି ସଦାନନ୍ଦ ସାହୁ ସମ୍ମିଳନୀର ସଫଳତା କାମନା କରି ଶୁଭେଚ୍ଛା ଜଣାଇ ଥିଲେ। ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି ରାଜନୈତିକ ଓ ସାଂଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲା ସଭାପତି ଶେଖର ଶର୍ମା, ସମ୍ପାଦକ ବାଦଲ ବାରିକ୍, ମନୋଜ ପୂର୍ତ୍ତି, ଅଭ୍ୟର୍ଥନା କମିଟି କୋଷାଧ୍ୟକ୍ଷ ଚନ୍ଦ୍ରଭାନୁ ଦାସ, ବି ପି ମହାପାତ୍ର, ବସନ୍ତ ନାୟକ, ହୃଦୟାନନ୍ଦ ଯାଦବ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଏନ୍‌ଏନ୍ ପାଣିଗ୍ରାହୀ, ଏନ୍‌କେ ରାଉତରାୟ, ବିନୟ ବେହୁରିଆ, ଲକ୍ଷ୍ମୀଧର ନାୟକ, ଦିବାକର ମହାରଣା, ଅଜୟ ଶର୍ମା, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ରାଏମା କ୍ଲବ୍ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ

ରାଉରକେଲା,୩୧।୮ (ସମିସ): ସ୍ଥାନୀୟ ରାଏମା କ୍ଲବ ପ୍ରାଙ୍ଗଣରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। ରାଏମାର କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେକ୍ଟର-୭ ଥାନାର ଭାରପ୍ରାପ୍ତ ଅଧିକାରୀ ରବୀନ୍ଦ୍ରନାଥ ପାତ୍ର ଯୋଗଦେଇ କ୍ରୀଡ଼ା ଦିବସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସଭାରେ କ୍ଲବ୍‌ର ସମସ୍ତ କ୍ରୀଡ଼ା ଛାତ୍ରଛାତ୍ରୀ ତଥା ଅଭିଭାବକ ଉପସ୍ଥିତ ଥିଲେ। ରାଏମାର ସାଧାରଣ ସମ୍ପାଦକ ବାସୁଦେବ ବାନାର୍ଜୀ ସ୍ୱାଗତ ଭାଷଣ ଦେଇଥିଲାବେଳେ ପ୍ରଶିକ୍ଷକ ବିକ୍ରମ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଖେଳ ଦିବସର ସଭାରେ କ୍ଲବ୍‌ର ପରିଷ୍ଠ ସଦସ୍ୟ ସନ୍ତୋଷ ଭୂୟାଁ, ଅରବିନ୍ଦ ନାୟକ, ରବୀନ୍ଦ୍ର ଗଣ୍ଡ, ଦିଲେଶ୍ୱର ସାହୁ, ଶିବରାମ ପଣ୍ଡା, ଆଲିସା ମହାରାଣା, ସ୍ୱାତୀ ଗୋନ୍‌ଜ, ସୃଷ୍ଟି ସିଂ, ଆଲିଆ ନାୟକ, ଲାଡଲ୍ଲି କୁମାରୀ ଏବଂ ମନ୍‌ଜିତ୍ କଂସାରୀ ପ୍ରମୁଖ ଉପସ୍ଥିତ ଥିଲେ। ରାଏମାର କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ଭୂୟାଁ ଷ୍ଟ୍ରଙ୍ଗ ଓମେନ୍ ଅଫ୍ ଇଣ୍ଡିଆ ବନ୍ଦନୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବଣାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ନହେବା ଅଞ୍ଚଳବାସୀଙ୍କ ପ୍ରତି ଧୋକା

ବଣାଇଁ,୩୧।୮ (ସମିସ):



ଆଜି ପୁନର୍ବାର ରାଜ୍ୟ ସରକାର ଆଉ ୧୬ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଛନ୍ତି। କିନ୍ତୁ ବଣାଇଁ ଏଥିରୁ ବାଦ୍ ପଡ଼ିବା ବଣାଇଁବାସୀଙ୍କ ପ୍ରତି ଶକ୍ତ ଧୋକା ବୋଲି ଅଞ୍ଚଳବାସୀ କହିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ୪ଦିନ ତଳେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ କଥାହେବା ଏବଂ ନିର୍ଭର ପ୍ରତିଶ୍ରୁତି ପାଇଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହା ପରେ ବଣାଇଁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଥିଲା। ଶାସକ ଦଳ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀର ମଧ ଆୟୋଜନ କରାଯାଇ ବଣାଇଁ ନିଶ୍ଚିତ ଭାବରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ହେବ ବୋଲି ଦୃଢ଼ୋକ୍ତିର ସହ କୁହାଯାଇଥିଲା। ଆଜି ସକାଳୁ ୯ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ହେବା ଓ ସେଥିରେ ବଣାଇଁର ନାମ ରହିଥିବା ନେଇ ପ୍ରଚାର ଚାଲିଥିଲା। କିନ୍ତୁ ଶେଷରେ ବଣାଇଁବାସୀଙ୍କୁ ନିରାଶ ହେବାକୁ ପଡ଼ିଛି। ଗତ ୨୫ ତାରିଖରେ ଲହୁଣୀପଡ଼ାଠାରେ ଜିଲ୍ଲାପାଳ ସୁନ୍ଦରଗଡ଼ଙ୍କୁ ବଣାଇଁ ସଚେତନ ନାଗରିକଙ୍କ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ପୂର୍ବରୁ ମଧ ବିଜୁ ଜନତା ଦଳ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ଅନୁରୋଧ କରାଯାଇଛି। କିନ୍ତୁ ଏବେ ବଣାଇଁ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ସ୍ପଷ୍ଟ ବାରି ହୋଇପଡୁଛି। ଏହା ବଣାଇଁବାସୀଙ୍କ ପ୍ରତି କେବଳ ଅବିଚାର ନୁହେଁ ଧୋକା ବୋଲି ବଣାଇଁବାସୀ କହିଛନ୍ତି। ଆଗାମୀ ଦିନରେ ବିଜୁ ଜନତା ଦଳ ବାଧ ହୋଇ ବଣାଇଁବାସୀଙ୍କ ପାଇଁ ରାଜରାସ୍ତାକୁ ଓହ୍ଲାଇବ ବୋଲି ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ କହିଛନ୍ତି।



# ‘ପରିକ୍ରମା ପ୍ରକଳ୍ପ ମିନି ମଡେଲ’ ଶ୍ରୀହୀନ

ଭୁବନେଶ୍ୱର, ୩୧।୮ (ସମିସ):



ପୁରୀର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସମ୍ପୂର୍ଣ୍ଣ ମଡେଲ ଦେଖିବାର ସୁଯୋଗ ସମସ୍ତେ ପାଇପାରିନାହାନ୍ତି। ଏଥିପାଇଁ ରାଜଧାନୀବାସୀଙ୍କୁ ପ୍ରକଳ୍ପ ଉନ୍ମୋଚନ ସମୟରେ ଏହି ସୁଯୋଗ ଦେବା ପାଇଁ ରାଜଧାନୀର ବିଭିନ୍ନ ସ୍ଥାନରେ ମିନି ପରିକ୍ରମା ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ଖଣ୍ଡାଲାଇଟ୍ ପଥରରେ ସୁସଜ୍ଜିତ ପରିକ୍ରମା ମାର୍ଗ, ନୂଆରୂପ ନେଇଥିବା ମଠ, ମନ୍ଦିର, ରାସ୍ତା ଆଦିକୁ ଅପରୂପ ଓ ଅବିକଳ ବିଭବ ଏଥିରେ ଦୃଶ୍ୟମାନ ହୋଇଥିଲା। ମୁମ୍ବାଇରୁ ଆସିଥିବା ଶିଳ୍ପୀମାନେ କାର୍ଡବୋର୍ଡରେ ଏହି ମିନି ପ୍ରକଳ୍ପକୁ ପ୍ରସ୍ତୁତ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିରକୁ ଭକ୍ତଙ୍କୁ ଆହୁରି ନିକଟତର କରିବା ପାଇଁ ପ୍ରାୟ ୧୮ ଫୁଟ ବ୍ୟାସାର୍ଦ୍ଧର ଏକ ମଣ୍ଡପରେ ପ୍ରକଳ୍ପ ପ୍ରସ୍ତୁତ କରାଯାଇ ଜନଗହଳି ସ୍ଥାନ ରାମମନ୍ଦିର, ମାର୍କେଟ ବିଲଡିଂ, ଆଇଜିପାର୍କ, ଉତ୍କଳମଣ୍ଡପ, ବିଏମ୍‌ସି କାର୍ଯ୍ୟାଳୟ ଆଦି ସ୍ଥାନରେ ଏହାକୁ ସ୍ଥାପନ କରାଯାଇଥିଲା। ଏହି ପ୍ରକଳ୍ପକୁ ଏକ ବିଶାଳ କାଚର ଘୋଡ଼ଣୀରେ ଏହାକୁ ସଂଗୃହିତ କରି ରଖାଯାଇଥିଲା। ଯିଏ ବି ଏହି ପ୍ରକଳ୍ପ କୁ ଦେଖି ପୁରୀ ଜିବା ପାଇଁ ମନ ବଳାଉଥିଲେ। କିନ୍ତୁ ଦୁଃଖର ପରିତାପର ବିଷୟ କି ବର୍ତ୍ତମାନ ପରିଚାଳନା ଅଭାବରୁ ଏହି ମିନି ପ୍ରକଳ୍ପ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି।

ଆଇଜି ପାର୍କରେ କାଚଘୋଡ଼ଣି ଆଉ ନାହିଁ। କାର୍ଡବୋର୍ଡ ଗୁଡ଼ିକ ସ୍ଥାନେ ସ୍ଥାନେ ଭାଙ୍ଗିଗଲାଣି। ଏପରିକି ପାଣି ପଡ଼ି କିଛି ସ୍ଥାନରେ ଶିଉଳି ହୋଇଗଲାଣି। ଠିକ୍ ଏହିପରି ରାମ ମନ୍ଦିର ପାଖେ ଥିବା ମିନି ପ୍ରକଳ୍ପର ଅବସ୍ଥା। ଏହାଠାରୁ ମାର୍କେଟ ବିଲଡିଂରେ ମଧ୍ୟ ବୋର୍ଡର ଅବସ୍ଥା ନକହିବା ଭଲ। ପ୍ରକଳ୍ପର ବିଭିନ୍ନ ସ୍ଥାନରୁ ଭାଙ୍ଗିଯାଇ ପାଣି ଜମି ରହୁଛି। ଏଥିସହିତ କିଛି କିଛି ସ୍ଥାନରୁ ଉଇ ଖାଇଯାଇଛନ୍ତି। ମାର୍କେଟକୁ ପ୍ରତିଦିନ ଶହ ଶହ ଲୋକଙ୍କ ସୁଅ ଛୁଟିଥିବା ବେଳେ ରାଜ୍ୟ ବାହାରୁ ତଥା ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ଆସୁଛନ୍ତି। ମାର୍କେଟ ମଝିରେ ଥୁଆ ହୋଇଥିବା ଏହି ପ୍ରକଳ୍ପର ଅବସ୍ଥା ଦେଖି ମୁହଁ ଫେରାଇ ନେଉଛନ୍ତି।

ଏତେ ସୁନ୍ଦର ମଡେଲ ଦେଖିଲେ ଲୋଭ ଆସିଯାଉଥିଲା, ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଆଜି ଅବସ୍ଥା ଶୋଚନୀୟ ହୋଇଛି ବୋଲି ଆଇଜି ପାର୍କକୁ ଆସିଥିବା ଜଣେ ବରିଷ୍ଠ ନାଗରିକ କହିଛନ୍ତି।

## ଓଡ଼ିଶା ସଂସ୍କୃତି ଓ ଇତିହାସରେ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଅବଦାନ



ଭୁବନେଶ୍ୱର,୩୧।୮ (ସମିସ): ଓଡ଼ିଶାର ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ତଥା ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପ୍ରାକ୍ତନ ଅଧୀକ୍ଷକ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କର ଓଡ଼ିଶାର ସଂସ୍କୃତି ଏବଂ ଓଡ଼ିଶାର ଇତିହାସ ପାଇଁ ଅବଦାନ ସମ୍ବନ୍ଧରେ ଏକ ଆଲୋଚନାଚକ୍ର ରାଜ୍ୟ ସଂଗ୍ରହାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ତାଙ୍କର ବିଭିନ୍ନ କୃତି ଓ କୀର୍ତ୍ତି ସମ୍ବନ୍ଧରେ ଏବଂ ଓଡ଼ିଶା ଇତିହାସରର ଦିଗ୍‌ଦର୍ଶକ ଭାବେ ପରିଚୟ ଲାଭ କରିଥିବା କଥା ଆଲୋଚିତ ହୋଇଥିଲା। ଏଥିରେ ବରେଣ୍ୟ ଅତିଥି ଭାବେ ମଧୁସୂଦନ ଦାଶ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଡ. ଜୟନ୍ତୀ ରଥ ଓଡ଼ିଶାର ଇତିହାସ ପ୍ରତି ତାଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ। ତାଙ୍କ ନାମ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିବ ବୋଲି ଡ.ସତ୍ୟନାରାୟଣ ମିଶ୍ର ନିଜର ଅଭିଭାଷଣରେ କହିଥିଲେ। ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବିଶ୍ୱ ପାକଶାଳା ଉଦ୍ୟାନ ଦିବସ



ଭୁବନେଶ୍ୱର,୩୧।୮ (ସମିସ): ରାଜ୍ୟ ମାନ ନିୟନ୍ତ୍ରଣ ପରୀକ୍ଷାଗାରଠାରେ ବିଶ୍ୱ ପାକଶାଳା ଉଦ୍ୟାନ ଦିବସ ପାକଶାଳା ବଗିଚା ସଂଘ ତରଫରୁ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ମାନବାଧିକାର କମିସନର ସଭ୍ୟ ଡ. ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ପଦ୍ମଶ୍ରୀ ପ୍ରଫେସର ଅଶୋକ କୁମାର ମହାପାତ୍ର, ପଦ୍ମଶ୍ରୀ ସାବରମତୀ, ଓଡ଼ିଶା ସରକାର କୃଷି ବିଭାଗର ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ଯୋଗଦେଇ ଜୈବିକ ତଥା ପ୍ରାକୃତିକ କୃଷି ଏବଂ ବିଷମୁକ୍ତ ଖାଦ୍ୟର ଆବଶ୍ୟକତା ବିଷୟରେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ମହାପାତ୍ର ଅତ୍ୟଧିକ ଲୁଣ, ମସଲା, ତେଲ ତଥା ଚିନିର ବ୍ୟବହାର ଆମ ରାଜ୍ୟରେ ଅନେକ ରୋଗର କାରଣ ବୋଲି ଦର୍ଶାଇଛନ୍ତି। ସେହିଭଳି ଡ. ସାବରମତୀ ଜୈବିକ ଅବା ପ୍ରାକୃତିକ କୃଷି ବର୍ତ୍ତମାନର ବହୁତ ବଡ ଆବଶ୍ୟକତା ରହିଛି। ଦେଶୀ ବିହନର ଉପାଦେୟତା ଉପରେ ବିଶ୍ଳେଷଣ କରି ଦେଶୀ ବିହନ ସଂରକ୍ଷଣ ପାଇଁ ଯୁବ ପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥିଙ୍କ ଦ୍ୱାରା ପାରମ୍ପରିକ ଉଦ୍ୟାନ କୃଷି ମୁଖପତ୍ର ‘ଅମୃତ ବାଟିକା’ ଏବଂ ଚୌଧୁରୀ ବରଦା ପ୍ରସନ୍ନ ଦାସ ତଥା ଏକାଦଶୀ ନନ୍ଦୀଙ୍କ ସଂକଳିତ ପ୍ରାକୃତିକ କୃଷି ସମ୍ବନ୍ଧୀୟ ପୁସ୍ତକ “କୃଷି ସାହିତ୍ୟରେ ଆଦିପୁରୁଷ ଗଙ୍ଗାଧର’ ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ପଞ୍ଚାନନ କାନୁନଗୋ, ଅଶୋକ ଦାସ, ମହେଶ୍ୱର ଖିଲାର, ଭୁବନ ମୋହନ ପଟ୍ଟନାୟକ, ଏକାଦଶୀ ନନ୍ଦୀ ପ୍ରମୁଖ ପରିଚାଳନା କରିଥିଲେ।

## ଡୁଡୁନ୍ ଫାଉଣ୍ଡେସନ ଟ୍ରଷ୍ଟର ବାର୍ଷିକୋତ୍ସବ



ଭୁବନେଶ୍ୱର,୩୧।୮ (ସମିସ): ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନର ଅଡିଟୋରିୟମଠାରେ ଡୁଡ୍‌ନୁ ଫାଉଣ୍ଡେସନ ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ ସମ୍ମାନ ଏବଂ ୯୦ ପ୍ରତିଶତ ମାନସିକ ଅନଗ୍ରସର ୨୦ ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ, କବି ରକ୍ଷକ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପାଞ୍ଚଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଡୁଡ୍‌ନୁ ସମ୍ମାନ - ୨୦୨୫ରେ ସମ୍ମାନିତ କରାଯାଇଥିଲା। ସେହିପରି ୧୧ଟି ସାମାଜିକ ଅନୁଷ୍ଠାନମାନଙ୍କୁ ‘ଡୁଡନୁ ପ୍ରେରଣା ସମ୍ମାନ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ସାଂସଦ ସୁଲତା ଦେଓ, ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ସାମାଜିକ କର୍ମୀ ଅରୁନ୍ଧତୀ ଦେବୀ, ଏମ୍‌ସିଏଲ୍‌ର ନୋଡାଲ ଅଫିସର ଶିଶିର କୁମାର ନାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡୁଡ୍‌ନୁ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ଡ. ବନ୍ଦନା ହରିଚନ୍ଦନ ପରିଚାଳନା କରିଥିଲେ।

## ‘ଯାଆଁଳା ଓଡ଼ିଆ ଅସ୍ମିତାର ଚିତ୍ର ଓ ଚରିତ୍ର’ ଲୋକାର୍ପିତ



ଭୁବନେଶ୍ୱର, ୩୧।୮ (ସମିସ): କାଳନ୍ଦୀ ସାମଲଙ୍କ ‘ଯାଆଁଳା ତୋଟାରେ ଓଡ଼ିଆ ଅସ୍ମିତାର ଚିତ୍ର ଓ ଚରିତ୍ର’ ପୁସ୍ତକ ବୁଦ୍ଧ ମନ୍ଦିର ସଭାକକ୍ଷରେ ଲୋକାର୍ପିତ ହୋଇଯାଇଛି। ଉତ୍ସବରେ ଉଦ୍‌ଘାଟକ ଭାବେ ପଦ୍ମଶ୍ରୀ ବିନୋଦ ମହାରଣା, ମୁଖ୍ୟ ଅତିଥି ଭାବେ ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ, ବିଶିଷ୍ଟ ଅତିଥି ଭାବେ ସମୀର ମହାନ୍ତି ଏବଂ ଚନ୍ଦ୍ରେଶଖର ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଲୋକାପର୍ଣ କାର୍ଯ୍ୟକ୍ରମରେ ଉପେରାକ୍ତ ଗବେଷଣା ପୁସ୍ତକର ୧୬ଜଣ ଗବେଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗବେଷକଙ୍କ ଦ୍ୱାରା ପ୍ରସ୍ତୁତ ସନ୍ଦର୍ଭରେ ପରିପୃଷ୍ଟ ହୋଇ ସଙ୍କଳିତ ପୁସ୍ତକ ଗ୍ରାମ୍ୟ ଜଳ ଯୋଜନା, ବିକଶିତ ଓଡ଼ିଶା, ବିକଶିତ ଗ୍ରାମ ପରି ସରକାରଙ୍କ ଆଭିମୁଖ୍ୟକୁ ଅଗ୍ରସର କରାଇବ ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି ବିଶିଷ୍ଟ ଅତିଥି ସମୀର ମହାନ୍ତି ସ୍ପଷ୍ଟୋକ୍ତି କରିଥିଲେ। ବିଶିଷ୍ଟ ଗୀତିକାର ତଥା ଉଦଘୋଷକ ବିଜୟ ମଲ୍ଲ ସଭା ସଂଚାଳନ କରିବା ସହ ପଞ୍ଚାନନ ନାୟକ ଓ ଅଜିତ ଦାସ ସୁପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ

ଭୁବନେଶ୍ୱର,୩୧।୮ (ସମିସ): ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ ଦ୍ୱିତୀୟ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ନୃତ୍ୟ ମହୋତ୍ସବରେ ୨୦ଟି ନୃତ୍ୟଦଳ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ପଦ୍ମଶ୍ରୀ ପ୍ରିୟମ୍ବଦା ହେଜମାଦୀ, ନୃତ୍ୟଶିଳ୍ପୀ ସିକତା ଦାସ, ଗବେଷକ କୀର୍ତ୍ତନ ନାରାୟଣ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ “ଗୋଟିପୁଅର ଉଦଗମ ଓ ବିକାଶ’ ଶୀର୍ଷକକୁ ନେଇ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଗୋଟିପୁଅ ନୃତ୍ୟ ମାଧ୍ୟମରେ “ଗୁରୁ ବନ୍ଦନା’, “ମଙ୍ଗଳାଚରଣ’, “ଦଶାବତାର’, “ବନ୍ଧନୃତ୍ୟ’, “ପଞ୍ଚଦେବ ସ୍ତୁତି’ ଆଦିର ପ୍ରଦର୍ଶନ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ରହିଥିଲା। ଆରାଧନା ଡ୍ୟାନ୍ସ ଏକାଡେମୀ, ଗୁରୁ ମାଗୁଣୀ ଜେନା ଗୋଟିପୁଅ ନୃତ୍ୟ ପରିଷଦ, ଜୟଦେବ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପ୍ରତିଷ୍ଠାନ,



ଶିବ ପାର୍ବତୀ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ, ଜୟ ମା ସିଂହ ବାହିନୀ, ସୃଷ୍ଟି ଫାଉଣ୍ଡେସନ ଟ୍ରଷ୍ଟ, ନାରାୟଣୀ ଗୋଟିପୁଅ କଳାପରିଷଦର ନୃତ୍ୟଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ତଥା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକଙ୍କ ଜରାଶ୍ରମ ପରିଦର୍ଶନ

ଧଉଳି,୩୧।୮ (ସମିସ): ଭୁବନେଶ୍ୱର ବ୍ଲକ୍ ଲିଙ୍ଗିପୁରସ୍ଥିତ ନୀଳକଣ୍ଠେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗୌରାଙ୍ଗ ଚରଣ ତ୍ରିପାଠୀ ଓ ସମ୍ପାଦକ ରମା ଶଙ୍କର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମଞ୍ଚର ସଦସ୍ୟ ମାନେ ଆଜି ରଘୁନାଥପୁର ଓ ନନ୍ଦନକାନନ ସ୍ଥିତ ଶିରିଡିସାଇ ଜରାଶ୍ରମ ପରିଦର୍ଶନ କରିଥିଲେ। ସେଠାରେ ଅନ୍ତେବାସୀଙ୍କ ସହ ଭାବର ଆଦାନପ୍ରଦାନ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଜୀବନର ପ୍ରତିଟି ମୁହୂର୍ତ୍ତ କାହାଣୀର ଅନୁଭୂତିକୁ ବଖାଣି ଥିଲେ। ବାପା, ମା' ଓ ଗୁରୁଜନ ସ୍ୱର୍ଗଠାରୁ ବଡ ସେମାନଙ୍କ ସ୍ନେହାଶୀର୍ବାଦ ପ୍ରତ୍ୟେକ ପିଲାମାନଙ୍କ ପାଇଁ ଅତ୍ୟନ୍ତ କଲ୍ୟାଣକାରୀ ଓ ଶୁଭଦାୟକ। ସମାଜରେ ସେମାନଙ୍କ ସ୍ଥାନ ସର୍ବଦା ଉଚ୍ଚରେ। ସେମାନଙ୍କର ଜୀବନର ପ୍ରତିଟି ଅନୁଭୂତି ଅନୁକରଣୀୟ ଓ ଶିକ୍ଷଣୀୟ। ଯାହାକି ଆଜିର ଯୁବପିଢ଼ିଙ୍କ ନିମନ୍ତେ ନିହାତି ଜରୁରୀ ବୋଲି ଅନ୍ତେବାସୀମାନେ କହିଥିଲେ। ଉକ୍ତ ଜରାନିବାସର ସକ୍ରିୟ ସଭ୍ୟ ବିଜୟ କୁମାର ପାତ୍ରଙ୍କ ସହଯୋଗରେ ପାଇଁ ନାଗରୀକ ମଞ୍ଚର ସଦସ୍ୟ ମାନେ ସାଧୁବାଦ ଜଣାଇଥିଲେ। ନାଗରୀକ ମଞ୍ଚର ଏହି ପରିଦର୍ଶକ ବେଶ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ନେହ ଓ ଭଲପାଇବା ଭିତରେ ଆତ୍ମୀୟତା ସୃଷ୍ଟି ହୋଇଥିଲା।





ଚକେଇସିଆଣୀ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

## ବରିଷ୍ଠ କୃଷି ବୈଜ୍ଞାନିକ ସଂଘର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୩୧।୮ (ସମିସ): ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ବରିଷ୍ଠ କୃଷି ବୈଜ୍ଞାନିକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ମନୋରଞ୍ଜନ ରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଡ. ଅଶୋକ ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। ଆସନ୍ତା ବର୍ଷ ପାଇଁ ପ୍ରଫେସର ନିରୋଦ ଧଳ, ଡଂ ଜ୍ଞାନେନ୍ଦ୍ର ନାଥ ମହାନ୍ତି ଉପ ସଭାପତି, ପ୍ରଫେସର ପ୍ରଭୁ ଚରଣ ଲେଙ୍କା, ସମ୍ପାଦକ ଡ ପାଲଟା ସିଂହ, ଯୁଗ୍ମ ସମ୍ପାଦକ ଓ ଡ. ଦେବଦତ୍ତ ମିଶ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସମ୍ଭକାର ଡ. ନଟବର ଖୁଣ୍ଟିଆ, ପ୍ରଫୁଲ ସେନାପତି, ସୁଦର୍ଶନ ସାହୁ, ସଚିଦାନନ୍ଦ ପଣ୍ଡା, ପ୍ରଭାତ ଷଡ଼ଙ୍ଗୀଙ୍କୁ କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ନେଇ ଉପଦେଷ୍ଟା ରଖାଇଯାଇଛି ବୋଲି ବୈଜ୍ଞାନିକ ଦେବ ପ୍ରସାଦ ମଲ୍ଲିକ ସୂଚନା ଦେଇଥିଲେ।

## ‘ପ୍ରତି ପାଠକ ଜଣେ ଅବିକଶିତ ଲେଖକ’

ଭୁବନେଶ୍ୱର,୩୧।୮ (ସମିସ): ଆଜୀବନୀ ଓ ବିବରଣୀ ତଥା ଆବେଗ ବ୍ୟତୀତ ସମକାଳୀନ ଓଡ଼ିଆ ଗଳ୍ପ ଅଧିକ ଉପରକୁ ଯିବା ଦରକାର ବୋଲି ବିଶିଷ୍ଟ କଥାଶିଳ୍ପୀ ଜ୍ୟୋତି

**ଗଳ୍ପବହି ‘ବାପା ଓ ସୋଫା’ ଉନ୍ମୋଚିତ**



ନନ୍ଦ ମତ ଦେଇଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ “ସାହିତ୍ୟ ମାସିକୀ’ କାର୍ଯ୍ୟକ୍ରମରେ ଯୋଗ ଦେଇ ଗଳ୍ପକାରୀତାରେ ମଧ୍ୟ ସୂଚନା ଓ କୃତ୍ରିମତା ରହିବା ଆବଶ୍ୟକ। ଲେଖକମାନେ ମନେ ରଖିବା ଉଚିତ ଯେ ପ୍ରତି ପାଠକ ଜଣେ ଅବିକଶିତ ଲେଖକ। ପ୍ରତି କାହାଣୀର ଗଠନ ଶୈଳୀ ଓ ଦ୍ୱନ୍ଦ୍ୱ ନିର୍ମାଣ ଉପରେ ଲେଖକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଶ୍ରୀ ନନ୍ଦ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ କଥାକାର ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ଗଳ୍ପ ପୁସ୍ତକ ‘ବାପା ଓ ସୋଫା’ ପାଠକାର୍ପିତ ହୋଇଥିଲା। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ। କଥାକାର ପ୍ରଦୀପ୍ତ କୁମାର ମିଶ୍ର ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। “ଏ ମାସର କବି’ ଭାବରେ ତରୁଣ କବି ଜିତୁ ପ୍ରଧାନ ସ୍ୱରଚିତ କବିତା ପାଠ କରିଥିଲେ। ରାଧାରାଣୀ ସରକାର ଓ ସ୍ନେହ ଦାସ ଲେଙ୍କାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଜୟ ମହାପାତ୍ର, ମନୋରଞ୍ଜନ ପାଣିଗ୍ରାହୀ, ଅଲେଖ ଚରଣ ରାଉତ ପ୍ରମୁଖ ଲେଖା ପାଠ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପ୍ରାରମ୍ଭିକ ସୂଚନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପରଲୋକ ଗତ ବିନୋଦ ପଶାୟତ ଓ ବିପିନ ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବାର୍ଷିକୋତ୍ସବ

ଭୁବନେଶ୍ୱର,୩୧।୮ (ସମିସ): ସାହିତ୍ୟ ସଙ୍ଗଠନ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା ପକ୍ଷରୁ ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ଅବସରରେ ପରିଷଦର ବାର୍ଷିକ ଉତ୍ସବ ଓ ଯୁବ ସାହିତ୍ୟିକ ସମ୍ମିଳନୀ ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବ ସାହିତ୍ୟିକ ପୂଜ୍ୟ ସନ୍ଥ ଶ୍ରୀମଦ୍ ସନତ ସୁଜାତାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ପରିଷଦର ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକ, ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର, ସଂଗଠନ ସମ୍ପାଦକ ନାରାୟଣ ନାୟକ, ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାଧାପକ ଡ. ସତ୍ୟ ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଓଡ଼ିଆ ଭାଗବତ, ଅତିବଡ଼ି ଜଗନ୍ନାଥ ଦାସଙ୍କ ସାହିତ୍ୟ ତଥା ରାଷ୍ଟ୍ର ନିର୍ମାଣରେ ଯୁବସାହିତ୍ୟିକଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଡ. ନିରୋଦ କୁମାର ମନ୍ତ୍ରୀଙ୍କୁ ଯୁବ ପ୍ରତିଭା ସମ୍ମାନ ଓ ଅଧାପିକା ଝରଣା ନାଥଙ୍କୁ ଯୁବ ସୌରଭ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତିଥି ମାନଙ୍କ ଦ୍ୱାରା ପରିଷଦର ମୁଖପତ୍ର ଦିଗ ଦିଗନ୍ତ, ଗୋପୀନାଥ ଷଡ଼ଙ୍ଗୀଙ୍କ ଚିକିତ୍ସା ମଞ୍ଜରୀ ଓ ଡ. ନିରୋଦ କୁମାର ମନ୍ତ୍ରୀଙ୍କ ରଚିତ ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ, କବି ବିପିନ ବିହାରୀ ରାଉତଙ୍କ କାନ୍ଧ ଓ ଅନ୍ୟାନ୍ୟ କବିତା ପୁସ୍ତକ ଉନ୍ମୋଚିତ ହୋଇଥିଲା।

## ଭୁବନେଶ୍ୱର କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୩୧।୮ (ସମିସ): ଭୁବନେଶ୍ୱର କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ପକ୍ଷରୁ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ଅଟଳ ବିହାରୀ ପଟ୍ଟନାୟକ ସ୍ମୃତିରେ ଅଟଳ ଭବନ, ୟୁନିଟ୍-୪ ରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ୟାପିଟାଲ ହସ୍ପିଟାଲ ବ୍ଲଡ୍ ବ୍ୟାଙ୍କ ଡିଭିଜନ ଏବଂ ରେଡକ୍ରସ୍ ବ୍ଲଡ୍ ବ୍ୟାଙ୍କର ସହାୟତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରୁ ୨୦୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ଏବଂ ୟୁନିଟ୍ ୪ କର୍ପୋରେଟର ଅଲିଅଳ ମଲ୍ଲିକ ଯୋଗଦେଇଥିଲେ। ୟୁସିଡିଏ ସଭାପତି ପି. ସତ୍ୟନାରାୟଣ, ୟୁସିଡିଏ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, କେଡିସିଡିଏ ସଭାପତି ଗିରିଜା ପ୍ରସାଦ ରଥ, କେଡିସିଡିଏ ସମ୍ପାଦକ ପ୍ରଶାନ୍ତ କୁମାର ଜେନା ରକ୍ତଦାନ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ପ୍ରେରଣା ଦେଇଥିଲେ। ଆୟୋଜକ କମିଟି ସଦସ୍ୟ ବିସିଡିଏ ଭୁବନେଶ୍ୱରର ସଭାପତି ବିଭୁ ପ୍ରସାଦ ପ୍ରଧାନ ଏବଂ ବିସିଡିଏ ଭୁବନେଶ୍ୱରର ସମ୍ପାଦକ ସଚିନ୍ଦ୍ର କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଓଡ଼ିଆ ଜାତିକୁ ସଂସ୍କୃତିସଂପନ୍ନ କରିବାରେ ଅତିବଡ଼ୀଙ୍କ ପ୍ରଚେଷ୍ଟା ଅବିସ୍ମରଣୀୟ

ଭୁବନେଶ୍ୱର,୩୧।୮ (ସମିସ):



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭଞ୍ଜ କଳାମଣ୍ଡପ ଠାରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଜାତିକୁ ସଂସ୍କୃତିସମ୍ପନ୍ନ କରିବାରେ ଅତିବଡ଼ୀଙ୍କ ପ୍ରଚେଷ୍ଟା ଅବିସ୍ମରଣୀୟ ବୋଲି ମତପ୍ରକାଶ ପାଇଥିଲା। ଏହା ପରେ ସାରସ୍ୱତ ସଭା ଅତିବଡ଼ୀଙ୍କ ଜନ୍ମପୀଠ କପିଳେଶ୍ୱରପୁର ଶାସନଠାରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ମଧ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍‌ଘାଟକ ଭାବେ ସାଂସଦ ଡା. ସମ୍ବିତ୍ ପାତ୍ର, ମୁଖ୍ୟଅତିଥି ଭାବେ ବିଧାୟିକା ଉପାସନା ମହାପାତ୍ର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ବବିତା ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡା. ଅଂଶୁମାନ କର, ଅନ୍ୟତମ ଗବେଷକ ଡ. ହେମନ୍ତ କୁମାର ଛୋଟରାୟ ଅତିବଡ଼ୀଙ୍କ ଅବଦାନ ଉପସ୍ଥାପନ କରିଥିଲେ। ସେହିପରି ରବୀନ୍ଦ୍ର ମଣ୍ଡପଠାରେ ଶ୍ରୀଜଗନ୍ନାଥ ସଂସ୍କୃତି ଭାଷ୍ୟକାର ପ୍ରଫେସର ଡା. ଜୟକୃଷ୍ଣ ଦାସଙ୍କ ସଭାମୁଖ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନିରଞ୍ଜନ ସାହୁ ଯୋଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଅତିବଡ଼ୀଙ୍କ ସମ୍ପର୍କରେ କହିଥିଲେ।





# ‘ଉତ୍କଳ’ରେ ପହଞ୍ଚୁନି ଉଚ୍ଚଶିକ୍ଷା ବିଭାଗର ଚିଠି

## ନିର୍ଦ୍ଦେଶନାମା ଅଣଦେଖା କରି ‘ୟୁଏଲ୍‌ସି’ରେ ଅତିଥି ଅଧ୍ୟାପକ ନିଯୁକ୍ତି

## ପରିଚିତଙ୍କୁ ଥଇଥାନ ପାଇଁ ପ୍ରସ୍ତୁତ ହୋଇଛି ମାନଦଣ୍ଡ!



ଭୁବନେଶ୍ୱର, ୩୧।୮(ସମିସ): ଅତିଥି ଅଧ୍ୟାପକ ନିଯୁକ୍ତି ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ‘ବିଶ୍ୱବିଦ୍ୟାଳୟ ଆଇନ୍ ମହାବିଦ୍ୟାଳୟ’ (ୟୁଏଲ୍‌ସି) ହରଡ଼ ଘଣାରେ ପଡ଼ିଛି। ଚଳିତ ଶିକ୍ଷା ବର୍ଷରେ ନୂତନ ଅତିଥି ଅଧ୍ୟାପକ ନିଯୁକ୍ତି ନ କରିବା ସହ ପୂର୍ବରୁ କାର୍ଯ୍ୟରତ ଥିବା ଅତିଥି ଅଧ୍ୟାପକଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ାଇବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଥିଲା। ହେଲେ ଏହାକୁ ଅମାନ୍ୟ କରି ନୂତନ ଅତିଥି ଅଧ୍ୟାପକ ନିଯୁକ୍ତ କରାଯାଇଛି। ଏପରିକି ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶନାମା ପହଞ୍ଚି ନ ଥିବା ସୂଚନା ଅଧିକାର ଆଇନ୍‌ରେ ଦେଇଥିବା ତଥ୍ୟରେ ଦର୍ଶାଇଛି। ଅପରପକ୍ଷରେ ସମ୍ପୃକ୍ତ ନିର୍ଦ୍ଦେଶନାମା ଉତ୍କଳ ବିଶ୍ୱବିଦ୍ୟାଳୟକୁ ମେଲ୍ ଆଇଡି ସହିତ ଅଫିସ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଓ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଅବଗତ କରାଯାଇଥିବା କୁହାଯାଇଛି। ଫଳରେ କିଏ ସତ କହୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ବିଭାଗୀୟ ନିର୍ଦ୍ଦେଶକୁ ଅଣଦେଖା କରି ଅତିଥି ଅଧ୍ୟାପକ ନିଯୁକ୍ତି କରିଥିବାରୁ ତଥ୍ୟ ଲୁଚାଇବାକୁ ପ୍ରୟାସ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି।

ଜୁନ୍ ୧୧ ତାରିଖରେ ଉଚ୍ଚଶିକ୍ଷା ବିଭାଗର ଚିଠି ସଂଖ୍ୟା ୩୦୬୭୧ ଅନୁଯାୟୀ ଚଳିତ ଶିକ୍ଷାବର୍ଷରେ ନୂତନ ଭାବେ ଅତିଥି ଅଧ୍ୟାପକ ନିଯୁକ୍ତି ନ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପୂର୍ବରୁ କାର୍ଯ୍ୟରତ ଅଧ୍ୟାପକଙ୍କ କାର୍ଯ୍ୟକାଳ ବର୍ଷେ ଲେଖାଏଁ ବଢ଼ାଇବାକୁ କୁହାଯାଇଛି। ସେମାନଙ୍କ କାର୍ଯ୍ୟକାଳ ପୁନଃ ବଢ଼ାଯିବ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରାଯାଇଛି। ବିଭାଗ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ବିଶ୍ୱବିଦ୍ୟାଳୟକୁ ଇମେଲ୍, ଅଫିସ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଓ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଅବଗତ କରାଯାଇଛି। ହେଲେ ଏହି ନିର୍ଦ୍ଦେଶନାମା ଅଗଷ୍ଟ ୪ ତାରିଖ ସୁଦ୍ଧା ପହଞ୍ଚି ନ ଥିବା ସୂଚନା ଅଧିକାର ଆଇନ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ମଗାଯାଇଥିବା ତଥ୍ୟରେ ଆଇନ୍ ମହାବିଦ୍ୟାଳୟ ଉଲ୍ଲେଖ କରିଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଆହୁରି ଦର୍ଶାଇଛନ୍ତି ଯେ, ପୂର୍ବ ବର୍ଷ ଅର୍ଥାତ୍ ୨୦୨୪ ମସିହାରେ ନିଯୁକ୍ତ ହୋଇଥିବା ଅତିଥି ଅଧ୍ୟାପକଙ୍କ ନିଯୁକ୍ତି ସମ୍ପୂର୍ଣ୍ଣ ଅସ୍ଥାୟୀ ଥିଲା। ଏହାସହ କୌଣସି କାରଣ ନ ଦର୍ଶାଇ ସେମାନଙ୍କୁ ଯେ କୌଣସି ସମୟରେ ବାହାର କରିବାର ଅଧିକାର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏଣୁ ସେମାନଙ୍କୁ ବାହାର କରାଯାଇ ଉପଯୁକ୍ତ ମାନଦଣ୍ଡ ଆଧାରରେ ନୂତନ ନିଯୁକ୍ତି ଦିଆଯାଇଥିବା ସେ ଦର୍ଶାଇଛନ୍ତି।

ନୂତନ ଅତିଥି ଅଧ୍ୟାପକ ନିଯୁକ୍ତ କରିବାକୁ ଚଳିତବର୍ଷ ଯେଉଁ ମାନଦଣ୍ଡ ଧାର୍ଯ୍ୟ କରାଯାଇଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ପୂର୍ବରୁ କାର୍ଯ୍ୟରତ କିଛି ଅଧ୍ୟାପକ ଯେପରି ପୁନଃ ନିଯୁକ୍ତି ପାଇ ନ ପାରିବେ ସେନେଇ ଉଦ୍ଦେଶ୍ୟ ମୂଳକ ଭାବେ ମାନଦଣ୍ଡ ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇଛି। କାରଣ ୪୫ ବର୍ଷରୁ ଅଧିକ ହୋଇଥିଲେ ଆବେଦନ କରିପାରିବେ ନାହିଁ ବୋଲି ତହିଁରେ କୁହାଯାଇଛି। ସରକାରୀସ୍ତରରେ ଅବସର ବୟସସୀମା ୬୦ ହୋଇଥିବାବେଳେ ୪୫ ବର୍ଷ କିଏ ଓ କାହିଁକି ଧାର୍ଯ୍ୟ କରିଛନ୍ତି? ୪୫ରୁ ୬୦ ବର୍ଷ ମଧ୍ୟରେ ବହୁ ଅଭିଜ୍ଞ ଏବଂ ଅଭିଜ୍ଞତା ଥିବା ଅଧ୍ୟାପକ ପାଠ ପଢ଼ାଇବା ପାଇଁ ନିଯୁକ୍ତ ହୋଇଥାନ୍ତେ। ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ କରିବା ସହ ନିଜର ପରିଚିତଙ୍କୁ ଥଇଥାନ କରିବା ପାଇଁ ଜାଣିଶୁଣି ଏପରି ମାନଦଣ୍ଡ ପ୍ରସ୍ତୁତ କରାଯାଇଥିବା ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମହାବିଦ୍ୟାଳୟର ଶୈକ୍ଷିକ ବାତବରଣ ବୃଦ୍ଧି ପାଇଁ ପାଠ୍ୟକ୍ରମ ଓ ନିଯୁକ୍ତି ମାନଦଣ୍ଡ ପ୍ରସ୍ତୁତ କରିବାକୁ ବୋର୍ଡ ଅଫ୍ ଷ୍ଟଡିଜ୍ ପ୍ରମୁଖ ଭୂମିକା ନେଇଥାଏ। ଚଳିତବର୍ଷ ବୋର୍ଡ ଅଫ୍ ଷ୍ଟଡିଜ୍‌ର କୌଣସି ବୈଠକ ହୋଇ ନଥିବା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସତ୍ୟନାରାୟଣ ମଲ୍ଲିକ କହିଛନ୍ତି। ତେବେ ନିଯୁକ୍ତି ସମ୍ପର୍କୀତ ମାନଦଣ୍ଡ କିଏ ପ୍ରସ୍ତୁତ କରିଛନ୍ତି, ତାହାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ‘ହୁଙ୍କାର ଓଡ଼ିଆଙ୍କର’ ପକ୍ଷରୁ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା




ଭୁବନେଶ୍ୱର, ୩୧।୮(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ହୁଙ୍କାର ଓଡ଼ିଆଙ୍କର’ ପକ୍ଷରୁ କଳିଙ୍ଗ ବିହାରର ଏକ ଘରୋଇ ସ୍କୁଲରେ ଚିତ୍ରାଙ୍କନ, ବକ୍ତୃତା ଏବଂ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୪ର୍ଥରୁ ୧୦ମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବର୍ଗ ରଚନାରେ ପୂର୍ବୀ ଦାସ୍, ଚିତ୍ରାଙ୍କନରେ ସାଇଷ୍ଣୁ ସାହୁ, ବକ୍ତୃତାରେ ପୂର୍ବୀ ଦାସ। ସେହିପରି ବରିଷ୍ଠ ବର୍ଗ ରଚନାରେ ପ୍ରିୟଦର୍ଶିନୀ ସାହୁ ଚିତ୍ରାଙ୍କନରେ ନନ୍ଦୀନି ରାଓ ଓ ବକ୍ତୃତାରେ ଲୁଭନିକ୍ ପତି ପ୍ରଥମ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆଇବିର ଅତିରିକ୍ତ ନିର୍ଦ୍ଦେଶକ ରାଜେନ୍ଦ୍ର ନାରାୟଣ ମିଶ୍ର, ବିପିଏସ୍‌ପିଏ ରିଜର୍ଭ ଇନ୍‌ସ୍ପେକ୍ଟର ରଞ୍ଜନ ବିଶ୍ୱାଳ, ଶିକ୍ଷାବିତ୍ ବିଷ୍ଣୁପ୍ରିୟା ମହାନ୍ତି, ହୁଙ୍କାର ଓଡ଼ିଆଙ୍କର ଅଧ୍ୟକ୍ଷ ଶିଶିର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

■ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ

## ଜଗନ୍ନାଥ ଦାସ ଓଡ଼ିଆ ଅସ୍ମିତାର ମୂଳପିଣ୍ଡ




ଭୁବନେଶ୍ୱର,୩୧।୮ (ସମିସ): ଅତିବଡ଼ୀ ଜଗନ୍ନାଥ ଦାସ ଥିଲେ ଓଡ଼ିଆ ଜାତିର ଭାଷା, ସାହିତ୍ୟ ଓ ସଂସ୍କୃତିର ମୂଳ ପିଣ୍ଡ। ଓଡ଼ିଆ ଭାଷାରେ ଭାଗବତ ରଚନା କରି ସେ ଏକ ଆଧ୍ୟାତ୍ମିକ ଓ ସାମାଜିକ ସାରସ୍ୱତ ଆନ୍ଦୋଳନ ଏ ମାଟିରେ ଆରମ୍ଭ କରି ଦେଇଥିଲେ। ଭାଗବତ ଏ ଜାତିର ଜୀବନ ବେଦ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ରବିବାର ତାଙ୍କର ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ଏଭଳି ମତବ୍ୟକ୍ତ କରିଥିଲେ। ଭଞ୍ଜକଳା ମଣ୍ଡପ ପରିସରରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଅତିବଡ଼ୀଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀମଦ୍ ଭାଗବତର ଏକାଦଶ ସ୍କନ୍ଧର ଅଷ୍ଟମ ଅଧ୍ୟାୟ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଂଯୋଜନା କରିଥିଲେ। ସୁବାସ ପରିଡ଼ା, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ପଙ୍କଜ ଶର୍ମା, ସୁକାନ୍ତ ସେଠୀ, ଦୀପ୍ତି ରଞ୍ଜନ ରାଉତ, କାହ୍ନୁ ଚରଣ ଶର୍ମା, ଫଣି ଭୂଷଣ ସ୍ୱାଇଁ, କାଳନ୍ଦୀ ନାୟକ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।



ବଡ଼ଟାଙ୍ଗୀ ସାହି ଶିଶୁପାଳଗଡ଼ ଗଣେଶ ପୂଜା ଭସାଣି ଉତ୍ସବ

## ଅଡିଓ ଓ କ୍ରୋମା ରେକର୍ଡିଂ ଷ୍ଟୁଡିଓ ଉଦ୍‌ଘାଟିତ

ଭୁବନେଶ୍ୱର, ୩୧।୮(ସମିସ): ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ରବିବାର ଏକ ନୂତନ ଅଡିଓ ଓ କ୍ରୋମା ରେକର୍ଡିଂ ଷ୍ଟୁଡିଓ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଅଡିଓ ଓ କ୍ରୋମା ରେକର୍ଡିଙ୍ଗ୍ ଷ୍ଟୁଡ଼ିଓକୁ ଉଦ୍‌ଘାଟନ କରିଥିଲେ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସ୍ଥାପିତ ହୋଇଥିବା ଏହି ନୂତନ ଅଡ଼ିଓ ଓ କ୍ରୋମା ରେକର୍ଡିଙ୍ଗ୍ ଷ୍ଟୁଡ଼ିଓ ଓଡ଼ିଶାର ନୃତ୍ୟ, ସଙ୍ଗୀତ ଓ ନାଟକ ଜଗତକୁ ସମର୍ପିତ ହେବା ସହ କଳାକାରମାନେ ବେଶ୍ ଉପକୃତ ହେବେ। ଓଡ଼ିଶାର ଐତିହ୍ୟ, ସାଂସ୍କୃତିକ ଗୌରବଗାଥାକୁ ବିଶ୍ୱବିଦିତ କରିବା ଏବଂ ଲୁପ୍ତପ୍ରାୟ ଲୋକକଳାକୁ ପୁନର୍ଜୀବିତ କରିବାରେ ଏହା ସହାୟକ ହେବ। ଆଗାମୀ ଦିନରେ ଏହି ନୂତନ କ୍ରୋମା ଓ ଅଡ଼ିଓ ରେକର୍ଡିଙ୍ଗ ଷ୍ଟୁଡ଼ିଓର ବ୍ୟବହାରକୁ ନେଇ ସଂସ୍କୃତି ବିଭାଗ ପକ୍ଷରୁ ଏକ ଏସଓପି ଜାରି କରାଯିବ। ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ରେକର୍ଡିଙ୍ଗ କରାଯିବା ସହିତ ଘରୋଇ ସଂସ୍ଥାମାନେ ମଧ୍ୟ ଏହାକୁ ବ୍ୟବହାର କରିପାରିବେ। ଏହି ଷ୍ଟୁଡ଼ିଓରେ ରହିଥିବା ଅତ୍ୟାଧୁନିକ ବ୍ୟବସ୍ଥା ଓଡ଼ିଶାର ଲୋକକଳା ଓ ସଂସ୍କୃତିର ବହୁଳ ପ୍ରଚାର ଓ ପ୍ରସାର କରିବା ସହିତ ଜନସାଧାରଣଙ୍କ ବ୍ୟବହାରରେ ଆସିବ ବୋଲି କହିଛନ୍ତି ସଂସ୍କୃତି ମନ୍ତ୍ରୀ ମତ ଦେଇଛନ୍ତି। ଏଥିସହିତ କ୍ରୋମା ଷ୍ଟୁଡ଼ିଓରେ ରେକର୍ଡିଙ୍ଗ ହେଉଥିବା ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମକୁ ଦେଖିବା ସହିତ ମହାବିଦ୍ୟାଳୟ ପରିସରରେ ରହିଥିବା ଶାସ୍ତ୍ରୀୟ ଓ ଲୋକ ବାଦ୍ୟଯନ୍ତ୍ର ସଂଗ୍ରହାଳୟକୁ ବୁଲି ଦେଖିଥିଲେ। ଏଥିସହିତ ଓଡ଼ିଶାର ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ଲୋକକଳାର ସମୃଦ୍ଧି ନିମନ୍ତେ କାର୍ଯ୍ୟ କରିବାକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପ୍ରେରିତ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ବିଜୟ କୁମାର ଜେନା, ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ସୁଜାତା ମହାପାତ୍ର, ଇଲିଆନା ସିତାରିଷ୍ଟି, ଅଭିନେତା ଅଶ୍ରୁମୋଚନ ମହାନ୍ତି, ପ୍ରଜ୍ଞା ରଞ୍ଜନ ଖଟୁଆ ଏବଂ ନୃତ୍ୟ, ସଙ୍ଗୀତ ଓ ଲୋକକଳା ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ।

## ଜୀବନର କେତେ ରଙ୍ଗ — ବଞ୍ଚିବାର ରାହା ଦେଇଛି ସଙ୍ଗୀତ କଳା

ଭୁବନେଶ୍ୱର,୩୧।୮(ସମିସ): ଜୀବନଟା ମୌଳିକ ସ୍ୱପ୍ନ କେତୋଟି ରାତି ପାଇଁ, ପ୍ରବୃତ୍ତି ପାଖେ ବନ୍ଧା ହୋଇଛି ଜନମ ଜନମ ପାଇଁ..। ଏପରି ଶୁଣିବାକୁ ମିଳୁଛି ବିଭିନ୍ନ ଛକ ଛକରେ। ଏହି ଭଜନ ଶୁଣି କ୍ଷଣିକ ପାଇଁ ଅଟକି ଯାଉଛନ୍ତି ଲୋକ। କିଛି ଦୃଷ୍ଟିବାଧିତ ଯୁବଗୋଷ୍ଠୀଙ୍କ ଦ୍ୱାରା ଆୟୋଜିତ ଏପରି ଭଜନ ସମାରୋହ ଗଣେଶ ପୂଜା ଅବସରରେ ଖଣ୍ଡଗିରି ପରି ଆଉ କିଛି ସ୍ଥାନରେ ମଧ୍ୟ ଦେଖିବାକୁ ମିଳିଛି। ମା’ ତାରିଣୀ ଦୃଷ୍ଟିହୀନ ଭଜନ ସମାରୋହ, ଭରତପୁର ନାମରେ ଗଠିତ ଏହି ଗ୍ରୁପଟି ବିଭିନ୍ନ ଜାଗାକୁ ଯାଇ ଭଜନ ସମାରୋହ କରିବା ସହ ବିଭିନ୍ନ ଛକରେ ମଧ୍ୟ ଏହି ମଞ୍ଚ କାର୍ଯ୍ୟକ୍ରମ କରି ପେଟ ପାଇଁ ଦାନା ଯୋଗାଡ଼ କରୁଛନ୍ତି। ଶାରୀରିକ ଅକ୍ଷମତା କେବେ ମନୋବଳକୁ ଭାଙ୍ଗିପାରେନା। ଏହି ପ୍ରେରଣା ମାଧ୍ୟମରେ ସେ ଲୋକଙ୍କୁ ଦେଉଛନ୍ତି ମନୋରଞ୍ଜନର ଖୋରାକ। ମଞ୍ଚରେ ଯେଉଁ ବ୍ୟାନର ଲଗାଯାଇଛି ସେଥିରେ ଏହି ଗ୍ରୁପର ନମ୍ବର ରହିଛି। ଯାହା ମାଧ୍ୟମରେ ଲୋକ ନିଜ ନିଜ ଭଜନ ସମାରୋହରେ ଏମାନଙ୍କୁ ସାମିଲ୍ କରୁଛନ୍ତି। ଅନେକ ଦୃଷ୍ଟିବାଧିତ ଯୁବକଙ୍କୁ ସ୍ୱବଲମ୍ବୀ କରିବା ଓ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ଏହି ଗ୍ରୁପଟି ଗଠନ କରାଯାଇଛି। ଯେଉଁ ପିଲାମାନଙ୍କର ଘର ପରିବାର ତଥା ନିଜ ଲୋକ କେହି ନାହାନ୍ତି ସେମାନଙ୍କୁ ନିଜ ସହ ସାମିଲ କରୁଛି ଏହି ଗୋଷ୍ଠୀ। ଅନେକ ପିଲା ପାଠ ପଢ଼ିବାରେ ସକ୍ଷମ ହୋଇପାରୁଛନ୍ତି।




ତା ସହ କିଛି ଅର୍ଥ ରୋଜଗାର କରି ସ୍ୱାଭିମାନର ସହ ବଞ୍ଚୁଛନ୍ତି। ଏ ନେଇ ଗ୍ରୁପର ପ୍ରତିଷ୍ଠାତା ସଞ୍ଜୟ ପାତ୍ର କୁହନ୍ତି ନିଜ ହାତରେ ସେ ଏହି ଗ୍ରୁପ ଗଢ଼ିଥିଲେ। ଯାହାର ଉଦ୍ଦେଶ୍ୟ ଥିଲା ଦୃଷ୍ଟି ବାଧିତ ପିଲାମାନଙ୍କୁ ସଂଗୀତ କଳା ଶିଖେଇ ବଞ୍ଚିବାର ରାହା ଦେଖାଇବା। ଫଳରେ ସେମାନେ ଭଲ ରୋଜଗାର ବି କରିପାରିବେ। ସେଥିପାଇଁ ପିଲାମାନଙ୍କୁ ପରିଚୟ ଦେବାକୁ ସେ ପରିଶ୍ରମ ଜାରି ରଖିଛନ୍ତି। ଯେଉଁ ସ୍ଥାନକୁ ସେ ଭଜନ ସନ୍ଧ୍ୟା କରିବାକୁ ଯାଆନ୍ତି ସେଠାରେ ପ୍ରତି ମଞ୍ଚ କାର୍ଯ୍ୟକ୍ରମ ପିଛା ୭ ହଜାରରୁ ୮ ହଜାର ଆୟ କରନ୍ତି। ସେମାନଙ୍କ ଦ୍ୱାରା ବିଭିନ୍ନ ହିନ୍ଦୀ, ଓଡ଼ିଆ ଓ ସମ୍ବଲପୁରୀ ଭଜନ ପରିବେଷଣ କରିଥାନ୍ତି। ଶାରୀରିକ ଅକ୍ଷମ ହେଲେ ମଧ୍ୟ ସମାଜରେ ସେମାନଙ୍କ ପରିଚୟ ସୃଷ୍ଟି କରିବାହିଁ ଏହି ଗ୍ରୁପର ଉଦ୍ଦେଶ୍ୟ ରହିଛି।

## ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରୁଛନ୍ତି ସୁପର ବାଇକ୍ ଚାଳକ

ଭୁବନେଶ୍ୱର,୩୧।୮(ସମିସ): ରାଜଧାନୀରେ ଟ୍ରାଫିକ୍ ନିୟମର ଉଡ଼ିଛି ଧଜିଆ। ନିୟମ ଉଲଂଘନ କରି ରେସିଂ କରୁଛନ୍ତି ସୁପର ବାଇକ୍। ବିନା କୌଣସି ଅନୁମତିରେ ସୁପର୍ ବାଇକ୍ ନେଇ ଆୟୋଜନ ହେଉଛି ଇଭେଣ୍ଟ। ବାୟୁ ପ୍ରଦୂଷଣ ସହ ଶବ୍ଦ ପ୍ରଦୂଷଣ ହେଉଥିଲେ ବି ସେଥିପ୍ରତି କାହାରି ଖାତିର ନାହିଁ। ତା’ ସାଙ୍ଗକୁ ଜୀବନକୁ ବାଜି ଲଗାଇ ବାଇକର ଦେଖାଉଛନ୍ତି ଷ୍ଟଣ୍ଟ। ଏଭଳି କିଛି ଆଶ୍ଚର୍ଯ୍ୟ କଳା ଭଳି ଦୃଶ୍ୟ ଏବେ ଦେଖିବାକୁ ମିଳିଛି ହଂସପାଳ ସିମ୍ଫୋନି ମଲ୍ ନିକଟରେ। ସୋସିଆଲ ମିଡିଆରେ ଏଭଳି ଭିଜୁଆଲ ଭାଇରାଲ ହେବା ପରେ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ପରିବହନ ବିଭାଗ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। କାହା ଅନୁମତିରେ ଏଭଳି ଇଭେଣ୍ଟ କରାଯାଇଛି ତାହାର ଖୋଳତାଡ଼ କରାଯାଉ ବୋଲି ଦାବି ହେଉଛି।

## ସୋଆ କୃଷିବିଜ୍ଞାନ କଲେଜର ଚାଷୀଙ୍କୁ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୧।୮(ସମିସ): ସୋଆ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କୃଷି ମହାବିଦ୍ୟାଳୟର ୪ର୍ଥ ବର୍ଷ ଛାତ୍ରୀମାନେ ଚାଷୀମାନଙ୍କୁ ଜୈବିକ ପ୍ରଣାଳୀରେ ଚାଷ ପଦ୍ଧତି ପ୍ରଶିକ୍ଷଣ ଦେଇଛନ୍ତି। ବାଲିଅନ୍ତା ବ୍ଲକ ଶିଙ୍ଗିରିଶାସନ ଗ୍ରାମଠାରେ ଧାନଚାଷ ସମେତ ଅନ୍ୟାନ୍ୟ ଫସଲ ଚାଷରେ ପୋକ, କୀଟ-ପତଙ୍ଗ ଲାଗିଲେ ଜୈବିକ ପଦ୍ଧତିରେ ଫସଲ ସୁରକ୍ଷିତ ରଖିବା କୌଶଳ ନେଇ ଚାଷୀମାନଙ୍କ ସହ ଆଲୋଚନା ହୋଇଥିଲା। ଚାଷୀମାନଙ୍କ ସହ କୃଷିବିଜ୍ଞାନ ମହାବିଦ୍ୟାଳୟର ସହକାରୀ ପ୍ରଧ୍ୟାପକ କୁମାର ସମ୍ଭବ ଓ ଡଃ ଶୁଭଶ୍ରୀ ସରକାର ଆଲୋଚନା କରି ତାଙ୍କୁ ବୁଝାଇଥିଲେ। କ୍ଷେତ୍ର ପ୍ରଦର୍ଶନ ସହ ଚାଷୀଙ୍କୁ ବିଭିନ୍ନ କୌଶଳ ଶିଖାଇବାଥିଲେ ଛାତ୍ରୀ ସିମରନ ସ୍ୱାଇଁ, ରାଜଶ୍ରୀ ସ୍ୱାଇଁ, ସ୍ନେହାଶୀଷ ସାମଲ, ଅନୀଷା ସେଠୀ, ଆସ୍ଥା ତ୍ରିପାଠୀ, ସୁହାସିନୀ ସିଂ, ଶ୍ୱେତାମେଘା ବାର୍ଷିନୀ, ଲୋପାମୁଦ୍ରା ପ୍ରଧାନ, ଅଭିପ୍ସା ଶତପଥୀ, ସ୍ମୃତିଶ୍ରୀ ତ୍ରିପାଠୀ, ନିହାରିକା ସ୍ୱାଇଁ, କୀର୍ତ୍ତିପୂର୍ଣ୍ଣା ତରାଇ, ଶାସ୍ୱତୀ ସେନାପତି, ନୀଲାଞ୍ଜନା ସନ୍ତୋଷ, ଯଶସ୍ୱୀ ସିଂ, ସାଗରିକା ନାୟକ, ସାଇ ତମନ୍ନା, ସୌମ୍ୟାଶ୍ରୀ ମାଇତି, ଦେବାଂଶୀ ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଝାରପଡ଼ା ବିବାଦ — ସମାଧାନର ବାଟ ବାହାରିବା ପରେ ବି ହୀନ ଚକ୍ରାନ୍ତ

ଭୁବନେଶ୍ୱର, ୩୧।୮ (ସମିସ):

ଝାରପଡ଼ା ଦୁର୍ଗାପୂଜା ବିବାଦ ଥମିବାରେ ନାଁ ଧରୁନି। ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ କ୍ଷମତାକେନ୍ଦ୍ର ବଦଳିଲା। ଏହାର ପ୍ରଭାବ ଏଭଳି ପଡ଼ିଲା ଯେ ରାତାରାତି ନୂଆ ପୁରୁଣା ପୂଜା କମିଟି ତିଆରି ହେଲା। ଆଉ ଏହି ଖେଳରେ ସାମିଲ ହେଲା ପୁଲିସ। ପୁଲିସ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି କୋର୍ଟଙ୍କୁ ନୂଆ ପୁରୁଣା ପୂଜା କମିଟିର ରିପୋର୍ଟ ଧରାଇ ଦେଲା। କିଛି ସମୟ ପାଇଁ ଲାଗିଲା ଝାରପଡ଼ାରେ ଦୁର୍ଗାପୂଜା ହୋଇପାରିବ ନାହିଁ। କୋର୍ଟଙ୍କ ହସ୍ତକ୍ଷେପରେ ପରେ ଏବେ ଝାରପଡ଼ାର ଦୁଇ ଅନୁଷ୍ଠାନ ଝାରପଡ଼ା ଦୁର୍ଗାପୂଜା ସମିତି ଓ ଝାରପଡ଼ା ୱେଲଫେୟାର ଆସୋସିଏସନ୍ ଅଲଗା ଅଲଗା ପୂଜା କରିବେ ବୋଲି ଅତିରିକ୍ତ ଡିସିପିଙ୍କ କୋର୍ଟ ନିର୍ଦ୍ଦେଶ ଦେଲେ।

ଏହା ପରେ ବି ଝାରପଡ଼ା ୱେଲଫେୟାର ଆସୋସିଏସନ୍‌ର କର୍ମକର୍ତ୍ତାମାନେ ଝାରପଡ଼ା ଦୁର୍ଗାପୂଜା ସମିତିର ନାମକୁ ବ୍ୟବହାର କରୁଛନ୍ତି। ଏହି ନାମରେ ରସିଦ୍ କାଟି ଚାନ୍ଦା ଆଦାୟ କରୁଛନ୍ତି ବୋଲି ଝାରପଡ଼ା ଦୁର୍ଗାପୂଜା ସମିତିର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଥାନାରେ ଏ ନେଇ ଏତଲା ଦେବା ସହ ଡିଜିଙ୍କ ପର୍ଯ୍ୟନ୍ତ ଅଭିଯୋଗ ଜଣାଇଥିଲେ ମଧ୍ୟ ପୁଲିସ ଚୁପ୍ ବସିଛି। କୋର୍ଟଙ୍କ ନିୟମ ଅବମାନନା କରାଯାଉଥିଲେ ମଧ୍ୟ ପୁଲିସ କାହା ଚାପରେ ନିରବଦ୍ରଷ୍ଟା ପାଲଟିଛି ଏହାକୁ ଏକ ପ୍ରେସ୍‌ମିଟ୍‌ରେ ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ପ୍ରଶ୍ନ କରାଯାଇଛି। ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।




ସମିତିର ଅଭିଯୋଗ ଅନୁଯାୟୀ, ୨୦୧୧ ମସିହାରୁ ଝାରପଡ଼ା ଦୁର୍ଗାପୂଜା ସମିତି ନାମରେ ଏଠାରେ ପୂଜା କରାଯାଉଥିଲା। ୧୪ ବର୍ଷ ହେବ ମହା ଆଡ଼ମ୍ବରରେ ଶାନ୍ତିପୂର୍ଣ୍ଣ ଭାବେ ପୂଜା କରାଯାଉଥିଲା। ଅଚାନକ ସମିତିର ସମ୍ପାଦକ ଏବଂ ସଭାପତିଙ୍କ ନାମରେ ୨୩ ଜୁନ୍‌ରେ ଆର୍ଥିକ ଅନିୟମିତତା ଅଭିଯୋଗ ଆସିଲା। ଆଉ ଅତିରିକ୍ତ ଜିଲ୍ଲାପାଳଙ୍କ ପାଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଗଲା। ସମିତି ସଦସ୍ୟମାନେ ସମସ୍ତ ତଥ୍ୟ ଦେବା ପରେ ଅତିରିକ୍ତ ଜିଲ୍ଲାପାଳ ସମିତି ସଦସ୍ୟଙ୍କୁ ୧୨ଅଗଷ୍ଟରେ ଅନିୟମିତତା ଅଭିଯୋଗରୁ କ୍ଲିନ୍‌ଚିଟ୍ ଦେଲେ।

ବିଜେପି ନେତା ଜଗନ୍ନାଥ ପ୍ରଧାନ ୨୦୧୪ ମସିହାରେ ଇସ୍ତଫା ଦେଇଥିଲେ। ତାଙ୍କୁ ବାରମ୍ବାର ଡାକାଯାଇଥିଲେ ମଧ୍ୟ ସେ ମୌଖିକ ଭାବେ ରାଜନୈତିକ କାର୍ଯ୍ୟକ୍ରମରେ ବ୍ୟସ୍ତଥିବା ଦର୍ଶାଇ ଆସି ନଥିଲେ। କିମ୍ବା ସଭ୍ୟ ଚାନ୍ଦା ଦେଇ ନଥିଲେ। ଏଣୁ ୨୦୧୮ ମସିହାରେ ସମିତିର ବାଇ ଲ ଅନୁଯାୟୀ ଜଗନ୍ନାଥ ପ୍ରଧାନଙ୍କୁ ବହିଷ୍କାର କରାଯାଇଥିଲା। ଉପ ଜିଲ୍ଲାପାଳଙ୍କ ରିପୋର୍ଟ ଆସିବା ପରେ ଗତ ୧୯ ତାରିଖରେ ଗ୍ରାମବାସୀ ମିଶି ପୂଜା ସ୍ଥାନକୁ ସଫା କଲେ। ଏହି ସମୟରେ ପୁଲିସ ଏଠାରେ ବିଏନ୍‌ଏସ୍ ଧାରା ୧୬୩ ଲଗାଇ ଏହାକୁ ନିଷିଧାଞ୍ଚଳ ଘୋଷଣା କରିଥିଲା। ପୁରୁଣା ନୂଆ କମିଟି ଦର୍ଶାଇ ପୁଲିସ ରିପୋର୍ଟ ପ୍ରସ୍ତୁତ କଲା। ଏହି ରିପୋର୍ଟ ଆଧାରରେ କୋର୍ଟରେ ମାମଲାର ଶୁଣାଣି ହେଲା। କୋର୍ଟ ଦୁଇ କମିଟି ଝାରପଡ଼ା ଦୁର୍ଗାପୂଜା ସମିତି ଓ ଝାରପଡ଼ା ୱେଲଫେୟାର ଆସୋସିଏସନ୍‌କୁ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ପୂଜା କରିବାକୁ ନିର୍ଦ୍ଦେଶ ଦେଲେ। ଏହା ସତ୍ତ୍ୱେ ମଧ୍ୟ ଝାରପଡ଼ା ୱେଲଫେୟାର ଆସୋସିଏସନ୍ ଏହାର ପ୍ରତିଦ୍ୱନ୍ଦ୍ୱୀ ଝାରପଡ଼ା ଦୁର୍ଗାପୂଜା ସମିତି ନାମକୁ ବ୍ୟବହାର କରି ଚାନ୍ଦା ମାଗିବା ଭଳି ବିଭିନ୍ନ ବେଆଇନ୍ କାର୍ଯ୍ୟ କରୁଥିବା ଅଭିଯୋଗ କରିଛି। ଏହାସହ ଏଭଳି ନାମ ବ୍ୟବହାର କରି କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଥିଲେ ମଧ୍ୟ ପୁଲିସ କାର୍ଯ୍ୟନୁଷ୍ଠାନ ନ ନେବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ସମାଧାନର ବାଟ ବାହାରିବା ପରେ ବି ଏହା ହୀନ ଚକ୍ରାନ୍ତ ବୋଲି ଝାରପଡ଼ା ଦୁର୍ଗାପୂଜା ସମିତିର ସମ୍ପାଦକ ଧରଣୀଧର ଜେନା, ଆବାହକ ଶ୍ରୀଧର ଜେନା, ସଭାପତି ଶିଖର ଚନ୍ଦ୍ର ଜେନା ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

### କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା

### ଝାରପଡ଼ା ଦୁର୍ଗାପୂଜା ସମିତି ନାମ ବ୍ୟବହାର କରି ଚାନ୍ଦା ଆଦାୟ କରୁଛନ୍ତି ଅନ୍ୟ ଗୋଷ୍ଠି

## ଗୌରାଙ୍ଗ ସେବା ଫାଉଣ୍ଡେସନ୍ ପକ୍ଷରୁ ଶ୍ରୀରାଧାଷ୍ଟମୀ



ଭୁବନେଶ୍ୱର, ୩୧।୮(ସମିସ): ଗୌରାଙ୍ଗ ସେବା ଫାଉଣ୍ଡେସନର ହରେକୃଷ୍ଣ ଭକ୍ତମାନେ ୩୧ ଅଗଷ୍ଟ ୨୦୨୫ରେ ରାଉରକେଲାସ୍ଥିତ ମେଫେୟାର ୱାର୍ଲ୍ଡ କପ୍ ଭିଲେଜ ଠାରେ ଏକ ଭବ୍ୟ ରାଧାଷ୍ଟମୀ ଉତ୍ସବ ଆୟୋଜନ କରିଥିଲେ। ଶ୍ରୀମତୀ ରାଧାରାଣୀଙ୍କ ଜନ୍ମ ଉପଲକ୍ଷେ ଏହି କାର୍ଯ୍ୟକ୍ରମରେ ବହୁ ଭକ୍ତଙ୍କ ସମାବେଶ ହୋଇଥିଲା ଯେଉଁମାନେ ଅତ୍ୟନ୍ତ ଉତ୍ସାହ ଏବଂ ଭକ୍ତିର ସହିତ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଏହି ଉତ୍ସବ ଆଧ୍ୟାତ୍ମିକ କୀର୍ତ୍ତନ ଏବଂ ଭଜନ ସହିତ ଆରମ୍ଭ ହୋଇଥିଲା ଯାହା ପରିବେଶକୁ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ କରିଥିଲା। ସହରର ଅନେକ ଅଞ୍ଚଳରୁ ଭକ୍ତମାନେ ଶ୍ରୀରାଧାକୃଷ୍ଣଙ୍କ ସ୍ତୁତି ଗାନ କରିବାକୁ ଏକତ୍ରିତ ହୋଇଥିଲେ, ଶ୍ରୀରାଧାକୃଷ୍ଣଙ୍କର ଦିବ୍ୟ ଲୀଳା ଏବଂ ଶିକ୍ଷାକୁ ମନେ ପକାଇଥିଲେ। ଶ୍ରୀକୃଷ୍ଣଙ୍କର କରୁଣାମୟ ସ୍ୱଭାବ - ଶ୍ରୀମତୀ ରାଧାରାଣୀଙ୍କ ମାଧ୍ୟମରେ କିପରି କୃଷ୍ଣଙ୍କ ନିକଟ ରେ ପହଞ୍ଚିବେ ଏବଂ ଶ୍ରୀ ରାଧାଷ୍ଟମୀର ମହତ୍ତ୍ୱ ବିଷୟରେ ଜ୍ଞାନପୂର୍ଣ୍ଣ ପ୍ରବଚନ ଦିଆଯାଇଥିଲା। ଫୁଲର ଏକ କୋମଳ ଶଯ୍ୟାରେ ଆଚ୍ଛାଦିତ ହେବା ପର୍ଯ୍ୟନ୍ତ, ଭଗବାନଙ୍କ ଉପରେ ବିଭିନ୍ନ ପ୍ରକାରର ପୁଷ୍ପ ବୃଷ୍ଟି କରାଯାଇଥିଲା। ଶ୍ରୀ ରାଧା କୃଷ୍ଣଙ୍କ ନିକଟରେ ମହାମଙ୍ଗଳ ଆରତୀ ଏବଂ ଛପନ ଭୋଗ (୫୬ଟି ବିଶେଷ ଭୋଗ) ଅର୍ପଣ କରାଯାଇଥିଲା। ରାଧାଷ୍ଟମୀର ମହା ସମାରୋହରେ ସମସ୍ତ ଭକ୍ତ ଅଂଶଗ୍ରହଣ କରିଥିଲେ।